ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର : ମୁଫ୍ତ ବିଜୁଳି ଯୋଜନା
(PMSG:MBY)

ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ, ପ୍ରୋତ୍ସାହନ ରାଶି ଦେଶରେ ସର୍ବାଧିକ

ମାସକୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଦେୟ ଉପରେ ସଞ୍ଚୟ

ରୁଫ-ଟପ ସୌର ପ୍ରକଳ୍ପ ପାଇଁ ପ୍ରତି ଘର ପିଛା ୩ କିଲୋୱାଟ ପର୍ଯ୍ୟନ୍ତ ୧,୩୮,୦୦୦ ଟଙ୍କା ସବସିଡି
(କେନ୍ଦ୍ର ସରକାରଙ୍କ ତରଫରୁ ୭୮,୦୦୦ ଟଙ୍କା ଓ ରାଜ୍ୟ ସରକାରଙ୍କ ତରଫରୁ ୬୦,୦୦୦ ଟଙ୍କା)

pmsuryaghar.gov.in ରେ
ଅନଲାଇନ ରେଜିଷ୍ଟ୍ରେସନ କରନ୍ତୁ ଏବଂ ଯୋଜନାର ଲାଭ ପାଆନ୍ତୁ ।
ଅଧିକ ଜାଣିବା ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ ।

ଶକ୍ତି ବିଭାଗ, ଓଡ଼ିଶା ସରକାର

ଜଳବାୟୁ ସଂଶୋଧନ ପାଇଁ ସହାୟକ

TPSODL
TP SOUTHERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

ସକାଳ
THE SAKALA

RNI REGD NO: 42041/83 PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR ◆VOLUME- 44 ◆ISSUE-97 ◆WEDNESDAY ◆30 SEPTEMBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୯୭ ◆ବୁଧବାର ◆୩୦ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

ଜ୍ଞାନେଶଙ୍କ ବିରୋଧରେ ଜନସ୍ୱାର୍ଥ ମାମଲା

ଆସନ୍ତା ସପ୍ତାହରେ 'ସୁପ୍ରିମ' ଶୁଣାଣି

■ ନୂଆଦିଲ୍ଲୀ, ୨୯।୯ (ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍ଆଇଆର୍ ଆଳରେ କୋଟି କୋଟି ଭୋଟରଙ୍କୁ କାଟିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ଅଭିଯୋଗର ଶୁଣାଣି କରିବେ ସୁପ୍ରିମକୋର୍ଟ। ଏଥିପାଇଁ ଆସନ୍ତା ସପ୍ତାହ ଦିନ ଧାର୍ଯ୍ୟ କରାଯାଇଛି । ଅନ୍ୟ ଦୁଇ ଜଣ କମିସନରଙ୍କ ଆପତ୍ତିକୁ ଖାତିର ନକରି ଏକତରଫା ନିଷ୍ପତ୍ତି ନେଇଥିବା ଜ୍ଞାନେଶ କୁମାରଙ୍କୁ ସସପେଣ୍ଡ କରିବା ଲାଗି ଆଗତ ଜନସ୍ୱାର୍ଥ ମାମଲା ଉପରେ ବିଚାର

କରିବେ ସର୍ବୋଚ୍ଚ ଅଦାଲତ । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଭି ମୋହନାଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରିବାକୁ ରାଜି ହୋଇଛନ୍ତି । ଜନସ୍ୱାର୍ଥ ମାମଲାରେ ଅଭିଯୋଗ କରାଯାଇଛି ଯେ, ଦୁଇ ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀଙ୍କ ଅନୁମୋଦନ ବିନା ମୁଖ୍ୟ ନିର୍ବାଚନ କମିସନର ନିଜ ଇଚ୍ଛା ମୁତାବକ ନିଷ୍ପତ୍ତି ନେଇଛନ୍ତି ।

ଆବେଦନକାରୀଙ୍କ ଯୁକ୍ତି ଅନୁଯାୟୀ, ସମ୍ବିଧାନର ଧାରା ୩୨୪(୧) ଅନୁସାରେ ନିର୍ବାଚନ ସମ୍ପର୍କିତ କ୍ଷମତା ଜଣେ ବ୍ୟକ୍ତିଗତ ମୁଖ୍ୟ ନିର୍ବାଚନ କମିସନରଙ୍କ ନୁହେଁ, ବରଂ ବହୁସଦସ୍ୟ ବିଶିଷ୍ଟ ନିର୍ବାଚନ କମିସନଙ୍କ ଅଧୀନ। ▶ପୃଷ୍ଠା-୭

କାମକୁ ନୁହେଁ ଆୟୁଷ୍ମାନ !

ଶାସକ ଦଳର ସାଂସଦ, ବିଧାୟକଙ୍କ ଅସନ୍ତୋଷ

■ ଭୁବନେଶ୍ୱର, ୨୯।୯ (ସମିସ): ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ନେଇ ରାଜ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଦେଶବ୍ୟାପୀ ୨୯ ହଜାର ହସ୍ପିଟାଲରେ ଲୋକଙ୍କୁ ଏହି ଯୋଜନା ଅଧୀନରେ କ୍ୟାସଲେସ ଚିକିତ୍ସା ସୁବିଧା ମିଳିପାରୁଛି ବୋଲି ସରକାରଙ୍କ ପକ୍ଷରୁ ପ୍ରଚାରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଏହି ଯୋଜନାରେ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଥିବାବେଳେ ଖୋଦ୍ ଶାସକ ଦଳର ସାଂସଦ ଓ ବିଧାୟକ ଏଥିରେ ସ୍ୱର ମିଳାଇଛନ୍ତି। ଏହି ଯୋଜନାରେ ବେସରକାରୀ ହସ୍ପିଟାଲଗୁଡ଼ିକ ଟଙ୍କା ଲୁଟି ନେଉଛନ୍ତି ଓ ରୋଗୀମାନେ ହଇରାଣ ହେଉଥିବା ଉଲ୍ଲେଖ କରି ରାଜ୍ୟ ସରକାରଙ୍କ

ହଇରାଣ ହେଉଛନ୍ତି ରୋଗୀ, ମଗାଯାଉଛି ଟଙ୍କା

ବିଏସ୍କେୱାଇକୁ ଝୁରୁଛନ୍ତି ରାଜ୍ୟର ଜନସାଧାରଣ

ହସ୍ତକ୍ଷେପ ଲୋଡ଼ିଛନ୍ତି । ନବୀନ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍କେୱାଇ) ରେ ରହିଥିବା ସୁବିଧାଗୁଡ଼ିକ ପରି ଆୟୁଷ୍ମାନରେ ଅନୁରୂପ ସୁବିଧା କରାଯାଉ ବୋଲି ମଧ୍ୟ ବିଭିନ୍ନ ମହଲରେ ଦାବି ହୋଇଛି ।

ବିଧାନସଭାରେ ପରଜଙ୍ଗ ବିଧାୟକ ବିଭୂତି ପ୍ରଧାନ ଏହି କଥା ଉଠାଇଥିବାବେଳେ ସାଂସଦ ପ୍ରଦୀପ ପାଣିଗ୍ରାହୀ ଏ ପ୍ରସଙ୍ଗରେ ସରକାରଙ୍କୁ ଚିଠି ଲେଖିଛନ୍ତି । ବିଧାନସଭାରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆୟୁଷ୍ମାନ ଭାରତ କାର୍ଡ ଧରି ଯଦି ରୋଗୀ କୌଣସି ଘରୋଇ ହସ୍ପିଟାଲକୁ ଯାଉଛନ୍ତି ତ ତେବେ କଥା ସରିଲା। ହସ୍ପିଟାଲରେ ଭର୍ତ୍ତି ହେବା ପରେ କାର୍ଡରୁ ସବୁ ଟଙ୍କା ସରିଯାଉଛି। ରୋଗୀ ଜଣକ ଯଦି ମରିଗଲା ତ ତରିଗଲା। ନ ହେଲେ ସେ କୁଆଡ଼େ ଯିବ ବାଟ ପାଉନାହିଁ। ଏହି ପ୍ରସଙ୍ଗରେ ସେ ▶ପୃଷ୍ଠା-୭

ପେନ୍ ଇନ୍ ବୁକ୍ସ
ଉତ୍କର୍ଷର ୨୧ ବର୍ଷ
ଓଡ଼ିଶାର ସବୁଠୁ ପ୍ରସିଦ୍ଧ ପ୍ରକାଶନ

ସାରା ଓଡ଼ିଶା ପଢ଼ୁଛି ଆପଣ ପଢ଼ିନାହାନ୍ତି ?
୨୭ ପ୍ରସିଦ୍ଧ ଲେଖକଙ୍କ ୫୩୭ଟି କାହାଣୀ ଅଧା ମୂଲ୍ୟରେ ହାତଘଡ଼ି ଓ ଉପହାର କୁପନ ସହ

ପ୍ରତିଘର ପାଠାଗାର
ଖୋଲିଦିଏ ମସ୍ତିଷ୍କର ମୁଦା ଦୁଆର
ପେନ୍ ଇନ୍ ବୁକ୍ସର ସୃଜନ ଉଦ୍ୟମ

ଶ୍ରେଷ୍ଠ ସୁଯୋଗ ଯୋଜନା ସୀମିତ ସମୟ ପାଇଁ

ପୁରୁଷ ଓ ମହିଳାଙ୍କ ପାଇଁ ଭିନ୍ନ ଘଣ୍ଟା

୨୭ଟି ପୁସ୍ତକ ଏକତ୍ର ଅଧା ମୂଲ୍ୟରେ
୪,୯୯୯ ଟଙ୍କାରେ
୪,୯୯୯ ଟଙ୍କା ବିନିମୟରେ ପାଉଛନ୍ତି
୧୦,୦୦୦ ଟଙ୍କାର ୨୭ଟି ପୁସ୍ତକ
୨,୪୯୯ ଟଙ୍କା ମୂଲ୍ୟର ହାତଘଣ୍ଟା
୭,୦୦୦ ଟଙ୍କାର ଉପହାର କୁପନ

ପେନ୍ ଇନ୍ ବୁକ୍ସ
ପୋଥି ସରାଗିଆଙ୍କ ସ୍ୱର୍ଗ
୨୦୦୬ ମସିହାରୁ
facebook.com/PENINBOOKS

ଯୋଗାଯୋଗ
ଓଡ଼ିଆ ମିଡିଆ ପ୍ରାଇଭେଟ ଲିମିଟେଡ
ଏମ୍-୬/୫୧, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର - ୭୫୧୦୧୩
ଫୋନ୍ : ୯୧୨୪୬ ୦୯୬୩୧

ପ୍ରକ୍ରିୟା ପଦ୍ଧତି

- ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ଡାହାଣ ପାଖରେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@iciciରେ ୪,୯୯୯ ଟଙ୍କା ପଇଠ କରନ୍ତୁ।
- ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନ୍‌ସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍‌ସଆପ୍‌ରେ ପଠାଇବେ।
- ଭାରତୀୟ ଡାକ ପାର୍ସଲ ଯୋଗେ କ୍ରେତାଙ୍କୁ ରସିଦ ସହିତ ପୁସ୍ତକ ଓ ଉପହାର ପଠାଯିବ।
- ଯୋଜନା ୪ ଅକ୍ଟୋବର ୨୦୨୬, ରବିବାର ରାତି ୧୧ଟା ୫୯ ଯାଏଁ ବୈଧ। ଏହି ତାରିଖ ପରେ ଅଥବା ୪,୯୯୯/ - ଭିନ୍ନ ଅନ୍ୟ ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

9124609631

Odia Media Private Limited
odiamedia@icici

OMPL/2609/SK05

ଏକ ମାସ ମଧ୍ୟରେ ପୁସ୍ତକ ନ ପାଇଲେ ଉପର ଫୋନ୍ ନମ୍ବରରେ ସକାଳ ୧୧ଟାରୁ ସଂଧ୍ୟା ୫ଟା ମଧ୍ୟରେ ଅନୁସନ୍ଧାନ କରିପାରିବେ। ଡାକରେ ପୁସ୍ତକ ନଷ୍ଟ ହେଲେ ପ୍ରକାଶନ ସଂସ୍ଥା ଦାୟୀ ରହିବ ନାହିଁ। କିଣିବା ପରେ ପୁସ୍ତକ ଫେରସ୍ତ ହେବ ନାହିଁ। ଘଣ୍ଟାର ରଙ୍ଗ ଓ ରୂପ ବଦଳିପାରେ। ଉପହାର କୁପନ କେବଳ ପେନ୍ ଇନ୍ ବୁକ୍ସ ପ୍ରକାଶିତ ପୁସ୍ତକ କ୍ରୟ ପାଇଁ ବୈଧ। ୯,୫୪୩ ଟଙ୍କାର ପୁସ୍ତକ ସହ ଡାକଖର୍ଚ୍ଚ ଓ ପ୍ୟାକେଜିଂର ଆନୁମାନିକ ମୂଲ୍ୟ ୧୦,୦୦୦ ଟଙ୍କା। ଏ ସମ୍ପର୍କିତ ସମସ୍ତ ବିବାଦ କେବଳ ଭୁବନେଶ୍ୱର ନ୍ୟାୟକ୍ଷେତ୍ର ଅଧୀନରେ ସମାଧାନ ହେବ।

ସମ୍ଭଲ ହିଂସା ଅଭିଯୁକ୍ତଙ୍କ ଏନ୍‌ଏସ୍‌ଏ ଅଟକାଦେଶ ବାତିଲ୍, ୟୁପି ସରକାରଙ୍କୁ ୧୦ ଲକ୍ଷ ଟଙ୍କା ଜରିମାନା

ନୂଆଦିଲ୍ଲୀ, ୨୯ ।୯ (ଏଜେନ୍ସି): ସମ୍ଭଲ ହିଂସା ମାମଲାର ଅଭିଯୁକ୍ତ ମୁଲ୍ଲା ଆଫ୍ରୋଜଙ୍କ ବିରୋଧରେ ଉତ୍ତରପ୍ରଦେଶ ସରକାର ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ଅଧୀନରେ ଜାରି କରିଥିବା ଅଟକାଦେଶକୁ ସୁପ୍ରିମକୋର୍ଟ ମଙ୍ଗଳବାର ବାତିଲ କରିଛନ୍ତି । ଏହାସହ ଅବୈଧ ଅଟକାଦେଶ ଜାରି କରିଥିବାରୁ ୟୁପି ସରକାରଙ୍କ ଉପରେ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ଲାଗୁ କରିଛନ୍ତି । ଜଷ୍ଟିସ୍ ଦୀପଙ୍କର ଦତ୍ତ ଓ ଜଷ୍ଟିସ୍ ଶୀଲ ନାଗୁଙ୍କ ଖଣ୍ଡପୀଠ କହିଛନ୍ତି ଯେ ପୁଲିସ ହେପାଜତରେ ଅଭିଯୁକ୍ତ ଦେଇଥିବା କଥିତ ସ୍ୱୀକାରୋକ୍ତିକୁ ଆଧାର କରି ଏନ୍‌ଏସ୍‌ଏ ଅଧୀନରେ ପ୍ରତିଷେଧମୂଳକ ଅଟକ ରଖାଯାଇପାରିବ ନାହିଁ। ପୁଲିସ ହେପାଜତରେ ଦିଆଯାଇଥିବା ଏଭଳି ବୟାନ ଆଇନଗତ ଭାବେ ଅଗ୍ରହଣୀୟ ହୋଇଥିବାରୁ ଏହାକୁ ଅଟକାଦେଶର ଆଧାର କରାଯାଇପାରିବ ନାହିଁ ବୋଲି କୋର୍ଟ ମତ ଦେଇଛନ୍ତି । ୨୦୨୪ ନଭେମ୍ବରରେ ସମ୍ଭଲର ଶାହି ଜାମା ମସଜିଦ ସର୍ଭେ ସମୟରେ ଘଟିଥିବା ହିଂସାରେ ଆଫ୍ରୋଜଙ୍କୁ ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ଅଭିଯୋଗ କରାଯାଇଥିଲା । ଆଲ୍ଲାହାବାଦ ହାଇକୋର୍ଟରୁ ଜାମିନ ପାଇବା ପରେ ୨୦୨୫ ଅକ୍ଟୋବରରେ ତାଙ୍କୁ ୟୁପି ସରକାର ଏନ୍‌ଏସ୍‌ଏ ଅଧୀନରେ

ପୁନଃ ଅଟକ ରଖିଥିଲେ । ଅକ୍ଟୋବର ୧୩, ୨୦୨୫ରେ ତାଙ୍କ ବିରୋଧରେ ଅଟକାଦେଶ ଜାରି ହୋଇଥିଲା । ୟୁପି ସରକାର ଯୁକ୍ତି ଦେଇଥିଲେ ଯେ ଆଫ୍ରୋଜଙ୍କ ମୁକ୍ତି ଦ୍ୱାରା ପୁଣିଥରେ ହିଂସା କିମ୍ବା ଅଞ୍ଚଳରେ ଆଇନଶୃଙ୍ଖଳା ଭଙ୍ଗ ହେବାର ଆଶଙ୍କା ରହିଥିଲା । ତେଣୁ ସାଧାରଣ ଶୃଙ୍ଖଳା ବଜାୟ ରଖିବା ପାଇଁ ଏନ୍‌ଏସ୍‌ଏ ଅଧୀନରେ ଅଟକ ଆବଶ୍ୟକ ଥିଲା ବୋଲି ସରକାର କହିଥିଲେ । କିନ୍ତୁ ସୁପ୍ରିମକୋର୍ଟ ଏହି ଯୁକ୍ତି ଉପରେ ପ୍ରଶ୍ନ ଉଠାଇଥିଲେ ।

ନନ୍ଦିଗ୍ରାମ କଂଗ୍ରେସ ପ୍ରାର୍ଥୀ ମିଲନ ପ୍ରଧାନଙ୍କୁ ଜାମିନ, ପ୍ରଚାର କରିପାରିବେ

କୋଲକାତା, ୨୯ ।୯ (ଏଜେନ୍ସି): ନନ୍ଦିଗ୍ରାମ ବିଧାନସଭା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ମିଲନ ପ୍ରଧାନଙ୍କୁ ଅନ୍ତରୀଣ ଜାମିନ ଦେଇଛନ୍ତି କଲକାତା ହାଇକୋର୍ଟ । ୨୦୦୭ରେ ରୁଜୁ ହୋଇଥିବା ୬ଟି ଅପରାଧିକ ମାମଲାରେ ଗିରଫ ହୋଇଥିବା ପ୍ରଧାନ ଅକ୍ଟୋବର ୬ରେ ହେବାକୁ ଥିବା ଉପନିର୍ବାଚନ ପାଇଁ ପ୍ରଚାର କରିପାରିବେ । ବିଚାରପତି ତୀର୍ଥଙ୍କର ଘୋଷ ଅକ୍ଟୋବର ୨୦ ପର୍ଯ୍ୟନ୍ତ ତାଙ୍କୁ ଅନ୍ତରୀଣ ଜାମିନ ଦେଇଥିବା ବେଳେ ଅକ୍ଟୋବର ୨୧ରେ ଟ୍ରାଏଲ୍ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ୬ଟି ମାମଲା ପାଇଁ ପ୍ରତ୍ୟେକରେ ୨୦ ହଜାର ଟଙ୍କାର ଜାମିନ ବଣ୍ଡ ଦାଖଲ କରିବାକୁ ମଧ୍ୟ କୋର୍ଟ କହିଛନ୍ତି । ପ୍ରଧାନଙ୍କ ବିରୋଧରେ ୨୦୦୭ର ନନ୍ଦିଗ୍ରାମ ଜମି ଅଧିଗ୍ରହଣ ବିରୋଧୀ ଆନ୍ଦୋଳନ ସମୟର ହତ୍ୟା, ହତ୍ୟା ଉଦ୍ୟମ ଏବଂ ଅସ୍ତ୍ରଶସ୍ତ୍ର ଆଇନ ଉଲ୍ଲଂଘନ ଭଳି ଅଭିଯୋଗରେ ମାମଲା ରହିଛି । ଗତ ୧୮ ତାରିଖରେ ଗିରଫ ହେବା ପରଠାରୁ ସେ ନ୍ୟାୟିକ ହେପାଜତରେ ଥିଲେ । ଉପନିର୍ବାଚନ ପ୍ରଚାର ଅକ୍ଟୋବର ୪ରେ ଶେଷ ହେବ ଏବଂ ଅକ୍ଟୋବର ୯ରେ ଭୋଟ ଗଣତି ହେବ ।

ମ୍ୟାଁମାରରେ ସେନାର ଆକ୍ରମଣ, ୪୯ ମୃତ

ନେପିଦ, ୨୯ ।୯ (ଏଜେନ୍ସି): ମ୍ୟାଁମାରର ପଶ୍ଚିମ ରାଖାଇନ ରାଜ୍ୟରେ ସୋମବାର ସେନା ପକ୍ଷରୁ ହୋଇଥିବା ବିମାନ ଆକ୍ରମଣରେ ଅନ୍ତତଃ ୪୯ ଜଣଙ୍କ ମୃତ୍ୟୁ ହୋଇଛି । ଓ ୫୮ ଜଣ ଆହତ ହୋଇଥିବା ରିପୋର୍ଟରେ କୁହାଯାଇଛି । ଆକ୍ରମଣ ସମୟରେ ଏକ ଭିଡ଼ଭାଡ଼ ବଜାରରେ ବ୍ୟବସାୟୀ ଓ ଗ୍ରାହକଙ୍କ ସମାଗମ ଥିଲା । ଆହତଙ୍କ ମଧ୍ୟରୁ ୨୨ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ସଶସ୍ତ୍ର ବିଦ୍ରୋହୀ ସଂଗଠନ ଆରାକାନ ଆର୍ମି ଅଭିଯୋଗ କରିଛି ଯେ, ଏକ ସେନା ଯୁଦ୍ଧବିମାନ ବଜାର ନିକଟରେ ଦୁଇଟି ବୋମା ପକାଇଥିଲା । ଏହି ଅଞ୍ଚଳ ଆରାକାନ ଆର୍ମି ନିୟନ୍ତ୍ରଣରେ ରହିଛି । ମଙ୍ଗଳବାର ଆରାକାନ ଆର୍ମି ପକ୍ଷରୁ ଜାରି ବିବୃତିରେ ଆକ୍ରମଣର ପ୍ରତିଶୋଧ ନିଆଯିବ ବୋଲି ଧମକ ଦିଆଯାଇଛି । ସେନା ଏହି ଘଟଣା ନେଇ ତୁରନ୍ତ କୌଣସି ମନ୍ତବ୍ୟ ଦେଇନାହିଁ । ସେନା ପୂର୍ବରୁ ନିଜର ବିମାନ ଆକ୍ରମଣ କେବଳ ସାମରିକ ଘାଟିକୁ ଲକ୍ଷ୍ୟ କରି କରାଯାଉଥିବା ଦାବି କରିଆସିଛି । ୨୦୨୧ରେ ଅଙ୍ଗ ସାନ ସୁ କିଙ୍କ ନେତୃତ୍ୱାଧୀନ ନିର୍ବାଚିତ ସରକାରକୁ ହଟାଇ ମିଆଁମାରର ସେନା କ୍ଷମତା ଦଖଲ କରିବା ପରଠାରୁ ସଂଘର୍ଷ ଜାରି ରହିଛି ।

ଆତଙ୍କବାଦୀ ଆକ୍ରମଣ, ଆସାମ ରାଇଫଲ୍ସ ଯବାନ ସହିଦ

ଇଟାନଗର, ୨୯ ।୯ (ଏଜେନ୍ସି): ଅରୁଣାଚଳ ପ୍ରଦେଶର ଚାଙ୍ଗଲାଙ୍ଗ ଜିଲ୍ଲାରେ ମଙ୍ଗଳବାର ସକାଳେ ମିଲିଟାଣ୍ଟ ଆକ୍ରମଣରେ ଆସାମ ରାଇଫଲ୍ସର ଜଣେ ଯବାନଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି । ଭାରତ-ମ୍ୟାଁମାର ସୀମା ନିକଟ ନାମ୍‌ପୋଙ୍ଗ ସର୍କଲରେ ସକାଳ ପ୍ରାୟ ୬ଟା ୩୦ରେ ପାଟ୍ରୋଲିଂ ସମୟରେ ଏହି ଆକ୍ରମଣ ହୋଇଥିବା ପ୍ରାଥମିକ ସୂଚନାରୁ ଜଣାପଡ଼ିଛି । ଆକ୍ରମଣରେ ୪୨ ବର୍ଷୀୟ ହାବିଲଦାର ଜାନଖୋକାଇ କୁକିଙ୍କ ମୃତ୍ୟୁ ହୋଇଛି । ନାମ୍‌ପୋଙ୍ଗ ଷ୍ଟ୍ରିମ୍ ନିକଟରେ ସୀମାବାଡ଼ ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ଯବାନମାନେ ପାଟ୍ରୋଲିଂ କରୁଥିଲେ । ପ୍ରାଥମିକ ତଦନ୍ତ ଓ ଗୁଇନ୍ଦା ସୂଚନା ଆଧାରରେ ନ୍ୟାସନାଲ ସୋସାଲିଷ୍ଟ କାଉନ୍‌ସିଲ ଅଫ୍ ନାଗାଲାଣ୍ଡର ୟୁଙ୍ଗ୍ ଆଙ୍ଗ ଗୋଷ୍ଠୀର ମିଲିଟାଣ୍ଟମାନେ ଏହି ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି ।

ଗୋଲ୍ଡି ବିରୋଧରେ ଆମେରିକାର ୧୦ କୋଟି ଟଙ୍କା ପୁରସ୍କାର

ୱାଶିଂଟନ୍, ୨୯ ।୯ (ଏଜେନ୍ସି): ଭାରତୀୟ ଗ୍ୟାଙ୍ଗଷ୍ଟର ସତିନ୍ଦରଜିତ ସିଂହ ଓରଫ ଗୋଲ୍ଡି ବ୍ରାରକୁ ଆମେରିକାର ଏଫ୍‌ବିଆଇ 'ଟପ୍-୧୦ ମୋଷ୍ଟ ୱାଣ୍ଟେଡ୍' ତାଲିକାରେ ସାମିଲ କରିଛି । ତାଙ୍କ ସମ୍ପର୍କରେ ସୂଚନା ଦେଲେ ସର୍ବାଧିକ ୧ ନିୟୁତ ଡଲାର, ପ୍ରାୟ ୯.୫ କୋଟି ଟଙ୍କା ପୁରସ୍କାର ଦିଆଯିବ ବୋଲି ଆମେରିକା କହିଛି । ଆମେରିକୀୟ ଅଭିଯୋଗ ଅନୁସାରେ, ଗୋଲ୍ଡି ବ୍ରାର ଲରେନ୍ସ ବିଷ୍ଣୋଇ ସଂଗଠିତ ଅପରାଧ ଗୋଷ୍ଠୀର ଉତ୍ତର ଆମେରିକା ଶାଖାର ପ୍ରମୁଖ ଅପରେସନାଲ ନେତା । ଲରେନ୍ସ ବିଷ୍ଣୋଇ ଓ ବ୍ରାରଙ୍କ ଉପରେ ୨୦୨୩ରେ ଖଲିସ୍ତାନୀ ନେତା ହରଦୀପ ସିଂହ ନିଜ୍ଜରଙ୍କ ହତ୍ୟା ଷଡ଼ଯନ୍ତ୍ରର ଅଭିଯୋଗ ରହିଛି । ଆମେରିକାର ଅଭିଯୋଗପତ୍ରରେ କୁହାଯାଇଛି ଯେ, ଭାରତୀୟ ଜେଲ୍‌ରେ ଥାଇ ମଧ୍ୟ ଲରେନ୍ସ ମୋବାଇଲ ଓ ଇଣ୍ଟରନେଟ୍ କଲିଂ ବ୍ୟବସ୍ଥା ମାଧ୍ୟମରେ ହତ୍ୟା, ଦାଦାବଟି, ଅପହରଣ ଓ ମାଦକଦ୍ରବ୍ୟ ଚୋରାଚାଲାଣ ଭଳି ଅପରାଧ ନିର୍ଦ୍ଦେଶ ଦେଉଥିଲା । 'ଅପରେସନ୍ ହାର୍ଡ ବଲ୍'ରେ ଆମେରିକା, କାନାଡା ଓ ୟୁରୋପରେ ଏହି ନେଟୱର୍କ ସହ ଜଡ଼ିତ ୩୭ ଜଣଙ୍କ ବିରୋଧରେ ମାମଲା ହୋଇଥିବା ଏବଂ ୨୪ ଜଣ ଗିରଫ ହୋଇଥିବା ଆମେରିକା କହିଛି ।

କେଜ୍ରିୱାଲଙ୍କ ଆବେଦନ ଖାରଜ କଲେ ଗୁଜରାଟ ହାଇକୋର୍ଟ

ନୂଆଦିଲ୍ଲୀ, ୨୯ ।୯ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶିକ୍ଷାଗତ ଡିଗ୍ରୀ ସମ୍ପର୍କିତ ମାମଲାରେ ଆମ୍ ଆଦମୀ ପାର୍ଟି (ଆପ୍) ଆବାହକ ଅରବିନ୍ଦ କେଜ୍ରିୱାଲଙ୍କ ଆବେଦନକୁ ଗୁଜରାଟ ହାଇକୋର୍ଟ ମଙ୍ଗଳବାର ଖାରଜ କରିଛନ୍ତି । ମୁଖ୍ୟ ବିଚାରପତି ସୁନୀତା ଅଗ୍ରୱାଲ ଓ ବିଚାରପତି ଡିଏନ୍ ରାୟଙ୍କ ଖଣ୍ଡପୀଠ ଏକକ ବିଚାରପତିଙ୍କ ରାୟକୁ ବଳବତ୍ତର ରଖିବା ସହ କେଜ୍ରିୱାଲଙ୍କ ଉପରେ ଲାଗିଥିବା ୨୫ ହଜାର ଟଙ୍କା ଜରିମାନାକୁ ମଧ୍ୟ କାଏମ ରଖିଛନ୍ତି । ୨୦୧୬ରେ କେନ୍ଦ୍ରୀୟ ସୂଚନା ଆୟୋଗ ପ୍ରଧାନମନ୍ତ୍ରୀଙ୍କ ଡିଗ୍ରୀ ସମ୍ପର୍କିତ ତଥ୍ୟ ପ୍ରକାଶ ପାଇଁ ଗୁଜରାଟ ବିଶ୍ୱବିଦ୍ୟାଳୟକୁ ଦେଇଥିବା ନିର୍ଦ୍ଦେଶକୁ ୨୦୨୩ ମାର୍ଚ୍ଚରେ ଏକକ ଖଣ୍ଡପୀଠ ରଦ୍ଦ କରିଥିଲେ । ଏହାସହ କେଜ୍ରିୱାଲଙ୍କ ଉପରେ ୨୫ ହଜାର ଟଙ୍କା ଜରିମାନା ଲାଗୁ କରାଯାଇଥିଲା । କେଜ୍ରିୱାଲଙ୍କ ଓକିଲ ଅଭିଷେକ ମନୁ ସିଂହଭି ଏହି ଜରିମାନା ଲାଗୁ କରିବାର ଆଧାରକୁ ଚ୍ୟାଲେଞ୍ଜ କରିଥିଲେ । ତାଙ୍କ ଯୁକ୍ତି ଥିଲା, କେଜ୍ରିୱାଲ ଡିଗ୍ରୀ ପାଇଁ ମାମଲାକୁ ଜାରି ରଖି ନ ଥିଲେ ଏବଂ ସୂଚନା ଆୟୋଗ ନିଜ ଆଡୁ ପ୍ରକ୍ରିୟା ଆରମ୍ଭ କରିଥିଲା । ଗୁଜରାଟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହତା କେଜ୍ରିୱାଲ ମାମଲାକୁ ନିରନ୍ତର ଭାବେ ଆଗକୁ ବଢ଼ାଇଥିବା ଯୁକ୍ତି ଦେଇଥିଲେ ।

ଜ୍ଞାନେଶଙ୍କ ଅଡୁଆ ବଢ଼ାଇଲେ ମହାରାଷ୍ଟ୍ର ନିର୍ବାଚନ ଅଧିକାରୀ

'ଇସିଆଇନେଟ୍' ବିରୋଧରେ ସ୍ୱର ଉଠାଇଲେ

ନୂଆଦିଲ୍ଲୀ, ୨୯ ।୯ (ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ନିର୍ବାଚନ ଆୟୋଗ ମଧ୍ୟରେ ମତଭେଦ ଚର୍ଚ୍ଚାରେ ଥିବାବେଳେ ମହାରାଷ୍ଟ୍ରର ମୁଖ୍ୟ ନିର୍ବାଚନ ଅଧିକାରୀ ଏସ୍ ଚୋକ୍କଲିଙ୍ଗମ୍‌ଙ୍କ ଏକ ଚିଠି ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଅଡୁଆ ବଢ଼ାଇ ଦେଇଛି । ସେପ୍ଟେମ୍ବର ୨୪ରେ ନିର୍ବାଚନ ଆୟୋଗର ବରିଷ୍ଠ ଅଧିକାରୀଙ୍କୁ ଲେଖିଥିବା ଏହି ଚିଠିରେ ସେ ଏସ୍‌ଆଇଆର୍ ପ୍ରକ୍ରିୟାରେ ବ୍ୟବହୃତ 'ଇସିଆଇନେଟ୍' ସଫ୍ଟୱେରକୁ ନେଇ ଆପତ୍ତି ଉଠାଇବା ସହିତ ଏଥିରେ ୫ଟି ପରିବର୍ତ୍ତନ ପାଇଁ ଦାବି କରିଛନ୍ତି । ସେ କହିଛନ୍ତି ଯେ ଆଇନ ଅନୁଯାୟୀ ଭୋଟରଙ୍କୁ ଯୋଡ଼ିବା/କାଟିବା କ୍ଷମତା ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କ ପାଖରେ ରହିବା ଜରୁରୀ । କିନ୍ତୁ ବିବାଦୀୟ 'ଇସିଆଇନେଟ୍' ସଫ୍ଟୱେର ନିର୍ବାଚନ ଅଧିକରୀଙ୍କ ସେହି କ୍ଷମତାକୁ ସଙ୍କୁଚିତ କରିଦେଇଛି ।

ସୂଚନାଯୋଗ୍ୟ ଯେ ଏହି 'ଇସିଆଇନେଟ୍' ସଫ୍ଟୱେରକୁ ନେଇ ଦୁଇଜଣ ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଆପତ୍ତି ଉଠାଇବା ସହିତ ଏହାର କେନ୍ଦ୍ରୀକରଣକୁ ବିରୋଧ କରିଥିଲେ । ସେମାନେ ମଧ୍ୟ ଯୁକ୍ତି

ଭୋଟରଙ୍କୁ ଯୋଡ଼ିବା/କାଟିବା କ୍ଷମତା ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ରହୁ

କରିଥିଲେ ଯେ ଭୋଟରଙ୍କୁ ଯୋଡ଼ିବ/କାଟିବା କ୍ଷମତା କେବଳ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ରହିବା ଉଚିତ ।

ଚୋକ୍କଲିଙ୍ଗମ୍ ତାଙ୍କ ପତ୍ରରେ ଯୁକ୍ତି କରିଛନ୍ତି, ଯଦି କୌଣସି ଭୋଟର ଆବଶ୍ୟକ ଓ ସନ୍ତୋଷଜନକ ଦଲିଲ ଦାଖଲ କରିଥାନ୍ତି, ତେବେ ତାଙ୍କୁ ବ୍ୟକ୍ତିଗତ ଶୁଣାଣିରୁ ମୁକ୍ତ କରିବାର ବିକଳ୍ପ (ଇଲେକଟୋରାଲ ରେଜିଷ୍ଟ୍ରେସନ ଅଫିସର) ଇଆର୍‌ଓଙ୍କୁ ଦିଆଯାଉ । ଏହାଛଡ଼ା, ଏସ୍‌ଆଇଆର୍‌ରେ ଉଲ୍ଲେଖ ଥିବା ୧୩ ପ୍ରକାର ଦଲିଲ ବ୍ୟତୀତ ଅନ୍ୟ ଦଲିଲ ଗ୍ରହଣ କରିବାର ସୁବିଧା ମଧ୍ୟ ରହୁ । ବିଶେଷକରି ଆଦିବାସୀ, ଗୃହହୀନ ଓ ଯୌନକର୍ମୀ ସମୁଦାୟର ଲୋକଙ୍କ ପାଖରେ ତାଲିକାଭୁକ୍ତ ଦଲିଲ ନଥାଇପାରେ ବୋଲି ସେ ଦର୍ଶାଇଛନ୍ତି । 'ଲଜିକାଲ୍ ଡିସ୍କ୍ରେପାନ୍ସି' ମାମଲାରେ ମଧ୍ୟ ଇଆର୍‌ଓମାନଙ୍କୁ ଅଧିକ ଅଧିକାର ଦେବାକୁ ସେ ଦାବି କରିଛନ୍ତି । ପୂର୍ବ ଏସ୍‌ଆଇଆର୍ ତାଲିକାରେ ପିତା କିମ୍ବା ଜେଜେବାପାଙ୍କ ନାମ, ବୟସ ଆଦିରେ ମେଳ ନହେବା ଭଳି କାରଣରୁ ଏପରି ଅସଙ୍ଗତି ଚିହ୍ନଟ ହୋଇପାରେ । ଏହାକୁ ଆଧାର କରି ଭୋଟର ଅଯୋଗ୍ୟ ବୋଲି ସ୍ୱତଃସିଦ୍ଧ ହୁଏ ନାହିଁ । ଇସିଆଇନେଟ୍‌ରେ 'ଲଜିକାଲ୍ ଡିସ୍କରେପାନ୍ସି' ମାମଲାରେ ପୂର୍ବ ଏସ୍‌ଆଇଆର୍‌ର ତଥ୍ୟ ଅପଲୋଡ୍‌କୁ ବାଧ୍ୟତାମୂଳକ ନକରିବା ସହ ଇଆର୍‌ଓମାନଙ୍କ ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଓ ପ୍ରଶ୍ନୋତ୍ତର ବ୍ୟବସ୍ଥା କରିବାକୁ ମଧ୍ୟ ସେ କହିଛନ୍ତି । ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଚାଲିଥିବା ଆନ୍ଦୋଳନରେ ମହାରାଷ୍ଟ୍ର ନିର୍ବାଚନ ଅଧିକାରୀଙ୍କ ଏହି ପତ୍ର ନିଆଁରେ ଘିଅ ଢାଳିବା ଭଳି କାମ କରିଛି ।

ଯବାନଙ୍କ ଗୁଳିମାଡ଼, ୪ ସହଯୋଗୀ ମୃତ

କଠୁଆ, ୨୯।୯ (ଏଜେନ୍ସି): ଜମ୍ମୁ-କାଶ୍ମୀରର କଠୁଆ ଜିଲ୍ଲା ବସୋହଲି ସ୍ଥିତ ସିଆଇଏସ୍‌ଏଫ୍ କ୍ୟାମ୍ପରେ ଜଣେ ଯବାନ ନିଜ ସହକର୍ମୀଙ୍କ ଉପରେ ଗୁଳି ଚଳାଇବାରୁ ୪ ଜଣ ସିଆଇଏସ୍‌ଏଫ୍‌ଙ୍କ ମୃତ୍ୟୁ ଘଟିଛି । ଅଭିଯୁକ୍ତ ଯବାନ ଅବଧେଶ କୁମାର ସିଂ ବୋଲି ଜଣାପଡ଼ିଛି । ଏହି ଘଟଣା ସେୱା-୩ ଜଳ ବିଦ୍ୟୁତ୍ ପ୍ରକଳ୍ପ ସୁରକ୍ଷା କ୍ୟାମ୍ପରେ ଘଟିଥିଲା । ମୃତକମାନେ ହେଲେ ସହକାରୀ କମାଣ୍ଡାଣ୍ଟ ଅଙ୍କିତ କୁମାର ପାଣ୍ଡେ, ଏସ୍‌ଆଇ ଲକ୍ଷ୍ମଣ ସିଂ, କନଷ୍ଟେବଲ ରଫିକ୍ ଅହମ୍ମଦ ଏବଂ କନଷ୍ଟେବଲ ସନ୍ଦୀପ କୁମାର । ସୂଚନା ଅନୁଯାୟୀ, କୌଣସି କାରଣରୁ କର୍ମଚାରୀଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା । ଏହାପରେ ହେଡ୍ କନଷ୍ଟେବଲ ଅବଧେଶ ନିଜ ସର୍ଭିସ୍ ଏକେ-୪୭ ରାଇଫଲ୍‌ରୁ ଅତର୍କିତ ଗୁଳିଚାଳନା କରିଥିଲେ । ଗୁଳିକାଣ୍ଡ ପରେ କଠୁଆ ପୁଲିସ ଅଭିଯୁକ୍ତ ଯବାନଙ୍କୁ ଗିରଫ କରିଛି । ସିଆଇଏସ୍‌ଏଫ୍‌ର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛନ୍ତି । ତେବେ ମୂଳ ବିବାଦର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ।

ଜ୍ଞାନେଶଙ୍କ ଉପରେ ଇସ୍ତଫା ଚାପ

କଂଗ୍ରେସ ଏଜେଣ୍ଡା ପ୍ରସ୍ତୁତ, 'ଇଣ୍ଡିଆ' ବୈଠକ ଆଜି

ନୂଆଦିଲ୍ଲୀ, ୨୯।୯: ଏସଆଇଆରକୁ ନେଇ ନିର୍ବାଚନ କମିସନରେ ମତଭେଦ ଖବର ପ୍ରକାଶ ପାଇବା ପରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ଚାରି ଆଡୁ ଚାପ ବଢ଼ିବାରେ ଲାଗିଛି । ଏସଂପର୍କରେ ମିଳିତ ରଣନୀତି ପ୍ରସ୍ତୁତ କରିବା ଲାଗି ଆସନ୍ତାକାଲି ଇଣ୍ଡିଆ ମେଣ୍ଟର ଗୁରୁତ୍ୱପୂର୍ଣ୍ଣ ବୈଠକ ହେବାକୁ ଯାଉଥିବାବେଳେ ଆଜି କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ଏଥିଲାଗି ଏଜେଣ୍ଡା ପ୍ରସ୍ତୁତ କରିଛି ।

କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଏବଂ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଛି । ବୈଠକରେ ଗୃହୀତ ପ୍ରସ୍ତାବରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରାଯାଇଛି । ଏବେ ଯେଉଁସବୁ ରାଜ୍ୟରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଆର ଚାଲିଛି, ତାହାକୁ ସ୍ଥଗିତ ରଖିବା ଲାଗି ଦାବି କରାଯିବା ସହିତ ଏହି ପ୍ରକ୍ରିୟାରେ ଯେଉଁ ୧୩ କୋଟି ଭୋଟରଙ୍କ ନାମ କଟିଛି, ତାହାକୁ ବଜାୟ ରଖିବା ଲାଗି ମଧ୍ୟ ଦାବି କରାଯାଇଛି । ପ୍ରସ୍ତାବରେ ଆହୁରି କୁହାଯାଇଛି ଯେ ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଇସାରାରେ ଭୋଟ ଚୋରି ହୋଇଛି । ତେଣୁ ସେମାନେ ଇସ୍ତଫା ନଦେବା ପର୍ଯ୍ୟନ୍ତ ସମ୍ବିଧାନ ଓ ଗଣତନ୍ତ୍ର ସୁରକ୍ଷିତ ରହିପାରିବ ନାହିଁ ।

- ■ କଂଗ୍ରେସ ବୈଠକରେ ପ୍ରସ୍ତାବ ଗୃହୀତ
- ■ ଜ୍ଞାନେଶ କୁମାର ଇସ୍ତଫା ଦିଅନ୍ତୁ
- ■ ବାତିଲ ହେଉ ଏସ୍‌ଆଇଆର୍ ପ୍ରକ୍ରିୟା
- ■ ୧୩ କୋଟି ଭୋଟରଙ୍କୁ ବଜାୟ ରଖାଯାଉ

ବୈଠକ ପରେ କଂଗ୍ରେସ ସାଧାରଣ ସଂପାଦକ କେସି ବେଣୁଗୋପାଳ କହିଲେ ଯେ ଆସନ୍ତାକାଲି ହେବାକୁ ଥିବା ଇଣ୍ଡିଆ ମେଣ୍ଟ ବୈଠକରେ ତାଙ୍କ ଦଳ ଏହି ପ୍ରସଙ୍ଗ ଉଠାଇବ । ଭୋଟ୍ ଚୋରି ବିରୋଧରେ ମିଳିତ ଆନ୍ଦୋଳନ ପାଇଁ ସେହି ବୈଠକରେ ରଣନୀତି ପ୍ରସ୍ତୁତ କରାଯିବ । ଦେଶର ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ଲାଗି ସମସ୍ତ ରାଜନୈତିକ ଦଳଙ୍କ ସହଯୋଗରେ କଂଗ୍ରେସ ଏକ ବ୍ୟାପକ ଆନ୍ଦୋଳନ କରିବାକୁ ଚାହୁଁଛି । ଏସଂପର୍କରେ ସମସ୍ତ ଦଳର ମତାମତ ଗୁରୁତ୍ୱ ବହନ କରୁଛି । ବ୍ୟାପକ ବିଚାରବିମର୍ଶ ପରେ ଆନ୍ଦୋଳନ ସଂପର୍କରେ ନିଷ୍ପତ୍ତି ନିଆଯିବ ।

ଆସନ୍ତାକାଲି ଇଣ୍ଡିଆ ମେଣ୍ଟର ଯେଉଁ ଉଚ୍ଚସ୍ତରୀୟ ବୈଠକ ହେବ, ସେଥିରେ କଂଗ୍ରେସ ସଭାପତି ସମେତ ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ଓ ଅଭିଷେକ ବାନାର୍ଜୀ, ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, ପିଡିପି ମୁଖ୍ୟ ମେହବୁବା ମୁଫତି, ଆରଜେଡି ମୁଖ୍ୟ ତେଜସ୍ୱୀ ଯାଦବ ଯୋଗ ଦେବେ । ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଏହି ବୈଠକରେ ଯୋଗ ଦେବେ ନାହିଁ । ତାଙ୍କ ବଦଳରେ ଦଳର ବରିଷ୍ଠ ନେତା ଆସିବେ । ସେହିଭଳି ଉଦ୍ଧବ ଠାକରେ ମୁମ୍ବାଇରୁ ଭିଡିଓ କନଫେରେନ୍ସି ଜରିଆରେ ଯୋଡ଼ିହେବେ । ଇଣ୍ଡିଆର ମେଣ୍ଟରୁ ଡିଏମକେ ବାହାରି ଯାଇଥିବାରୁ ବୈଠକରେ ଏହାର ପ୍ରତିନିଧି ଆସିବେ ନାହିଁ । ଜେଏମଏମକୁ ନେଇ ଅନିଶ୍ଚିତତା ରହିଛି । ତେବେ ସିପିଆଇ, ସିପିଏମର ବରିଷ୍ଠ ନେତାମାନେ ଯୋଗଦେବେ ବୋଲି ସୂଚନା ମିଳିଛି ।

ଇତିମଧ୍ୟରେ କେଜ୍ରିୱାଲଙ୍କ ଆପ୍ ଏବଂ ଷ୍ଟାଲିନଙ୍କ ଡିଏମ୍‌କେ ଘୋଷଣା କରିଛନ୍ତି ଯେ ଆସନ୍ତକାଲିର ଇଣ୍ଡିଆ ମେଣ୍ଟ ବୈଠକରେ ସେମାନେ ଯୋଗଦେବେ ନାହିଁ । ତେବେ ମୁଖ୍ୟ ନିର୍ବାଚନ କମିସନର ପଦରୁ ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ସଂସଦରେ ଯେଉଁ ମହାଭିଯୋଗ ପ୍ରସ୍ତାବ ଆସିବ, ତାହାକୁ ସେମାନେ ସମର୍ଥନ କରିବେ । ଏସଂକ୍ରାନ୍ତ ନୋଟିସରେ ସେମାନେ ଦସ୍ତଖତ କରିବେ ବୋଲି କହିଛନ୍ତି ।

ପାକିସ୍ତାନ ଗସ୍ତରେ ଭାରତୀୟ ପ୍ରତିନିଧିଦଳ

ଇସଲାମାବାଦ, ୨୯ ।୯ (ଏଜେନ୍ସି): ଅପରେସନ ସିନ୍ଦୂର ପରେ ପ୍ରାୟ ଦେଢ଼ ବର୍ଷ ପରେ ଭାରତୀୟ ଅଧିକାରୀଙ୍କ ଏକ ପ୍ରତିନିଧି ଦଳ ଶାଂଘାଇ ସହଯୋଗ ସଂଗଠନ ବୈଠକରେ ଯୋଗଦେବା ପାଇଁ ପାକିସ୍ତାନ ପହଞ୍ଚିଛି । ବୈଦେଶିକ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ତଥା ଭାରତର ଏସ୍‌ସିଓ ସଂଯୋଜକ ଆଲୋକ ଡିମ୍ରି ଭାରତୀୟ ପ୍ରତିନିଧିଦଳର ନେତୃତ୍ୱ ନେଉଛନ୍ତି । ଇସଲାମାବାଦରେ ସୋମବାରଠାରୁ ଆରମ୍ଭ ହୋଇଥିବା ବୈଠକ ବୁଧବାର ପର୍ଯ୍ୟନ୍ତ ଚାଲିବ । ପାକିସ୍ତାନର ଅଧ୍ୟକ୍ଷତାରେ ଏସ୍‌ସିଓର କାର୍ଯ୍ୟକ୍ରମ, ଆଗାମୀ ବୈଠକର ପ୍ରସ୍ତୁତି ଓ ସଂଗଠନ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବ । ଆଗାମୀ ଏସ୍‌ସିଓ ଶିଖର ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପାକିସ୍ତାନ ନିମନ୍ତ୍ରଣ କରିପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି । ତେବେ ଏହି ମଞ୍ଚରେ ଭାରତ-ପାକିସ୍ତାନ ଦ୍ୱିପାକ୍ଷିକ ଆଲୋଚନାର କୌଣସି ଯୋଜନା ନାହିଁ । ଭାରତ କହିଆସିଛି ଯେ, ଏସ୍‌ସିଓ ମଞ୍ଚରେ ସହଯୋଗ ଜାରି ରହିବ, କିନ୍ତୁ ପାକିସ୍ତାନ ସହ ପ୍ରତ୍ୟକ୍ଷ ଆଲୋଚନା ପାଇଁ ଆତଙ୍କବାଦମୁକ୍ତ ପରିବେଶ ଆବଶ୍ୟକ । ପହଲଗାମ ଆତଙ୍କବାଦୀ ଆକ୍ରମଣ ଓ ଅପରେସନ ସିନ୍ଦୂର ପରେ ଭାରତ ଏହି ଆଭିମୁଖ୍ୟକୁ ପୁନର୍ବାର ସ୍ପଷ୍ଟ କରିଥିଲା । ଏହା ପୂର୍ବରୁ ୨୦୨୪ ଅକ୍ଟୋବରରେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏସ୍‌ସିଓ ଶିଖର ବୈଠକରେ ଯୋଗଦେବା ପାଇଁ ପାକିସ୍ତାନ ଯାଇଥିଲେ । ପ୍ରାୟ ୯ ବର୍ଷ ପରେ ପାକିସ୍ତାନ ଯାଇଥିବା ସେ ପ୍ରଥମ ଭାରତୀୟ ବୈଦେଶିକ ମନ୍ତ୍ରୀ ଥିଲେ । ୨୦୦୧ରେ ପ୍ରତିଷ୍ଠିତ ଏସ୍‌ସିଓରେ ଭାରତ ଓ ପାକିସ୍ତାନ ୨୦୧୭ ରେ ସଦସ୍ୟ ହୋଇଥିଲେ । ସୁରକ୍ଷା, ଅର୍ଥନୀତି ଓ ଆଞ୍ଚଳିକ ସହଯୋଗ ସହ ଆତଙ୍କବାଦ, ମାଦକ ଚୋରାଚାଲାଣ ଓ ସାଇବର ଅପରାଧ ଭଳି ପ୍ରସଙ୍ଗରେ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ସହଯୋଗ ବଢ଼ାଇବା ଏହାର ଲକ୍ଷ୍ୟ । ୨୦୨୫ ମେ' ୭ରେ ପହଲଗାମ ଆକ୍ରମଣର ପ୍ରତିକ୍ରିୟାରେ ଭାରତ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା । ଏହା ପରେ ଦୁଇ ଦେଶ ମଧ୍ୟରେ ସାମରିକ ଉତ୍ତେଜନା ବଢ଼ିଥିଲା । ମେ' ୧୦ରେ ଦୁଇ ଦେଶ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ସହମତ ହୋଇଥିଲେ ।

- ■ ଅପରେସନ ସିନ୍ଦୂର ପରେ ପ୍ରଥମ ଥର ଗସ୍ତ
- ■ ମୋଦୀଙ୍କୁ ମିଳିପାରେ ଆମନ୍ତ୍ରଣ

ରାଜ୍ୟସଭାକୁ ଫେରିପାରନ୍ତି ସ୍ମୃତି ଇରାନୀ, ବରୁଣ ଗାନ୍ଧୀ

ନୂଆଦିଲ୍ଲୀ, ୨୯ ।୯ (ଏଜେନ୍ସି): ଉତ୍ତରପ୍ରଦେଶରୁ ଆସନ୍ତା ରାଜ୍ୟସଭା ନିର୍ବାଚନ ପାଇଁ ବିଜେପିରେ ପ୍ରାର୍ଥୀ ଚୟନକୁ ନେଇ ଚର୍ଚ୍ଚା ଜୋରଦାର ହୋଇଛି । ଦଳୀୟ ସୂତ୍ର ଅନୁସାରେ ଜାତୀୟ ସାଧାରଣ ସମ୍ପାଦକ ସ୍ମୃତି ଇରାନୀ ଓ ହରିଶ ଦ୍ୱିବେଦୀଙ୍କ ନାମ ଆଗରେ ରହିଛି । ଏଥିସହ ବରୁଣ ଗାନ୍ଧୀ, ସଞ୍ଜୀବ ବାଲିଆନ, ସତ୍ୟପାଲ ସିଂହ, ସୁରେଶ ରାଣା ଓ ଅନ୍ୟ କିଛି ନେତାଙ୍କ ନାମ ମଧ୍ୟ ବିଚାରାଧୀନ ଥିବା ସୂଚନା ମିଳିଛି । ଉତ୍ତରପ୍ରଦେଶର ୧୦ଟି ରାଜ୍ୟସଭା ଆସନ ପାଇଁ ଅକ୍ଟୋବର ୧୬ରେ ନିର୍ବାଚନ ହେବ । ବିଜେପି ୭ଟି ଆସନ ଜିତିବା ସ୍ଥିତିରେ ଥିବାବେଳେ ୮ମ ଆସନ ପାଇଁ ମଧ୍ୟ ପ୍ରୟାସ କରିପାରେ । ଏହା ହେଲେ ଦଶମ ଆସନକୁ ନେଇ

ବିଜେପି ଓ ସମାଜବାଦୀ ପାର୍ଟି ମଧ୍ୟରେ ମୁକାବିଲା ହେବା ସମ୍ଭାବନା ରହିଛି । ଏସ୍‌ପି ୩ ଜଣ ପ୍ରାର୍ଥୀ ଦେବାକୁ ବିଚାର କରୁଥିବା ସୂଚନା ମିଳିଛି । ଦଳର ଏବେକାର ସଂଖ୍ୟା ଅନୁସାରେ ୨ଟି ଆସନ ଜିତିବା ସମ୍ଭବ । ବରିଷ୍ଠ ନେତା ରାମଗୋପାଳ ଯାଦବଙ୍କୁ ପୁଣି ରାଜ୍ୟସଭା ପଠାଇବା ନେଇ ଚର୍ଚ୍ଚା ଥିବାବେଳେ ପୂର୍ବତନ ଆଇଏଏସ୍ ଅଧିକାରୀ ଆଲୋକ ରଞ୍ଜନ ଓ ସଲିମ ଇକବାଲଙ୍କ ନାମ ମଧ୍ୟ ଆଲୋଚନାରେ ରହିଛି । ବିଜେପି ନିଜ ପ୍ରାର୍ଥୀ ଚୟନରେ ଆଗାମୀ ବିଧାନସଭା ନିର୍ବାଚନକୁ ମଧ୍ୟ ଦୃଷ୍ଟିରେ ରଖୁଥିବା ସୂଚନା ମିଳିଛି । ଜାଟ, ରାଜପୁତ, ଓବିସି ଓ ସଂଖ୍ୟାଲଘୁ ସମୁଦାୟକୁ ପ୍ରତିନିଧିତ୍ୱ ଦେବା ନେଇ ଦଳରେ ବିଚାର ଚାଲିଛି । ଯୁବ ଓ ମହିଳା ନେତୃତ୍ୱକୁ ଅଧିକ ସୁଯୋଗ ଦେବା ନେଇ ମଧ୍ୟ ଆଲୋଚନା ହୋଇଛି । ଆଜି ଲକ୍ଷ୍ନୌରେ ବିଜେପିର କୋର୍ କମିଟି ବୈଠକରେ ସମ୍ଭାବ୍ୟ ପ୍ରାର୍ଥୀଙ୍କ ନାମ ଉପରେ ଆଲୋଚନା ହୋଇଛି ।

ସୁପ୍ରିମକୋର୍ଟ ବିଚାରପତି ପାଇଁ ୩ ମୁଖ୍ୟ ବିଚାରପତିଙ୍କ ନାମ ସୁପାରିସ

ନୂଆଦିଲ୍ଲୀ, ୨୯ ।୯ (ଏଜେନ୍ସି): ସୁପ୍ରିମକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଁ ତିନି ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ନାମ ସୁପାରିସ କରିଛି ସୁପ୍ରିମକୋର୍ଟ କଲେଜିୟମ୍ । ଏହି ତାଲିକାରେ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟ, ଗୁଜରାଟ ହାଇକୋର୍ଟର ମୁଖ୍ୟ ବିଚାରପତି ସୁନୀତା ଅଗ୍ରୱାଲ ଏବଂ ତେଲେଙ୍ଗାନା ହାଇକୋର୍ଟର ମୁଖ୍ୟ ବିଚାରପତି ଅପରେଶ କୁମାର ସିଂହ ଅଛନ୍ତି । ଜଷ୍ଟିସ୍ ଦେବେନ୍ଦ୍ର କୁମାର ଉପାଧ୍ୟାୟ ଲକ୍ଷ୍ନୌରୁ ନିଜ ଆଇନଜୀବୀ ଓ ନ୍ୟାୟିକ ଜୀବନ ଆରମ୍ଭ କରିଥିଲେ । ଗତ ୨୫ ବର୍ଷ ମଧ୍ୟରେ ଆହ୍ଲାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚରୁ ସୁପ୍ରିମକୋର୍ଟକୁ ପଦୋନ୍ନତି ପାଇବାକୁ ଯାଉଥିବା ଦ୍ୱିତୀୟ ଆଇନଜୀବୀ ବୋଲି ତାଙ୍କୁ କୁହାଯାଉଛି । ତାଙ୍କ ପୂର୍ବରୁ ଜଷ୍ଟିସ୍ ବ୍ରିଜେଶ କୁମାର ୨୦୦୦ ମସିହାରେ ସୁପ୍ରିମକୋର୍ଟ ବିଚାରପତି ହୋଇଥିଲେ । ଦିଲ୍ଲୀ ହାଇକୋର୍ଟ ୱେବସାଇଟ୍ ଅନୁଯାୟୀ, ଜଷ୍ଟିସ୍ ଉପାଧ୍ୟାୟ ୧୯୬୫ ଜୁନ୍ ୧୬ରେ ଉତ୍ତରପ୍ରଦେଶର ଆମ୍ବେଦକର ନଗର ଜିଲ୍ଲାର ମୁସ୍କରାଇ ଗାଁରେ ଜନ୍ମଗ୍ରହଣ କରିଥିଲେ । ୨୦୦୭ ମେ'ରେ ସେ ଉତ୍ତରପ୍ରଦେଶର ମୁଖ୍ୟ ସ୍ଥାୟୀ ଆଇନଜୀବୀ ଭାବେ ନିଯୁକ୍ତ ହୋଇଥିଲେ । ୨୦୧୧ ନଭେମ୍ବରରେ ହାଇକୋର୍ଟ ବିଚାରପତି ହେବା ପର୍ଯ୍ୟନ୍ତ ସେ ଏହି ପଦରେ ରହିଥିଲେ । ୨୦୧୧ ନଭେମ୍ବର ୨୧ରେ ସେ ଆହ୍ଲାବାଦ ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ । ୨୦୨୩ ମାର୍ଚ୍ଚ ୨୮ ରେ ସେ ଲକ୍ଷ୍ନୌ ବେଞ୍ଚର ବରିଷ୍ଠ ବିଚାରପତି ହୋଇଥିଲେ । ପରେ ୨୦୨୩ ଜୁଲାଇ ୨୯ ରେ ସେ ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ନେଇଥିଲେ ।

ରାଜ୍ୟ ରାଜକୋଷରେ ପାଣ୍ଠି ନାହିଁ!

ଭୋକେସନାଲ ଶିକ୍ଷକଙ୍କୁ ମିଳିନି ୬ ମାସର ଦରମା

- କମ୍ପାନୀକୁ ସରକାର ଦେଇନାହାନ୍ତି ପ୍ରାୟ ୯ ମାସର ବକେୟା
- ୬ମାସ ହେଲା ମିଳିନାହିଁ ଏସ୍‌ସି-ଏସଟି ପିଲାଙ୍କୁ ଷ୍ଟାଇପେଣ୍ଡ
- ବିଭିନ୍ନ ସ୍ଥାନରେ ୫ମାସ ହେଲାଣି ମିଳିନି ବାର୍ଦ୍ଧକ୍ୟ ଭତ୍ତା

ଭୁବନେଶ୍ୱର, ୨୯।୯(ସମିସ): ରାଜ୍ୟ ସରକାରଙ୍କ ପାଖରେ ପାଣ୍ଠି ନାହିଁ। ଫଳରେ ଅନେକ ଆନୁଷଙ୍ଗିକ ଓ ବିଭିନ୍ନ ଅନୁଦାନ ପ୍ରଦାନରେ ସମସ୍ୟା ସୃଷ୍ଟି ହୋଇଛି। ରାଜ୍ୟର ବିଭିନ୍ନ ଏସ୍‌ସି ଓ ଏସ୍‌ଟି ପିଲାମାନଙ୍କୁ ୬ ମାସ ହେଲା ଷ୍ଟାଇପେଣ୍ଡ ମିଳି ନ ଥିବାବେଳେ ଭୋକେସନାଲ ଶିକ୍ଷକମାନେ ମଧ୍ୟ ୬ ମାସ ହେଲା ଦରମା ପାଇ ନାହାନ୍ତି । ଏପରିକି ବୟସ୍କ ନାଗରିକଙ୍କୁ ମିଳୁଥିବା ସାମାଜିକ ସୁରକ୍ଷା ଭତ୍ତା ମଧ୍ୟ କେତେକ ଅଞ୍ଚଳରେ ବନ୍ଦ କରିଦିଆଯାଇଛି । ଯାହାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି ।

ରାଜ୍ୟର ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତ ଭୋକେସନାଲ ଶିକ୍ଷକଙ୍କୁ ଦରମା ମିଳୁନି। ଦୀର୍ଘ ୬ ମାସର ଦରମା ବକେୟା ରହିଛି। ଭୋକେସନାଲ୍ ଟ୍ରେନିଂ ପାର୍ଟନର୍ (ଭିଟିପି) ମାଧ୍ୟମରେ ଠିକା ନିଯୁକ୍ତି ପାଇଥିବା ଶିକ୍ଷକଙ୍କୁ ସମ୍ପୃକ୍ତ କମ୍ପାନୀ ୬ ମାସ ହେଲା ଦରମା ଦେଇନଥିବାବେଳେ କମ୍ପାନୀଗୁଡ଼ିକୁ ସରକାର ପ୍ରାୟ ୯ ମାସ ହେଲା ଦରମା ବାବଦକୁ ଅର୍ଥ ଦେଇ ନଥିବା ଅଭିଯୋଗ ହୋଇଛି। ୨୦୨୫-୨୬ ଶିକ୍ଷାବର୍ଷରେ ଶେଷ ପ୍ରାୟ ୪ ମାସ ଦରମା ଶିକ୍ଷକଙ୍କୁ ମିଳିନି। ସରକାର ଦେୟ ପ୍ରଦାନ ନ କଲେ ମଧ୍ୟ ଶିକ୍ଷକଙ୍କୁ ୩ ମାସ ପର୍ଯ୍ୟନ୍ତ କମ୍ପାନୀ ପକ୍ଷରୁ ଦରମା ଦିଆଯିବାର ପ୍ରାବଧାନ ଥିବାରୁ କମ୍ପାନୀ ମାନେ ନିଜସ୍ୱ ଅର୍ଥରୁ ଦରମା ଦେଇଛନ୍ତି। ସରକାର ପ୍ରାୟ ୭ ମାସର ଦରମା କମ୍ପାନୀଗୁଡ଼ିକୁ ପ୍ରଦାନ କରି ନାହାନ୍ତି। ଅପରପକ୍ଷରେ ୨୦୨୬-୨୭ ଶିକ୍ଷାବର୍ଷରେ ସରକାରଙ୍କ ପକ୍ଷରୁ ଏପ୍ରିଲ୍, ମେ ଓ ଜୁନ୍ ମାସର ଦରମା ବାବଦ ଦେୟ ଦେଇଥିବା ଜଣା ପଡ଼ିଛି। ପୂର୍ବ ଶିକ୍ଷାବର୍ଷର ଦେୟ ବକେୟା ଥିବାରୁ କମ୍ପାନୀଗୁଡ଼ିକ ମଧ୍ୟ କେବଳ ଏହି ୩ ମାସର ଦରମା ଦେବା ପରେ ହାତ ଟେକିଦେଇଛନ୍ତି। ଫଳରେ ଚଳିତ ଶିକ୍ଷାବର୍ଷର ଅବଶିଷ୍ଟ ଆଉ ୨ ମାସର ଦରମା ମଧ୍ୟ ଶିକ୍ଷକଙ୍କୁ ମିଳିପାରି ନାହିଁ। ଦୀର୍ଘ ୬ ମସ ଧରି ଦରମା ମିଳି ନଥିବାରୁ ଶିକ୍ଷକଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ଦେଖାଦେଇଛି। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ମାଧ୍ୟମରେ ୨୦୧୬ ମସିହାରୁ ପର୍ଯ୍ୟାୟକ୍ରମେ ପ୍ରାୟ ୩୨୨୬ ଭୋକେସନାଲ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଥିଓରୀ, ପ୍ରାକ୍ଟିକାଲ୍ ସମେତ ବିଭିନ୍ନ ରେକର୍ଡ ପ୍ରସ୍ତୁତି, ଇଣ୍ଡଷ୍ଟ୍ରି ଭିଜିଟ୍, ଏବଂ ବିଦ୍ୟାଳୟର ବିଭିନ୍ନ ବୈଷୟିକ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ମାତ୍ର ସେମାନଙ୍କୁ ନିୟମିତ ଭାବେ ଦରମା ମିଳୁନଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି।

ସୁନ୍ଦରଗଡ଼ ଜିଲ୍ଲାର ୬୦ରୁ ଊର୍ଦ୍ଧ୍ୱ ଛାତ୍ରାବାସ ଓ ଛାତ୍ରୀନିବାସକୁ ମିଶାଇ ରାଜ୍ୟର ୬୦୦ରୁ ଊର୍ଦ୍ଧ୍ୱ ଅନୁସୂଚୀତ ଜାତି ଓ ଜନଜାତି ସ୍କୁଲ ଛାତ୍ରାବାସର ଅନ୍ତେବାସୀଙ୍କୁ ୬ ମାସ ହେଲା ବୃତ୍ତି ମିଳି ନଥିବା ଅଭିଯୋଗ ହୋଇଛି । ଏହି ଅର୍ଥରାଶି ଗରିବ ପରିବାରର ପିଲାଙ୍କ ଶିକ୍ଷା ଖର୍ଚ୍ଚ, ପୁସ୍ତକ, ଖାତା ଓ ଅନ୍ୟାନ୍ୟ ଆବଶ୍ୟକତା ସହ ଛାତ୍ରାବାସରେ ଖାଦ୍ୟ ସାମଗ୍ରୀ କ୍ରୟ ନିମନ୍ତେ ମଧ୍ୟ ବ୍ୟବହାର ହୋଇଥାଏ। ତେଣୁ ଦୀର୍ଘ ସମୟ ଧରି ଟଙ୍କା ନ ମିଳିବା ଶିକ୍ଷକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି ଓ ଅଭିଭାବକମାନେ ମଧ୍ୟ ଚିନ୍ତିତ ହୋଇପଡ଼ିଛନ୍ତି। ସରକାରଙ୍କ ଦ୍ୱାରା ସିଧାସଳଖ ପରିଚାଳିତ ସ୍କୁଲର ଛାତ୍ରଛାତ୍ରୀଙ୍କୁ ବୃତ୍ତି ମିଳୁଥିବାବେଳେ ଜିଲ୍ଲାସ୍ତରରେ ଅନୁମୋଦିତ ସ୍କୁଲଗୁଡ଼ିକର ଛାତ୍ରଛାତ୍ରୀଙ୍କୁ ଏହି ବୃତ୍ତି ୬ ମାସ ହେଲା ମିଳିନାହିଁ। ଯାହାକୁ ନେଇ ସମସ୍ୟ ସୃଷ୍ଟି ହୋଇଛି । ଗତ ଫେବ୍ରୁଆରୀ ୩ ତାରିଖରେ ଅନୁସୂଚୀତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଏ ସଂକ୍ରାନ୍ତରେ ସବୁ ଜିଲ୍ଲାର କଲ୍ୟାଣ ଅଧିକାରୀଙ୍କୁ ଚିଠି ଲେଖି ୨୦ ତାରିଖ ସୁଦ୍ଧା ଅନୁମତିପ୍ରାପ୍ତ ଛାତ୍ରାବାସ ଓ ଛାତ୍ରୀନିବାସ ଅନ୍ତେବାସୀଙ୍କ ପାକ୍ ମାଟ୍ରିକ୍ ଛାତ୍ରବୃତ୍ତି ସଂକ୍ରାନ୍ତ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ଆର୍ଥିକ ବର୍ଷର ୬ମାସ ବିତିବାକୁ ବସିଥିଲେ ମଧ୍ୟ ଏହି ଅନୁମତିପ୍ରାପ୍ତ ଛାତ୍ରାବାସ ଓ ଛାତ୍ରୀନିବାସ ଅନ୍ତେବାସୀଙ୍କୁ ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି ମିଳିନାହିଁ।

ସେହିପରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ବରିଷ୍ଠ ନାଗରିକମାନଙ୍କୁ ପ୍ରାୟ ୫ ମାସ ଧରି ଭତ୍ତା ଦିଆଯାଇ ନାହିଁ । ପ୍ରଥମେ ବୈଷୟିକ କାରଣରୁ ଏହି ଭତ୍ତା ଦିଆଯାଇ ପାରିନାହିଁ ବୋଲି କୁହାଗଲା। ନିକଟରେ ବିଧାନସଭାରେ ମଧ୍ୟ ବିଭାଗୀୟ ମନ୍ତ୍ରୀ ଏହାକୁ ସ୍ୱୀକାର କରି ବୈଷୟିକ କାରଣ ପ୍ରସଙ୍ଗକୁ ଦୋହରାଇଛନ୍ତି ଓ ଖୁବ୍ ଶୀଘ୍ର ଏହି ଭତ୍ତା ଅର୍ଥ ପ୍ରଦାନ କରାଯିବ ବୋଲି କହିଛନ୍ତି । ଗୋଟିଏ ପରେ ଗୋଟିଏ ବିଭାଗର ଅନୁଦାନ ପ୍ରଦାନରେ ବିଳମ୍ବିତ ହେଉଥିବାରୁ ରାଜ୍ୟ ସରକାର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି କି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି ।

ଆଜି ଓଡ଼ିଶା ବନ୍ଦ

ଭୁବନେଶ୍ୱର, ୨୯।୯(ସମିସ): ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ସମେତ ୬ ଦଫା ଦାବି ନେଇ ନବନିର୍ମାଣ ଯୁବଛାତ୍ର ସଂଗଠନର ଆନ୍ଦୋଳନ ଜାରି ରହିଛି। ସଂଗଠନର ସତ୍ୟାଗ୍ରହ ୪୧ ଦିନରେ ଏବଂ ପ୍ରତିଷ୍ଠାତା ଅକ୍ଷୟ କୁମାରଙ୍କ ଅନିର୍ଦ୍ଦିଷ୍ଟକାଳୀନ ଅନଶନ ୨୪ ଦିନରେ ପହଞ୍ଚିଛି। ଦାବି ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ବୁଧବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ 'ଓଡ଼ିଶା ବନ୍ଦ' ଡାକରା ଦିଆଯାଇଛି।

ମଙ୍ଗଳବାର ସତ୍ୟାଗ୍ରହ ସ୍ଥଳରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅକ୍ଷୟ କୁମାର କହିଥିଲେ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ୧୬୭୮ଟି ତ୍ରୁଟି ଥିବା ସଂଗଠନ ଅଭିଯୋଗ କରିଛି । ଏହି ପ୍ରସଙ୍ଗରେ ଦୀର୍ଘଦିନ ଧରି ଆନ୍ଦୋଳନ ଚାଲିଥିଲେ ମଧ୍ୟ ସରକାର ଆଲୋଚନା ପାଇଁ କୌଣସି ଠୋସ୍ ପଦକ୍ଷେପ ନେଇନଥିବା ସେ ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ବନ୍ଦ ଡାକରା ଦିଆଯାଇଥିବା ସେ କହିଥିଲେ।

ବନ୍ଦକୁ ସଫଳ କରିବା ପାଇଁ ଦୋକାନ ବଜାର ବନ୍ଦ ରଖିବା ସହ ଗାଡ଼ି ଚଳାଚଳ ବନ୍ଦ କରି ସହଯୋଗ କରିବାକୁ ସେ ରାଜ୍ୟବାସୀଙ୍କୁ ନିବେଦନ କରିଥିଲେ। ଏଥିସହ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦିଅନ୍ତୁ କିମ୍ବା ସରକାର ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଅକ୍ଷୟ ଦାବି କରିଥିଲେ। ସଂଗଠନର ରାଜ୍ୟ ସଂଯୋଜକ ଏମ୍‌ଡି ମନୱର ଅଲ୍ଲୀ କହିଥିଲେ, ପାଠ୍ୟପୁସ୍ତକର ତ୍ରୁଟି ଯୋଗୁଁ ବହୁ ଛାତ୍ରଛାତ୍ରୀ ପ୍ରଭାବିତ ହେଉଛନ୍ତି। ସରକାର ଦାବି ପ୍ରତି ଧ୍ୟାନ ନଦେଲେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ। ଛାତ୍ର ଓ ଯୁବକଙ୍କ ସହ ଚାଷୀ, ମୂଲିଆ ଓ ଶ୍ରମିକମାନେ ମଧ୍ୟ ଆନ୍ଦୋଳନରେ ସାମିଲ ହେବେ ବୋଲି ରାଜ୍ୟ ମହିଳା ଆବାହକ ମଧୁମିତା ସାମଲ କହିଥିଲେ। ସାମ୍ବାଦିକ ସମ୍ମିଳନୀରେ ନବନିର୍ମାଣ କୃଷକ ସଂଗଠନର ଉପଦେଷ୍ଟା ଡା. କୁଳମଣି, କୃଷକ ନେତା ସୁରେନ୍ଦ୍ର ମହାରଣା, ପ୍ରସନ୍ନ କଅଁର, ଅମିତି ଜେନା, ସ୍ମୃତି ରଞ୍ଜନ ସାମଲ ଓ ଏସ୍.କେ. ହେଦାଇଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ହାଇକୋର୍ଟରେ ବ୍ରହ୍ମପୁର ନିର୍ବାଚନୀ ମାମଲା

ବିଧାୟକ ଅନିଲ କୁମାରଙ୍କ ଆବେଦନ ଖାରଜ

କଟକ,୨୯।୯(ସମିସ): ଗତ ୨୦୨୪ ସାଧାରଣ ନିର୍ବାଚନରେ ବ୍ରହ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ବିଧାୟକ କେ. ଅନିଲ କୁମାରଙ୍କ ନିର୍ବାଚନକୁ ଚ୍ୟାଲେଞ୍ଜ କରି ଦାୟର ନିର୍ବାଚନୀ ମାମଲାରେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶ ପ୍ରଦାନ କରିଛନ୍ତି। ନିଜର ପୂର୍ବରୁ ଦାଖଲ ଲିଖିତ ଜବାବରେ ନୂତନ ତଥ୍ୟ ଓ ସଂଶୋଧନ ଯୋଡ଼ିବା ପାଇଁ ମାମଲାର ପ୍ରତିପକ୍ଷ ବିଧାୟକଙ୍କ ପକ୍ଷରୁ ଦାୟର ଅନ୍ତରୀଣ ଆବେଦନକୁ ଜଷ୍ଟିସ ଶଶିକାନ୍ତ ମିଶ୍ର ଖାରଜ କରିଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ବ୍ରହ୍ମପୁର ବିଧାନସଭା ଆସନରୁ ବିଜୟୀ ବିଧାୟକ କେ. ଅନିଲ କୁମାର ନିଜର ନାମାଙ୍କନପତ୍ର ଓ ସତ୍ୟପାଠରେ ବହୁ ତଥ୍ୟ ଲୁଚାଇଥିବା ଅଭିଯୋଗ କରି ପରାଜିତ ପ୍ରାର୍ଥୀ ମନୋଜ କୁମାର ପଣ୍ଡା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ନାମାଙ୍କନପତ୍ରର ଫର୍ମ-୨୬ ସତ୍ୟପାଠରେ ବିଧାୟକ ଅଳକାପୁର ମୌଜାର ବିଭିନ୍ନ ପ୍ଲଟରେ ଥିବା ନିଜର ଓ ପରିବାରର ସଂପତ୍ତିର ସଠିକ୍ ତଥ୍ୟ ଦେଇନଥିବା ଅଭିଯୋଗ ହୋଇଥିଲା। ତେବେ ବିଧାୟକଙ୍କ ତରଫରୁ ପୂର୍ବରୁ ଦାଖଲ ହୋଇସାରିଥିବା ଲିଖିତ ଜବାବରେ ନୂଆ ତଥ୍ୟ ଯୋଡ଼ିବା ପାଇଁ ଏକ ଅନ୍ତରୀଣ ଆବେଦନ ଦାୟର କରାଯାଇଥିଲା । କେତେକ ଜମି ବିକ୍ରି ହୋଇସାରିଛି ଏବଂ କିଛି ଅଂଶ ରାସ୍ତା ଭାବେ ବ୍ୟବହୃତ ହେଉଛି। ଏହାସହ ବ୍ୟାଙ୍କ ଆକାଉଣ୍ଟ ଏବଂ ବିନିଯୋଗ ସଂପର୍କିତ ସ୍ପଷ୍ଟୀକରଣ ଅତିରିକ୍ତ ଭାବେ ଦେବାକୁ ଚାହିଁଥିଲେ। ଏହି ସବୁ ତଥ୍ୟ ସେ ପରବର୍ତ୍ତୀ ସମୟରେ ସରକାରୀ ରେକର୍ଡରୁ ପାଇଥିବାରୁ ପୂର୍ବରୁ ଦାଖଲ କରିପାରି ନ ଥିଲେ ବୋଲି ପ୍ରାର୍ଥନା କରିଥିଲେ। ଆବେଦନକାରୀଙ୍କ ଆଇନଜୀବୀ ଯୁକ୍ତି ବାଢ଼ିଥିଲେ ଯେ ସାକ୍ଷ୍ୟପ୍ରମାଣ ଗ୍ରହଣ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ମାମଲାକୁ ବିଳମ୍ବିତ କରିବା ପାଇଁ ଏହି ଆବେଦନ କରାଯାଇଛି, ଯାହା ଆଇନଗତ ଭାବେ ଗ୍ରହଣଯୋଗ୍ୟ ନୁହେଁ। ବିଧାୟକଙ୍କୁ ପୂର୍ବରୁ ଲିଖିତ ଜବାବ ରଖିବା ପାଇଁ ପର୍ଯ୍ୟାପ୍ତ ସମୟ ଦିଆଯାଇଥିଲା। ତେଣୁ ବିଚାରର ଏହି ଅନ୍ତିମ ପର୍ଯ୍ୟାୟରେ ଲିଖିତ ଜବାବରେ ନୂତନ ଆଧାର ଯୋଡ଼ିବା ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ମୂଳ ନିର୍ବାଚନୀ ମାମଲାର ପରବର୍ତ୍ତୀ ଶୁଣାଣି ଏବଂ ଚୂଡ଼ାନ୍ତ ଯୁକ୍ତିପ୍ରମାଣ ପାଇଁ ଆସନ୍ତା ଅକ୍ଟୋବର ୭କୁ ତାରିଖ ଧାର୍ଯ୍ୟ କରାଯାଇଛି।

ନିର୍ବାଚନୀ ଚାନ୍ଦା: ବିଜେଡିକୁ ଶୂନ

ବିଜେପି ଓ କଂଗ୍ରେସ ଦାଖଲ କରିନାହାନ୍ତି ଚାନ୍ଦା ସୂଚନା

ନୂଆଦିଲ୍ଲୀ, ୨୯।୯ (ସମିସ) : ୨୦୨୪-୨୫ ଆର୍ଥିକ ବର୍ଷରେ ବିଜେଡିକୁ ମିଳିଥିଲା ପ୍ରାୟ ୬୦ କୋଟି ଟଙ୍କା ନିର୍ବାଚନୀ ଚାନ୍ଦା। ମାତ୍ର ୨୦୨୫-୨୬ରେ ଦଳକୁ ଗୋଟିଏ ଟଙ୍କା ବି ଚାନ୍ଦା ବା ଆର୍ଥିକ ଅନୁଦାନ ମିଳିନାହିଁ । ନିର୍ବାଚନ କମିଶନଙ୍କ ନିକଟରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଦାଖଲ ହୋଇଥିବା ରିପୋର୍ଟରୁ ଏହି ତଥ୍ୟ ପଦାକୁ ଆସିଛି । ବିଜେଡି କୋଷାଧ୍ୟକ୍ଷ ସୁବାସ ସିଂହ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିଥିବା ଫର୍ମ ୨୪ ଏ ଅନୁସାରେ ବିଜେଡି ଏହି ବର୍ଷ କେଉଁଠାରୁ ଟଙ୍କାଟିଏ ବି ଚାନ୍ଦା ବା ଆର୍ଥିକ ସହାୟତା ପାଇନାହିଁ । ୨୦୨୪ ନିର୍ବାଚନରେ ୨୪ ବର୍ଷର ଶାସନ ପରେ ବିଜେଡି କ୍ଷମତାଚ୍ୟୁତ ହୋଇ ପ୍ରଥମଥର ପାଇଁ ବିଧାନସଭାରେ ବିରୋଧୀ ଦଳ ଭୂମିକାକୁ ଆସିଥିଲା। ଏହା ପରେ ୨୦୨୫-୨୬ ହେଉଛି ଦଳର ପ୍ରଥମ ପୂର୍ଣ୍ଣ ଆର୍ଥିକ ବର୍ଷ। ମାତ୍ର ଏହି ବର୍ଷ ଦଳକୁ କୌଣସି ଆର୍ଥିକ ସହାୟତା ବା ନିର୍ବାଚନ ଚାନ୍ଦା ମିଳିନାହିଁ । ଅନ୍ୟପକ୍ଷରେ ୨୦୨୫-୨୬ ଆର୍ଥିକ ବର୍ଷରେ ଆମ୍ ଆଦମୀ ପାର୍ଟି (ଆପ୍) ୧୨.୦୯ କୋଟି ଟଙ୍କାର ଚାନ୍ଦା ଘୋଷଣା କରିଥିବା ବେଳେ, ପୂର୍ବବର୍ଷ ତୁଳନାରେ ଏହାର ଚାନ୍ଦା ପ୍ରାୟ ୬୮% ହ୍ରାସ ପାଇଛି। ଆପ୍ ଚାନ୍ଦାର ବଡ଼ ଅଂଶ ମାତ୍ର ଦୁଇଟି ଉତ୍ସରୁ ଆସିଛି। ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟ ଏବଂ ଟ୍ରାଇଡେଣ୍ଟ ଲିମିଟେଡ୍ ପ୍ରତ୍ୟେକ ୫ କୋଟି ଟଙ୍କା ଲେଖାଏଁ ଦାନ କରିଛନ୍ତି। ଏହି ଦୁଇ ଉତ୍ସରୁ ମିଳିଥିବା ୧୦ କୋଟି ଟଙ୍କା ଆପ୍‌ର ମୋଟ ୧୨.୦୯ କୋଟି ଚାନ୍ଦାର ପ୍ରାୟ ୮୩%। ପୂର୍ବରୁ ମଧ୍ୟ ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟ ବିଭିନ୍ନ ରାଜନୈତିକ ଦଳକୁ ଦାନ କରୁଥିବା ପ୍ରମୁଖ ଇଲେକ୍ଟୋରାଲ ଟ୍ରଷ୍ଟ ଭାବେ ସାମ୍ନାକୁ ଆସିଛି। ଅନ୍ୟପକ୍ଷରେ ବିଜେପି, କଂଗ୍ରେସ ସମେତ ଅନ୍ୟ ପ୍ରମୁଖ ଦଳଗୁଡ଼ିକର ୨୦୨୫-୨୬ ଅବଦାନ ରିପୋର୍ଟ ଏପର୍ଯ୍ୟନ୍ତ ନିର୍ବାଚନ କମିଶନ ସାର୍ବଜନୀନ କରିନାହାନ୍ତି ।

ରାଜ୍ୟସଭା କ୍ରସଭୋଟିଂ: ହାଇକୋର୍ଟଙ୍କ ଭିନ୍ନ ଖଣ୍ଡପୀଠରେ ହେବ ଶୁଣାଣି

କଟକ,୨୯।୯(ସମିସ): ବିଭିନ୍ନ ସମୟରେ ଦଳୀୟ ହୁଇପକୁ ଅମାନ୍ୟ କରିବା ସହ ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ କରିଥିବା ୮ ବିଜେଡି ବିଧାୟକଙ୍କ ସଭ୍ୟପଦ ରଦ୍ଦ ପ୍ରସଂଗକୁ ନେଇ ରୁଜୁ ମାମଲାର ଶୁଣାଣି ଭିନ୍ନ ଖଣ୍ଡପୀଠରେ ହେବ। ପୂର୍ବରୁ ଏହି ମାମଲାଗୁଡିକର ଶୁଣାଣି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ କରିଆସୁଥିଲେ। ତେବେ ଆଜି ଏହି ମାମଲାଗୁଡିକ ଶୁଣାଣିରୁ ଜଷ୍ଟିସ ପଟ୍ଟନାୟକ ବିରତ ରହିବା ସହ ମୁଖ୍ୟ ବିଚାରପତିଙ୍କ ଅନୁମୋଦନକ୍ରମେ ଏଗୁଡିକ ଅନ୍ୟ ଖଣ୍ଡପୀଠରେ ଶୁଣାଣି କରାଯିବ ବୋଲି କହିଛନ୍ତି। ଏଣୁ ମୁଖ୍ୟ ବିଚାରପତିଙ୍କ ଅନୁମୋଦନ ପରେ କେଉଁ ଖଣ୍ଡପୀଠରେ ଏହାର ଶୁଣାଣି ପାଇଁ ତାଲିକାଭୁକ୍ତ ହେବ ତାହା ଆଗାମୀ ଦିନରେ ଜଣାପଡିବ।

ପ୍ରକାଶଥାଉକି, ଗତ ଶୁଣାଣି ବେଳେ ତିନିଟି ପିଟିସନରେ ପକ୍ଷଭୁକ୍ତ ହୋଇଥିବା ୩ ବିଧାୟକ ଅରବିନ୍ଦ ମହାପାତ୍ର, ସୌଭିକ ବିଶ୍ୱାଳ ଓ ସନାତନ ମହାକୁଡ଼ଙ୍କ ସମେତ ବିଧାନସଭା ସଚିବଙ୍କୁ ସତ୍ୟପାଠ ମାଧ୍ୟମରେ ଜବାବ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଏଥିପୂର୍ବରୁ ବିଧାୟକ ଚକ୍ରମଣି କଅଁର ଓ ସୁବାସିନୀ ଜେନା ପକ୍ଷଭୁକ୍ତ ହୋଇଥିବା ମାମଲାରେ ବିଧାନସଭା ବାଚସ୍ପତିଙ୍କୁ ମଧ୍ୟ ହାଇକୋର୍ଟ ଜବାବତଲବ କରିଥିଲେ। ମାମଲାରୁ ପ୍ରକାଶ ଯେ ବିଜେଡିରୁ ନିଲମ୍ବିତ ବିଧାୟକ ଅରବିନ୍ଦ ମହାପାତ୍ର, ସନାତନ ମହାକୁଡ଼ଙ୍କ ସମେତ ନବକିଶୋର ମଲ୍ଲିକ, ଦେବୀରଞ୍ଜନ ତ୍ରିପାଠୀ, ସୋ÷ଭିକ ବିଶ୍ୱାଳ, ରମାକାନ୍ତ ଭୋଇ, ସୁବାସିନୀ ଜେନା, ଚକ୍ରମଣି କହଁରଙ୍କ ସଭ୍ୟପଦ ରଦ୍ଦ ପ୍ରସଂଗ ନେଇ ଆବେଦନ ଗୁଡ଼ିକୁ ଖାରଜ କରି ବିଧାନସଭା ବାଚସ୍ପତି ପ୍ରଦାନ କରିଥିବା ନିର୍ଦ୍ଦେଶ ବିରୋଧରେ ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ୮ ଗୋଟି ପିଟିସନ ରୁଜୁ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଦଳର ହ୍ୱିପ ମାନି ନଥିବା ଓ ଦଳ ବିରୋଧୀ କାର୍ଯ୍ୟରେ ସଂପୃକ୍ତ ଥିବା ଅଭିଯୋଗ ଆଣି ୮ ଜଣ ବିଧାୟକଙ୍କ ବିରୋଧରେ ବାଚସ୍ପତିଙ୍କ ନିକଟରେ ଦାଖଲ ପିଟିସନକୁ ବିନା ଶୁଣାଣିରେ ଖାରଜ କରାଯାଇଥିଲା। ଆବେଦନକାରୀଙ୍କୁ ପକ୍ଷ ରଖିବାକୁ ସୁଯୋଗ ନ ଦେଇ ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଂଗ ସଂପର୍କିତ ପିଟିସନ ଖାରଜ କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ଖାରଜ ନିର୍ଦ୍ଦେଶ ସଂପର୍କିତ ଓଡ଼ିଶା ବିଧାନସଭା ସଚିବାଳୟର ଗତ ୨୦୨୬ ଜୁନ ୧୯ର ବିଜ୍ଞପ୍ତିକୁ ରଦ୍ଦ କରାଯାଉ ବୋଲି ଆବେଦନରେ ନିବେଦନ କରାଯାଇଛି। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମିଳନ କାନୁନଗୋ ଓ ଆଇନଜୀବୀ ଆଶିଷ କୁମାର ମିଶ୍ର ମାମଲା ପରିଚାଳନା କରୁଛନ୍ତି।

ସୁପ୍ରିମ୍‌କୋର୍ଟରେ ଡିଜିପି ଚୟନ ମାମଲା

ଶୁଣାଣି ଶେଷ, ଅକ୍ଟୋବର ୮ରେ ରାୟ

ଭୁବନେଶ୍ୱର, ୨୯।୯(ସମିସ): ଓଡ଼ିଶା ଡିଜିପି ଚୟନକୁ ନେଇ ସୁପ୍ରିମ୍‌କୋର୍ଟରେ ଚାଲିଥିବା ମାମଲାର ଶୁଣାଣି ମଙ୍ଗଳବାର ଶେଷ ହୋଇଛି। ମାମଲା ସହ ଜଡ଼ିତ ସମସ୍ତ ପକ୍ଷ ନିଜ ନିଜ ଯୁକ୍ତି ଉପସ୍ଥାପନ କରିବା ପରେ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ୍ ଭି. ମୋହନଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ ରାୟ ପାଇଁ ଅକ୍ଟୋବର ୮ରେ ମାମଲା ତାଲିକାଭୁକ୍ତ କରିଛନ୍ତି। ଫଳରେ ସେହିଦିନ ଡିଜିପି ଚୟନକୁ ନେଇ ଚାଲିଥିବା ସସ୍‌ପେନ୍ସ ଦୂର ହେବାର ସମ୍ଭାବନା ରହିଛି।

> **ପକ୍ଷ ରଖିଲେ ରାଜ୍ୟ ସରକାର, ୟୁପିଏସ୍‌ସି; ଚୟନ ପ୍ରକ୍ରିୟାକୁ ନେଇ ଅଦାଲତଙ୍କ ପ୍ରଶ୍ନ**

ପୂର୍ବ ଶୁଣାଣିରେ ବରିଷ୍ଠ ଓକିଲ ପି. ଚିଦାମ୍ବରମ, କରୁଣା ନନ୍ଦୀ, ପ୍ରଶାନ୍ତ ଭୂଷଣ ଓ ଆମିକସ୍ କ୍ୟୁରି ରାଜୁ ରାମଚନ୍ଦ୍ରନଙ୍କ ପକ୍ଷ ଶୁଣିଥିଲେ ଖଣ୍ଡପୀଠ। ମଙ୍ଗଳବାର ରାଜ୍ୟ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା ଏବଂ ୟୁପିଏସ୍‌ସି ନିଜ ନିଜ ପକ୍ଷ ରଖିଥିଲେ।

ଶ୍ରୀ ମେହେଟ୍ଟା କହିଥିଲେ, ଓଡ଼ିଶା ଏକ ଛୋଟ ରାଜ୍ୟ ହୋଇଥିବାରୁ ଡିଜି ପାହ୍ୟାରେ ମାତ୍ର ଦୁଇଟି କ୍ୟାଡର ଓ ଦୁଇଟି ଏକ୍ସ-କ୍ୟାଡର ପଦବୀ ରହିଛି। ତତ୍କାଳୀନ ଡିଜିପି ଯୋଗେଶ ବାହାଦୂର ଖୁରାନିଆ ଅଗଷ୍ଟ ୧୬ରେ ଏବଂ ବରିଷ୍ଠ ଆଇପିଏସ୍ ବିନୟତୋଷ ମିଶ୍ର ନଭେମ୍ବର ୩୦ରେ ଅବସର ନେବେ। ତେଣୁ ରାଜ୍ୟ କେବଳ ତିନିଜଣଙ୍କ ନାମ ପଠାଇଥାନ୍ତା ହେଲେ ୟୁପିଏସ୍‌ସି ନିକଟରେ ପ୍ରକୃତ ଚୟନ ପାଇଁ ବିକଳ୍ପ ରହିନଥାନ୍ତା ବୋଲି ସେ ଯୁକ୍ତି ଦର୍ଶାଇଥିଲେ।

୧୯୯୪ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ସଞ୍ଜିବ ପଣ୍ଡା ଓ ଯଶୱନ୍ତ କୁମାର ଜେଠୱା ୨୦୨୪ ଜାନୁଆରୀ ୧ରୁ ଲେଭଲ୍-୧୬ ପାଇଁ ଯୋଗ୍ୟ ଥିଲେ। ତାଙ୍କ ପଦୋନ୍ନତି ପାଇଁ ୨୦୨୪ରୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଏବଂ ୨୦୨୬ ଅଗଷ୍ଟ ୧୦ରେ ରାଜ୍ୟ ସ୍କ୍ରିନିଂ କମିଟି ଉଭୟଙ୍କୁ ପଦୋନ୍ନତି ଦେଇଥିବା ରାଜ୍ୟ ପକ୍ଷରୁ କୁହାଯାଇଥିଲା। ପଦବୀ ଖାଲି ହେବା ବେଳକୁ ସେମାନେ ଲେଭଲ୍-୧୬ରେ ଥିବାରୁ ତାଙ୍କ ନାମ ବିଚାରକୁ ନିଆଯିବା ଯୁକ୍ତିସଙ୍ଗତ ବୋଲି ଶ୍ରୀ ମେହେଟ୍ଟା କହିଥିଲେ।

ତେବେ ଖଣ୍ଡପୀଠ କହିଥିଲେ, ପ୍ରିୟ ବା ଅପ୍ରିୟ କଥା ନୁହେଁ, ମୁଖ୍ୟ ପ୍ରଶ୍ନ ହେଉଛି ନିୟମ ଓ ନିର୍ଦ୍ଧାରିତ ପ୍ରକ୍ରିୟା ପାଳନ ହୋଇଛି କି ନାହିଁ। ମଇ ମାସରେ ପ୍ରସ୍ତାବ ପଠାଯିବା ପରେ ଅଗଷ୍ଟ ୧୦ରେ ପଦୋନ୍ନତି ଦେଇ ନୂଆ ନାମକୁ ପୁରୁଣା ତାଲିକାରେ ଯୋଡ଼ିବା ପ୍ରକ୍ରିୟାକୁ ନେଇ ଖଣ୍ଡପୀଠ ପ୍ରଶ୍ନ ଉଠାଇଥିଲେ। ଏପରି ପରିସ୍ଥିତିରେ ସୁପ୍ରିମ୍‌କୋର୍ଟଙ୍କ ଅନୁମତି ନିଆଯିବା ଆବଶ୍ୟକ ଥିଲା ବୋଲି ଖଣ୍ଡପୀଠ ମତ ଦେଇଥିଲେ।

ଅନ୍ୟପକ୍ଷରେ, ୟୁପିଏସ୍‌ସି ନିୟମାବଳୀର ଧାରା ୨(କ) ଓ ୨(ଖ)ର ଅନୁପାଳନକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା। ନିୟମ ଅନୁସାରେ ପଦବୀ ଖାଲି ହେବାର ତିନିମାସ ପୂର୍ବରୁ ଲେଭଲ୍-୧୬ର ଯୋଗ୍ୟ ଅଧିକାରୀଙ୍କ ତାଲିକା ୟୁପିଏସ୍‌ସିକୁ ପଠାଇବା କଥା। ଲେଭଲ୍-୧୫ ଓ ୧୬ର ଅଧିକାରୀଙ୍କ ନାମକୁ ଏକାଠି ପଠାଯାଇଥିବା ପ୍ରସଙ୍ଗ ମଧ୍ୟ ଶୁଣାଣିରେ ଉଠିଥିଲା।

ସେହିପରି ଆଇପିଏସ୍ ଅଧିକାରୀ ସୁଶାନ୍ତ କୁମାର ନାଥଙ୍କ 'ଇଣ୍ଟିଗ୍ରିଟି ସାର୍ଟିଫିକେଟ୍'କୁ ନେଇ ମଧ୍ୟ ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ସିବିଆଇ ଚିଠିରେ ତାଙ୍କ ବିରୋଧରେ କୌଣସି ଏଫ୍‌ଆଇଆର୍ ନଥିବା କିମ୍ବା ସେ ଅଭିଯୁକ୍ତ ନଥିବା ଖଣ୍ଡପୀଠ ଉଲ୍ଲେଖ କରିଥିଲେ। କେବଳ ସମ୍ଭାବ୍ୟ ତଦନ୍ତ ସମ୍ପର୍କିତ ଚିଠି ଆଧାରରେ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ପ୍ରତ୍ୟାହାର କରିବାରେ ବ୍ୟାପକ ବିଚାରଧୀନ କ୍ଷମତା ଦିଆଯାଇଲେ ତାହାର ଅପବ୍ୟବହାର ହୋଇପାରେ ବୋଲି ଖଣ୍ଡପୀଠ କହିଥିଲେ।

ସୁଶାନ୍ତ ନାଥଙ୍କ ପକ୍ଷରୁ ବରିଷ୍ଠ ଓକିଲ କରୁଣା ନନ୍ଦୀ କହିଥିଲେ, ଚିଟ୍‌ଫଣ୍ଡ ମାମଲାରେ ସିବିଆଇ ପଚରାଉଚରା କରିଥିବା ଅନ୍ୟ ଅଧିକାରୀଙ୍କୁ ସରକାର ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ଦେଇଥିଲେ ମଧ୍ୟ ନାଥଙ୍କ କ୍ଷେତ୍ରରେ ଭିନ୍ନ ଆଭିମୁଖ୍ୟ ନିଆଯାଇଛି। ଏହାକୁ ଶ୍ରୀ ମେହେଟ୍ଟା ଖଣ୍ଡନ କରି କହିଥିଲେ ଯେ, ଉକ୍ତ ମାମଲା ଦଶନ୍ଧି ପୁରୁଣା ଏବଂ ସେଥିରେ ସମ୍ପୃକ୍ତ ଅଧିକାରୀଙ୍କ କୌଣସି ଭୂମିକା ନାହିଁ।

ଡରରେ ବିଧାନସଭାକୁ ଚାରି ଦିନ ଆଗରୁ ବନ୍ଦ କଲେ ସରକାର: ବିଜେଡି

ଭୁବନେଶ୍ୱର,୨୯।୯(ସମିସ): ସଂଶୋଧିତ ଏମଏମଡିଆର ଆଇନର ପ୍ରତ୍ୟାହାର ଦାବିରେ ବିଜେଡି ଦ୍ୱାରା ଲୋୟର ପିଏମଜି ଠାରେ ଆୟୋଜିତ ହୋଇଥିବା ଗଣବିକ୍ଷୋଭ କାର୍ଯ୍ୟକ୍ରମକୁ ବିପୁଳ ଜନ ସମର୍ଥନ ମିଳିବାରୁ ରାଜ୍ୟ ସରକାର ଭୟଭୀତ ହୋଇ ବିଧାନସଭାର କାର୍ଯ୍ୟକାଳ ଚାରି ଦିନ ପୂର୍ବରୁ ବାତିଲ କରିଦେଇଛନ୍ତି ଅଭିଯୋଗ କରିଛି ବିଜେଡି । ଏହାଛଡା ଏହି ଗଣବିକ୍ଷୋଭ କାର୍ଯ୍ୟକ୍ରମକୁ ବିପୁଳ ସମର୍ଥନ ଦେଇଥିବା ଜନସାଧାରଣଙ୍କୁ ବିଜେଡି କୃତଜ୍ଞତା ଜଣାଇଛି।

- ବିଜେଡିର ବିକ୍ଷୋଭକୁ ବିପୁଳ ଜନ ସମର୍ଥନ ପାଇଁ ରାଜ୍ୟବାସୀଙ୍କୁ କୃତଜ୍ଞତା
- ସଂଶୋଧିତ ଖଣି ଆଇନର ପ୍ରତ୍ୟାହାର ଦାବି ଆହୁରି ଜୋରଦାର କରାଯିବ

ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକଡ. ଅରୁଣ କୁମାର ସାହୁ, ପିଏସି ସଦସ୍ୟା ଟୁକୁନି ସାହୁ, ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ କୁମାର ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ଦଳର ଗଣବିକ୍ଷୋଭ କାର୍ଯ୍ୟକ୍ରମକୁ ବିପୁଳ ଜନ ସମର୍ଥନ ମିଳିଥିବାରୁ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହାସହ ବିଧାନସଭାକୁ ଚାରି ଦିନ ପୂର୍ବରୁ ବନ୍ଦ କରିଥିବାରୁ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି। ବିଜେଡିର ନେତୃବୃନ୍ଦମାନେ କହିଥିଲେ ଯେ ଏମଏମଡିଆର ସଂଶୋଧନ ଆଇନ ଓଡ଼ିଶାକୁ ବିପୁଳ କ୍ଷତି ପହଞ୍ଚାଇବ ବୋଲି ବିଜୁ ଜନତା ଦଳ ପକ୍ଷରୁ ପ୍ରଥମ ଦିନରୁ କୁହାଯାଇ ଆସୁଛି । ଖଣିରୁ ଟିକସ ଆକାରରେ ଆଦାୟ ହେବାକୁ ଥିବା ବକେୟା ବାବଦକୁ ୧ ଲକ୍ଷ କୋଟି ଟଙ୍କା ଓ ଖଣି ରାଜସ୍ୱ ବାବଦକୁ ବର୍ଷକୁ ପ୍ରାୟ ୧୨ ହଜାର କୋଟି ଟଙ୍କା କ୍ଷତି ଓଡ଼ିଶା ସହିବ ବୋଲି ବିଜେଡିର ଦାବି ସହ ଅନ୍ୟ ବିରୋଧୀ ମଧ୍ୟ ସହମତ। କିନ୍ତୁ ସରକାରରେ ଥିବା ବିଜେପି ଏହା କ୍ଷତି ନୁହେଁ ବରଂ ଲାଭ ହେବ ବୋଲି କହୁଛି । ଯେହେତୁ ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ରାଜ୍ୟ ବିଧାନସଭାରେ ଏହା ଉପରେ ଆଲୋଚନା ପାଇଁ ବିଜେଡି ପକ୍ଷରୁ ଏକ ମୋସନ ଦାଖଲ କରାଯାଇଥିଲା । ଯେହେତୁ ସଂଶୋଧିତ ଏମଏମଡିଆର ଆଇନ ଯୋଗୁଁ ରାଜ୍ୟର କ୍ଷତି ନୁହେଁ ଲାଭ ହେବ ବୋଲି ବିଜେପି ଦାବି କରୁଛି, ବିଜେପି ପକ୍ଷରୁ କେନ୍ଦ୍ର ସରକାରଙ୍କ ସପକ୍ଷରେ ଧନ୍ୟବାଦ ପ୍ରସ୍ତାବ ଆଣୁ ଆମେ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ବିଜେଡି କହିଥିଲା । କିନ୍ତୁ ବିଜେଡି ଦ୍ୱାରା ଦିଆଯାଇଥିବା କୌଣସି ପ୍ରସ୍ତାବକୁ ରାଜ୍ୟ ସରକାର ଗ୍ରହଣ କରିନଥିଲେ। ସୋମବାର ଦିନ ଲୋୟର ପିଏମଜି ଠାରେ ସଂଶୋଧିତ ଏମଏମଡିଆର ଆଇନ ପ୍ରତ୍ୟାହାର ଦାବିରେ ଆୟୋଜିତ ଗଣବିକ୍ଷୋଭ କାର୍ଯ୍ୟକ୍ରମକୁ ରାଜ୍ୟବାସୀଙ୍କ ବିପୁଳ ଜନ ସମର୍ଥନ ମିଳିବାରୁ, ଭୟଭୀତ ହୋଇ ରାଜ୍ୟ ସରକାର ବିଧାନସଭାକୁ ଚାରି ଦିନ ପୂର୍ବରୁ ବନ୍ଦ କରିଦେଲେ। ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଏମଏମଡିଆର ସଂଶୋଧନ ଆଇନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ରାଜ୍ୟ ବିଧାନସଭାରେ ଆଲୋଚନା ହୋଇ ନପାରିବା, ବାସ୍ତବରେ ଦୁର୍ଭାଗ୍ୟଜନକ। ବିଧାନସଭାରେ ଆଲୋଚନା କରେଇ ନଦେଲେ ମଧ୍ୟ ବିଜେଡି ଏହି ପ୍ରସଙ୍ଗରେ ଚୁପ୍ ବସିବ ନାହିଁ । ଏହି ପ୍ରସଙ୍ଗରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ଦଳ ଚେତାବନୀ ଦେଇଛି ।

ଗାନ୍ଧୀମାର୍ଗରେ ଇଣ୍ଡିଆ ମେଣ୍ଟର ଗର୍ଜନ

ଏମ୍ଏମ୍ଡିଆର୍ ସଂଶୋଧନ ଆଇନ ବାତିଲ ଦାବି; ୮ ଅକ୍ଟୋବରରେ ଓଡ଼ିଶା ବନ୍ଦ ଡାକରା

ଭୁବନେଶ୍ୱର, ୨୯।୯(ସମିସ): ସଂଶୋଧିତ ଏମ୍ଏମ୍ଡିଆର୍ ଆଇନ ବାତିଲ ସମେତ ବିଭିନ୍ନ ଦାବି ନେଇ ମଙ୍ଗଳବାର ଭୁବନେଶ୍ୱର ଗାନ୍ଧୀମାର୍ଗରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ବିଶାଳ ଜନଗର୍ଜନ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ଦଳର ନେତା, କର୍ମୀଙ୍କ ସମେତ ଶ୍ରମିକ, କୃଷକ, ଯୁବ, ଛାତ୍ର, ମହିଳା, ଆଦିବାସୀ, ଦଳିତ ଓ ସାଧାରଣ ଲୋକ ସାମିଲ ହୋଇଥିଲେ। ସମାବେଶ ପରେ ବିଧାନସଭା ଅଭିମୁଖେ ଯିବା ବେଳେ ପୁଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା।

ଇଣ୍ଡିଆ ମେଣ୍ଟ ପକ୍ଷରୁ ଓଡ଼ିଶାର ଖଣିଜ ସମ୍ପଦ ଓ ରାଜ୍ୟର ଅଧିକାର ଉପରେ କେନ୍ଦ୍ରୀୟ ହସ୍ତକ୍ଷେପ ବନ୍ଦ କରିବା ସହ ଏମ୍ଏମ୍ଡିଆର୍ (ସଂଶୋଧନ) ଆଇନ, ୨୦୨୬ ସମ୍ପୂର୍ଣ୍ଣ ବାତିଲ, ନିର୍ବାଚନ ପ୍ରକ୍ରିୟା ଓ ଭୋଟର ତାଲିକା ସମ୍ପର୍କିତ ଅଭିଯୋଗର ତଦନ୍ତ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ପର୍ଯ୍ୟାପ୍ତ ସରକାରୀ ସହାୟତା ପ୍ରଦାନ ଆଦି ଦାବି ଉଠାଯାଇଥିଲା। ଇଣ୍ଡିଆ ମେଣ୍ଟ ନେତାମାନେ କହିଥିଲେ, ଓଡ଼ିଶାର ଖଣିଜ ସମ୍ପଦ, ରାଜ୍ୟର ଅଧିକାର, ଗଣତାନ୍ତ୍ରିକ ଅଧିକାର, ଶିକ୍ଷା ଓ ଜନଜୀବନର ସୁରକ୍ଷା ପାଇଁ ଆନ୍ଦୋଳନ ଆହୁରି ବ୍ୟାପକ କରାଯିବ। କେବଳ ବିଧାନସଭା ଭିତରେ ଆଲୋଚନାରେ ସୀମିତ ନରହି ଜନସାଧାରଣଙ୍କୁ ନେଇ ରାସ୍ତାକୁ ଓହ୍ଲାଇ ସରକାରଙ୍କ ଉପରେ ଚାପ ସୃଷ୍ଟି କରାଯିବ ବୋଲି ସେମାନେ କହିଥିଲେ। ବିଧାନସଭା ଅଧିବେଶନ ଶେଷ ହେବା ପୂର୍ବରୁ ବିଧାନସଭା ବନ୍ଦ କରିଦେବା ଗଣତନ୍ତ୍ର ପ୍ରତି ଅବମାନନା ବୋଲି ମଧ୍ୟ ନେତାମାନେ ଅଭିଯୋଗ କରିଥିଲେ। ସମାବେଶ ପରେ ଇଣ୍ଡିଆ ମେଣ୍ଟର ନେତାମାନେ ବିଧାନସଭା ଅଭିମୁଖେ ଅଗ୍ରସର ହୋଇଥିଲେ। ଏହି ସମୟରେ ପୁଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। କେତେକ ନେତାଙ୍କୁ ପୁଲିସ ଅଟକ ରଖିଥିଲା। ଏହି ଘଟଣାକୁ ନେଇ ଉଭୟ ପକ୍ଷରୁ ମତପ୍ରକାଶ କରାଯାଇଛି।

ଇଣ୍ଡିଆ ମେଣ୍ଟ ପକ୍ଷରୁ ଆସନ୍ତା ୮ ଅକ୍ଟୋବରରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଖଣିଜ ସମ୍ପଦ ଓ ରାଜ୍ୟର ଅଧିକାରର ସୁରକ୍ଷା, ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା, ଶିକ୍ଷା ଓ ଜନଜୀବନର ସୁରକ୍ଷା ସହ ବନ୍ୟା ପୀଡ଼ିତଙ୍କ ନ୍ୟାୟସଙ୍ଗତ ସହାୟତା ଦାବିରେ ବନ୍ଦକୁ ସଫଳ କରିବାକୁ ନେତାମାନେ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ କଂଗ୍ରେସ ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସ, ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ(ଏମ୍ଏଲ୍) ଲିବରେସନ୍ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଏନ୍‌ସିପି(ଏସ୍‌ପି) ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ଶିବ ହାତୀ ଯାଦବ ଓ ଆର୍‌ଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାରଙ୍କ ସମେତ ବିଭିନ୍ନ ଦଳର ନେତା ଉପସ୍ଥିତ ଥିଲେ।

କୁମକା ଗ୍ରାମକୁ ଗ୍ରହଣ କଲା ରୋଟାରୀ କ୍ଲବ୍ ଅଫ୍ ସମ୍ବଲପୁର ଗ୍ରେଟର

ସମ୍ବଲପୁର, ୨୯।୯ (ସମିସ): ରୋଟାରୀ କ୍ଲବ୍ ଅଫ୍ ସମ୍ବଲପୁର ଗ୍ରେଟର ପକ୍ଷରୁ ଯୁଯୁମୁରା ବ୍ଲକ ଅଧୀନ ନୂଆବରଙ୍ଗମାଳ ପଞ୍ଚାୟତର କୁମକା ଗ୍ରାମକୁ ରୋଟାରୀ କମ୍ୟୁନିଟି କର୍ପସ (ଆରସିସି) ପଦକ୍ଷେପଅଧୀନରେ ଗ୍ରହଣ କରାଯାଇଛି। କୁମକା ଗ୍ରାମରେ ସ୍ଥାନୀୟ ଭାବେ ଚିହ୍ନଟ ହୋଇଥିବା କିଡ୍‌ନୀ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସମସ୍ୟାକୁ ଏକ ପ୍ରମୁଖ ଚିନ୍ତାର ବିଷୟ ଭାବେ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗ୍ରାମରେ ସ୍ୱାସ୍ଥ୍ୟ ସଚେତନତା, ପ୍ରାଥମିକ ସ୍ୱାସ୍ଥ୍ୟ ଯାଞ୍ଚ, ଆବଶ୍ୟକ ସ୍ୱାସ୍ଥ୍ୟ ପରାମର୍ଶ ଓ ସମ୍ଭାବ୍ୟ ସ୍ୱାସ୍ଥ୍ୟ ଝୁମ୍ପକୁ ଚିହ୍ନଟକରିବା ଦିଗରେ ରୋଟାରୀ ପକ୍ଷରୁ ପଦକ୍ଷେପ ନିଆଯିବ। ଏହା ସହିତ ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ, ପରିବେଶ, ଜୀବିକା ଓ ସାମାଜିକ ବିକାଶ ଭଳି ବିଭିନ୍ନ କ୍ଷେତ୍ରକୁ ନେଇ ଗ୍ରାମର ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରାଯିବ। ଏହି ଅଭିଯାନର ଆରସିସି ଚେୟାର ଭାବେ ରୋଟାରିଆନ୍ ସନ୍ତୋଷ ରାଓ ଦାୟିତ୍ୱ ନେଇଛନ୍ତି। ସେ ଗ୍ରାମବାସୀ, ଆରସିସି ସଦସ୍ୟ ଓ ରୋଟାରୀ କ୍ଲବ୍‌ର ବିଭିନ୍ନ ପ୍ରକଳ୍ପ ଟିମ୍ ସହ ସମନ୍ୱୟ ରକ୍ଷା କରି ଏହି ପଦକ୍ଷେପକୁ ଆଗେଇ ନେବେ। ରୋଟାରୀ କ୍ଲବ୍ ଅଫ୍ ସମ୍ବଲପୁର ଗ୍ରେଟରର ସଭାପତି ରୋଟାରିଆନ୍ ଜିଜି ଜୋସେଫ୍ କହିଛନ୍ତି ଯେ, କୁମକା ଗ୍ରାମକୁ ଗ୍ରହଣ କରିବା ରୋଟାରୀର ତୃଣମୂଳସ୍ତରରେ ସେବା ଓ ସ୍ଥାୟୀ ପରିବର୍ତ୍ତନ ଆଣିବା ପ୍ରତିବଦ୍ଧତାର ଏକ ଅଂଶ। କ୍ଲବ୍‌ର ସମ୍ପାଦକ ରୋଟାରିଆନ୍ ଲକ୍ଷ୍ମୀକାନ୍ତ ମହାପାତ୍ର କହିଛନ୍ତି ଯେ, ଗ୍ରାମର ପ୍ରକୃତ

ସମସ୍ୟାକୁ ଚିହ୍ନଟ କରି ସମୁଦାୟର ସହଭାଗିତାରେ ସମାଧାନର ରାସ୍ତା ଖୋଜିବା ଆରସିସି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। କିଡନୀ ସମ୍ବନ୍ଧୀୟ ସମସ୍ୟା ଉପରେ ଆବଶ୍ୟକ ସ୍ୱାସ୍ଥ୍ୟ ଯାଞ୍ଚ ଓ ବିଶେଷଜ୍ଞ ପରାମର୍ଶ ପାଇଁ ସମ୍ପୃକ୍ତ ବିଭାଗ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହଯୋଗ ନିଆଯିବ ବୋଲି ସେ କହିଛନ୍ତି। ପ୍ରାରମ୍ଭିକ କାର୍ଯ୍ୟକ୍ରମ ଭାବେ ଗ୍ରାମରେ ପ୍ରଥମ ସଭା ଓ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

ବିକାଶ ହେଉ; କିନ୍ତୁ ଜୀବିକା ଛଡ଼ାଇ ନୁହେଁ

'ବିକଳ୍ପ ବ୍ୟବସ୍ଥା ପରେ ଉଚ୍ଛେଦ ହେଉ'

ସମ୍ବଲପୁର, ୨୯।୯ (ସମିସ)

ସମ୍ବଲପୁର ସହରର ସୌନ୍ଦର୍ଯ୍ୟକରଣ ଓ ଉନ୍ନତୀକରଣ ଟ୍ରାଫିକ୍ ସମସ୍ୟା ସମାଧାନ ନାମରେ ଛୋଟ ଦୋକାନୀ, ଉଠାଦୋକାନୀ ଓ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ବିକଳ୍ପ ବ୍ୟବସ୍ଥା ନକରି ଉଚ୍ଛେଦ କରାଯାଉଥିବା ଯୋଗୁଁ ଶତାଧିକ ବ୍ୟବସାୟୀ ନିଜର ଜୀବିକା ହରାଉଛନ୍ତି ବୋଲି ବିଜେଡି ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାଫଳରେ ଦୈନିକ ଜୀବିକା ଉପରେ ସିଧାସଳଖ ପ୍ରଭାବ ପଡ଼ିବାସହ ଅନେକ ପରିବାରର ଜୀବନଜୀବିକା ଗୁରୁତର ଭାବେ ପ୍ରଭାବିତ ହେଉଛି। ସେ କହିଛନ୍ତି ଯେ, ସହରର ବିକାଶ ଓ ସୌନ୍ଦର୍ଯ୍ୟକରଣ ଆବଶ୍ୟକ, କିନ୍ତୁ ବିକାଶର ନାମରେ ବର୍ଷ ବର୍ଷ ଧରି ଛୋଟ ବ୍ୟବସାୟ କରି ପରିବାର ପୋଷଣ କରୁଥିବା ଲୋକଙ୍କ ଜୀବିକାକୁ ଅନିଶ୍ଚିତତା ମଧ୍ୟକୁ ଠେଲିଦେବା ଗ୍ରହଣୀୟ ନୁହେଁ। ଦୋକାନ ଉଚ୍ଛେଦ ହେବା ପରେ ବିକଳ୍ପ ବ୍ୟବସାୟିକ ସ୍ଥାନ ନମିଳିବାରୁ ଅନେକ କ୍ଷୁଦ୍ର ବ୍ୟବସାୟୀ ଆର୍ଥିକ ସମସ୍ୟାରେ ପଡୁଛନ୍ତି ଏବଂ ଏହାର ପ୍ରଭାବ ସେମାନଙ୍କ ପରିବାର ଉପରେ ପଡୁଛି। ଋଣ କରି ବ୍ୟବସାୟ କରି ଚଳୁଥିବା ପରିବାର ବର୍ତ୍ତମାନ ଋଣ ଗ୍ରସ୍ତର ଶିକାର ହେଉଛନ୍ତି। ସମ୍ବଲପୁରର ଜନପ୍ରତିନିଧି ଓ ପ୍ରଶାସନ ଅଧିକାରୀମାନେ ବିଭିନ୍ନ ସମୟରେ ଛୋଟ ବ୍ୟବସାୟୀଙ୍କ ସମସ୍ୟାର ସମାଧାନ ନେଇ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ତାହାର ଦୃଶ୍ୟମାନ କାର୍ଯ୍ୟାନୁଷ୍ଠାନ ନ ହେବା ନେଇ ବ୍ୟବସାୟୀମାନଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ପ୍ରତିଶ୍ରୁତି ଦେବା ବଦଳରେ ପ୍ରଥମେ ବ୍ୟବସ୍ଥିତ ଭାବରେ ଅବସ୍ଥାପିତ କରିବାର ଆବଶ୍ୟକ ଥିଲା। ଶ୍ରୀ ମହାନ୍ତି ଏହି ପରିପେକ୍ଷୀରେ ପ୍ରଶାସନ ନିକଟରେ ଦାବି କରିଛନ୍ତି ଯେ, ପ୍ରଶାସନ ଉଚ୍ଛେଦ ପୂର୍ବରୁ ପ୍ରତ୍ୟେକ ପ୍ରଭାବିତ ଦୋକାନୀଙ୍କ ପାଇଁ ଉପଯୁକ୍ତ ବିକଳ୍ପ ସ୍ଥାନ ଚିହ୍ନଟ କରାଯାଉ। ଯୋଜନାବଦ୍ଧ ଭାବେ ଛୋଟ ମାର୍କେଟ କମ୍ପ୍ଲେକ୍ସ କିମ୍ବା ଦୋକାନ ଘର ନିର୍ମାଣ କରାଯାଉ। ବିକଳ୍ପ ସ୍ଥାନରେ ପାଣି, ବିଦ୍ୟୁତ, ରାସ୍ତା ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇ ଦିଆଯାଉ। ପ୍ରଭାବିତ ଛୋଟ ବ୍ୟବସାୟୀଙ୍କ ସହ ଆଲୋଚନା କରି ଉଚ୍ଛେଦ ଓ ପୁନର୍ବାସର ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରାଯାଉ। ସେ କହିଛନ୍ତି, ସହରର ବିକାଶ ଲୋକଙ୍କ ପାଇଁ ହେବା ଉଚିତ, ଲୋକଙ୍କ ଜୀବିକା ଛଡ଼ାଇ ନେଇ ନୁହେଁ। ପ୍ରଥମେ ବିକଳ୍ପ ବ୍ୟବସାୟିକ ବ୍ୟବସ୍ଥା, ତା'ପରେ ଉଚ୍ଛେଦ ଏହି ନୀତିରେ ପ୍ରଶାସନ କାର୍ଯ୍ୟ କରିବା ଆବଶ୍ୟକ।

ପ୍ରେସ୍‌କ୍ଲବ୍ ପକ୍ଷରୁ ରକ୍ତ ଭଣ୍ଡାର କାର୍ଯ୍ୟକ୍ଷମ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ରେଢ଼ାଖୋଲ ୨୯।୯ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟସ୍ଥିତ ରକ୍ତ ଭଣ୍ଡାର ୯ ମାସରୁ ଊର୍ଦ୍ଧ୍ୱ ହେବ ବନ୍ଦ ପଡ଼ିଛି। ଏଥିରେ ରୋଗୀମାନେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି। ଏଥିରେ ରେଢ଼ାଖୋଲ ପ୍ରେସ କ୍ଲବ୍ ପକ୍ଷରୁ ସୋମବାର ଅନୁଷ୍ଠିତ ହୋଇଥିବା ଯୁଗ୍ମ ଅଭିଯୋଗ ଶୁଣାଣିରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋରଙ୍କୁ ରକ୍ତ ଭଣ୍ଡାରକୁ କାର୍ଯ୍ୟକ୍ଷମ କରିବା ପାଇଁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ କରିଛନ୍ତି ଯେ ପଶ୍ଚିମ ଓଡ଼ିଶାର ଦ୍ୱାର ଦେଶ ରେଢ଼ାଖୋଲ ଅଞ୍ଚଳ ବିଭିନ୍ନ ଛୋଟ ବଡ଼ ଗ୍ରାମ ଗୁଡିକୁ ନେଇ ଗଠିତ। ଏହି ଅଞ୍ଚଳ ବିଶେଷ କରି ଚାଷୀ ସମୁଦାୟ ଅଞ୍ଚଳ ଅଟେ, ଏଠାରେ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା ପାଇଁ ପ୍ରତିଦିନ ସାଧାରଣ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ। ଏହି ଡାକ୍ତରଖାନାରେ ଏକ ରକ୍ତ ଭଣ୍ଡାର କାର୍ଯ୍ୟକ୍ଷମ ରହିଥିଲା। କିନ୍ତୁ ପ୍ରାୟ ୯ ମାସରୁ ଊର୍ଦ୍ଧ୍ୱ ହେବ ଏହି ରକ୍ତ ଭଣ୍ଡାର ବନ୍ଦ ହୋଇ ରହିଛି। ଏହାର ଲାଇସେନ୍ସ ରିନ୍ୟୁଆଲ ହୋଇ ପାରିନଥିବାରୁ ଏହା କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ଏଠାରେ ମୁଖ୍ୟତଃ ରେଢ଼ାଖୋଲ ସହର ଦେଇ ଦୁଇଟି ଜାତୀୟ ରାଜପଥ ଅତିକ୍ରମ କରୁଛି। ଏଥିରେ ପ୍ରେସ୍‌କ୍ଲବ୍ ସଭାପତି ଶଙ୍କର ପୃଷ୍ଟି, ସମ୍ପାଦକ ତପନ କୁମାର ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ରବିନ୍ଦ୍ରନାଥ ପ୍ରଧାନ, ସୁଶାନ୍ତ କୁମାର ନାଗ, କୋଷାଧ୍ୟକ୍ଷ ଯଶୋବନ୍ତ ନାରାୟଣ ସାହୁ, ଅନିଲ ପୃଷ୍ଟି, ସୁଧୀର ସୁନା, ମଦନ ବେହେରା, ସରୋଜ ସାହୁ, ବିଦ୍ୟାଧର ମାଝୀ ପ୍ରମୁଖ ସମେତ ଅନ୍ୟ ସାମ୍ବାଦିକ ସଦସ୍ୟସାମିଲ ରହିଥିଲେ।

କୁଚିଣ୍ଡା ଦଶହରା ପାଇଁ ଶାନ୍ତି କମିଟି ବୈଠକ

କୁଚିଣ୍ଡା, ୨୯।୯ (ସମିସ): ସମ୍ବଲପୁର ଜିଲ୍ଲା କୁଚିଣ୍ଡାରେ ଦୁର୍ଗା ପୂଜା ପର୍ବ ପାଇଁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ଉପଜିଲ୍ଲାପାଳ ସର୍ବାନନ ସିଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ପୂଜା ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଜନସାଧାରଣ ଯେପରି ନିରାପଦରେ ଓ ଶୃଙ୍ଖଳିତ ଭାବେ ମା'ଙ୍କ ଦର୍ଶନ ସହ ଯାତ୍ରା ଉପଭୋଗ କରିପାରିବେ ସେଥିପାଇଁ ଟ୍ରାଫିକ୍ ନିୟନ୍ତ୍ରଣ, ଭିଡ଼ ପରିଚାଳନା, ବିଦ୍ୟୁତ୍ ସଂଯୋଗ, ସୁରକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟ ଏବଂ ପରିମଳ ଓ ଅନ୍ୟାନ୍ୟ ବିଷୟରେ ବିଶେଷ ଆଲୋଚନା ହୋଇଥିଲା। ବୈଠକରେ ଉପଖଣ୍ଡ ପୁଲିସ ଅଧିକାରୀ ପ୍ରଦୀପ ଦାଶ, ତହସିଲଦାର ସରିତା ଓରାମ, ଭାରପ୍ରାପ୍ତ ଥାନା ଅଧିକାରୀ ରାଧାକାନ୍ତ ବାରିକ, ବିଜ୍ଞାପିତ ଅଞ୍ଚଳ ପରିଷଦ ନିବାହୀ ଅଧିକାରୀ ମନୋରଞ୍ଜନ ସୁନା, ଅଗ୍ନିଶମ ବିଭାଗ ଅଧିକାରୀ ଜିବନ ପ୍ରତାପ ଟପୋ, ଉପଖଣ୍ଡ ଚିକିତ୍ସା ଅଧିକାରୀ ସୁବୋଧ ନାଏକ, ଉପଖଣ୍ଡ ବିଦ୍ୟୁତ ବିଭାଗ ଅଧିକାରୀ, ଉପଖଣ୍ଡ ଜନସମ୍ପର୍କ ଓ ସୂଚନା ଅଧିକାରୀ ଆଲୋକ ପଟେଲ, ଅବକାରୀ ନିରୀକ୍ଷକ ଦେବରାଜ ଖମାରି, ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ରିଙ୍କୁ କୁସୁମ, ଚତୁର୍ଭୁଜ ଜୟପୁରିଆ, କୁଚିଣ୍ଡାର ତିନୋଟି ଯାକ ସାର୍ବଜନୀନ ଦୁର୍ଗା ପୂଜା କମିଟି ତଥା ବସଷ୍ଟାଣ୍ଡ ପୂଜା ମଣ୍ଡପ, ପଞ୍ଚମୁଖୀ ଛକ ମଣ୍ଡପ ଏବଂ ମନ୍ଦିର ଛକ ସଭାପତି, ସମ୍ପାଦକ ଏବଂ ସଦସ୍ୟମାନେ ସାମିଲ ହୋଇଥିଲେ।

ଟିମ୍ ଭିସୁଟ୍ ରେସିଂର ଇଲେକ୍ଟ୍ରିକ୍ ଯାନ ପ୍ରଯୁକ୍ତି ଦିଗରେ ନୂଆ ପଦକ୍ଷେପ

ସମ୍ବଲପୁର, ୨୯।୯ (ସମିସ): ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ଟିମ୍ ଭିସୁଟ୍ ରେସିଂର ପରିଚୟ କାର୍ଯ୍ୟକ୍ରମରେ ପ୍ରାୟ ୧୨୦୦ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟରେ ପ୍ରାୟୋଗିକ ଶିକ୍ଷା, ଇଞ୍ଜିନିୟରିଂ ଓ ନବସୃଜନପ୍ରତିବଦ୍ଧଥିବା ଆଗ୍ରହକୁ ପ୍ରତିଫଳିତ କରିଥିଲା। ଏହିଅବସରରେ କ୍ୟାପାବଲ୍ ଇଣ୍ଡିଆ ସହଯୋଗରେ 'ଇଭି ସକ୍ଷମ' ପାଞ୍ଚଦିନିଆ ପ୍ରାୟୋଗିକ ଇଲେକ୍ଟ୍ରିକ୍ ଯାନ

କର୍ମଶାଳା ଆୟୋଜନର ଘୋଷଣା କରାଯାଇଛି। ଓଡ଼ିଶାରେ ପ୍ରଥମଥର ପାଇଁ ଏଭଳି କାର୍ଯ୍ୟକ୍ରମ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ହେବ। ଏଥିରେ ଓଡ଼ିଶାର ବିଭିନ୍ନ ସ୍ଥାନର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଇଲେକ୍ଟ୍ରିକ୍ ଯାନ ପ୍ରଯୁକ୍ତି, ଯାନର ଗତିବିଜ୍ଞାନ, ଯାନ ଢାଞ୍ଚା, ଷ୍ଟିଅରିଂ, ନିଲମ୍ବନ ବ୍ୟବସ୍ଥା, ବ୍ରେକିଂ ଓ ବିଦ୍ୟୁତ୍ ବ୍ୟବସ୍ଥା ସମ୍ପର୍କରେ ପ୍ରାୟୋଗିକ ଅଭିଜ୍ଞତା ହାସଲ କରିବେ। ଏହା ସହିତ ସେମାନେ ନିଜେ ୮ଟି ଫର୍ମୁଲା ଶୈଳୀର ବିଦ୍ୟୁତ୍ ଯାନ ଡିଜାଇନ୍ ଓ ନିର୍ମାଣ କରିବାର ସୁଯୋଗ ପାଇବେ। ଏହି ପଦକ୍ଷେପ ଶ୍ରେଣୀଗୃହର ତାତ୍ତ୍ୱିକ ଜ୍ଞାନକୁ ବାସ୍ତବ ଇଞ୍ଜିନିୟରିଂ ଅଭିଜ୍ଞତା ସହିତ ଯୋଡ଼ିବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦକ୍ଷତା, ନବସୃଜନ ଓ ପ୍ରାୟୋଗିକ ଶିକ୍ଷାକୁ ପ୍ରୋତ୍ସାହିତ କରିବ। କ୍ୟାପାବଲ୍‌ର ବିଭିନ୍ନ ଶିକ୍ଷାମୂଳକ ପଦକ୍ଷେପ ଶିକ୍ଷା ମନ୍ତ୍ରଣାଳୟ, ଏଆଇସିଟିଇ, ପିଏମ୍-ଉଷା ଏବଂ ପ୍ରତିଷ୍ଠାନ ନବସୃଜନ ପରିଷଦ ସହିତ ସହଯୋଗରେ ମଧ୍ୟ ହୋଇଆସିଛି।

ଶ୍ରୀ ଗୋପାଳ ଗୋସେବକ ପକ୍ଷରୁ ୨୦ରୁ ଅଧିକ ଗୋମାତା ଉଦ୍ଧାର

ସମ୍ବଲପୁର, ୨୯।୯ (ସମିସ): ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତିରେ ନିରୀହ ଗୋମାତାଙ୍କ ଜୀବନ ରକ୍ଷା ପାଇଁ ଶ୍ରୀ ଗୋପାଳ ଗୋସେବକ ପକ୍ଷରୁ ଲଗାତାର ଉଦ୍ଧାର ଅଭିଯାନ ଜାରି ରହିଛି। ଗତ କିଛିଦିନ

ମଧ୍ୟରେ ହୀରାକୁଦ ଅଞ୍ଚଳର ବିଭିନ୍ନ ବିପଦସଙ୍କୁଳ ସ୍ଥାନରୁ ଅନେକ ଗୋମାତାଙ୍କୁ ଉଦ୍ଧାର କରି ସୁରକ୍ଷିତ କରିଛି। ହୀରାକୁଦ ଡ୍ୟାମ୍ ଅଞ୍ଚଳରେ ୧୮ଟି ଗୋମାତା ଫସି ରହିଥିବା ସଂଗଠନ ସୂଚନା ପାଇଥିଲା। ପରେ ବୁର୍ଲା ଅଗ୍ନିଶମ ବାହିନୀ, ଗୋସେବକ ଓ ସ୍ଥାନୀୟ ଲୋକଙ୍କ ମିଳିତ ପ୍ରୟାସରେ ସମସ୍ତ ୧୮ଟି ଗୋମାତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ସୋମବାର ଏଫ୍‌ଆର୍‌ପି ପ୍ଲାଣ୍ଟ ପଛପଟେ ଥିବା ଏକ ଟାୱାର ଉପରେ ୩ଟି ଗୋମାତା ଆଶ୍ରୟ ନେଇଥିବାବେଳେ ଚାରିପଟେ ଜଳ ଘେରିରହିଥିଲା। ସଂଗଠନର ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆଜି ଛତିଶଗଡ଼ ଅଞ୍ଚଳରୁ ପ୍ରାୟ ୨୫ରୁ ୩୦ଟି ଗୋମାତା ଭାସି ହୀରାକୁଦ ଅଞ୍ଚଳକୁ ଆସିଥିବା ଜଣାପଡ଼ିଥିଲା। ଏହି ଗୋମାତାମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଅତ୍ୟନ୍ତ ଦୟନୀୟ ଥିଲା। ଉଦ୍ଧାର ଅଭିଯାନ ସମୟରେ ୩ଟି ଜୀବିତ ଗୋମାତାଙ୍କୁ ଉଦ୍ଧାର କରାଯାଇଥିଲା। ଗୋସେବକର ସଦସ୍ୟମାନେ ତୁରନ୍ତ ଚିକିତ୍ସା ଓ ଆବଶ୍ୟକ ଯତ୍ନ ଆରମ୍ଭ କରିଥିଲେ। ଏହି ଉଦ୍ଧାର ଅଭିଯାନରେ ବୁର୍ଲା ଅଗ୍ନିଶମ ବାହିନୀର ଭାରତ ଲାଲ ଏକ୍କା, ଅନନ୍ତ ପଟେଲ, ନିରଞ୍ଜନ ଖଡ଼ିଆ, ପ୍ରମୋଦ ବେହେରା, ସୁମନ ପ୍ରଧାନ, କହ୍ନା କିଶୋର ପାଢ଼ନ, ସୌମ୍ୟ ରଞ୍ଜନ ଭୂଏ, ଗୁଣନିଧି ନାଗ, ଗଜାନନ ଜାଲ, ସୁଜୟା ଓରାମ ଓ ସୁଶୀଲ ଭୂଏ ପ୍ରମୁଖ ସାମିଲ ଥିଲେ। ଗୋସେବକ ସଂଗଠନର ସୋମଦତ୍ତ ଦାସ, ସୁମିତ କୁମାର ସାହୁ, ଋଷି ରାଜ ଖଟାଇ, ବାଲାଜୀ ପାତ୍ର, ରୋହନ ମହାନ୍ତି ଓ ଜିତୁ ମେହେର ପ୍ରମୁଖ ସକ୍ରିୟ ଭାବେ ସାମିଲ ହୋଇଥିଲେ।

ଛାତ୍ରଙ୍କୁ ସହାୟତାର ହାତ ବଢ଼ାଇଲେ ସମାଜସେବୀ

ସମ୍ବଲପୁର, ୨୯।୯ (ସମିସ): ଶିକ୍ଷାର ମହତ୍ତ୍ୱକୁ ବୁଝି ଜଣେ ଅସହାୟ ଛାତ୍ରଙ୍କ ପାଠପଢ଼ାରେ ସହଯୋଗର ହାତ ବଢ଼ାଇଛନ୍ତି ଜିଏମ୍ କଲେଜ ଛାତ୍ର ସଂଘର ପୂର୍ବତନ ଉପସଭାପତି ତଥା ଆଲୁମୁନି ସଦସ୍ୟ ସନ୍ଦୀପ ପଟ୍ଟନାୟକ। ସନ୍ଦୀପ ଆଜି ଜିଏମ୍

ବିଶ୍ୱବିଦ୍ୟାଳୟରେ ଛାତ୍ର କରନ ଏକ୍କାଙ୍କୁ ପାଠ୍ୟପୁସ୍ତକ ସହ ୬ ମାସର ମେସ୍ ଖର୍ଚ୍ଚ ପ୍ରଦାନ କରିଛନ୍ତି। ଛୋଟବେଳୁ ମାଁ ବାପାଙ୍କୁ ହରାଇଥିବା କରନ ଅନାଥାଶ୍ରମରେ ବଢ଼ିଥିବା ଜଣାପଡ଼ିଛି। ଏହାସହ ତାଙ୍କ ସାର୍ଟିଫିକେଟ୍ ଓ ପରିଚୟପତ୍ରରେ ଅନେକ ତ୍ରୁଟି ରହିଥିବା ଯୋଗୁଁ ସେ ଛାତ୍ରବୃତ୍ତି ପାଇବାରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ଆର୍ଥିକ ସମସ୍ୟା ସତ୍ତ୍ୱେ କରନ ନିଜ ପାଠପଢ଼ା ଜାରି ରଖିଛନ୍ତି। ବିଶ୍ୱବିଦ୍ୟାଳୟରେ ପଢ଼ିବା ସହ ହଷ୍ଟେଲ ଓ ମେସ୍ ଖର୍ଚ୍ଚ ତୁଲାଇବା ପାଇଁ ସେ ଟ୍ୟୁସନ କରି ଟଙ୍କା ଯୋଗାଡ଼ କରୁଥିବା ଜଣାପଡ଼ିଛି। ଆର୍ଥିକ ଅନଟନ ଯୋଗୁଁ ତାଙ୍କ ପାଠପଢ଼ାରେ ମଧ୍ୟ ଅନେକ ସମୟରେ ବାଧା ସୃଷ୍ଟି ହେଉଛି। କରନଙ୍କ ଏହି ସମସ୍ୟା ସମ୍ପର୍କରେ ଜାଣିବା ପରେ ସନ୍ଦୀପ ତାଙ୍କ ପାଠପଢ଼ାରେ ସହଯୋଗ କରିବାକୁ ଆଗେଇ ଆସିଛନ୍ତି। ପାଠ୍ୟପୁସ୍ତକ ସହ ୬ ମାସର ମେସ୍ ଖର୍ଚ୍ଚ ପ୍ରଦାନ କରିବା ସହ ଆଗାମୀ ଦିନରେ ମଧ୍ୟ କରନଙ୍କ ପାଠପଢ଼ା ପାଇଁ ସମ୍ଭବ ସହଯୋଗ ଯୋଗାଇଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି।

ବଡ଼ ନୂଆପଡ଼ା ଗ୍ରାମରେ ନେଟୱାର୍କ ଓ ରାସ୍ତା ପାଇଁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ରେଢ଼ାଖୋଲ, ୨୯।୯ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ ବୁର୍ଡା ପଞ୍ଚାୟତ ବଡ଼ ନୂଆପଡ଼ା ଗ୍ରାମରେ ମୋବାଇଲ ନେଟୱାର୍କ ଏବଂ ରାସ୍ତା ନିର୍ମାଣ ପାଇଁ ଶତାଧିକ ଗ୍ରାମବାସୀ ଆସି ରେଢ଼ାଖୋଲ ଉପଜିଲ୍ଲାପାଳ ପୱନ କୁମାରଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ କରିଛନ୍ତି ଯେ ଦୀର୍ଘ ବର୍ଷ ହେବ ମୋବାଇଲ୍ ନେଟୱାର୍କ ନ ଥିବାରୁ ଯୋଗାଯୋଗ କ୍ଷେତ୍ରରେ ଚରମ ସମସ୍ୟା ସୃଷ୍ଟି ହୋଇଛି। ଗ୍ରାମରେ କୌଣସି ବି ମୋବାଇଲ୍ କମ୍ପାନୀର ନେଟୱାର୍କ ନ ଥିବାରୁ ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ ସେବା କିମ୍ବା ପୁଲିସ ସେବା ପାଇଁ ଫୋନ୍ କରିବା ସମ୍ଭବ ହେଉନାହିଁ। ଯଦି ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ ନହୁଏ, ତେବେ ଗ୍ରାମବାସୀ ଆସନ୍ତା ନିର୍ବାଚନରେ ଭୋଟ ବର୍ଜନ କରିବା ପାଇଁ ଚେତାବନୀ ଦେଇଛନ୍ତି।

ସମ୍ବଲପୁରୀ ଫିଚର ଫିଲ୍ମ 'ଭରମ'ର ଗ୍ରାଣ୍ଡ ପ୍ରିମିୟର ଡେ'

ସମ୍ବଲପୁର, ୨୯।୯ (ସମିସ): ସୁତାଭିଜନ୍ ଷ୍ଟୁଡିଓଜ୍ ପ୍ରଯୋଜିତ ଆଗାମୀ ସମ୍ବଲପୁରୀ ଫିଚର ଫିଲ୍ମ 'ଭରମ'ର ଗ୍ରାଣ୍ଡ ପ୍ରିମିୟର ଡେ' ଏବଂ ପ୍ରି-ଲଞ୍ଚ ସମାରୋହ ଅନୁଷ୍ଠିତ ହୋଇଛି। 'ଅଡିଓ ଆଣ୍ଡ ଭିଡିଓ କ୍ଲିନିକ୍' ଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ କଳାକାର ଓ ସଙ୍ଗୀତଜ୍ଞ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ସୁର ସମ୍ରାଟ ଶାନ୍ତନୁ ସାହୁ, ବିଶିଷ୍ଟ କଣ୍ଠଶିଳ୍ପୀ ଶୀତଳ ସାହୁ, ଜେଆରଏମ୍ ବାୱା, ପ୍ରେମାଞ୍ଜଳୀ କଂସରାଳୀ ଓ ଜୟକୁମାର କଂସରାଳୀ ଏବଂ ଗୌତମ୍ ମିଶ୍ର ଯୋଗ ଦେଇଥିଲେ। ପ୍ରେମାଞ୍ଜଳି କଂସରାଳୀ ଓ ଭୂମିସୁତା ଘୁଘରଙ୍କ ଦ୍ୱାରା ଉପସ୍ଥାପିତ ଏହି ଚଳଚ୍ଚିତ୍ରଟିକୁ ଦେବାଶିଷ ନାୟକ, ମୁକେଶ ମୁଣ୍ଡା ଏବଂ ପ୍ରେମାଞ୍ଜଳି କଂସରାଳୀ ପ୍ରଯୋଜନା କରିଛନ୍ତି। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ରାଜ୍ କଂସରାଳୀ ସମ୍ଭାଳିଥିବା ବେଳେ ମୁଖ୍ୟ ଭୂମିକାରେ ଶକ୍ତି ସ୍ୱରୂପ ଭୋଲ, ନେହା, ସୌମ୍ୟକାନ୍ତ ମହାପାତ୍ର ଏବଂ ପାୟଲ ଯାଦବ ଅଭିନୟ କରିଛନ୍ତି। କ୍ୟାମେରା ପରିଚାଳନା ମୁକ୍ତେଶ୍ୱର କିଷାନ ଓ ଦିନେଶ ଏକ୍କା କରିଥିବା ବେଳେ ଏଡିଟ୍, ଡିଆଇ ଏବଂ କଲରିଷ୍ଟ ଭାବେ ଦିନେଶ ଏକ୍କା କାର୍ଯ୍ୟ କରିଛନ୍ତି। ଚଳଚ୍ଚିତ୍ରର ଗୀତଗୁଡ଼ିକ ଆରବି ମ୍ୟୁଜିକ୍ସ ଲେବୁଲ୍‌ରେ ମୁକ୍ତିଲାଭ କରିବାକୁ ଥିବା ବେଳେ ଏହାର ରଚନା ଓ ସଙ୍ଗୀତ ସଂଯୋଜନା ରହସ ବିହାରୀ ଊର୍ମା କରିଛନ୍ତି। ଏହି ଗୀତଗୁଡ଼ିକୁ ସୁମଧୁର କଣ୍ଠରେ ସଜେଇଛନ୍ତି ପ୍ରଥମ କୁମ୍ଭାର ଏବଂ ସୁମିତ୍ରା ମହାନନ୍ଦ। କାର୍ଯ୍ୟକ୍ରମକୁ ମଞ୍ଚ ସଞ୍ଚାଳକ ସ୍ୱାଗତ ବିଶ୍ୱାଳ ସଫଳତାର ସହ ପରିଚାଳନା କରିଥିଲେ।

ଅଙ୍ଗନବାଡ଼ି କେନ୍ଦ୍ରରେ 'ଅଙ୍ଗନ୍ କା ଉତ୍ସବ'

ସମ୍ବଲପୁର, ୨୯।୯ (ସମିସ): ସମ୍ବଲପୁର ମୁଦିପଡ଼ା ପ୍ରାଥମିକ ବିଦ୍ୟାଳୟ ନିକଟସ୍ଥ ଅଙ୍ଗନବାଡ଼ି କେନ୍ଦ୍ରରେ 'ଅଙ୍ଗନ୍ କା ଉତ୍ସବ' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ଶିଶୁ ଓ ମା'ମାନଙ୍କ ପୋଷଣ, ସ୍ୱାସ୍ଥ୍ୟ ଏବଂ ସନ୍ତୁଳିତ ଖାଦ୍ୟ ସମ୍ପର୍କରେ ସଚେତନତା ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସମାଜସେବୀ ସନ୍ଦୀପ ପଟ୍ଟନାୟକ, ସମାଜସେବୀ କୁନ୍ଦନ ପ୍ରଧାନ, ସମାଜସେବୀ ଶିଶିର ବହିଦାର ଯୋଗଦେଇଥିଲେ। ଏଥିସହ ଜଙ୍କ ଫୁଡ୍ ପରିବର୍ତ୍ତେ ଘରୋଇ

ଓ ପୋଷଣଯୁକ୍ତ ଖାଦ୍ୟ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ଅଙ୍ଗନବାଡ଼ି କେନ୍ଦ୍ରର ଶିଶୁମାନଙ୍କୁ ଫଳ ଟୋପଲି ପ୍ରଦାନ କରାଯାଇଥିଲା। ଅଙ୍ଗନବାଡ଼ି କର୍ମୀ ପ୍ରଣତି ବେହେରା, ଆଶାକର୍ମୀ ବାସନ୍ତୀ ଷଣ୍ଢ ଓ ଅଙ୍ଗନବାଡ଼ି ସହାୟିକା ସୁଜାତା ରାଉତଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। 'ଅଙ୍ଗନ୍ କା ଉତ୍ସବ' ଅବସରରେ ଶିଶୁ ଓ ସେମାନଙ୍କ ପିତାମାନଙ୍କ ମଧ୍ୟରେ ବିଭିନ୍ନ ମନୋରଞ୍ଜନମୂଳକ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

ସମ୍ବଲପୁର ରେଳ ମଣ୍ଡଳରେ ରାଜଭାଷା ପକ୍ଷ

ସମ୍ବଲପୁର, ୨୯।୯ (ସମିସ): ପୂର୍ବତଟ ରେଳପଥର ସମ୍ବଲପୁର ମଣ୍ଡଳରେ ରାଜଭାଷା ପକ୍ଷ ପାଳିତ ହୋଇଯାଇଛି। ରାଜଭାଷା ପକ୍ଷର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରେଳ କର୍ମଚାରୀଙ୍କ ମଧ୍ୟରେ ହିନ୍ଦୀ ଭାଷା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଏହାର ବ୍ୟାପକ ବ୍ୟବହାରକୁ ପ୍ରୋତ୍ସାହିତ କରିବା। ରେଳ କର୍ମଚାରୀଙ୍କ ପାଇଁ ପ୍ରବନ୍ଧ ଲିଖନ, ସାରାଂଶ ଲେଖା, ଶ୍ରୁତଲିଖନ, ବକ୍ତୃତା ଆଦି ପ୍ରତିଯୋଗିତା କରାଯାଇଥିଲା। ମଣ୍ଡଳ ରେଳ ପ୍ରବନ୍ଧକଙ୍କ

କାର୍ଯ୍ୟାଳୟର ସଭାକକ୍ଷରେ ଆଜି ରାଜଭାଷା ପକ୍ଷ-୨୦୨୬ର ଉଦ୍‌ଯାପନୀ ସମାରୋହ ଆୟୋଜନ ହୋଇଥିଲା। ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର, ସୁବାସ ଚନ୍ଦ୍ର ଚୌଧରୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇ କହିଥିଲେ ଯେ, ରେଳ ଅଧିକାରୀ ଏବଂ କର୍ମଚାରୀମାନେ ସେମାନଙ୍କ ଦୈନନ୍ଦିନ ସରକାରୀ କାର୍ଯ୍ୟରେ ହିନ୍ଦୀ ଭାଷାକୁ ଅଧିକ ବ୍ୟବହାର କରିବା ଉଚିତ। ଅତିରିକ୍ତ ମୁଖ୍ୟ ରାଜଭାଷା ଅଧିକାରୀ ତଥା ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ ବିଶେଷ ଅତିଥି ଭାବରେ ଯୋଗ ଦେଇଥିଲେ।

କବରାପାଲି କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ସମ୍ବଲପୁର, ୨୯।୯ (ସମିସ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ ଅଧୀନ କବରାପାଲି ନୋଡାଲ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କବରାପାଲି କ୍ଲଷ୍ଟର ଅନ୍ତର୍ଗତ ୬ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ସିଆରସିସି ବାବୁଲା ବାଗ ଏବଂ ପ୍ରଧାନଶିକ୍ଷକ ଅକ୍ଷୟ ପରମାଣିକ ଯୋଗ

ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା, ନେତୃତ୍ୱ ଗୁଣ ଏବଂ ସହ-ପାଠ୍ୟକ୍ରମ କାର୍ଯ୍ୟକଳାପକୁ ବିକଶିତ କରିବା ଏହାର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ, ସଙ୍ଗୀତ, ନୃତ୍ୟ, ବାଗ୍ମିତା ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷକ ଦ୍ରୋଣ ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ଯଶୋଦା ଦେହୁରୀ, ପ୍ରଧାନଶିକ୍ଷକ ସତ୍ୟାନନ୍ଦ ମିର୍ଦ୍ଧା, ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ସେଠ, କବରାପାଲି ବୀର ସୁରେନ୍ଦ୍ର ସାଏ ହାଇସ୍କୁଲର ମମତା ପ୍ରସାଦ, କବରାପାଲି ନୋଡାଲ ଉଚ୍ଚ ବିଦ୍ୟାଳୟ କଳା ଶିକ୍ଷୟିତ୍ରୀ ଡିଲେଶ୍ୱରୀ ଖେତି, ବରିଷ୍ଠ ଶିକ୍ଷୟିତ୍ରୀ ଜୟନ୍ତୀ ବିଶ୍ୱାଳ, ସୁରଭି ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୁନିତା ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ବିଜ୍ଞାନ ସମ୍ମତ ନାଟକ ଓ ଲୋକନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ସମ୍ବଲପୁର, ୨୯।୯ (ସମିସ)

ସମ୍ବଲପୁର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଲେଡିଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ବିଜ୍ଞାନ ସମ୍ମତ ନାଟକ (ସାଇନ୍ସ ଡ୍ରାମା) ଓ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଜିତ କୁମାର ଲୁହାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ବିଜ୍ଞାନ ସମ୍ମତ ନାଟକ (ସାଇନ୍ସ ଡ୍ରାମା) ଆୟୋଜିତ ହୋଇଥିବାବେଳେ ଏଥିରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଉଜାଗର ପଧାନ ଏବଂ ସତ୍ୟବ୍ରତ ସାହୁ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଆ.କଟାପାଲି ଉଚ୍ଚ

ବିଦ୍ୟାଳୟ ପ୍ରଥମ, ଟିକିଲିପଡ଼ା ବାଳିକା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଏବଂ ଚିପିଲିମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତୃତୀୟ ସ୍ଥାନ ହାସଲ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଜିଲ୍ଲାସ୍ତରୀୟ ଲୋକ ନୃତ୍ୟ ପ୍ରତିଯୋଗିତା ପୂର୍ବତନ ବିଜ୍ଞାନ ନିରୀକ୍ଷକ ପାର୍ଥସାରଥୀ ପଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବାବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ମୁଖ୍ୟ ଅତିଥି, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଜିତ ଲୁହା ସମ୍ମାନିତ ଅତିଥି ଏବଂ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ତପନେଶ୍ୱର ସାହୁ ମଞ୍ଚାସୀନ ଥିଲେ। ଉକ୍ତ ପ୍ରତିଯୋଗିତାରେ ଲେଡିଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ, ପୁରୁଣା ବଳାରଙ୍ଗା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଏବଂ ଦୁତିକା ସାହୁ ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ହାସଲ କରିଥିଲେ।

ପ୍ରଥମ ସ୍ଥାନ ହାସଲ କରିଥିବା ଆ. କଟାପାଲି ଉଚ୍ଚ ବିଦ୍ୟାଳୟ ଏବଂ ଲେଡିଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟ ଜୋନ୍ ଏବଂ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ବିଜ୍ଞାନସମ୍ମତ ନାଟକ ପ୍ରତିଯୋଗିତା ପାଇଁ ବିଚାରକ ଭାବେ ସୌମେନ ପୂଝାରୀ ଓ ଅତୀଶ ଶତପଥୀ ଏବଂ ଲୋକ ନୃତ୍ୟ ପାଇଁ ସୀମନ୍ତିକା ଦାଶ ଓ ମମତା ସାହୁ ଦାୟିତ୍ୱ ତୁଲାଇଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ତପନେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସ୍ୱାଗତିକା ପଣ୍ଡା ଏବଂ ଶିକ୍ଷକ ଅସୀମ ପଧାନ ସମଗ୍ର କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷକ ଅମୋଦ ଖମାରୀ, ବନବାସ ପଧାନ, ନିରଞ୍ଜନ ସେଠ, ଶିକ୍ଷୟିତ୍ରୀ ଦୀପାଳି ଚୌଧୁରୀ, ମଧୁରିମା ପାଣିଗ୍ରାହୀ ତଥା ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

ଭିମସାରରେ ଅଘଟଣ, କୋଠାରୁ ପଡ଼ି ଯୁବକ ମୃତ

ସମ୍ବଲପୁର, ୨୯।୯ (ସମିସ): ବୁର୍ଲା ଭିମସାରରେ ଅଘଟଣ। ୩ ମହଲା କୋଠାରୁ ଜଣେ ଯୁବକ ପଡ଼ି ମୃତ୍ୟୁ ହୋଇଛି। ମୃତକ ଜଣକ ହେଉଛନ୍ତି ବୁର୍ଲା ଥାନା ଗୌଡପାଲିର କ୍ରାନ୍ତି ରଞ୍ଜନ ମେହେର(୩୫)। ସୂଚନା ଅନୁସାରେ ଭିମସାର କଲେଜର ୩ ମହଲା କୋଠା ଉପରେ କ୍ରାନ୍ତି ପ୍ଲମ୍ବର କାର୍ଯ୍ୟରେ ନିୟୋଜିତ ଥିଲେ। ହେଲେ କୌଣସି କ୍ରମେ ତଳକୁ ଖସି ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

ବେଦାନ୍ତ ଆଲୁମିନିୟମର ଟାଉନ୍‌ସିପ ପାଇଲା ପ୍ରଦୂଷଣ ନିୟନ୍ତ୍ରଣ ପ୍ରଶଂସା ପୁରସ୍କାର

ସମ୍ବଲପୁର, ୨୯।୯ (ସମିସ): ବୃହତ୍ତମ ଆଲୁମିନିୟମ ଉତ୍ପାଦକ କମ୍ପାନୀ ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ାସ୍ଥିତ ଆବାସିକ ଟାଉନସିପ୍ 'ବେଦାନ୍ତ ମିଡୋଜ୍' ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସପିସିବି) ଦ୍ୱାରା ଏମ୍.କେ. ରାଉତ ପ୍ରଦୂଷଣ ନିୟନ୍ତ୍ରଣ ପ୍ରଶଂସା ପୁରସ୍କାର ୨୦୨୬ ହାସଲ କରିଛି। ନିଜର ଶିଳ୍ପ ପରିଚାଳନା ସହିତ କର୍ମଚାରୀଙ୍କ ରହିବା ପରିବେଶରେ ଦାୟିତ୍ୱବାନ ପରିବେଶୀୟ ଅଭ୍ୟାସ ଗ୍ରହଣ କରିଥିବାରୁ କମ୍ପାନୀକୁ ଏହି ସମ୍ମାନ ମିଳିଛି। ଟାଉନସିପ୍‌ରେ ସ୍ୱତନ୍ତ୍ର

ପରିବେଶ ଅନୁକୂଳ ନକ୍ସା, ସବୁଜିମା ଏବଂ ନିର୍ଭରଯୋଗ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥା ରହିଛି। ଯାହା କର୍ମଚାରୀ ଓ ସେମାନଙ୍କ ପରିବାର ପାଇଁ ଏକ ସୁସ୍ଥ ପରିବେଶ ସୃଷ୍ଟି କରେ। ଝାରସୁଗୁଡ଼ା ବେଦାନ୍ତ ଆଲୁମିନିୟମର ସିଇଓ ସି. ଚନ୍ଦ୍ରୁ କହିଛନ୍ତି ଯେ ଶିଳ୍ପର ପ୍ରଗତି ସହ ପରିବେଶ ସୁରକ୍ଷାକୁ ସମାନ୍ତରାଳ ଭାବେ ଆଗକୁ ନେବା କମ୍ପାନୀର ମୁଖ୍ୟ ଲକ୍ଷ୍ୟ। ଓଏସ୍‌ପିସିବି ଏବଂ ଜିଲ୍ଲା ପ୍ରଶାସନ ସହ ମିଶି କମ୍ପାନୀ ପକ୍ଷରୁ କଟାପାଲି ସ୍ଥିତ ପିକେଏସ୍‌ଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ପରିବେଶ ସଚେତନତା ଅଭିଯାନ ୨୦୨୬' ଆୟୋଜିତ ହୋଇଥିଲା। ମାତୃବନ ଚାରାରୋପଣ ଯୋଜନା ଓ ସାମ୍ପ୍ରତିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଅଙ୍ଗାରକାମ୍ଳ ନିର୍ଗମନ କମାଇବା ପାଇଁ ନିରନ୍ତର ପ୍ରଚେଷ୍ଟା ଜାରି ରହିଛି।

ଶିଶୁ ବିଦ୍ୟାମନ୍ଦିରରେ ମାତୃ କର୍ମଶାଳା

ବରପାଲି,୨୯।୯(ସମିସ): ବରପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶିଶୁବାଟିକା ବିଭାଗ ପକ୍ଷରୁ ମାତୃକର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନ ସଭାପତି ଡା. ଶଙ୍କର୍ଷଣ ମେହେର ଯୋଗ ଦେଇ ମାତୃମଣ୍ଡଳୀକୁ ଶିଶୁ ରୋଗ ଚିକିତ୍ସା ଓ 'ସୁବର୍ଣ୍ଣ ପ୍ରାସନ'ର ଉପାଦେୟତା ସମ୍ପର୍କରେ କହିଥିଲେ। ସମ୍ପାଦକ ଗୋପାଳ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ନିରଂଜନ ହୋତା ଅତିଥି ପରିଚୟ ପ୍ରଦାନ କରିବା ସହ କର୍ମଶାଳାର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଅରୁଣ ଓ ଉଦୟ ଶ୍ରେଣୀର ମା'ମାନେ ଯୋଗ ଦେଇଥିଲେ। ଗୁରୁମା ଗାୟତ୍ରୀ ପ୍ରତିମା ଗୁରୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ବ୍ଲାକମେଲିଂ କରି ଶାରୀରିକ ସମ୍ପର୍କ; ଯୁବକ କୋର୍ଟ ଚାଲାଣ

ପାଇକମାଳ,୨୯।୯(ସମିସ): ପାଇକମାଳ ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବ୍ଲାକମେଲିଂ କରି ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରି ପଦ୍ମପୁର କୋର୍ଟ ଚାଲାଣ କରିଛି। ଗିରଫ ଯୁବକ କୋକନରା ଗ୍ରାମର ସରୋଜ କୁମାର ସାହୁ (୩୬)। ସରୋଜ ଜଣେ ଯୁବତୀଙ୍କ ସହ ସମ୍ପର୍କରେ ଥିଲେ। ତାଙ୍କର କିଛି ଆପତ୍ତିଜନକ ଫଟୋ ଉଠାଇ ପରେ ବ୍ଲାକମେଲିଂ କରି ଶାରୀରିକ ସମ୍ପର୍କ ରଖିଆସୁଥିଲେ। ଯୁବତୀଙ୍କ ପରିବାର ଲୋକେ ଜାଣିବା ପରେ ପାଇକମାଳ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ସରୋଜଙ୍କୁ ଗିରଫ କରି ପଦ୍ମପୁର କୋର୍ଟରେ ହାଜର କରିଥିବା ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ କହିଛନ୍ତି।

ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲରେ ବିଶ୍ୱ ଜଳାତଙ୍କ ଦିବସ

ଅମ୍ବାଭୋନା,୨୯।୯(ସମିସ): ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲ, ଭୁକ୍ତାରେ ବିଶ୍ୱ ଜଳାତଙ୍କ ଦିବସ ପାଳିତ ହୋଇଯାଇଛି। ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତାଶିବିରରେ ମୁଖ୍ୟ ଅତିଥି ଭାବରେ ଅମ୍ବାଭୋନା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ଦୀପନ୍ କିଷାନ୍, ମୁଖ୍ୟବକ୍ତା ଭାବରେ ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡକ୍ଟର ସୌରଭ ପ୍ରକାଶ ସେଠୁଆ, ସମ୍ମାନିତ ଅତିଥି ଭାବରେ କୁମ୍ଭାର ପ୍ରାଣୀଧନ ନିରୀକ୍ଷକ ନାରାୟଣ ସୁନାନୀ ଓ କନ୍ହେଇପାଲିର ପ୍ରାଣୀଧନ ନିରୀକ୍ଷକ ରବି ମେହେର ଯୋଗ ଦେଇଥିଲେ। ଭୂତାଣୁ ଜନିତ ଏହି ଜୁନୋଟିକ୍ ରୋଗର ଚିକିତ୍ସା ନ ଥିବାରୁ ଏହାର କାରଣ ଓ ନିରାକରଣର ଉପାୟ ସମ୍ପର୍କରେ ସମସ୍ତ ଜନ ସାଧାରଣଙ୍କୁ ଅବଗତ କରିବା ପାଇଁ ଅତିଥିବୃନ୍ଦ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ସଞ୍ଜୟ ଖମାରୀ ଉଦ୍ଦେଶ୍ୟ ଜ୍ଞାପନ ସହ ସଭା ସଂଯୋଜନା କରିଥିବା ବେଳେ ଶିକ୍ଷକ ଶ୍ରୀପତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

'ମାଟିର ଭାଷା ଓ ଭାଇଚାରାକୁ ଆଗକୁ ନିଏ ନୂଆଁଖାଇ'

ଝାରବନ୍ଧ,୨୯।୯(ସମିସ)

ବରଗଡ଼ ଜିଲ୍ଲା ସଂକୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ଝାରବନ୍ଧ ବ୍ଲକ ଜଟେସିରା ଗ୍ରାମରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝାରବନ୍ଧ ବ୍ଲକ ସଂକୀର୍ତ୍ତନ ପରିଷଦର ନେତୃତ୍ୱ ଓ ଜିଲ୍ଲା ସଂକୀର୍ତ୍ତନ ପରିଷଦର ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରି ଏପରି କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଜିଲ୍ଲା ସଂଯୋଜକ ପଣ୍ଡିତ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଷଦର ସମ୍ପାଦକ ପଣ୍ଡିତ ଜୟଦେବ ପଣ୍ଡା ପରିଷଦର ଆଭିମୁଖ୍ୟ ଉପସ୍ଥାପନ କରିଥିବା ବେଳେ କୁର୍ଲୁପାଲି ଗ୍ରାମର ସଂକୀର୍ତ୍ତନ କଳାକାର ପରିଷଦର ସଦସ୍ୟ ସ୍ୱର୍ଗତ ବାସୁଦେବ ପ୍ରଧାନଙ୍କ ସୁପୁତ୍ର ରୁପେଶ୍ ପ୍ରଧାନଙ୍କୁ ପୂର୍ବରୁ ୩ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ପରିଷଦ ପକ୍ଷରୁ ୧୭ ହଜାର ଟଙ୍କାର ସହାୟତା

ଜିଲ୍ଲା ସଂକୀର୍ତ୍ତନ ପରିଷଦ

ରାଶି ଚେକ୍ ପ୍ରଦାନ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ବାଲାଜୀ ବିଭୁ ରଞ୍ଜନ ତରାସିଆ ଯୋଗ ଦେଇ ଧାର୍ମିକ କାର୍ଯ୍ୟକ୍ରମ ମାଧ୍ୟମରେ ନୂଆଁଖାଇ ଭେଟଘାଟ ସଂସ୍କୃତି ସୁରକ୍ଷାର ପରିଚୟ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଗୋବର୍ଦ୍ଧନ ଭୁଏ, ସଂସ୍କୃତି ସଂସ୍କୃତ ସୁରକ୍ଷା ମଞ୍ଚ ଆବାହକ କପିଳେଶ୍ୱର ବାଗ, ସଂକୀର୍ତ୍ତନ ଗୁରୁ ଗୌର ସାହୁ, ରାମଚନ୍ଦ୍ର ସାହୁ, ମୀନକେତନ ମେହେର, ଡାକ୍ତର ନରେନ୍ଦ୍ର ପ୍ରଧାନ, ଗୌନ୍ତିଆ ଗଦାଧର ପ୍ରଧାନ, ଅଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସର ରେ ବିଶିଷ୍ଟ ଚାଷୀ ବୃଷ ଭାନୁ ପ୍ରଧାନ,ବିଶିଷ୍ଟ ଚିତ୍ର ଶିଳ୍ପୀ ରୂପା ନନ୍ଦ ପଶାୟତ ,ବ୍ୟଙ୍ଗ କବି ଭୋଗିନ୍ଦ୍ର ପଣ୍ଡା,ମେଧାବୀ ଛାତ୍ର ଯୋଗେଶ କୁମାର ପ୍ରଧାନ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଖପାଖ ଅଞ୍ଚଳର ୨୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ଦଳ ଉପସ୍ଥିତ ରହି ସଂକୀର୍ତ୍ତନ ପରିବେଷଣ କରିଥିଲେ।

ଆନ୍ତର୍ଜାତିକସ୍ତରରେ ଆଭାସୀ ନୂଆଁଖାଇ ଭେଟ୍

ବିଜେପୁର,: ସୃଜନୀ ପରିବାର ଚେନ୍ନାଇ ଆୟୋଜନରେ ଆଭାସୀ ମାଧ୍ୟମରେ ଆର୍ନ୍ତଜାତୀକସ୍ତରୀୟ ନୂଆଁଖାଇ ଭେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠକ ବନବିହାରୀ ପଣ୍ଡାଙ୍କ ଆବାହକତ୍ୱରେ ଏବଂ ମୁଖ୍ୟ ଆୟୋଜକ ଅଶୋକ ସାମନ୍ତଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ପଦ୍ମଶ୍ରୀ ଡ. ହଳଧର ନାଗ, ମୁଖ୍ୟବକ୍ତା ପଦ୍ମଶ୍ରୀ ଡ. ମହେନ୍ଦ୍ର ମିଶ୍ର, ସ୍ତମ୍ଭକାର ଅଧ୍ୟାପକ ସୁଶାନ୍ତ ମିଶ୍ର ଯୋଗ ଦେଇଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ବରେଣ୍ୟ ଅତିଥି ଭାବରେ କାନାଡ଼ାରୁ ମନସ୍ତତ୍ତ୍ୱବିତ୍ ତଥା ବରିଷ୍ଠ ଗବେଷକ ଡ. ଅର୍ଜୁନ ପୁରୋହିତ ଓ ହର ପାଢ଼ୀ, ଟରୋଣ୍ଟୋରୁ ସଂସ୍କୃତି ଗବେଷକ ପ୍ରଶାନ୍ତ ଭୁଆଁ, ସାନ ଫ୍ରାନ୍ସିକୋରୁ ସାହିତ୍ୟକ ଦେବବ୍ରତ ପଣ୍ଡା, ଫିଲାଡେଲଫିଆରୁ ସଂସ୍କୃତି ପ୍ରେମୀ ଚନ୍ଦ୍ରା ମିଶ୍ର, ନଳିନୀ ପଟ୍ଟନାୟକ, ଅବସରପ୍ରାପ୍ତ ଆଇଏଫ୍ଏସ୍ ଆଶୁତୋଷ ସାମନ୍ତ ସିଂହାର, ପ୍ରଫେସର ଗୋଦାବରୀଶ ମିଶ୍ର, ଡ. ବାସନ୍ତୀ ମହାନ୍ତିଙ୍କ ସମେତ ଆନ୍ତର୍ଜାତୀୟ ଓ ଜାତୀୟସ୍ତରର ଗୁଣିଜ୍ଞାନୀମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଆୟୋଜନକୁ ଅତିଥି ବୃନ୍ଦ ପ୍ରଶଂସା କରିଥିଲେ। ସାହିତ୍ୟିକ ଡ. କୈବଲ୍ୟ ମିଶ୍ର, ସମଦୃଷ୍ଟିର ସମ୍ପାଦକ ବିଘ୍ନେଶ୍ୱର ସାହୁ ଓ ଆକାଶବାଣୀ ଉଦ୍‌ଘୋଷିକା ସୁମତି ମୁଣ୍ଡ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ସାହିତ୍ୟିକ ସୁଦ୍ଧମା ପଣ୍ଡାଙ୍କ ପରିଚାଳନାରେ ସମ୍ବଲପୁରୀ ସଂଗୀତ ସନ୍ଧ୍ୟା "ଡାଲଖାଇ' ପରିବେଷିତ ହୋଇଥିଲା। କଣ୍ଠଶିଳ୍ପୀ ବିଦ୍ୟୁତପ୍ରଭା ପଟ୍ଟନାୟକ, ଆନନ୍ଦିନି ମିଶ୍ର, ଝରଣା ପାଢ଼ୀ ପ୍ରମୁଖ ଲୋକଗୀତ ପରିବେଷଣ କରିଥିଲେ। ଶେଷରେ ସମ୍ପାଦକ ଅଶୋକ ସାମନ୍ତ ଧନ୍ୟବାଦ ଦେଇଥିଲେ।

ଦୁବାଇ ଜୁହାର ପରିବାର

ପଦ୍ମପୁର: ଦୁବାଇ ନୂଆଁଖାଇ ପରିବାର ପକ୍ଷରୁ ନୂଆଁଖାଇ ଭେଟଘାଟ୍ ଆୟୋଜିତ ହୋଇଯାଇଛି। ଦୁବାଇ ମାଟିରେ ବସବାସ କରୁଥିବା ପ୍ରବାସୀ ସମ୍ବଲପୁରିଆଙ୍କୁ ଏକତ୍ରିତ କରି ନିଜ ମାଟିର ଭାଷା, ସଂସ୍କୃତି, ପରମ୍ପରା ଓ ଭାଇଚାରାର ଭାବଧାରାକୁ ଆଗକୁ ନେବାଉଦ୍ଦେଶ୍ୟରେଏହିଭେଟଘାଟ୍‌ରଆୟୋଜନକରାଯାଇଥିଲା। ମୁଖ୍ୟ ଅତିଥି ଭାବେ ମାନସ ରଞ୍ଜନ ଦାଶ ଓ ସମ୍ମାନିତ ଅତିଥି ଭାବେ ସିଦ୍ଧାର୍ଥ ସାହା,ସତ୍ୟବ୍ରତ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଆରମ୍ଭରେ ଅତିଥିମାନଙ୍କୁ ପାରମ୍ପରିକ ଢଙ୍ଗରେ ସ୍ୱାଗତ କରାଯାଇଥିଲା। ପରେ ମା' ସମଲେଇଙ୍କ ପୂଜାର୍ଚ୍ଚନା ସହ ନୂଆଁଖାଇ ପରମ୍ପରା ଅନୁଯାୟୀ ଭେଟଘାଟ୍ କାର୍ଯ୍ୟକ୍ରମ ଆଗକୁ ବଢ଼ିଥିଲା। ଉପସ୍ଥିତ ପ୍ରବାସୀ ସମ୍ବଲପୁରୀଆମାନେ ପରସ୍ପରକୁ ନୂଆଁଖାଇ ଜୁହାର ଜଣାଇବା ସହ ନୂଆଁଖାଇର ଶୁଭେଚ୍ଛା ବିନିମୟ କରିଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗାୟିକା ସ୍ୱାଗତିକା ତ୍ରିପାଠୀ ଓ ପ୍ରଥମ କୁମ୍ଭାର ସମ୍ବଲପୁରୀ ଲୋକ ଗୀତରେ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲେ। ପଦ୍ମପୁର ୧ଟଙ୍କିଆ ବିଦ୍ୟାଳୟର ପ୍ରତିଷ୍ଠାତା ସୁରେନ୍ଦ୍ର ସାହୁ ଓ ଛାତ୍ରଛାତ୍ରୀ ମାନେ 'ନୁନୀ ନୁ ବୁହାସେନ' ପରିବେଷଣ କରିଥିଲେ। ପାରମ୍ପରିକ କଳା ପରିବେଷଣ ମାଧ୍ୟମରେ ପଶ୍ଚିମ ଓଡ଼ିଶାର ଲୋକଜୀବନ ଓ ସଂସ୍କୃତିର ଝଲକ ଦୁବାଇ ମାଟିରେ ଦେଖିବାକୁ ମିଳିଥିଲା।

ଗୁଜୁରାଟ ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀ

ପଦ୍ମପୁର: ଗୁଜରାଟର ବଡୋଦରା ସହରରେ ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀ ତଥା "ଜୁହାର ପରିବାର, ବଡୋଦରା'ର ସଦସ୍ୟମାନେ ମହାନ ଗଣପର୍ବ ନୂଆଁଖାଇ ପାଳନ କରିଥିଲେ। ସମ୍ବଲପୁର ଜିଲ୍ଲା ପଡ଼ିଆବାହାଲର ଖ୍ୟାତନାମା "ସ୍ୱପ୍ନ ସାଂସ୍କୃତିକ ଅନୁଷ୍ଠାନ'ର କଳାକାରମାନେ ସମ୍ବଲପୁରୀ ଗୀତ, ବାଦ୍ୟ ଓ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଜୁହାର ପରିବାର, ବଡୋଦରାର କୁନି କଳାକାର ସୁଶ୍ରୀ ଶ୍ରେୟା ସମାୟା ପଟେଲସମ୍ବଲପୁରୀନୃତ୍ୟପରିବେଷଣକରିଥିଲେ। ସମ୍ବଲପୁରୀ ହସ୍ତତନ୍ତ୍ର ଓ ବସ୍ତ୍ରର ଲୋକପ୍ରିୟତା ବୃଦ୍ଧି ଏବଂ ନିଜ ସାଂସ୍କୃତିକ ପରିଚୟକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ଉପସ୍ଥିତ ସମସ୍ତେ ସମ୍ବଲପୁରୀ ବସ୍ତ୍ର ପରିଧାନ କରିଥିଲେ। ପର୍ବ ପାଳନରେ ଓଡ଼ିଶା ସରକାର ତଥା ଓଏନ୍‌ଜିସି ସହଯୋଗ କରିଥିବା ଜଣାପଡ଼ିଛି।

ଅଧାପନ୍ତରିଆ ଡୁମୁରିପାଣି ଛକ ଯାତ୍ରୀ ବିଶ୍ରାମ ଗୃହ

ଝାରବନ୍ଧ,୨୯।୯(ସମିସ): ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ଅମଠି ଗ୍ରାମପଞ୍ଚାୟତର ଡୁମୁରିପାଣି ଛକ ଠାରେ ନିର୍ମାଣାଧୀନ ଯାତ୍ରୀ ବିଶ୍ରାମାଗାର ଦୀର୍ଘଦିନ ଧରି ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବାରୁ ଯାତ୍ରୀ ଓ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡୁମୁରିପାଣି ଛକଟି ଏକ ଗୁରୁତ୍ୱପୂର୍ଣ୍ଣ ଯାତାୟାତ ସ୍ଥଳ

ହୋଇଥିବାରୁ ଏଠାରେ ଯାତ୍ରୀ ବିଶ୍ରାମାଗୃହ ନିର୍ମାଣ ହେଲେ ଯାତ୍ରୀମାନଙ୍କୁ ଅନେକ ସୁବିଧା ମିଳିପାରିବ। ମାତ୍ର ଏହା ଅଧପନ୍ତରିଆ ଯୋଗୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ନିର୍ମାଣ କାର୍ଯ୍ୟକୁ ଶୀଘ୍ର ସାରିବାକୁ ଅମଠି ଓ ଡୁମୁରିପାଣି ଅଞ୍ଚଳବାସୀ ଦାବି କରିଛନ୍ତି।

ବିଶାଖାପଟନମ୍‌ରେ ବରଗଡ଼ କଳାକାର ସମ୍ବର୍ଦ୍ଧିତ

ବରଗଡ,୨୯।୯(ସମିସ): ବିଶାଖାପଟ୍ଟନମରେ ପ୍ରବାସୀ ଓଡ଼ିଆ ଜୁହାର ପରିବାର ସୋସାଇଟି ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟ୍‌ଘାଟ-୨୦୨୬ ଅବସରରେ ବରଗଡ଼ର ବିଶିଷ୍ଟ

ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକ ଓ ବିଶିଷ୍ଟ ନାଟ୍ୟ ଲେଖକ ଓ ନିର୍ଦ୍ଦେଶକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଗ୍ରୀବର ବିଶିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଶାଖାପଟ୍ଟନମରେ ରହୁଥିବା ପ୍ରବାସୀ ଓଡ଼ିଆମାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁରୀ ନୃତ୍ୟ ବାଦ୍ୟ ଓ ସମ୍ବଲପୁରୀ ପରମ୍ପରା ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିବାବେଳେ ପଶ୍ଚିମାଞ୍ଚଳର କଳାକାରଙ୍କୁ ସମ୍ବର୍ଦ୍ଧିତ ପ୍ରଦାନ ଏକ ନିଆରା କାର୍ଯ୍ୟକ୍ରମ ରହିଥିଲା।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

ପଦ୍ମପୁର,୨୯।୯(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପଦ୍ମପୁରର ଶିଶୁ ବାଟିକା ବିଭାଗ ପକ୍ଷରୁ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଅଧ୍ୟାପକ ସନ୍ତୋଷ ସିଂ ଠାକୁର ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ ଅତିଥି ପରିଚୟ ପ୍ରଦାନ ସହ ସମ୍ମିଳନୀର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାପତି ପୃଥିରାଜ ସାହୁ ମାର୍ଗଦର୍ଶନ ପ୍ରଦାନ କରିଥିବା ବେଳେ ସଦସ୍ୟା ଅଲିଭା ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଜୀବନାନନ୍ଦ ଶତପଥୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ବରଗଡ଼,୨୯।୯(ସମିସ): ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଜମ୍ପୂର୍ଦା ଠାରେ ଅନୁଷ୍ଠିତ ତ୍ରିଦିବସୀୟ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ମୁନସୀ ପାତ୍ରଙ୍କ ସଂଯୋଜନା ଓ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଇଓ ଯତୀନ୍ଦ୍ର ସେଠ୍, ଏବିଇଓ ଦାନୁ ତାଣ୍ଡି, ଏବିଇଓ ସାଧୁ ଭୁଏ, ଜିଲ୍ଲା ସଂଯୋଜକ ତ୍ରୈଲୋକ୍ୟ ନାଏକ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହିତ ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ବରଗଡ଼ ଜିଲ୍ଲା ପାଇଁ ଗୌରବ ଆଣିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତିଷ ଚନ୍ଦ୍ର ପ୍ରଧାନ ବିଗତ ତିନିଦିନର ବିବରଣୀ ଉପସ୍ଥାପନ କରିଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ କ୍ରୀଡା ଶିକ୍ଷକ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ। ବିଇଓ ଶ୍ରୀ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

ଆର୍‌ଆଇଙ୍କୁ ଆକ୍ରମଣ ଘଟଣା

ସୁରକ୍ଷା ଦାବିରେ ଜିଲ୍ଲାପାଳଙ୍କୁ ଫେରାଦ୍ ହେଲା ସଂଘ

ବରଗଡ଼,୨୯।୯(ସମିସ): ସୋହେଲା ଆର୍‌ଆଇ ଇନ୍ଦ୍ର କୁମାର ବାଦୀଙ୍କୁ ଆକ୍ରମଣ ଘଟଣାକୁ ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ତରଫରୁ ଦୃଢ଼ ନିନ୍ଦା କରାଯାଇଛି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସଂଘ ଦାବି କରିଛି। ଏହାସହ କର୍ମକ୍ଷେତ୍ରରେ କର୍ମଚାରୀଙ୍କ ସୁରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଦାବି ନେଇ ସଂଘ ତରଫରୁ ବରଗଡ଼ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ସଭାପତି ଅରୁଣ କୁମାର ରଥ, ସମ୍ପାଦକ ନରୋତ୍ତମ ପଣ୍ଡା, ଇନ୍ଦ୍ର କୁମାର ବାଦୀ, ବଳରାମ ସେଠ, ମନୋରଞ୍ଜନ ଲୁହା, ସରୋଜ କୁମାର ଦୋରା, ଗିରିଶ ଚନ୍ଦ୍ର ପଣ୍ଡା, ଅନୀଲ କୁମାର ବାଗ ପ୍ରମୁଖ ଉପସ୍ଥିତ ଥିଲେ।

ବିକାଶ ମଲ୍‌ଟି ସ୍ପେସାଲିଟି ହସ୍ପିଟାଲ୍ ପକ୍ଷରୁ ବିଶ୍ୱ ହୃତ୍‌ପିଣ୍ଡ ଦିବସ

ଥାନା ଛକରୁ ଗାନ୍ଧୀ ଛକ ଯାଏଁ ୱାକାଥନ୍

ବରଗଡ଼,୨୯।୯(ସମିସ)

ବିଶ୍ୱ ହୃତ୍‌ପିଣ୍ଡ ଦିବସ ଅବସରରେ ହୃଦ୍‌ରୋଗ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଲକ୍ଷ୍ୟରେ ବରଗଡ଼ ବିକାଶ ମଲ୍‌ଟି ସ୍ପେସିଆଲିଟି ହସ୍ପିଟାଲ ପକ୍ଷରୁ ଏକ ସଚେତନତାମୂଳକ ରାଲି ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଛି। ବରଗଡ଼ ଥାନା ଛକରୁ ଏହି

ସଚେତନତା ରାଲି ଆରମ୍ଭ ହୋଇ ଗାନ୍ଧୀ ଛକ ପର୍ଯ୍ୟନ୍ତ ଯାଇଥିଲା। ରାଲିକୁ ବରଗଡ଼ ଏସ୍‌ପି ରବୀନ୍ଦ୍ରନାଥ ଶତପଥୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିକାଶ ଗ୍ରୁପ୍ ଫାଉଣ୍ଡେସନ୍‌ର ଡି. ମୁରଲୀ କ୍ରିଷ୍ଣା, ସିଇଓ ରବି କୁମାର, ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ନିଖିଲ ସିଂହାନିଆଙ୍କ ସମେତ ବିକାଶ ହସ୍ପିଟାଲର ବହୁ ଡାକ୍ତର, ନର୍ସିଂ ଷ୍ଟାଫ ଓ ଅନ୍ୟାନ୍ୟ କର୍ମଚାରୀ ସାମିଲ ହୋଇଥିଲେ। ଏହାପରେ ଗାନ୍ଧୀ ଛକଠାରେ ଏକ କାର୍ଡିଆକ୍ ସ୍କ୍ରିନିଂ କ୍ୟାମ୍ପ ଆୟୋଜିତ ହୋଇଥିଲା।

୬ ପୁରୁଣା ୱାରେଣ୍ଟ ମାମଲାରେ ୬ ଗିରଫ

ପାଇକମାଳ,୨୯।୯(ସମିସ): ପାଇକମାଳ ଥାନା ପୁଲିସ ପକ୍ଷରୁ ବିଭିନ୍ନ ପୁରୁଣା ମାମଲାରେ ଅଦାଲତଙ୍କ ଦ୍ୱାରା ଜାରି ହୋଇଥିବା ଜାମିନବିହୀନ ପରୱାନା (ଏନବିଡବ୍ଲ୍ୟୁ) ଆଧାରରେ ୬ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି ମଙ୍ଗଳବାର ଅଦାଲତରେ ହାଜର କରିଛି। ଗିରଫ ବ୍ୟକ୍ତିମାନେ ହେଲେ ମାଣ୍ଡିଆଡିପା ଗାଁର ସତ୍ୟାନନ୍ଦ ବରିହା (୫୫) ଓ ନିତ୍ୟାନନ୍ଦ ବରିହା (୪୯), ଖଣ୍ଡିଝରଣ ଗାଁର ଜୟଦେବ ଭୂଏ (୩୪), ଭୁବନେଶ୍ୱରପୁର ଗାଁର ଦୁର୍ଜନ ବରିହା (୬୦), ଝିଟିକି ଗାଁର କୃଷ୍ଣ ସୋନି (୩୧) ଏବଂ ଟେମେରୀ ଗାଁର ନିରଞ୍ଜନ ଜୁଏଡ (୨୯)। ଅଦାଲତରେ ଦୀର୍ଘଦିନ ଧରି ବିଚାରାଧୀନ ଥିବା ବିଭିନ୍ନ ମାମଲାରେ ହାଜର ନହେବାରୁ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଏନବିଡବ୍ଲ୍ୟୁ ଜାରି ହୋଇଥିଲା।

ଅସହାୟ ବୃଦ୍ଧାଙ୍କୁ ଉଦ୍ଧାର କଲା ନିଷ୍ଠା ପରିବାର

ବରଗଡ,୨୯।୯(ସମିସ): ବରଗଡ ଜିଲ୍ଲା ବରପାଲି ବ୍ଲକ ଅନ୍ତର୍ଗତ ବରମକେଲା ଗ୍ରାମ ପଞ୍ଚାୟତ ପରମାନପୁର ଠାରେ ଏକ ପୋଖରୀ କଡ଼ରେ ଭଙ୍ଗାଦଦରା ଘରେ ଏକାକୀ ରହୁଥିବା ଅସହାୟ ବୃଦ୍ଧା ଦୂତୀ ସାହୁ (୮୫)ଙ୍କୁ ଉଦ୍ଧାର କରିଛି ନିଷ୍ଠା ପରିବାର। ବୃଦ୍ଧାଙ୍କ ସମ୍ପର୍କରେ ନିଷ୍ଠା ପରିବାର ସଭାପତି ଅଶ୍ୱିନୀ ତ୍ରିପାଠୀ ସୂଚନା ପାଇ କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ସାହୁ, ଝସକେତନ ସାହୁ, ବେଣୁ ଧରେଇ ତୁରନ୍ତ ପରମାନପୁର ଅଭିମୁଖେ ଯାଇଥିଲେ। ଦୂତୀଙ୍କ ସ୍ୱାମୀଙ୍କ ୨ ବର୍ଷ ପୂର୍ବରୁ ମୃତ୍ୟୁ ହୋଇଥିବାବେଳେ ପିଲାଛୁଆ ନାହାନ୍ତି। ନିଷ୍ଠା ପରିବାର ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିବାରୁ ୧୦୮ ଖାଲି ନ ଥିବାରୁ ପିପଲିପାଲିର ଦେବାଶିଷ ନନ୍ଦଙ୍କ ସହଯୋଗରେ ଏକ ବୋଲେରୋରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ବର୍ତ୍ତମାନ ତାଙ୍କ ଚିକିତ୍ସା ଚାଲିଛି।

ବାଜେନମୁଣ୍ଡା କେଆର୍‌ପି ହାଇସ୍କୁଲରେ ହିନ୍ଦୀ ଦିବସ

ପଦ୍ମପୁର,୨୯।୯(ସମିସ): ପଦ୍ମପୁର ଉପଖଣ୍ଡ ଅଧୀନସ୍ଥ କେ.ଆର୍.ପି. ଉଚ୍ଚ ବିଦ୍ୟାଳୟ ବାଜେନମୁଣ୍ଡା ପରିସର ମଧ୍ୟରେ ବିଦ୍ୟାଳୟସ୍ତରୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଜାପତି ବାରିକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ପଦ୍ମପୁର ରାମ ସିଂହ ଭୋଇ, ମୁଖ୍ୟ ବକ୍ତା ଅବସର ପ୍ରାପ୍ତ ହିନ୍ଦୀ ଶିକ୍ଷକ କୁବେର ଦାସ, ସମ୍ମାନିତ ଅତିଥି ସମ୍ବଲପୁର ବିଶ୍ୱବିଦ୍ୟାଳୟର ମେଧାବୀ ବିଦ୍ୟାର୍ଥୀ ଛାତ୍ରୀ କୁମାରୀ ରୋଜାଲିନ ପ୍ରଧାନ ଓ ବାଦିମାଳ କ୍ଲଷ୍ଟର ସିଆର୍‌ସିସି ଦେବାର୍ଚ୍ଚନ ତୁରିଆ ମଞ୍ଚାସିନ ଥିଲେ। ହିନ୍ଦୀ ଶିକ୍ଷକ ପ୍ରଶନ୍ନ କୁମାର ମେହେର ସଂଯୋଜକ ଦାୟିତ୍ୱ ତୁଲାଇ ହିନ୍ଦୀ ଦିବସର ଉଦ୍ଦେଶ୍ୟ ବିଷୟରେ କହିଥିଲେ। ରାଷ୍ଟ୍ର ଭାଷାର ବିକାଶ, ହିନ୍ଦୀ ଭାଷାର ପ୍ରସାର ପ୍ରଚାର ଓ ହିନ୍ଦୀ ଶବ୍ଦ ଦିଗରେ ଅତିଥିଗଣ ଗୁରୁତ୍ୱାରୋପ କରିଥିଲେ। ଅତିଥି ମାନଙ୍କୁ ଶ୍ରୁତି ଫଳକ ଓ ଉପଢୌକନ ସହିତ ସମ୍ମାନୀତ କରାଯାଇଥିଲା। ଆଗରୁ ସମାପ୍ତି ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ୨୦୨୫-୨୬ ଶିକ୍ଷା ବର୍ଷର ହିନ୍ଦୀ ବିଷୟରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ଭାରତୀ କୁମ୍ଭାର(ଦଶମ) ଓ ବର୍ଷା ମେହେର (ନବମ)ଙ୍କୁ ମେଧାବୀ ବିଦ୍ୟାର୍ଥୀ ପୁରସ୍କାର ପ୍ରଦାନ କରାଗଲା।

ମୃତ୍ୟୁ ପରେ ଶରୀର ଦାନ ପାଇଁ ଗୋଟିଏ ପରିବାର ୪ ଜଣଙ୍କ ପ୍ରତିଜ୍ଞା

ବରଗଡ଼,୨୯।୯(ସମିସ): ବରଗଡ଼ ଉର୍ଦ୍ଧନା ଗାଁର ଗୋଟିଏ ପରିବାରର ୪ ଜଣ ସଦସ୍ୟ ଶରୀର ଦାନ ପ୍ରତିଜ୍ଞା ପୂରଣ କରିଥିଲେ। ସ୍ୱର୍ଗତ ଆଦିତ୍ୟ ମହାପାତ୍ର ଏବଂ ତାଙ୍କ ବଡ଼ ଭଉଣୀ ଯଶୋବନ୍ତୀ ମହାପାତ୍ରଙ୍କ ମୃତ୍ୟୁ ପରେ ଶରୀର ଦାନ କରାଯାଇଥିଲା। ଏହାଦ୍ୱାରା ଅନୁପ୍ରାଣିତ ହୋଇ ସ୍ୱର୍ଗତ ଆଦିତ୍ୟଙ୍କ ବଡ଼ ପୁଅ ରବିନ୍ଦ୍ର ମହାପାତ୍ର, ତାଙ୍କ ବଡ଼ ବୋହୂ ଜୟଶ୍ରୀ ମହାପାତ୍ର, ତାଙ୍କ ଭାଇ କୀର୍ତ୍ତି ଚନ୍ଦ୍ର ମହାପାତ୍ର ଏବଂ ତାଙ୍କ ଭଣଜା ରମେଶ ଚନ୍ଦ୍ର ମହାପାତ୍ର ବୁର୍ଲା ଆନାଟୋମି ବିଭାଗରେ ଶରୀର ଦାନ ପ୍ରତିଜ୍ଞା ଦାଖଲ କରିଥିଲେ। ଏହି ସମସ୍ତ କାର୍ଯ୍ୟ ମାରୱାଡି ମହିଳା ସମିତିର ଶରୀର ଦାନ ମୁଖ୍ୟ ଅଞ୍ଜୁ ମିତ୍ତଲଙ୍କ ସମର୍ଥନରେ କରାଯାଇଥିଲା।

ସକାଳ
THE SAKALA

ସମ୍ପାଦକୀୟ



ଅହିଂସାର ପ୍ରଥମ ସୋପାନ ହେଉଛି ଜୀବନର ସବୁକ୍ଷେତ୍ରରେ ନ୍ୟାୟର ସୁନିଶ୍ଚିତତା।
-ମହାତ୍ମା ଗାନ୍ଧୀ

ଇଥାନଲ୍: ଏବେ ବଳକା ଚିନ୍ତା

ଇନ୍ଧନରେ ଆମଦାନୀ ନିର୍ଭରଶୀଳତା ହ୍ରାସ ଏବଂ ପରିବେଶ ସୁରକ୍ଷା ଦୃଷ୍ଟିରୁ ଭାରତରେ ଇଥାନଲ୍ ଉତ୍ପାଦନ ବୃଦ୍ଧିକୁ ଗୁରୁତ୍ୱ ଦିଆଯାଉଛି। ସମ୍ପ୍ରତି ପେଟ୍ରୋଲ୍‌ରେ ୨୦% ପର୍ଯ୍ୟନ୍ତ ଇଥାନଲ୍ ମିଶ୍ରଣ ପାଇଁ ନୀତିଗତ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ବେଳେ ଭବିଷ୍ୟତରେ ଅନୁପାତ ବୃଦ୍ଧି ଏବଂ ଡିଜେଲ୍‌ରେ ଇଥାନଲ୍ ମିଶ୍ରଣ ପାଇଁ ଯୋଜନା ହେଉଛି। ଅପରପକ୍ଷରେ ଆଖୁ, ମକା, ସୋୟାବିନ୍ ଓ ଚାଉଳ ଆଦି ଶସ୍ୟର ମୂଲ୍ୟଯୁକ୍ତ ଉପଯୋଗ ପାଇଁ ଇଥାନଲ୍ ଅପୂର୍ବ ବିକଳ୍ପ ଆଣିଛି। ଇଥାନଲ୍ ଉତ୍ପାଦନ ବୃଦ୍ଧି ସହିତ ଭାରତୀୟ କୃଷି ଓ କୃଷକଙ୍କ ପାଇଁ ଏକ ଲାଭଦାୟକ ବଜାର ମଧ୍ୟ ସୃଷ୍ଟି ହୋଇଛି। କିନ୍ତୁ ଇଥାନଲ୍ ଉତ୍ପାଦନରେ ଭାରତର ସଫଳତା ଭିନ୍ନ ଏକ ସମସ୍ୟା ସୃଷ୍ଟି କରିଛି।

ଜଳ ବହୁଳେ ସୃଷ୍ଟି ନାଶ ଭଳି ଦେଶରେ ଇଥାନଲ୍ ଉତ୍ପାଦନ କ୍ଷମତା ଯେଉଁ ଗତିରେ ବଢୁଛି ତା' ସହ ତାଳ ଦେଇ ଚାହିଦା ବଢ଼ିପାରୁ ନଥିବାରୁ ଇଥାନଲ୍ ପାଇଁ ଭଣ୍ଡାରଣ ସମସ୍ୟା ସୃଷ୍ଟି ହୋଇଛି। ମାଇଲେଜ୍ ଓ ଯାନ୍ତ୍ରିକ ସମସ୍ୟା ଯୋଗୁଁ ଇଥାନଲ୍ ମିଶ୍ରିତ ପେଟ୍ରୋଲ୍ ଭାରତୀୟମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ଗ୍ରହଣୀୟ ହୋଇପାରିନାହିଁ। ସରକାରୀ ତଥ୍ୟ ଅନୁସାରେ, ୨୦୧୩-୧୪ରେ ପେଟ୍ରୋଲରେ ଇଥାନଲ୍ ମିଶ୍ରଣ ମାତ୍ର ୧.୫୩ ପ୍ରତିଶତ ଥିଲା। ୨୦୨୪-୨୫ରେ ଏହା ୧୯.୨୪ ପ୍ରତିଶତରେ ପହଞ୍ଚିଲା। ୨୦ ପ୍ରତିଶତ ମିଶ୍ରଣର ଲକ୍ଷ୍ୟ ମଧ୍ୟ ନିର୍ଦ୍ଧାରିତ ସମୟର ପୂର୍ବରୁ ହାସଲ ହୋଇଛି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଭାରତର ଇଥାନଲ୍ ଉତ୍ପାଦନ କ୍ଷମତା ପ୍ରାୟ ୨, ୦୦୦ କୋଟି ଲିଟରରେ ପହଞ୍ଚିଛି। ଏହା ନିଶ୍ଚିତ ଭାବେ ଏକ ନୀତିଗତ ସଫଳତା। କିନ୍ତୁ ବର୍ତ୍ତମାନର ଇ୨୦ ଇନ୍ଧନ ଓ ଅନ୍ୟ ଶିଳ୍ପ କ୍ଷେତ୍ରର ଚାହିଦା ତୁଳନାରେ ପ୍ରାୟ ୭୦୦ କୋଟି ଲିଟର ବଳକା ରହିଛି।

ବହୁ ଆକାଂକ୍ଷିତ ଇଥାନଲ୍ ବୋଝ ହୋଇଯିବା ପରେ ଇଥାନଲ୍ ଶିଳ୍ପ, କୃଷି, ଇନ୍ଧନ ନୀତି, ଖାଦ୍ୟ ସୁରକ୍ଷା ଓ ଗ୍ରାମୀଣ ଅର୍ଥନୀତି ପାଇଁ ଏକ ନୂଆ ଆହ୍ୱାନ ସୃଷ୍ଟି କରିଛି। ତେଣୁ ଇଥାନଲ୍ ନୀତି ପୁନର୍ବିଚାର କରିବା ପାଇଁ ମତ ପ୍ରକାଶ ପାଉଛି। ପରିବେଶ ଓ କୃଷି ବିଶେଷଜ୍ଞମାନେ ଇଥାନଲ୍ ଉତ୍ପାଦନ ବୃଦ୍ଧିକୁ 'ଖାଦ୍ୟ ବନାମ ଇନ୍ଧନ' ତରାଜୁରେ ତଉଲିବା ଆରମ୍ଭ କରିଛନ୍ତି। ପେଟ୍ରୋଲ୍‌ରେ ଇଥାନଲ୍ ମିଶ୍ରଣ ବଢ଼ିଲେ ଯାନବାହନରୁ ନିର୍ଗମନ ଜନିତ ପରିବେଶ ପ୍ରଦୂଷଣକୁ କିଛିମାତ୍ରାରେ ନିୟନ୍ତ୍ରଣ କରାଯାଇପାରିବ। ଅପରପକ୍ଷରେ ଧାନ, ମକା, ଆଖୁ ଭଳି ଫସଲ ଇଥାନଲ୍ ଉତ୍ପାଦନରେ ଅଧିକରୁ ଅଧିକ ଉପଯୋଗ ହେଲେ ଖାଉଟି ବଜାରରେ ଖାଦ୍ୟଶସ୍ୟର ଉପଲବ୍ଧତା ଓ ମୂଲ୍ୟ ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ବହୁଗୁଣିତ ହେବ। ଏହି ସବୁ ଶସ୍ୟ ଅଧିକ ଜଳ ଆବଶ୍ୟକ କରୁଥିବାରୁ ଦେଶରେ ଭୂତଳ ଜଳସଙ୍କଟ ସୃଷ୍ଟି ହେବା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦେଇ ହେବ ନାହିଁ। ଭାରତର ନୀତି ନିର୍ଦ୍ଧାରକଙ୍କ ପାଇଁ ସାମ୍ପ୍ରତିକ ଇଥାନଲ୍ ବୋଝ ଏହି ଶିକ୍ଷା ଦେଇଛି ଯେ ଉତ୍ପାଦନ କ୍ଷମତା ବଢ଼ାଇବା ପୂର୍ବରୁ ବଜାରର ସ୍ଥିତି, ସୁଯୋଗ ଓ ସମ୍ଭାବନାର ଆକଳନ ଅତ୍ୟାବଶ୍ୟକ ଥିଲା।

ଭାରତ ଭଳି ବିଶ୍ୱର ସର୍ବବୃହତ୍ ଜନସଂଖ୍ୟା ବିଶିଷ୍ଟ ଦେଶ ପାଇଁ ଏଭଳି ଏକ ଇଥାନଲ୍ ନୀତି ଆବଶ୍ୟକ, ଯେଉଁଥିରେ ଶକ୍ତି ସୁରକ୍ଷା ସହିତ ଖାଦ୍ୟ ସୁରକ୍ଷା ଓ ଜଳ ସୁରକ୍ଷାକୁ ମଧ୍ୟ ସମାନ ଗୁରୁତ୍ୱ ମିଳିବ। ଆହୁରି ମଧ୍ୟ ଦ୍ୱିତୀୟ ପିଢ଼ିର ଇଥାନଲ୍ ଉତ୍ପାଦନ ଦିଗରେ ନୀତି ନିର୍ଦ୍ଧାରକମାନେ ବିଚାର କରିବା ଆବଶ୍ୟକ, ଯେଉଁଥିରେ କୃଷିବର୍ଜ୍ୟ ଓ ଅନ୍ୟାନ୍ୟ ଜୈବ ଅବଶିଷ୍ଟରୁ ଇଥାନଲ୍ ଉତ୍ପାଦନ ହୋଇପାରିବ। ଏହା ଖାଦ୍ୟଶସ୍ୟ ଉପରେ ଚାପ ହ୍ରାସ ସହ ଉଦ୍‌ବୃତ୍ତ କୃଷିବର୍ଜ୍ୟକୁ ଆୟର ଉତ୍ସରେ ପରିଣତ କରିପାରିବ। ସେହିପରି ଇଥାନଲ୍‌କୁ କେବଳ ପେଟ୍ରୋଲ୍‌ରେ ମିଶ୍ରଣ ଲକ୍ଷ୍ୟରେ ସୀମିତ ନରଖି ରାସାୟନିକ ଶିଳ୍ପ, ଔଷଧ, ଜୈବ ଉତ୍ପାଦ ଆଦିରେ ଏହାର ବ୍ୟବହାର ଦିଗରେ ନୂଆ ବିକଳ୍ପ ଚିନ୍ତା କରିବାକୁ ହେବ। ରପ୍ତାନି ବଜାରର ସମ୍ଭାବନା ମଧ୍ୟ ଖୋଜିବା ଆବଶ୍ୟକ। ଅନ୍ୟ ଦୃଷ୍ଟିରେ ଇଥାନଲ୍ ବଳକା ସମସ୍ୟା ଭାରତ ପାଇଁ ସଙ୍କଟ ସହିତ ସୁଯୋଗ ଆଣିଛି। ଇଥାନଲ୍‌କୁ କଞ୍ଚାମାଲ୍ ରୂପେ ବିଚାର କରି ବିଶ୍ୱ ବଜାରରେ ପ୍ରବେଶ କରିବା ଭାରତ ପାଇଁ ଏହା ପ୍ରକୃଷ୍ଟ ସୁଯୋଗ। ଏଥିପାଇଁ କିନ୍ତୁ ଉତ୍ପାଦର ମାନ, ମୂଲ୍ୟ, ଆନ୍ତର୍ଜାତିକ ମାନଦଣ୍ଡ ଓ ବାଣିଜ୍ୟ ନୀତି ମଧ୍ୟରେ ସମନ୍ୱୟ ଆବଶ୍ୟକ। ଏହି ନୀତିଗତ ସନ୍ତୁଳନ ଓ ସମନ୍ୱୟ ହିଁ ଭାରତର ଇନ୍ଧନ ଅର୍ଥନୀତିକୁ ଦୀର୍ଘକାଳୀନ ସମୟରେ ସଫଳତା ଦେଇପାରିବ।

ସାମ୍ପ୍ରତିକ ପୃଷ୍ଠଭୂମିରେ ଭାରତର ଇଥାନଲ୍ ନୀତିକୁ 'ଅଧିକ ଉତ୍ପାଦନ'ରୁ 'ସନ୍ତୁଳିତ ବଜାର' ଦିଗକୁ ପରିବର୍ତ୍ତନ ହେବା ଆବଶ୍ୟକ। ଭବିଷ୍ୟତର ଚାହିଦା, ଯାନବାହନ ପ୍ରଯୁକ୍ତି, ଶିଳ୍ପ ବ୍ୟବହାର ଓ ରପ୍ତାନି ସମ୍ଭାବନାକୁ ଏକାଠି ରଖି ଉତ୍ପାଦନ କ୍ଷମତାର ଯୋଜନା କରିବାକୁ ପଡ଼ିବ। ନଚେତ ସରକାରୀ ପ୍ରୋତ୍ସାହନରେ ଗଢ଼ିଉଠିଥିବା ଅନେକ କାରଖାନା ନିଜ କ୍ଷମତା ଅନୁଯାୟୀ ବଜାର ନପାଇ ଆର୍ଥିକ ଚାପରେ ରୁଗ୍‌ଣ ଶିଳ୍ପରେ ପରିଣତ ହୋଇ ଦେବାଳିଆ ହୋଇପାରନ୍ତି। ଇଥାନଲ୍ ଭାରତର ଜଳବାୟୁ ଓ ଶକ୍ତି ସୁରକ୍ଷା ନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। କୃଷକ, ଉପଭୋକ୍ତା, ଶିଳ୍ପ ଓ ସରକାରଙ୍କ ଆର୍ଥିକ ନୀତି ସହିତ ଏହା ସହିତ ଜଡ଼ିତ। ତେଣୁ ଆଜିର ବଳକା ସମସ୍ୟାକୁ ସାମୟିକ ବଜାର ଅସୁବିଧା ଭାବେ ନଦେଖି ଭବିଷ୍ୟତ ଇଥାନଲ୍ ନୀତିର ପୁନଃସମୀକ୍ଷାର ସଙ୍କେତ ଭାବେ ଗ୍ରହଣ କରିବା ଦରକାର। ଭାରତ ଏଥିରୁ ଶିକ୍ଷା ଲାଭ କଲେ ଭଲ।

ଫୋନ ପେ ଚଡ଼କ: ଉପଭୋକ୍ତା ମଡ଼କ

ଡ. ନିରଞ୍ଜନ ସାହୁ

ପ୍ରାୟ ଦଶବର୍ଷ ତଳେ 'ନ୍ୟାସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ)'ଙ୍କ ଦ୍ୱାରା ଡିଜିଟାଲ ପେମେଣ୍ଟର ଯୁଗ ଆରମ୍ଭ ହୋଇଥିଲା ଭାରତରେ। ଏହାକୁ 'ୟୁନାଇଟେଡ୍ ପେମେଣ୍ଟ ଇଣ୍ଟରଫେସ'(ୟୁପିଆଇ) ବୋଲି କୁହାଯାଉଥିଲା। ମାତ୍ର ଗାଁ ଗହଳିଠାରୁ ସହରଯାଏଁ ସମସ୍ତେ 'ଫୋନ ପେ' ଭାବରେ ଏହାକୁ ଜାଣିଥିଲେ। ଏହା ଫଳରେ ଟଙ୍କା ପଇସା ବଦଳରେ ଆକାଉଣ୍ଟରୁ ଆକାଉଣ୍ଟକୁ ସହଜରେ ରାଶି ହସ୍ତାନ୍ତରିତ ହୋଇପାରିଲା, ଯାହା ଆଗରୁ କେବେ ଚିନ୍ତା କରାଯାଇନଥିଲା। କି ଦିନ କି ରାତି, କି ପର୍ବପର୍ବାଣୀ କି ଛୁଟିଦିନ ସବୁଦିନ ସବୁସମୟରେ ଟଙ୍କା ହସ୍ତାନ୍ତର ହୋଇପାରିଥିଲା। ଏହାକୁ ସ୍ୱାଧୀନୋତ୍ତର ଭାରତର ସବୁଠୁ କ୍ରାନ୍ତିକାରୀ ବାଣିଜ୍ୟିକ ପଦକ୍ଷେପ ବୋଲି ବାହାବା ନେଇଥିଲେ କେନ୍ଦ୍ରସରକାର। ଏହାର ସୁବିଧା ବଖାଣିଥିଲେ କେତେ ଆନ୍ତଃରାଜ୍ୟ ଓ ଅନ୍ତର୍ଜାତୀୟ ବୈଠକ ଓ ସମ୍ମିଳନୀରେ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏଇ ଅର୍ଥକାରବାରରେ କିଛି ଦେୟ ପଡୁ ନ ଥିଲା। ମାତ୍ର ଏବେ କେନ୍ଦ୍ର ସରକାର ୟୁପିଆଇ ଦେଣନେଣରେ ଅକ୍ଟୋବର ପନ୍ଦର ତାରିଖରେ ଟିକସ ଲଗେଇବେ ବୋଲି ଘୋଷଣା କଲାଦିନରୁ ଯେତେ ବିତର୍କ ସୃଷ୍ଟି ହେଲାଣି ତାହା ଯେମିତି ମୁହେଁଇଛି ବିପରୀତ ନଦୀର ସୁଅ ପରି। ସରକାର କହୁଛନ୍ତି ଏହି ନୂଆ ମାଧ୍ୟମଟି ଏତେ ଲୋକପ୍ରିୟ ହେବା ଫଳରେ ଏଥିରେ କିପରି ସାଇବର ସୁରକ୍ଷାକୁ ଅଧିକ କଡ଼ାକଡ଼ି କରାଯାଇପାରିବ ତାହାକୁ ଧ୍ୟାନରେ ରଖାଯାଇଛି, ଯାହା ଅଧିକ ବ୍ୟୟସାପେକ୍ଷ। ଦ୍ୱିତୀୟ କଥା ହେଲା ଲୋକମାନେ ସୁବିଧାତକ ପାଇଥିବା ବେଳେ ସେଥିରେ ଯେଉଁ ଖର୍ଚ୍ଚ ହେଉଛି ତାହା ଦିନକୁ ଦିନ ଭରଣା କରିବା ଦରକାର ପଡୁଛି। ମୋଟ କାରବାରର ଶତକଡ଼ା ଛୟାନବେ ଭାଗ ଦୁଇହଜାର ଟଙ୍କାରୁ କମ୍ ଦେୟ ବିଶିଷ୍ଟ କାରବାର ହୋଇଥିବାରୁ ଗରିବ ଖାଉଟିମାନଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ମାତ୍ର ତା'ଠାରୁ ଅଧିକ ଦେୟ ବିଶିଷ୍ଟ କାରବାରରେ ଶତକଡ଼ା ଶୂନ୍ୟ ଦଶମିକ ଚାରି ହିସାବରେ ଟିକସ ଦେବାକୁ ପଡ଼ିବ।

ସବୁବେଳେ ସରକାରୀ ହିସାବଗୁଡ଼ିକ ବାହାରକୁ ଚକାଚକ ଲାଗେ। ମାତ୍ର ଯଦି ପ୍ରଶ୍ନ କରାଯାଏ ଶହେରୁ ଚାରିପ୍ରତିଶତ ଦୁର୍ଘଟଣା ହେଲେ ତାହାକୁ କେହି ନିରାପତ୍ତାର ପ୍ରମାଣପତ୍ର ବୋଲି ଗ୍ରହଣ କରିବେ କି? ଦ୍ୱିତୀୟତଃ, ବ୍ୟବସାୟୀମାନେ ଅଧିକ ଖର୍ଚ୍ଚକୁ ଭରଣା କରିବେ ବୋଲି ସରକାରୀ କୈଫିୟତ ଗ୍ରହଣଯୋଗ୍ୟ ଲାଗୁନାହିଁ। ଏହାଫଳରେ ବ୍ୟବସାୟୀମାନେ ପରୋକ୍ଷରେ ପୁଣି ୟୁପିଆଇକୁ ଶୀତଳଭଣ୍ଡାରରେ ରଖି ଆଉ ଥରେ ନଗଦ ଟଙ୍କା ବ୍ୟବହାରକୁ ଆପଣେଇବେ ବୋଲି ଇଙ୍ଗିତ ଦେଲେଣି। ଅର୍ଥାତ୍, ବାରବର୍ଷର ତପସ୍ୟା ପୁଣି ଶୁଖୁଆପୋଡ଼ାରେ ଯିବାକୁ ବସିଛି। ଯାହାପାଇଁ କେନ୍ଦ୍ର ସରକାର ଏତେ ପ୍ରଶଂସା ଗୋଟାଉଥିଲେ ତାହାର ଗୁମର ପଦାରେ ପଡ଼ିଛି। ଗତବର୍ଷ ଏପରି ସମ୍ଭାବନା ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ହେଲାପରେ ସ୍ପଷ୍ଟୀକରଣ ଦେଇ କେନ୍ଦ୍ର ଅର୍ଥମନ୍ତ୍ରୀ ତାହା ଗୁଜବ ବୋଲି ଘୋଷଣା କରିଥିଲେ। ମାତ୍ର ଏବେକାର ସରକାରୀ ଘୋଷଣା ପ୍ରମାଣ କରିଦେଲା ଯେ ତାଙ୍କ କଥାରେ ବାସ୍ତବତା କେତେ।

କିଛିବର୍ଷ ତଳେ ଆମ୍ବାନୀ ପରିଚାଳିତ ରିଲାଏନ୍‌ସ ଟେଲିକମ୍ ସେକ୍ଟରକୁ ପ୍ରବେଶ କଲା ବେଳେ ଗୋଟିଏ ନୂଆ ନାମ ବାଛିଥିଲେ। ତାହା ଥିଲା ଜିଓ। ଉପଭୋକ୍ତାଙ୍କର ମନ ଜିତିବା ପାଇଁ ପ୍ରଥମେ ସେମାନେ ବର୍ଷକ ପାଇଁ ବିନା ଶୁଳ୍କରେ ସୁବିଧା ପ୍ରଦାନ କରିଥିଲେ। ମୋବାଇଲ ଫୋନ୍‌ରେ ବିନା ଖର୍ଚ୍ଚରେ ସୁବିଧାତକ ଉପଲବ୍ଧି କରିବା ଥିଲା ଗ୍ରାହକଙ୍କ ପାଇଁ ଅତିଖୁସିର ସମୟ। କ୍ରମେ ଯେତେବେଳେ ସେମାନେ ବ୍ୟବହାରର ଉପାଦେୟତା ବୁଝିଲେ ଆଉ ତାହାକୁ ଛାଡ଼ିବା ଥିଲା ଏକରକମର ଅସମ୍ଭବ। ସେତିକିବେଳେ ରିଲାଏନ୍‌ସ ଜିଓ ତାଙ୍କର ଅସଲ ରୂପ ଦେଖେଇଲେ ଶୁଳ୍କ ବଢ଼ାଇ। ଅଭ୍ୟାସ ବଦଳେଇ ପାରି ନ ଥିଲେ ଉପଭୋକ୍ତାମାନେ ଏବଂ କିଛିକାଳ ଏକଚାଟିଆ କାରବାର କରିବାର ସୁଯୋଗ ପାଇଲା ଜିଓ। ବର୍ତ୍ତମାନର କେନ୍ଦ୍ର ସରକାର ଭାବୁ ନାହାନ୍ତି ତ ୟୁପିଆଇର ସୁବିଧା ଦଶବର୍ଷ କାଳ ଉପଯୋଗ କରିବା ଭିତରେ ସମଗ୍ର ଦେଶର ଉପଭୋକ୍ତାମାନେ ଏକଦମ ଅଭ୍ୟାସରେ ପଡ଼ିଯାଇଛନ୍ତି? ଆଉ ଏତିକି ବେଳେ ତା'କୁ ଦେୟଯୁକ୍ତ କଲେ ସେମାନେ ସେଥିରୁ ଆଉ ନିଜକୁ ମୁକୁଳେଇ ପାରିବେ ନାହିଁ। ଅକ୍ଟୋପସର ପଞ୍ଝା ଭିତରେ ଶିକାର ଥରେ ପଶିଗଲେ କିମ୍ବା ବୁଢ଼ିଆଣୀର ଜାଲ ଭିତରୁ କୌଣସି କୀଟପତଙ୍ଗ ଯେମିତି ଫେରିପାରେ ନାହିଁ, ସେମିତି ଅବଶ୍ୟାମ୍ଭାବୀ ପରିସ୍ଥିତି ହେବନାହିଁ ତ!

ଦଶବର୍ଷ ତଳେ ଯେତେବେଳେ ପ୍ରଥମେ ୟୁପିଆଇର ପ୍ରଚଳନ ହେଲା ସେତେବେଳେ ବର୍ଷକୁ ହୁଏତ ଦଶକୋଟି ଟଙ୍କାର କାରବାର ହୋଇଥିଲା। ମାତ୍ର ଗତ ମାସରେ (ଅଗଷ୍ଟ୨୦୨୬) ଏହା ମାଧ୍ୟମରେ ଯେଉଁ ଅସୀମ ରାଶିର କାରବାର ହୋଇଛି, ତାହାର ପରିମାଣ ତିରିଶ ଲକ୍ଷ କୋଟି ଟଙ୍କା ପାଖାପାଖି। ୟୁପିଆଇ ଫଳରେ ବାଣିଜ୍ୟ ବ୍ୟବସାୟ ମାତ୍ରାଧିକ ଭାବରେ କାୟାବିସ୍ତାର କରିଛି ଏବଂ ସାରା ପୃଥିବୀରେ ଏଇ ମୁଦ୍ରାବିହୀନ କାରବାର ବିକଶିତ ଦେଶସମୂହକୁ ବି ସ୍ତବ୍ଧ କରିଛି। କ୍ରମବର୍ଦ୍ଧିଷ୍ଣୁ ଏହି ଡିଜିଟାଲ ଭିତ୍ତିଭୂମିକୁ ସମୟ ଉପଯୋଗୀ, ବିଶ୍ୱସନୀୟ ଓ ବିଶ୍ୱସ୍ତରୀୟ ଭାବରେ କ୍ରମାଗତ ବଢ଼େଇ ରଖିବା ଏକ ପ୍ରଚଣ୍ଡ ଆହ୍ୱାନ। ତା' ସାଙ୍ଗକୁ ଆଧୁନିକ ଯୁଗରେ ସାଇବର ଠକମାନଙ୍କ ହାବୁଡ଼ରୁ ସାଧାରଣ ଗ୍ରାହକକୁ ରକ୍ଷା କରିବା ମଧ୍ୟ ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହା ବହୁ ଅର୍ଥ ଆବଶ୍ୟକ କରେ ଏଥିସହିତ ସଂଯୁକ୍ତ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପର୍କିତ ଖର୍ଚ୍ଚ ଭରଣା କରିବାକୁ। ତେଣୁ ଏହି ପ୍ରଯୁକ୍ତି ବିଦ୍ୟାକୁ କ୍ରମାଗତ ଚଳେଇ ରଖିବା ପାଇଁ ବହୁ ଅର୍ଥର ଆବଶ୍ୟକତା ରହିଛି - ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଏଥିରେ କେତେ ଅର୍ଥର ଆବଶ୍ୟକତା ତାହା ସରକାରଙ୍କ ତରଫରୁ କେବେ ପ୍ରକାଶିତ ହୋଇନାହିଁ। ମାତ୍ର ଯେଉଁ ଦେୟ 'ମର୍ଚ୍ଚାଣ୍ଟ ଡିଫେରେନ୍ସିଆଲ୍ ରେଟ୍(ଏମ୍‌ଡିଆର)' ଭାବରେ ବ୍ୟବସାୟୀଙ୍କଠାରୁ ଆଦାୟ କରାଯିବ ତାହା ଏକ ଆକଳନ ଅନୁଯାୟୀ ବାର୍ଷିକ ପନ୍ଦରରୁ ଷୋହଳ ହଜାର କୋଟି ଟଙ୍କା। ବ୍ୟବସାୟୀମାନେ ଏହି ଅତିରିକ୍ତ ଦେୟ ପାଇଁ କାଳେ ଜିନିଷର ଦରବୃଦ୍ଧି କରିବେ, ସେଥିରେ ସରକାର ତୀକ୍ଷ୍ଣ ନଜର ରଖିବେ, ଏହା ମଧ୍ୟ ଖର୍ଚ୍ଚର ପରିମାଣକୁ ବଢ଼ାଇପାରେ।

ମାଗଣା ଖାଇଲେ ଏକରକମର ପରଜୀବୀ ମନୋଭାବ ସୃଷ୍ଟି ହୁଏ। ଏହାସବୁ ଅର୍ଥନୀତିକଙ୍କ ମତ। ତା'ର ନିରାକରଣ କରିବାକୁ କ'ଣ ସରକାର ଆଗ୍ରହୀ? ଏହା ଯଦି ସତ ହୋଇଥାଏ ତା'ହେଲେ ପିଏମ୍‌କିଷାନ ଯୋଜନା, ଅନ୍ତ୍ୟୋଦୟ ଅନ୍ନ ଯୋଜନା, ସୁଭଦ୍ରା ଯୋଜନା ପରି ଆହୁରି ଅନେକ ଯୋଜନା ନାଁରେ ସରକାର ଯେଉଁ ମାଗଣା ଟଙ୍କା ଓ ଖାଦ୍ୟଦ୍ରବ୍ୟ ବଣ୍ଟନ କରୁଛନ୍ତି ତାହା କ'ଣ ବନ୍ଦ କରିବେ? ଯଦି ଭୋଟ ରାଜନୀତିର ବାଧ୍ୟବାଧକତା ତାଙ୍କ ବାଟ ଓଗାଳୁଥାଏ, ତା'ହେଲେ ୟୁପିଆଇ କାରବାର ନାଁରେ ସାମାନ୍ୟ ଅର୍ଥ ସରକାର ପାଇଲେ ମଧ୍ୟ ତାହା ତାଙ୍କର ଜନପ୍ରିୟତାକୁ ଭାଙ୍ଗି ଦେବ ନାହିଁ ତ!

ସରକାର ପ୍ରଥମରୁ କିଛି ସତର୍କତା ଅବଲମ୍ବନ କରିଛନ୍ତି ବୋଲି କୁହାଯାଇପାରିବ। କାରଣ ସବୁ କାରବାର ଉପରେ ବ୍ୟବସାୟୀମାନଙ୍କ ମୁନାଫାରୁ ଏଇ ଦେୟ ଭରଣା ହେବ ବୋଲି କହିବା ବେଳେ ଦୁଇ ହଜାର ଟଙ୍କାରୁ କମ୍ କାରବାର ଉପରେ କୌଣସି ଦେୟ ପଡ଼ିବ ନାହିଁ ବୋଲି କୁହାଯାଇଛି ଏବଂ ଏହା ସର୍ବାଧିକ ତିନିଶହଟଙ୍କାରେ ସୀମିତ ରହିବ ବୋଲି କୁହାଯାଇଛି। ବ୍ୟକ୍ତି-ବ୍ୟକ୍ତିଙ୍କ ଭିତରେ କାରବାରକୁ ଏମ୍‌ଡିଆର ଭିତରେ ଅନ୍ତର୍ଭୁକ୍ତ କରାଯାଇନାହିଁ ଏବଂ ରେଳଟିକଟ, ଟେଲିଫୋନ୍ ଦେୟ, ବିଜୁଳି ଓ ପାଣି ଦେୟକୁ ମଧ୍ୟ ଏହାର ପରିସର ବାହାରେ ରଖାଯାଇଛି। ତୈଳ (ପେଟ୍ରୋଲିୟମ୍) କ୍ରୟ ବେଳେ ପ୍ରତି କାରବାରରେ ମାତ୍ର ପାଞ୍ଚଟଙ୍କା ଦେୟ ନିଆଯିବ ବୋଲି ପ୍ରକାଶିତ ବିଜ୍ଞପ୍ତିରୁ ସୂଚିତ ହୋଇଛି। ମାତ୍ର ଏହା ଲୋକଙ୍କ ଭିତରେ ସୃଷ୍ଟି କରିଛି ଭୟ। 'ଅଙ୍ଗୁଳି ପ୍ରବେଶାତ୍ ବାହୁ ପ୍ରବେଶ' ନ୍ୟାୟରେ ଏବେ ଥରେ ଶୁଳ୍କ ଆଦାୟ ଅନାସକ୍ତ ଭାବରେ କରି ପରେ ତାକୁ ପ୍ରସାରିତ କରିବେ ନାହିଁ ତ ସରକାର? ବ୍ୟବସାୟୀମାନେ କ'ଣ ସତରେ ତାଙ୍କର ଲାଭାଂଶରୁ ଏଇ ଦେୟ ଦେବେ ଏକଥା ସାଧାରଣ ଲୋକଙ୍କ ମଗଜକୁ ପଶୁନାହିଁ।

ଏହା ଯଦି ସରକାରଙ୍କ ଏକ ବିଶେଷ ଲୋକପ୍ରିୟ କାର୍ଯ୍ୟ ଏହାକୁ ଅନ୍ୟ କୌଣସି ଦିଗରୁ ଭରଣା କରାଯାଇ ପାରନ୍ତା। ସରକାରୀ ବିଜ୍ଞାପନ ନାଁରେ ଶହଶହ କୋଟି ଖର୍ଚ୍ଚ କରୁଥିବା ବେଳେ ବହୁ ସଭାସମିତି ନାଁରେ ଅନେକ ଅପବ୍ୟୟ କରୁଛନ୍ତି ବୋଲି ସାଧାରଣ ଲୋକଙ୍କ ଧାରଣା। ଲୋକଙ୍କ ଭିତରେ ଭୟ ଦୂର କରି ସେମାନଙ୍କ ବିଶ୍ୱାସଭାଜନ ହେଲେ ଯାଇ ଏଇ ଦେୟମୁକ୍ତ ବ୍ୟବସ୍ଥା ହୁଏତ ଚଳିପାରେ। ତା' ନହେଲେ ଏହା ସରକାରଙ୍କ ପାଇଁ ଏକ ଡେମୋକ୍ଲିସ୍ ଖଣ୍ଡା ପରି ଉଭା ହେବ।

(ପୂର୍ବତନ ପ୍ରଶାସକ)
ଭୁବନେଶ୍ୱର, ମୋ: ୯୪୩୮୪୮୨୯୧୧

ମାଗଣାଖିଆ ବନାମ ଲୁଟେରା

ଜଗନ୍ନାଥ ବେହେରା

ଏବେ ଖାଲି ଚାରିଆଡ଼େ ଫ୍ରି। ଆଗରୁ କାନ ଶୁଣୁଥିଲା ଶାଗଖିଆକୁ ଦେଖି ସହି ପାରେନା ପେଜ ଖିଆ। ଏବେ ଶୁଣୁଛୁ 'ମାଗଣାଖିଆ'କୁ ଦେଖି ସହି ପାରୁନାହାନ୍ତି 'କିଣିଖିଆ'। କେମିତି ସହିବ! ଜଣେ କିଣି ଖାଇବି, ଆଉ ଆଉଜଣେ ମାଗଣା? ଲୋକ କହୁଛନ୍ତି ସବୁ ଅଳସୁଆ ହୋଇଗଲେ। ସରକାର ଏବେ ଅଡୁଆରେ। ଦେଲେ ମଲେ ନ ଦେଲେ ତିନି ପାଞ୍ଜିରୁ ଗଲେ। କିନ୍ତୁ ମାଗଣା ମିଳୁଛି କେତେ? ବଳକା ହେଉଛି ନା କିଛି ନିଅଣ୍ଟ? ଲୋକ ତ କହିବେ। କାହା କଥା କାହିଁକି ଶୁଣିବା? ପରୀକ୍ଷାନିରୀକ୍ଷା କରି ଦେଖିବା ସତ କେତେ ମିଛ କେତେ।

ଜଣେ ଖଟାଉଛି କେବଳ ମୁଣ୍ଡ। କିନ୍ତୁ ଗରିବ ଖଟାଉଛି ସାରା ଦେହ। ଜଣେ ଏସିରେ ବସୁଛି ଆଉଜଣେ ଗଛ ଛାଇକୁ ଆଦରି ନେଇଛି। ଜଣେ ଥଣ୍ଡା ପାଣି ପିଉଛି ଆଉଜଣେ ମୁଣ୍ଡ ଝାଳ ତୁଣ୍ଡେ ଦେଉଛି। ଜଣେ ଛ କୁ ନ କରି ପାରୁଛି ଆଉଜଣେ କିନ୍ତୁ ଛ ନ ବୁଝି ପାରୁନି। ଜଣେ ଅନ୍ଧାରି ବେପାର ଆଉଜଣଙ୍କର ଦିନ ଦିପ୍ରହରରେ କାରବାର। ଜଣେ ଗୋଡ଼ି ମିଶେଇ ଚାଉଳ ଦେଉଛି ଆଉଜଣେ ଗୋଡ଼ି ବାଛି ଖାଉଛି। ଜଣେ ମଦ ବିକି ବିକି ଧନୀ ଆଉଜଣେ ପି ପି ଦରିଦ୍ର। ଜଣେ ସିଗାରେଟ ବିକି ବିକି ପ୍ଲେନରେ ଆଉଜଣେ ଯକ୍ଷ୍ମାରେ ପଡ଼ି ବେଡରେ। ଜଣେ କଥା କହି କହି ନେତା ମନ୍ତ୍ରୀ ଆଉଜଣେ ଶୁଣି ଶୁଣି ଭକୁଆ ଭଲା। ନେତା ହୋଇ ଜଣେ ଦରମା ନିଏ ଆଉଜଣେ ଶ୍ରୋତା ହୋଇ ଡାଲମା ଭାତରେ ଶାନ୍ତି ହୁଏ। ଜଣେ ସାହୁକାର ଆଉଜଣେ ନୌକର। ଜଣେ ନିର୍ଦ୍ଦେଶନା ଦଉଛି ଆଉଜଣେ ନାଚୁଛି। ଜଣେ ଶୁଏ ହାତିଦାନ୍ତ ପଲଙ୍କ ଡନଲପରେ ଆଉଜଣେ ଇଟା ତକିଆ ଦେଇ ମାଟିରେ। ଜଣେ ନିଦ୍ରା ବିମୋହିତ ଆଉଜଣେ ରାତିଦିନ ଅନିଦ୍ରା। ଜଣେ କାର ଚଢୁଛି ଆଉଜଣେ ରିକ୍ସା ଟାଣୁଛି। ଜଣଙ୍କର ମଟର ସାଇକେଲ,ଆଉଜଣଙ୍କର ସାଇକେଲ। ଜଣଙ୍କର ମେଢ଼ ଉପରେ ମେଢ଼ ଆଉଜଣଙ୍କର ରଙ୍ଗଛଡ଼ା ଇନ୍ଦିରା ଆବାସ। ଜଣଙ୍କର ଗୋଟାଏ ପୁଅ ଆଉଜଣଙ୍କର ପୁଞ୍ଜାଏ। ଜଣଙ୍କର ଦିଟା ରୁଟି ଘିଅ ସାଙ୍ଗରେ ଆଉଜଣଙ୍କର ମୁଠାଏ ଭାତ ତୋରାଣି ସାଥିରେ। ଜଣଙ୍କର କଲିଜା ମାଉଁସ ଆଉଜଣଙ୍କର ମୁଣ୍ଡ ଗୋଡ଼। ଜଣଙ୍କର ବ୍ୟାଙ୍କ ବାଲାନ୍ସ ଆଉଜଣଙ୍କର ଜନଧନ। ଜଣଙ୍କର ପେଟ ଉପରେ ପେଟ ଆଉଜଣଙ୍କର ପେଟପିଠି ସରଳ। ଜଣେ ଜନ୍ମ ହୋଇଛି ସୁନାର ଚାମଚ ଧରି ଆଉଜଣେ ବୁଢ଼ା ଆଙ୍ଗୁଠି ପାଟିରେ ଦେଇ। ଜଣଙ୍କର ଘର ଦ୍ୱାର ସହର ମଧ୍ୟରେ ଆଉଜଣଙ୍କର ଗାଁ ମୁଣ୍ଡରେ। ଜଣଙ୍କ ଦାଣ୍ଡରେ ଚିକ୍କଣ ଚକ ଚକ କଂକ୍ରିଟ ରୋଡ୍ ଆଉଜଣଙ୍କର ଦୁଆରେ ଆଁଠୁଏ କାଦୁଅ। ଜଣେ ଲଢ଼େ ମଣିଷ ସଙ୍ଗେ ଆଉଜଣେ ବାଘ ଭାଲୁ ସାଥିରେ। ଜଣେ ଖାଏ ଚିକେନ ମଟନ ଅଣ୍ଡା, ଆଉଜଣେ ଭାଜି ଖାଏ ଦିଟା କୂଜି ଗେଣ୍ଡା। ଜଣେ ଟିକସ ଫାଙ୍କେ ଆଉଜଣେ ଜିଏସଟି ଭରେ। ଜଣଙ୍କର ପିଲେ ପ୍ରାଇଭେଟ ସ୍କୁଲରେ ଆଉଜଣଙ୍କର ସରକାରୀ ଗୁହାଳରେ। ଜଣଙ୍କର ପୁଅ ଡୋନେଶନ ଦେଇ ଡାକ୍ତର ଆଉଜଣଙ୍କର ପୁଅ ଦେଇ ନପାରି ଝାଡୁଦାର। ଜଣଙ୍କର ପୁଅ କୋଚିଂ ନେଇ ଆଇଏଏସ୍ ଆଉଜଣଙ୍କର ପୁଅ ଗାଁରେ ପଢ଼ି ପିଅନ। ଜଣେ ଚିକିତ୍ସା ପାଏ ବିଦେଶରେ ଆଉଜଣେ ଗଛ ମୂଳ ଚେର ଖାଏ। ଜଣେ ମାଗୁଛି ଚୁପଚାପ ଟେବୁଲ ତଳେ ଆଉଜଣେ ମାଗେ ପାଟି କରି। ଜଣେ ଛୁରୀ ଭୁଜାଲି ଦେଖାଇ କୋଟି କୋଟି ଆଉଜଣେ ହାତ ପାତି ମାଗେ ଚାଉଳ ମୁଠାଟି। ଜଣେ କିଣି ଖାଏ ଆଉଜଣେ ମାଗଣା ଖାଏ।

ଏବେ କୁହ। କଥା କଥାରେ ଜଣକୁ ଅଙ୍ଗୁଠି ଦେଖାଇବା କେତେ ଦୂର ଠିକ। କ୍ରେତା ଥିଲେ ତ ବିକ୍ରେତା ରହିବ। ସମୟ ପରିସ୍ଥିତି ଆଉ ପରିଶ୍ରମ ହିଁ ସବୁରି ମୂଳ କାରଣ। ରାଜା ହରିଶଚନ୍ଦ୍ର ଦିନେ ମାଗଣା ଖାଉଥିଲେ। ପଞ୍ଚୁ ପାଣ୍ଡବ ଦିନେ ପାଞ୍ଚ ପଡ଼ା ମାଗିଥିଲେ। ରାଜା ଶାସନ ବେଳେ ମନ୍ଦିର ପୂଜାରୀ କୁ ଫ୍ରି। ମନ୍ତ୍ରୀକୁ ଫ୍ରି। କବି ଲେଖକକୁ ଫ୍ରି। ବନ୍ୟା ହେଲେ ମରୁଡ଼ି ପଡ଼ିଲେ ଫ୍ରି। କରୋନା ସମୟରେ ଅନେକ ଉଦାହରଣର ଏହି ଆଖି ସାକ୍ଷୀ ଅଛି। ସୃଷ୍ଟି ଆରମ୍ଭରୁ ଏମିତି ଗୋଟିଏ ଭାରସମ୍ୟ ରକ୍ଷା ହୋଇ ଆସିଛି। ସବୁ ମାଗଣା ଖିଆ ଯଦି କିଣି ଖିଆ ହୋଇଯିବେ ଚାଷ କିଏ କରିବ? ଇଟା କିଏ ପୋଡ଼ିବ। ରାସ୍ତାରେ କଂକ୍ରିଟ ପଡ଼ିବ କେମିତି? ଘର ତିଆରି କରିବ କିଏ? ଜଙ୍ଗଲ ସାରା ଯଦି ବାଘ ରହିବ, ସମୁଦ୍ର ସାରା ଯଦି ବଡ଼ ମାଛ ରହିବ, କେବଳ ଯଦି ଧାରାଶ୍ରାବଣରେ ହିଁ ଖରା ହେବ ସଂସାର ଚାଲିବ ତ?

ଗରିବ ଭାଇ ଦିଟା ଚାଉଳ, ଟିକେ କରେଣ୍ଟ, ଖଣ୍ଡେ ମୋବାଇଲ, ଗୋଟେ ସାଇକେଲ ନେଇ ଗଲେ କ'ଣ କୋଷ ଖାଲି ହେଇଯାଇଛି? ଆଜି ନହେଲେ କାଲି କିଛି ଗୋଟାଏ ସ୍ଥାୟୀ ସମାଧାନ ନିଶ୍ଚୟ ହେବ। କିଛି କିଛି ବି ଘଟିଲାଣି। ସମୟ ଅନୁସାରେ କମି କମି ଆସୁଛି। ଯେମିତି ଆଜିକାଲି ଭିକାରି ସଂଖ୍ୟାରେ ବିରାଟ ପରିବର୍ତ୍ତନ ଘଟିଛି। କିନ୍ତୁ ଏମିତି ଏ ଫ୍ରି ରାଜନୀତି କେତେ ଦିନ?

ନବରଙ୍ଗପୁର, ମୋ: ୯୪୩୭୭୮୫୧୫୮

ପତ୍ନୀ ରଥୀ, ପତି ସାରଥି

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଦ୍ୱାପର ଯୁଗର କଥା। ସେତେବେଳେ ସାରାସଂସାରରେ ଗଦାଯୁଦ୍ଧରେ ପ୍ରଭୁ ବଳରାମଙ୍କ ସମକକ୍ଷ ଯୋଦ୍ଧା କେହି ନ ଥିଲେ। ତେଣୁ କୌରବ ରାଜକୁମାର ଦୁର୍ଯ୍ୟୋଧନ ତାଙ୍କୁ ଗୁରୁପଦରେ ବରଣ କରି ଗଦା ଯୁଦ୍ଧ ଶିକ୍ଷା କରିଥିଲେ ଏବଂ ସେଥିରେ ପାରଦର୍ଶିତା ଲାଭ କରି ଥିଲେ। ପ୍ରଭୁ ବଳରାମ ତାଙ୍କୁ ବହୁତ ଭଲ ପାଉଥିଲେ। ରାଜା ଧୃତରାଷ୍ଟ୍ର ସେସମୟରେ ପିତାମହ ଭୀଷ୍ମଙ୍କ ବାହୁବଳରେ ଭାରତର ରାଜଚକ୍ରବର୍ତ୍ତୀ ଥିଲେ। ଦୁର୍ଯ୍ୟୋଧନ ଥିଲେ ତାଙ୍କର ଜ୍ୟେଷ୍ଠ କୁମାର। ତେଣୁ ବଳରାମ ନିଜର ଭଉଣୀ ସୁଭଦ୍ରାଙ୍କ ସହ ତାଙ୍କର ବିବାହ କରିବା ପାଇଁ ସ୍ଥିର କରି ସେ ବିଷୟରେ ପରିବାରର ବଡ଼ମାନଙ୍କର ସମ୍ମତି ହାସଲ କରିନେଲେ। କିନ୍ତୁ ଶ୍ରୀକୃଷ୍ଣ ଓ ତାଙ୍କ ରାଣୀମାନେ ଜାଣିଥିଲେ ଯେ ସୁଭଦ୍ରା ମଧ୍ୟମପାଣ୍ଡବ ଅର୍ଜୁନଙ୍କୁ ଭଲ ପାଉଥିଲେ। ଧନୁର୍ଦ୍ଧର ଓ ସୌମ୍ୟ ଦର୍ଶନ ଶ୍ରୀକୃଷ୍ଣଙ୍କର ପ୍ରିୟ ସଖା ଥିଲେ ଏବଂ ତାଙ୍କର ପିଉସୀ ପୁଅ ଭାଇ ଥିଲେ। ତେଣୁ ଦ୍ୱାରକା ରାଜପ୍ରାସାଦକୁ ତାଙ୍କର ଅବାଧ ଯିବାଆସିବା ଥିଲା। ଶ୍ରୀକୃଷ୍ଣ ସେ ଦୁଇ ଜଣଙ୍କ ବିବାହ କରାଇବା ପାଇଁ ଚାହୁଁଥିଲେ। କିନ୍ତୁ ରକ୍ଷଣଶୀଳ ଓ କ୍ଷଣକୋପୀ ବଡ଼ଭାଇଙ୍କ ନିଷ୍ପତ୍ତି ବିରୁଦ୍ଧରେ ଯିବାକୁ ସେ ଚାହୁଁ ନ ଥିଲେ।

ସୁଭଦ୍ରାଙ୍କ ସହ ଦୁର୍ଯ୍ୟୋଧନଙ୍କ ବିବାହର ଦିନ ସ୍ଥିର ହୋଇଗଲା। ଦିନେ ସୁଭଦ୍ରା ନିଭୃତରେ ଅର୍ଜୁନଙ୍କ ପାଖକୁ ଯାଇ ତାଙ୍କୁ ନେଇ ଚାଲି ଯିବାକୁ ଅଳି କଲେ। ଏହା ଶୁଣି ଅର୍ଜୁନ ଅନେକ ଚିନ୍ତା କଲା ପରେ କହିଲେ, 'ଦେବୀ! ମୁଁ ସଖା ଶ୍ରୀକୃଷ୍ଣଙ୍କୁ ଯେତିକି ଭଲ ପାଏ, ଭାଇ ବଳରାମଙ୍କୁ ସେତିକି ସମ୍ମାନ କରେ। ତାଙ୍କ ଇଚ୍ଛା ବିରୁଦ୍ଧରେ ଯିବା ମୋ ପକ୍ଷେ ଅସମ୍ଭବ। ତାଙ୍କର ଅସନ୍ତୋଷ ଆମର ଦାମ୍ପତ୍ୟ ଜୀବନକୁ କେବେ ହେଲେ ସୁଖମୟ କରିବ ନାହିଁ।' ଏହାପରେ ସୁଭଦ୍ରା ସାନ ଭାଇଙ୍କ ପାଖକୁ ଯାଇ ମନକଥା କହିଲେ। ଗୋବିନ୍ଦ ମନ୍ଦ ମନ୍ଦ ହସି କହିଲେ, 'ସୁଭଦ୍ରା! ଅର୍ଜୁନ ଠିକ କହୁଛି। ସେ କ'ଣ, ମୁଁ ମଧ୍ୟ ବଡ଼ଭାଇଙ୍କ ନିଷ୍ପତ୍ତି ବିରୁଦ୍ଧରେ ଯିବା ପାଇଁ ପ୍ରସ୍ତୁତ ନାହିଁ। କିନ୍ତୁ ଗୋଟିଏ ବାଟ ଅଛି। ତୁ ତ ରଥ ଚାଳନାରେ ଧୂରନ୍ଧର। ତୁ ଅର୍ଜୁନକୁ ଅପହରଣ କରିବାର ନାଟକ କରିବୁ। ଆଜି ରାତିରେ ତାକୁ ନେଇ ରଥରେ ଦ୍ୱାରକା ସୀମା ବାହାରକୁ ଚାଲି ଯିବୁ ଏବଂ ଗୋପନରେ ବିବାହ କରି ନେବୁ। ଏଥିରେ ଦୋଷୀ ହେବୁ ତୁ। କିନ୍ତୁ ଭାଇ ତୋତେ ଭଲ ପାଉଥିବାରୁ କିଛିଦିନ ଅନ୍ତେସେ ତୋର ବିବାହକୁ ସ୍ୱୀକାର କରି ନେବେ। ସେ ଦାୟିତ୍ୱ ମୋ ଉପରେ ଛାଡ଼ି ଦେ। ଆଉ ଗୋଟେ କଥା। ତୁ ଆଜି ସାରଥି ହେବୁ ଆଉ ଅର୍ଜୁନ ରଥୀ ହେବ। ତା'କୁ କହିବୁ କଳିଯୁଗରେ ସେ ତୋର ଏ ଋଣ ପରିଶୋଧ କରିବ। ସେତେବେଳେ ଆମେ ଭାଇ ଓ ସୁଦର୍ଶନଙ୍କ ସହ ନୀଳାଚଳରେ ଆରାଧିତ ହେବା। ଆଷାଢ଼ ମାସରେ ଆମେ ନବ ଦିନ ପାଇଁ ଗୁଣ୍ଡିଚା ମନ୍ଦିରକୁ ରଥରେ ଯାତ୍ରା କରିବା। ସେତେବେଳେ ଅର୍ଜୁନ ତୋ ରଥର ସାରଥି ଦାୟିତ୍ୱ ନିର୍ବାହ କରିବ।'

ସେଦିନ ରାତିରେ ସୁଭଦ୍ରା ଅର୍ଜୁନଙ୍କୁ ଅପହରଣ କରିବାର ନାଟକ ଦ୍ୱାରକାରେ ଅଭିନୀତ ହେଲା। ସକାଳକୁ ରାଜମହଲରେ ସୁଭଦ୍ରା ନ ଥିଲେ ଏବଂ ଅତିଥି ଭବନରେ ଅର୍ଜୁନ ନ ଥିଲେ। ଲୋକେ କୁହା କୁହି ହେଲେ ଯେ ଅର୍ଜୁନ ସୁଭଦ୍ରାଙ୍କୁ ଅପହରଣ କରି ନେଇଗଲେ। ଖବରଟା ପ୍ରଭୁ ବଳରାମଙ୍କ ଶ୍ରୀଅଙ୍ଗରେ ନିଆଁ ଲଗେଇ ଦେଲା। ସେତତ୍‌କ୍ଷଣାତ୍ ଭାବି ନେଲେ ଯେ ଏ ଘଟଣା ପଛରେ ନିଶ୍ଚୟ କାହ୍ନାର ହାତ ଅଛି। କାରଣ ସେ ଜାଣିଥିଲେ ଯେ କାହ୍ନା ଅର୍ଜୁନକୁ ଯେତିକି ଭଲ ପାଉଥିଲେ, ତା' ଠାରୁ ବେଶୀ ଦୁର୍ଯ୍ୟୋଧନକୁ ନାପସନ୍ଦ କରୁଥିଲେ। ତେଣୁ କାହ୍ନା ପାଖକୁ ଯାଇ କ୍ରୋଧିତ ହୋଇ ଏ ବିଷୟରେ ପଚାରିବାରୁ ଶ୍ରୀକୃଷ୍ଣ କହିଲେ, ଭାଇ! ଅର୍ଜୁନ ସୁଭଦ୍ରାକୁ ନୁହେଁ, ସୁଭଦ୍ରା ଅର୍ଜୁନକୁ ଅପହରଣ କରିଛି। ଆପଣ ଧ୍ୟାନ ବଳରେ ଦେଖିଲେ ସବୁ ଜାଣି ପାରିବେ।' ପ୍ରଭୁ ବଳରାମ ଧ୍ୟାନସ୍ଥ ହେଲେ। ତା' ପରେ କହିଲେ, 'ଆରେ ସତେ ତ! ସୁଭଦ୍ରା ବିଜୁଳି ରଥ ଚାଳନା କରୁଛି ଓ ଅର୍ଜୁନ ଚୁପଚାପ ରଥରେ ବସିଛି। କିନ୍ତୁ ଏ ସବୁ ତୋରି ବୁଦ୍ଧି, ତୋରି କାଣ୍ଡ। ଜଣେ ବର୍ତ୍ତମାନ କୌରବମାନଙ୍କୁ ମୁହଁ ଦେଖେଇବି କେମିତି?' ଶ୍ରୀକୃଷ୍ଣ କହିଲେ, 'ଭାଇ! ସୁଭଦ୍ରା ଅର୍ଜୁନକୁ ଭଲପାଏ। ସେ ଦୁର୍ଯ୍ୟୋଧନକୁ ବିବାହ କରିବାକୁ ଚାହେଁନାହିଁ। ଆମର ଏକ ମାତ୍ର ଭଉଣୀର ଖୁସି ଆମର ଖୁସି ନା ନାହିଁ? ଆପଣ ସୁଭଦ୍ରାକୁ କେତେ ଭଲପାଆନ୍ତି ସେକଥା ସେ ଓ ମୁଁ ଜାଣୁ। ଆମେ ଜାଣୁ ଆପଣ ତା'କୁ କ୍ଷମା କରିଦେବେ।' ବଡ଼ଭାଇ ବୁଝିଗଲେ। ଅର୍ଜୁନଙ୍କ ସହ ସୁଭଦ୍ରାଙ୍କ ବିବାହ ସଂପନ୍ନ ହେଲା। ଦ୍ୱାପର ଯାଇ କଳିଯୁଗ ଆସିଲା। ସୁଭଦ୍ରାଙ୍କୁ ଦେଇଥିବା କଥାନୁସାରେ ଘୋଷଯାତ୍ରା ସମୟରେ ଅର୍ଜୁନ ସୁଭଦ୍ରାଙ୍କ ଦର୍ପଦଳନ ରଥର ସାରଥି ଦାୟିତ୍ୱ ନିର୍ବାହ କରୁଛନ୍ତି।

ମୋ: ୯୯୦୦୦୮୩୪୩୩

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ଆଉଜଣେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ଆଉଜଣେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ

ଭିଜିଲାନ୍ସ ମାମଲା: ପୂର୍ବତନ ଆର୍‌ଟିଓ ଓ କନିଷ୍ଠ କିରାଣି ଦୋଷୀ

ଭୁବନେଶ୍ୱର, ରାଉରକେଲା, ବଲାଙ୍ଗୀର ୨୯।୯(ସମିସ): ଦୁର୍ନୀତି ବିରୋଧୀ ତଥା ଭିଜିଲାନ୍ସ ମାମଲାରେ ଦିନକରେ ଦୁଇଟି ମାମଲାରେ ଦୁଇଜଣ ପୂର୍ବତନ ସରକାରୀ କର୍ମଚାରୀ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଆୟବହିର୍ଭୂତ ସମ୍ପତ୍ତି (ଡିଏ) ମାମଲାରେ ବଲାଙ୍ଗୀରର ପୂର୍ବତନ ଆର୍‌ଟିଓ ମନୋଜ କୁମାର ମହାନ୍ତିଙ୍କୁ ୩ ବର୍ଷ କଠୋର କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା ହୋଇଥିବାବେଳେ ଲାଞ୍ଚ ମାମଲାରେ ରାଉରକେଲା ପାନପୋଷ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପୂର୍ବତନ ଜୁନିୟର କ୍ଲର୍କ ତଥା ବେଞ୍ଚ୍ କ୍ଲର୍କ କୁଞ୍ଜ ବିହାରୀ ଜେନାଙ୍କୁ ୧ ବର୍ଷ କଠୋର କାରାଦଣ୍ଡ ଓ ଜରିମାନା ଦଣ୍ଡିତ କରାଯାଇଛି।

ସୂଚନାନୁସାରେ, ବଲାଙ୍ଗୀରର ପୂର୍ବତନ ଆର୍‌ଟିଓ ମନୋଜ କୁମାର ମହାନ୍ତି ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରିଥିଲା। ପୂର୍ବତନ ଭିଜିଲାନ୍ସ ଇନ୍ସପେକ୍ଟର ତ୍ରିନାଥ ପଟେଲ ଏହି ମାମଲାର ତଦନ୍ତ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ। ଭୁବନେଶ୍ୱର ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତର ବିଚାରପତି ଅସୀମ କୁମାର ଦଲବେହେରା ମାମଲାର ବିଚାର କରି ମନୋଜ କୁମାର ମହାନ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୩ ବର୍ଷ କଠୋର କାରାଦଣ୍ଡ ଓ ୧ ଲକ୍ଷ ଟଙ୍କା ଜରିମାନା ଦଣ୍ଡ ଶୁଣାଇଛନ୍ତି। ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର୍ ଗିରିଜା ପଟ୍ଟନାୟକ ଓ ପବ୍ଲିକ ପ୍ରୋସିକ୍ୟୁଟର୍ ଚନ୍ଦ୍ରକାନ୍ତ ଦାସ ଭିଜିଲାନ୍ସ ପକ୍ଷରୁ ମାମଲା ପରିଚାଳନା କରିଥିଲେ।

ସେହିପରି ପାନପୋଷ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପୂର୍ବତନ ଜୁନିୟର କ୍ଲର୍କ୍ ତଥା ବେଞ୍ଚ୍ କ୍ଲର୍କ୍ କୁଞ୍ଜ ବିହାରୀ ଜେନା ଜମିଜମା ବିବାଦ ମାମଲାର ପରବର୍ତ୍ତୀ ଶୁଣାଣି ତାରିଖ ଜଣାଇବା ଓ ମାମଲାରେ ସହାୟତା କରିବା ପାଇଁ ଜଣଙ୍କ ଠାରୁ ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ପୂର୍ବତନ ଭିଜିଲାନ୍ସ ଇନ୍ସପେକ୍ଟର ସ୍ୱରୂପ କୁମାର ପରିଡ଼ା ମାମଲାର ତଦନ୍ତ କରି ଚାର୍ଜସିଟ୍ ଦାଖଲ କରିଥିଲେ। ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତର ବିଚାରପତି ସସ୍ମିତା ପାଢ଼ୀ ଏହି ମାମଲାର ବିଚାର କରି କୁଞ୍ଜ ବିହାରୀ ଜେନାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଶ୍ରୀ ଜେନାଙ୍କୁ ୧ ବର୍ଷ କଠୋର କାରାଦଣ୍ଡ ସହ ଜରିମାନା ଦଣ୍ଡିତ କରିଛନ୍ତି। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର୍ ଶ୍ୟାମସୁନ୍ଦର ମିଶ୍ର ମାମଲା ପରିଚାଳନା କରିଥିଲେ। ଦୋଷୀ ସାବ୍ୟସ୍ତ ହୋଇଥିବା ଦୁଇ କର୍ମଚାରୀଙ୍କ ପେନସନ୍ ବନ୍ଦ କରିବା ପାଇଁ ଆବେଦନ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

ଶିମିଳିପାଳ ପାଦଦେଶରେ ବେଆଇନ ପଥର ଖନନ: ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

କଟକ,୨୯।୯(ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନର ପାଦଦେଶରେ ବେଆଇନ ପଥର ଖନନ ପାଇଁ ସ୍ଥାନୀୟ ଗ୍ରାମବାସୀ ବିପଦରେ ପଡିଥିବା ଅଭିଯୋଗକୁ ନେଇ ରୁଜୁ ଆବେଦନର ଶୁଣାଣି କରିଛନ୍ତି ଜାତୀୟ ମାନବାଧିକାର କମିସନ (ଏନ୍‌ଏଚ୍‌ଆର୍‌ସି)। ଅଭିଯୋଗର ତଦନ୍ତ କରିବା ସହିତ ଏ ସଂପର୍କିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ରିପୋର୍ଟ ଦୁଇ ସପ୍ତାହ ଭିତରେ ଦାଖଲ କରିବାକୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଏନଏଚଆରସି ନିର୍ଦ୍ଦେଶ ଦେଇଛନ୍ତି। ମାନବାଧିକାର କର୍ମୀ ଅଖଣ୍ଡଙ୍କ ଅଭିଯୋଗର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଶିମିଳିପାଳ ଜାତୀୟ ଉଦ୍ୟାନର ପାଦଦେଶରେ, ବିଶେଷ କରି ସାମାଖୁଣ୍ଟା ତହସିଲ ଅଧିନ କେନ୍ଦୁଆ ପଞ୍ଚାୟତର ଶରତଚନ୍ଦ୍ରପୁର ଓ ବାଙ୍କସାହି ଗ୍ରାମ ନିକଟରେ ବେଆଇନ ଭାବେ ପଥର ଖନନ ଚାଲିଥିବା ଅଭିଯୋଗ ହୋଇଛି। ରାତିରେ ଡ୍ରିଲିଂ ମେସିନ୍ ବ୍ୟବହାର କରିବା ସହ ଜେଲାଟିନ୍ ଭଳି ବିସ୍ଫୋରକ ଦ୍ରବ୍ୟ ବ୍ୟବହାର କରି ପଥର ଫଟାଯାଉଛି। ଫଳରେ ମାଟି ଘରଗୁଡ଼ିକରେ ଫାଟ ସୃଷ୍ଟି ହୋଇଛି। ବିସ୍ଫୋରଣ ଓ ଘର ଭାଙ୍ଗିବାର ଆଶଙ୍କା ପାଇଁ ଲୋକଙ୍କ ଧନଜୀବନର ସୁରକ୍ଷା ପ୍ରଭାବିତ ହେଉଥିବା, ମହିଳା, ଶିଶୁ ଓ ବୟସ୍କମାନେ ଅଧିକ ଅସୁବିଧାରେ ପଡୁଥିବା ଅଭିଯୋଗ ହୋଇଛି। ପାହାଡ଼ରୁ ପଥର ଖନନ ଦ୍ୱାରା ଜଙ୍ଗଲ ନଷ୍ଟ ହେଉଛି, ଶବ୍ଦ ଓ ବାୟୁ ପ୍ରଦୂଷଣ ପାଇଁ ପରିବେଶ ଓ ଜୈବ ବିବିଧତା ପ୍ରଭାବିତ ହେଉଥିବାରୁ ତୁରନ୍ତ ବେଆଇନ ପଥର ଖନନ ବନ୍ଦ କରିବା ସହିତ ଏଥିରେ ବ୍ୟବହୃତ ଯନ୍ତ୍ରପାତି ଓ ଯାନବାହନ ଜବତ, ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ପ୍ରଭାବିତ ପରିବାରକୁ ଅନ୍ତରୀଣ କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଏନଏଚଆରସିଙ୍କ ନିକଟରେ ନିବେଦନ କରାଯାଇଛି।

ଭିଜିଲାନ୍ସ ଜାଲରେ ସରକାରୀ ବାବୁ; ଅମାପ ସମ୍ପତ୍ତି ଠାବ

ସମ୍ବଲପୁର, ୨୯।୯ (ସମିସ) : ଭିଜିଲାନ୍ସ ଜାଲରେ ପୁଣି ଜଣେ ସରକାରୀ ବାବୁ। ଏକକାଳୀନ ଭାବେ ତାଙ୍କ ୭ଟି ଜାଗାରେ ଚଢ଼ଉ ଚାଲିଥିବାବେଳେ ୪ଟି ବିଭିନ୍ନ ସହରରେ ତାଙ୍କ ବହୁତଳ କୋଠା ଠାବ ହୋଇଛି। ଏହାସହ ଭିଜିଲାନ୍ସ ବିଭାଗ ତନ୍ନତନ୍ନ କରି ତାଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଯାଞ୍ଚ କରୁଛି। ମାତ୍ର ୧୫ ହଜାର ଦରମାରୁ ଚାକିରି ଆରମ୍ଭ କରି ବାବୁଜଣକ ଅମାପ ସମ୍ପତ୍ତି ଠୁଳ କରିଛନ୍ତି। ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସମ୍ବଲପୁରର ଫ୍ୟାକ୍ଟ୍ରି ଓ ବଏଲର୍ ବିଭାଗର ସହକାରୀ ନିର୍ଦ୍ଦେଶକ ଉମାକାନ୍ତ ସାମନ୍ତରାୟଙ୍କ ୭ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଛି। ସମ୍ବଲପୁରଠାରେ କାର୍ଯ୍ୟରତ ଥିବା ଶ୍ରୀ ସାମନ୍ତରାୟଙ୍କ ବିରୋଧରେ ଆୟର ଜଣାଶୁଣା ଉତ୍ସ ତୁଳନାରେ ଅତ୍ୟଧିକ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ରହିଛି। ଏହି ପରିପ୍ରେକ୍ଷୀରେ, ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଆଜି ଏକକାଳୀନ ସମ୍ବଲପୁର, ଭୁବନେଶ୍ୱର, ପୁରୀ ଓ ଖୋର୍ଦ୍ଧାସ୍ଥିତ ୭ଟି ସ୍ଥାନରେ ଚଢ଼ଉ କରାଯାଇଛି। ତନ୍ମଧ୍ୟରେ ସମ୍ବଲପୁରସ୍ଥିତ ଫ୍ୟାକ୍ଟ୍ରି ଓ ବଏଲର୍ ବିଭାଗର ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଥିବା ଶ୍ରୀ ସାମନ୍ତରାୟଙ୍କ ଅଫିସ୍ ଚ୍ୟାମ୍ବର ସହ ସମ୍ବଲପୁରର ଧନକଉଡ଼ାସ୍ଥିତ 'ସନ୍‌ସିଟି ଆପାର୍ଟମେଣ୍ଟ'ରେ ଥିବା ଫ୍ଲାଟ୍, ଭୁବନେଶ୍ୱରର ନନ୍ଦନକାନନ ରୋଡ୍, ନନ୍ଦନ ବିହାରସ୍ଥିତ ଡୁପ୍ଲେକ୍ସ ଘର, ଭୁବନେଶ୍ୱରର ଜଟଣୀ ନିକଟ ବାରକୁଡ଼ାସ୍ଥିତ ଇଣ୍ଡସ୍ କଲେଜ ଅଫ୍ ଇଞ୍ଜିନିୟରିଂ ନିକଟରେ ଥିବା କୋଠା, ପୁରୀର ବାଲିଗୁଆଳି, ତୋଟା ବେହେରା ସାହିସ୍ଥିତ ତିନିମହଲା କୋଠା, ଖୋର୍ଦ୍ଧାର ବାଲୁଗାଁ, ସୁଭାସ ମାର୍ଗସ୍ଥିତ ଦୁଇମହଲା କୋଠା ଏବଂ ଖୋର୍ଦ୍ଧାର ବାଲୁଗାଁ, ଅଶୋକ ନଗରସ୍ଥିତ ତାଙ୍କ ପୈତୃକ ସ୍ଥାନରେ ଥିବା ଦୁଇ ମହଲା କୋଠା ରହିଛି। ସହକାରୀ ନିର୍ଦ୍ଦେଶକ ଉମାକାନ୍ତ ସାମନ୍ତରାୟଙ୍କ ୭ଟି ସ୍ଥାନରେ ଚାଲିଥିବା ଚଢ଼ଉ ସମୟରେ, ଶ୍ରୀ ସାମନ୍ତରାୟ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନାମରେ କୋଟିକୋଟି ଟଙ୍କା ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଭୁବନେଶ୍ୱରର ନନ୍ଦନକାନନ ରୋଡ୍‌ସ୍ଥିତ ନନ୍ଦନ ବିହାରରେ ପ୍ରାୟ ୨୯୦୦ ବର୍ଗଫୁଟ୍ କ୍ଷେତ୍ରଫଳ ବିଶିଷ୍ଟ ଡୁପ୍ଲେକ୍ସ ଘର, ପୁରୀର ବାଲିଗୁଆଳିସ୍ଥିତ ତୋଟା ବେହେରା

ସାହିରେ ପ୍ରାୟ ୪୦୦୦ ବର୍ଗଫୁଟ୍ କ୍ଷେତ୍ରଫଳ ବିଶିଷ୍ଟ ତିନି ମହଲା କୋଠା, ଖୋର୍ଦ୍ଧାର ବାଲୁଗାଁସ୍ଥିତ ସୁଭାଷ ମାର୍ଗରେ ପ୍ରାୟ ୪୦୦୦ ବର୍ଗଫୁଟ୍ କ୍ଷେତ୍ରଫଳ ବିଶିଷ୍ଟ ଦୁଇ ମହଲା କୋଠା, ଭୁବନେଶ୍ୱରର ଜଟଣୀ ନିକଟ ବାରକୁଡ଼ାସ୍ଥିତ ଇଣ୍ଡସ୍ କଲେଜ୍ ଅଫ୍ ଇଞ୍ଜିନିୟରିଂ ନିକଟରେ ପ୍ରାୟ ୨୪୬୦ ବର୍ଗଫୁଟ୍ କ୍ଷେତ୍ରଫଳ ବିଶିଷ୍ଟ କୋଠା ଏବଂ ସମ୍ବଲପୁରର ଧନକଉଡ଼ାସ୍ଥିତ ସନ୍‌ସିଟି ଆପାର୍ଟମେଣ୍ଟରେ ପ୍ରାୟ ୨୦୦୦ ବର୍ଗଫୁଟ୍ କ୍ଷେତ୍ରଫଳ ବିଶିଷ୍ଟ ଆବାସିକ ୩-ବିଏଚ୍‌କେ ଫ୍ଲାଟ୍। ଏହାସହ ୨୪ଟି ମୂଲ୍ୟବାନ ପ୍ଲଟ୍, ଯେଉଁଥିରେ ଭୁବନେଶ୍ୱର ଓ ଜଟଣୀର ପ୍ରମୁଖ ସ୍ଥାନରେ ୮ଟି ପ୍ଲଟ୍, ଖୋର୍ଦ୍ଧା ଉପକଣ୍ଠରେ ୩ଟି ପ୍ଲଟ୍, ସମ୍ବଲପୁର ସହର ଓ ଏହାର ଆଖପାଖ ଅଞ୍ଚଳରେ ୮ଟି ପ୍ଲଟ୍, ବୁର୍ଲାରେ ୩ଟି ପ୍ଲଟ୍ ଏବଂ ରେଙ୍ଗାଲିରେ ୨ଟି ପ୍ଲଟ୍ ଅନ୍ତର୍ଭୁକ୍ତ। ଉକ୍ତ କୋଠା, ଫ୍ଲାଟ୍ ଓ ପ୍ଲଟ୍‌ଗୁଡ଼ିକର ମାପଚୁପ ଏବଂ ମୂଲ୍ୟ ନିର୍ଦ୍ଧାରଣ କାର୍ଯ୍ୟ ଭିଜିଲାନ୍ସର ବୈଷୟିକ ଶାଖା ଦ୍ୱାରା କରାଯାଉଛି। ଏହାବ୍ୟତୀତ ୩୦୦ ଗ୍ରାମ ସୁନା, ୩୬.୭୮ ଲକ୍ଷ ଟଙ୍କାର ଡିପୋଜିଟ୍, ଗୋଟିଏ ଚାରିଚକିଆ ମାରୁତି ହାଇବ୍ରିଡ୍ ଜେଟା ଗାଡ଼ି ଏବଂ ୩ଟି ଦୁଇଚକିଆ ଗାଡ଼ି ଏବଂ ୭.୫ ଲକ୍ଷ ମୂଲ୍ୟର ଘରକରଣା ସାମଗ୍ରୀ ରହିଛି। ନିର୍ଦ୍ଦେଶକ ଶ୍ରୀ ସାମନ୍ତରାୟଙ୍କ ସମ୍ପତ୍ତିର ଉତ୍ସ ସମ୍ପର୍କରେ ଯାଞ୍ଚ କରାଯାଉଛି। ଭିଜିଲାନ୍ସ ପକ୍ଷରୁ ଚଢ଼ଉ ଅଭିଯାନ ଜାରି ରହିଛି। ଆହୁରି ଅନେକ ସମ୍ପତ୍ତି ଠାବ ହେବାର ସମ୍ଭାବନା ରହିଛି। ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ୮ ଜଣ ଡିଏସ୍‌ପି, ୧୧ ଜଣ ଇନ୍‌ସ୍ପେକ୍ଟର, ୧୧ ଜଣ ଏଏସ୍‌ଆଇ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଚଢ଼ଉରେ ସାମିଲ ରହିଛନ୍ତି।

ବନ୍ଦହେଲା ହୀରାକୁଦର ୧୧ ଗେଟ୍

ସମ୍ବଲପୁର, ୨୯।୯ (ସମିସ) : ଉପରମୁଣ୍ଡରୁ ହୀରାକୁଦକୁ ପ୍ରବେଶ ଜଳ ପରିମାଣ ହ୍ରାସ ପାଇବା ପରେ ପର୍ଯ୍ୟାୟକ୍ରମେ ନଦୀବନ୍ଧର ଗେଟ୍ ବନ୍ଦ କରାଯାଇଛି। ସୋମବାର ରାତି ଗୋଟାଏ ବେଳେ ୨ଟି ଗେଟ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ମଙ୍ଗଳବାର ସକାଳ ୬ଟା ୨୦ ମିନିଟ୍‌ରେ ୨ଟି ଗେଟ୍, ପୂର୍ବାହ୍ଣ ୧୦ଟା ୧୦ ମିନିଟ୍‌ରେ ୨ଟି ଗେଟ୍, ଅପରାହ୍ଣ ୧ଟାରେ ୨ଟି ଗେଟ୍ ଏବଂ ସନ୍ଧ୍ୟା ୫ଟା ୧୦ ମିନିଟ୍‌ରେ ୩ଟି ଗେଟ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମୋଟ୍ ୧୧ଟି ଗେଟ୍ ବନ୍ଦ କରାଯାଇଥିବାବେଳେ ସମ୍ପ୍ରତି ୧୯ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳସ୍ତର ସର୍ବୋଚ୍ଚ କ୍ଷମତା ୬୩୦ ଫୁଟ୍ ପାଖାପାଖି ରହିଛି। ଆଜି ମଧ୍ୟ ସମ୍ବଲପୁର-ସୁବର୍ଣ୍ଣପୁର ରାସ୍ତାରେ ମାଲତୀ-ଗୁଣ୍ଡେରପୁର ପୋଲ ଉପରେ ପାଣି ଚାଲୁଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ରହିଛି। ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୬୭ ଫୁଟ୍ ରହିଛି। ନଦୀବନ୍ଧର ବାମ ପାର୍ଶ୍ୱର ୧୩ଟି ଏବଂ ଡାହାଣ ପାର୍ଶ୍ୱର ୬ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୪,୦୩,୪୯୫ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩,୯୦,୭୮୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩,୫୩,୭୮୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୨୯୨୭ କ୍ୟୁସେକ୍, ଜଳସେଚନ ସକାଶେ ୨୨୧ କ୍ୟୁସେକ୍ ଓ କେନାଲ ପାଇଁ ୪୨୬୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଥିବା ନଦୀବନ୍ଧ କର୍ତ୍ତୃପକ୍ଷ ସୂତ୍ରରୁ ପ୍ରକାଶ।

ରାୟଗଡ଼ା ପୌରାଧ୍ୟକ୍ଷ ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର,୨୯।୯(ସମିସ): ରାୟଗଡା ମୁନିସପାଲିଟିର ଅଧ୍ୟକ୍ଷ ପି. ମହେଶ ପଟ୍ଟନାୟକ ଏବଂ ୧୬ ନମ୍ବର ୱାର୍ଡର କାଉନସିଲର ଶ୍ରମିତା ପାଢ଼ୀ ବିଜେଡିରୁ ନିଲମ୍ବିତ ହୋଇଛନ୍ତି। ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା କାରଣରୁ ଉଭୟଙ୍କୁ ନିଲମ୍ବିତ କରାଯାଇଥିବା ନେଇ ବିଜେଡି କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ଡକ୍ୟୁମେଣ୍ଟ ହଜିଛି

ମୁଁ ସୁମନ୍ତ ପୁଟେଲ, ପିତା - ଚୂଡ଼ାମଣି ପୁଟେଲ, ବୟସ ୨୩ ବର୍ଷ, ସା- ଧନରଖମନ, ପୋ- ଗଜବାହାଲ, ଥାନା- ମଦନପୁର ରାମପୁର, ଜିଲ୍ଲା- କଳାହାଣ୍ଡି, ଓଡ଼ିଶା, ପିନ୍- ୭୬୬୦୩୧, ଏତଦ୍ୱାରା ଘୋଷଣା କରୁଛି ଯେ ଖାତା ନଂ ୩୩/୮୧ (ମୋଟ କ୍ଷେତ୍ରଫଳ ୦.୦୪୦ ଡେସିମିଲ୍) ଯାହା ଗୋମତୀ ପୁଟେଲଙ୍କ ଠାରୁ କ୍ରୟ କରାଯାଇଥିଲା (ଦଲିଲ ନଂ 12182400797) ଏବଂ ଏହା ସହ ଜଡ଼ିତ ଲିଙ୍କ୍ RSD (ନଂ 10912201819) ତଥା ଖାତା ନଂ ୩୩/୭୨ର ROR ମୋ ଦଖଲରେ ଥିଲା । ଉକ୍ତ ମୂଳ ଲିଙ୍କ୍ RSD (ନଂ 10912201819) ଏବଂ ଖାତା ନଂ ୩୩/୭୨ର ROR କାଗଜପତ୍ରଗୁଡ଼ିକ ତା ୨୮.୦୯.୨୦୨୬ ରିଖ ପୂର୍ବାହ୍ନ ୧୧.୩୦ ସମୟରେ ଘରୁ ବଲାଙ୍ଗୀର ବସ୍ ଷ୍ଟାଣ୍ଡ ଯିବା ବାଟରେ କେଉଁଠାରେ ହଜିଯାଇଛି। ବହୁ ଖୋଜାଖୋଜି ସତ୍ତ୍ୱେ ସେଗୁଡ଼ିକ ମିଳି ପାରିନାହିଁ ଏବଂ ସେଗୁଡ଼ିକ ଆଉ ଉଦ୍ଧାର କରିବା ସମ୍ଭବ ନୁହେଁ । ଯେ କୌଣସି ପକ୍ଷଙ୍କୁ ଏହି ନୋଟିସ ପ୍ରକାଶନ ର 15 ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରିତ ଭାବରେ ତାଙ୍କର ଦାବି ଦାଖଲ କରିବାକୁ ପଡିବ । ଏପରି ନ ହେଲେ ଏହା ଧରି ନିଆଯିବ ଯେ ଉକ୍ତ ଡକୁମେଣ୍ଟ ଗୁଡିକ ସହିତ ଜଡିତ ସମ୍ପତି ଭାରାମୁକ୍ତ ଏବଂ ଆବେଦନ କାରୀ ଏବଂ ବନ୍ଧକ ଭାବରେ କମ୍ପାନୀ ବିରୁଦ୍ଧରେ ଏହି ନୋଟିସ ପ୍ରକାଶନ ର **15ଦିନ** ବିତିବା ପରେ ଏହା ସମ୍ପର୍କର ଯେ କୌଣସି ଦାବି ଗ୍ରହଣ କରାଯିବ ନାହିଁ । ଯଦି କୌଣସି ବ୍ୟକ୍ତି ଉପରୋକ୍ତ ହଜି ଯାଇଥିବା ଡକୁମେଣ୍ଟ (କାଗଜ ପତ୍ର) ପାଆନ୍ତି ତେବେ ଦୟାକରି ଏହି ମୋବାଇଲ ନମ୍ବର ରେ ଯୋଗାଯୋଗ କରନ୍ତୁ।

ବିକାଶ ପ୍ରଧାନ (ଆଡଭୋକେଟ୍)
ମୋ: ୦୭୯୭୮୩ ୭୨୦୬୬

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଆସନ୍ତା ସପ୍ତାହରେ...

ତେଣୁ କମିସନର ନିଷ୍ପତ୍ତି ସର୍ବସମ୍ମତି କିମ୍ବା ମତଭେଦ ଥିଲେ ସଂଖ୍ୟାଗରିଷ୍ଠ ମତ ଆଧାରରେ ହେବା ଉଚିତ। ବିଶେଷ କରି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ସମେତ ବିଭିନ୍ନ ପ୍ରସଙ୍ଗରେ ଦୁଇ ନିର୍ବାଚନ କମିସନର ଗତ ୧୦ ମାସରେ ଅନ୍ତତଃ ୧୪ ଥର ଆପତ୍ତି ଉଠାଇଥିଲେ ମଧ୍ୟ ଏହାକୁ ଖାତିର କରିନଥିଲେ ଜ୍ଞାନେଶ କୁମାର। ଏସଂପର୍କରେ ତାଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ବେଆଇନ ଘୋଷଣା କରିବାକୁ ଦାବି କରାଯାଇଛି। ଆବେଦନରେ ଫର୍ମ-୬ରେ ପରିବର୍ତ୍ତନ, ନିର୍ବାଚନ ତଥ୍ୟଭଣ୍ଡାର ପରିଚାଳନା, ଆଇଟି କାର୍ଯ୍ୟ ବଣ୍ଟନ ଓ ପଶ୍ଚିମବଙ୍ଗରେ କମିଶନଙ୍କ ନାମରେ ଦାଖଲ ହୋଇଥିବା ଆବେଦନର ଅନୁମୋଦନ ନେଇ ମଧ୍ୟ ପ୍ରଶ୍ନ ଉଠାଯାଇଛି। ଏହି ସମସ୍ତ ଅଭିଯୋଗର ସତ୍ୟତା ନିର୍ଣ୍ଣୟ ପାଇଁ କମିସନଙ୍କ ବୈଠକର ମିନିଟ୍, ଏଜେଣ୍ଡା, ଫାଇଲ୍ ନୋଟିଂ, ଅନୁମୋଦନ ପତ୍ର ଓ ଡାଟାବେସ୍ ସମ୍ପର୍କିତ ରେକର୍ଡ ଯାଞ୍ଚ କରିବାକୁ ଆବେଦନକାରୀ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଛନ୍ତି।

କାମକୁ ନୁହେଁ...

ତାଳଚେରର ଏକ ଘରୋଇ ଡ଼ାକ୍ତରଖାନାର ଉଦାହରଣ ଦେଇଛନ୍ତି । ସେଠାରେ ଜେବିଆର୍ ହସ୍ପିଟାଲ ଏକ ସ୍ୱାସ୍ଥ୍ୟ କ୍ୟାମ୍ପ କରି ଲୋକଙ୍କୁ ଉନ୍ନତ ଚିକିତ୍ସା ପାଇଁ ନିଜ ହସ୍ପିଟାଲରେ ଭର୍ତ୍ତି କଲା। ମାତ୍ର କାର୍ଡରୁ ଟଙ୍କା ସରିଯିବା ପରେ ଉପରୋକ୍ତ ହସ୍ପିଟାଲ ଆଉ ରୋଗୀଙ୍କୁ ଛାଡ଼ିଲା ନାହିଁ। ଟଙ୍କା ନ ଦେଲେ ତମକୁ ଛଡ଼ାଯିବ ନାହିଁ ବୋଲି ରୋଗୀଙ୍କୁ ସିଧାସିଧା କହିଲା। ତେଣୁ ଏ ଦିଗରେ ସରକାର ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

ସେହିପରି ଗତ ୨୫ ତାରିଖରେ ସମାନ ଧରଣର ଏକ ଅଭିଯୋଗ ଆଣିଛନ୍ତି ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ ପାଣିଗ୍ରାହୀ। ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ଉଲ୍ଲେଖ କରି ସେ କହିଛନ୍ତି ଯେ ବ୍ରହ୍ମପୁରର ବସନ୍ତ ରାଉଳ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ତାଙ୍କ ପାଖରେ ଆୟୁଷ୍ମାନ ଭାରତ କାର୍ଡ ଥିବା ସତ୍ତ୍ୱେ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କୁ ବେଆଇନ ଭାବରେ ଅର୍ଥ ଦାବି କରୁଛନ୍ତି। ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ଥିବାବେଳେ ମୁଖ୍ୟମନ୍ତ୍ରୀ ତଥା ସ୍ୱାସ୍ଥ୍ୟ ବିଭାଗ ଏନେଇ ତୁରନ୍ତ ହସ୍ତକ୍ଷେପ କରିବାକୁ ସେ ଦାବି କରିଥିଲେ। କେବଳ ଏହି ଦୁଇ ସାଂସଦ କିମ୍ବା ବିଧାୟକ ନୁହନ୍ତି, ଏହି ପ୍ରସଙ୍ଗରେ ବିଭିନ୍ନ ମହଲରୁ ଏହି ଯୋଜନାକୁ ନେଇ ସାମାଜିକ ଗଣମାଧ୍ୟମରେ ଶହ ଶହ ଅଭିଯୋଗ ଆସୁଛି। ବିଶେଷ କରି ଘରୋଇ ହସ୍ପିଟାଲମାନେ ଚିକିତ୍ସା କରିବାକୁ ମନା କରିବା, ବିଭିନ୍ନ ରୋଗ ପାଇଁ ପ୍ୟାକେଜ ମୂଲ୍ୟ ବିଏସକେୱାଇଟାରୁ କମ୍ ରହିବା, ହସ୍ପିଟାଲମାନେ ଅତିରିକ୍ତ ଅର୍ଥ ଆଦାୟ କରିବା, ବୈଷୟିକ ତ୍ରୁଟି ପରି ଅଭିଯୋଗ ଏବେ ନିତିଦିନିଆ ପାଲଟିଲାଣି। ପୂର୍ବ ଯୋଜନା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆୟୁଷ୍ମାନ ଭାରତଠାରୁ ବହୁଗୁଣାରେ ଭଲ ଥିବାବେଳେ ସରକାର ସମାନ ସୁବିଧା ଏହି ଯୋଜନାରେ ଲାଗୁ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

କଲ୍ୟାଣୀ ସେବା ସମବାୟ ସମିତି ଲିଃ କାର୍ଯ୍ୟାଳୟ

ବିଜ୍ଞାପନ ସଂଖ୍ୟା-୦୧ / ତାରିଖ ୩୦.୦୯.୨୦୨୬

ଏତଦ୍ୱାରା କଲ୍ୟାଣୀ ସେବା ସମବାୟ ସମିତି ଲିଃ, ବାହାନଗାର ସମ୍ପାଦକ ପଦବୀ ପୂରଣ ନିମନ୍ତେ ବାଲେଶ୍ୱର ଜିଲ୍ଲାର ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଆଗ୍ରହୀ ପ୍ରାର୍ଥୀମାନେ ଆସନ୍ତା ତା ୩୦.୦୯.୨୦୨୬ ରିଖରୁ ତା ୨୩.୧୦.୨୦୨୬ ରିଖ ମଧ୍ୟରେ ଦିବା ୧୧.୦୦ ଘଟିକାରୁ ୪.୦୦ ଘଟିକା ମଧ୍ୟରେ (ଛୁଟି ଦିନ ବ୍ୟତୀତ) କଲ୍ୟାଣୀ ସେବା ସମବାୟ ସମିତି ଲିଃ ରୁ ଟ.୫୦୦/-(ପାଞ୍ଚ ଶତ)ମାତ୍ର ଦାଖଲ କରି ଦରଖାସ୍ତ ଫର୍ମ ପାଇପାରିବେ । ନିର୍ଭୁଲ ଭାବେ ପୂରଣ କରାଯାଇଥିବା ଫର୍ମ ଆବଶ୍ୟକୀୟ ପ୍ରମାଣପତ୍ର ଓ ଅରିଜିନାଲ ରସିଦ ସହିତ ତା ୨୩.୧୦.୨୦୨୬ ରିଖ ସନ୍ଧ୍ୟା ୫.୦୦ ଘଟିକା ସୁଦ୍ଧା କଲ୍ୟାଣୀ ସେବା ସମବାୟ ସମିତି ଲିଃ କାର୍ଯ୍ୟାଳୟ ରେ ଦାଖଲ କରି ପ୍ରାପ୍ତି ସ୍ୱୀକାର ଗ୍ରହଣ କରିବେ । ଉକ୍ତ ଦରଖାସ୍ତ ଫର୍ମ ରେ ନିଯୁକ୍ତି ସମ୍ପର୍କୀୟ ବିଷଦ ବିବରଣୀ ଲିପିବଦ୍ଧ କରାଯାଇଅଛି । ଏତଦ ବ୍ୟତୀତ ବିଜ୍ଞାପନ ର ବିଷଦ ବିବରଣୀ ସମସ୍ତଙ୍କ ଅବଗତି ନିମନ୍ତେ କଲ୍ୟାଣୀ ସେବା ସମବାୟ ସମିତି କାର୍ଯ୍ୟାଳୟ/ସମ୍ପୃକ୍ତ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି, ଜିଲ୍ଲାପରିଷଦ ଙ୍କ କାର୍ଯ୍ୟାଳୟ /ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, ବାଲେଶ୍ୱର ମଣ୍ଡଳ/ଉପନିବନ୍ଧକ, ସମବାୟ ସମିତି ସମୂହ, ବାଲେଶ୍ୱର /ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ/ଶାଖା କାର୍ଯ୍ୟାଳୟ ମାନଙ୍କ ନୋଟିସ ବୋର୍ଡ ରେ ପ୍ରଦର୍ଶନ କରାଯାଇଅଛି। ସବିଶେଷ ବିବରଣୀ ନିମନ୍ତେ ମୋବାଇଲ ନଂ-7735837395 ରେ ଯୋଗାଯୋଗ କରିପାରିବେ ।

ଚୟନ କମିଟି ର ଅଧ୍ୟକ୍ଷ ଙ୍କ ଅନୁମୋଦନ କ୍ରମେ ।

ସ୍ୱା/- ସମ୍ପାଦକ
କଲ୍ୟାଣୀ ସେବା ସମବାୟ ସମିତି ଲିଃ

ପୂର୍ବ ତଟ ରେଳପଥ

କେନ୍ଦ୍ରୀୟ ଚିକିତ୍ସାଳୟ, ଭୁବନେଶ୍ୱରରେ ଚିକିତ୍ସକୀୟ ପରାମର୍ଶଦାତା (Consultants) ନିଯୁକ୍ତି

ସୂଚନା ସଂ.: ECoR/BBS/MD/CH/BBS/Case To Case Consultants Engagement-2026-27/Spl, ତାରିଖ : 23.09.2026

କେସ୍ ଟୁ କେସ୍ (Case to Case) ଭିତ୍ତିରେ ପେଶାଗତ ସେବା ପ୍ରଦାନ ନିମନ୍ତେ ପୂର୍ବ ତଟ ରେଳପଥ କେନ୍ଦ୍ରୀୟ ଚିକିତ୍ସାଳୟ, ମଞ୍ଚେଶ୍ୱର, ଭୁବନେଶ୍ୱର-17ରେ ପରାମର୍ଶଦାତାମାନଙ୍କ ସୂଚୀବଦ୍ଧତା । ଏହି ସନ୍ଦର୍ଭରେ ନିମ୍ନବର୍ଣ୍ଣିତ ବିଷୟ (Discipline)ରେ ପରାମର୍ଶଦାତା ନିଯୁକ୍ତି କରାଯିବ :

ବିଶେଷଜ୍ଞ (Specialist) : (1) ଏମ୍‌ଡ଼ି (ଶିଶୁ ବିଶେଷଜ୍ଞ) ନବଜାତ ଶିଶୁ ଯତ୍ନର ଅଭିଜ୍ଞତା ସହିତ, (2) ନିଶ୍ଚେତକ (Anesthesiology) ।

ବିଶିଷ୍ଟ ବିଶେଷଜ୍ଞ (Super Specialist) : (1) ସ୍ନାୟୁ ରୋଗ (Neurology), (2) କ୍ଲିନିକାଲ ଇମ୍ୟୁନୋଲୋଜି ଏବଂ ରୁମାଟୋଲୋଜି (Rheumatology), (3) DM କ୍ଲିନିକାଲ ହେମାଟୋଲୋଜି (Hematology), (4) ୟୁରୋଲୋଜି (Urology), (5) DM ଏଣ୍ଡୋକ୍ରିନୋଲୋଜି (Endocrinology) ।

ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆବଶ୍ୟକତା ଅନୁଯାୟୀ ରୋଗୀ ଦେଖାଶୁଣା କିମ୍ବା ଅସ୍ତ୍ରୋପଚାର ନିମନ୍ତେ ପରାମର୍ଶଦାତାମାନଙ୍କୁ ଡ଼କାଯିବ । ଇଚ୍ଛୁକ ଚିକିତ୍ସକମାନେ ସେମାନଙ୍କର ପେଶାଗତ କାର୍ଯ୍ୟ ଅଭିଜ୍ଞତା ଏବଂ ଯୋଗାଯୋଗ ସମ୍ପର୍କିତ ସବିଶେଷ ବିବରଣୀ ସହିତ ଏହି ବିଜ୍ଞାପନ ପ୍ରକାଶ ପାଇବାର 15 ଦିନ ଭିତରେ **ଚିକିତ୍ସା ନିର୍ଦ୍ଦେଶକ, କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ, ମଞ୍ଚେଶ୍ୱର, ଭୁବନେଶ୍ୱର-751017**ଙ୍କୁ ସମ୍ବୋଧନ କରି ନିଜର ବାୟୋଡାଟା ଦାଖଲ କରିପାରିବେ ।

ଦ୍ରଷ୍ଟବ୍ୟ : ବିସ୍ତୃତ ବିବରଣୀ ନିମନ୍ତେ ଦୟାକରି ୱେବସାଇଟ୍ **www.eastcoastrail.indianrailways.gov.in ➲ Recruitment Info ➲ Walk-in-Interview / Notifications** ଅବଲୋକନ କରନ୍ତୁ ।

PR-470/R/26-27 ଚିକିତ୍ସା ଅଧୀକ୍ଷକ/କେନ୍ଦ୍ରୀୟ ଚିକିତ୍ସାଳୟ/ଭୁବନେଶ୍ୱର

ODISHA HYDRO POWER CORPORATION LIMITED

OHPC

BALIMELA HYDRO ELECTRIC PROJECT, -POST- BALIMELA : DIST- MALKANGIRI (ODISHA), PIN: 764051
Phones: 06861-232581 (O)/232641 (R) : FAX:06861-232541, E-Mail unb.head_balimela@yahoo.com

4001/335/2627

REGD. OFFICE: ODISHA HYDRO POWER CORPORATION LIMITED
(A Govt. of Odisha Undertaking)
HIDANAGAR, JANAPATH, BHUBANESWAR - 751022
Tel: 0674-2542961, 2542963, 2546296, Fax: 0674-2542106, GRAM: HYDROPOWER, E-MAIL: ohpc.co@orissagov.in / md.ohpc@ohpc.com, Web: www.ohpcl.td.com
CIN- U40101OR1995GC003963, GSTIN-21AAACO2575P1Z9

TENDER CALL NOTICE No.BHEP/TECH/28/2026-27 Dtd. 28.09.2026

The Sealed tenders are invited in single bid basis from the Manufacturer / Reputed firms /Authorised Dealers for the work as detailed below.

Sl. No.	Description of Items.	Cost of Tender Paper (In Rs.)
1.	Supply, Installation & Commissioning for HYDAC make Pressure Switches for BHEP, Balimela	Rs.7080/- Inclusive of GST @ 18%

The Sale of Tender Paper will be from : 01.10.2026 to 14.10.2026 (up to 11:00 hrs)
The last date & time of receipt of tenders : Up to 12:00 hrs of 14.10.2026
Date and time of opening of the Bid : at 12:30 hrs 14.10.2026

For details of tender documents, Terms and Conditions, Eligibility criteria and downloading, please visit our website at www.ohpcltd.com

C & P Head
BHEP, Balimela

OIPR-4001/4019/1/26-27/0027

NAVODAYA VIDYALAYA SAMITI

(An Autonomous Organization under Ministry of Education)
B-15, Sector-62, Gautam Buddha Nagar
Noida, Uttar Pradesh-201309

PM SHRI

NOTIFICATION FOR LAUNCHING OF ONLINE PORTAL FOR SUBMISSION OF APPLICATIONS FOR CLASSES IX & XI LEST-2027

Online Registration portal for filling up vacant seats through Lateral Entry Selection Test (LEST)-2027 for admission to classes IX & XI for the session (2027-28) is launched. The candidates may apply free of cost by visiting the following links:

For class IX: https://cbseitms.nic.in/2026/nvsx_9
For class XI: https://cbseitms.nic.in/2026/nvsxi_11

The last date of submission of online application is **30.09.2026**. The Prospectus is available on the registration portal.

ISSUED BY NAVODAYA VIDYALAYA SAMITI

34001/904/2627 ID: ee.randbjyp@gmail.com

GOVERNMENT OF ODISHA
OFFICE OF THE SUPERINTENDING ENGINEER, JAYAPUR (R&B) DIVISION, JAYAPUR

e-Procurement Notice

Bid Identification No. S.E (R&B) 20/2026-27/JYP(K)

No. 5302 **Date. 24.09.2026**

Bid Documents consisting of work, Estimated Cost, of Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : **Civil Works** as mentioned in DTCN.
2. No. of Works : 27 Nos.
3. Estimated Cost : Rs. 1.77 Lakhs to 19.43 lakhs
4. Period of completion : 1 (One) to 4 (Four) Months
5. Date & Time of Bidding : From 11.00 hours of **05.10.2026** Up-to 17.00 hours of **14.10.2026**
6. Last date & time for receipt of bids in portal : 17.00 hours of **14.10.2026.**
7. Bids received online shall be opened on : 11.00 hours of **15.10.2026.**
8. Name and address of the officer inviting Bid : Superintending Engineer, Jayapur (R&B) Division, Jayapur

Further details can be seen from the www.tendersodisha.gov.in.

Superintending Engineer
Jayapur (R&B) Division

OIPR-34001/34027/1/26-27/0021

32001/947/2627

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER
MECHANICAL CIRCLE, HIRAKUD, DIST.: SAMBALPUR, ODISHA, PIN-768016
Email: semech-eicwr.od@od.gov.in.

E-Procurement Notice- B.I. No. ACEMC/MDHKD: 06/2026-27

1. Name of the Work : Mechanical Gate Works.
2. No. of Work : 05 (Five) Nos.
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro Mechanical Gates
4. Bid Identification No. : ACEMC/MDHKD:06/2026-27
5. Estimated Cost : Between 10Lakh to 13Lakh (Excluding GST)
6. Period of Completion : Two Calendar Months.
7. Date & time of availability of bid documents in the Portal : From dt.08.10.2026 (10.00AM) to dt.26.10.2026 (5.30PM)
8. Last date/ time for receipt of bid in the Portal : dt.26.10.2026 (up to 5.30 PM)
9. Date and place of opening of bid : dt.27.10.2026, 11.30 AM onwards in O/o the undersigned
10. Name of the Officer inviting Bids : Additional Chief Engineer, Mechanical Circle, Hirakud.

Further details can be seen only from e-procurement portal https://tendersodisha.gov.in

OIPR-32001/32344/1/26-27/0003 **Additional Chief Engineer**

25001/1230/2627 e-mail: eerwbnjr@gmail.com

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BHANJANAGAR
"e" Procurement Notice for Road Works
Identification No. Online Tender /11/ RWDBNJ/2026-2027

No. 2933 **Date: 28.09.2026**

1. Name of the work : Roads Works
2. Total Number of works : 1 (One) No.
3. Estimated cost : 63.03 Lakhs
4. Class of Contractor : 'B' Class Contractor
5. Period of Completion : 02 (Two) Calendar Months
6. Other details :

Procurement Officer	Bid Identification No	Availability of tender online for bidding	
		From	To
Superintending Engineer, R.W.Division, Bhanjanagar	Online Tender/11/ RWDBNJ/2026-2027	08.10.2026 at 10.00 A.M.	15.10.2026 at 5.00 P.M.

Further details can be seen from the website : www.tendersodisha.gov.in

Executive Engineer
R.W.Division, Bhanjanagar

OIPR-25001/25174/1/26-27/0015

13001/1994/2627 Email ID : eephsbp@gmail.com Tel./ Fax No. (0671)-2973399

GOVERNMENT OF ODISHA
OFFICE OF THE SUPERINTENDING ENGINEER, P.H. DIVISION, SAMBALPUR

NOTICE INVITING TENDER

(NATIONAL COMPETITIVE BIDDING THROUGH e-Procurement)

Bid Identification No. SEPHSBP-08/2026-27 Dt. 24.09.2026

01.	Name of the Work	:	3 nos Work.
02.	Type of Bid	:	Single Bid System
03.	Estimated Cost	:	Rs. 18.06 lakhs to Rs. 31.10 lakhs
04.	Period of Completion	:	3 (Three) to 6 (Six) Calendar Months
05.	Date & Time of availability of bid document in the portal	:	From 11.00 AM of dt. 01.10.2026 to 5.00 PM of 15.10.2026
06.	Last date / time of receipt of bids in the portal	:	5.00 PM of 15.10.2026.
07.	Date & Time of opening of technical bids	:	At 11.30 AM of 16.10.2026.
08.	Name and Address of the Officer Inviting Bid	:	Superintending Engineer, P.H. Division, Sambalpur, Near V.S.S Stadium, Brooks Hill Dist- Sambalpur-768 001.

Further details can be seen from the web site http://tenders.ori.nic.in or www.tendersorissa.gov.in

Additional Chief Engineer
P.H. Division, Sambalpur

OIPR-13001/13026/1/26-27/0010

AFFIDAVIT

I Ashmita Thakur, W/o- Rajesh Kumar Thakur resident of Roth, Nuapada Roth, Ps- Agalpur, Dist- Balangir -767061 declare by this affidavit no-775, Dated 28-09-2026 that now onwards I shall be Known as **Asmita Thakur** for all future purposes.

AFFIDAVIT

I, JAYANTA KUMAR TRIPATHY, S/O PANCHANAN TRIPATHY resident of At - Aurobinda Nagar, Parabeda, PO/PS - Jeypore, Dist - Koraput, Pin - 764001, Odisha declare by this Affidavit No. 4294, Dated - 29/09/2026, that now onwards I shall be known as **JAYANTA TRIPATHY** for all future purposes.

AFFIDAVIT

I, Ajit Mohan Kumbhar, S/o- Ainthu Kumbhar, resident of At: House No. 29, Gayatri Bihar, Purunabasti, PO/PS/ Dist- Jharsuguda-768201 (Odisha) declare by this affidavit No.48 dated 28/09/2026 that now onwards I shall be known as **AJIT MOHAN** for all future purposes.

AFFIDAVIT

By virtue of an affidavit no.16 before the Executive Magistrate, Bhubaneswar, dtd.23.09.2026, I, Hemanta Naik, S/o- Ajit Naik, resident of Khariguda, Po- Dadaralunda, Ps.- Bhanjanagar, Dist.-Ganjam hereby declare that my minor son name has been changed from Blessing Naik to Himansu Naik. Henceforth, my minor son shall be known as **Himansu Naik** for all purposes.

Sd/- Hemanta Naik

AFFIDAVIT

By virtue of an affidavit on dtd-21.08.2026 sworn before The Executive Magistrate, Bhubaneswar. I, Manas Kumar Nayak, S/o Laxaman Nayak, resident of FR-76/11, Phase-II, Sailashree Vihar, Ps: Chandrasekharpur, Bhubaneswar, Dist: Khordha, State: Odisha declare that, In my son's (Sai Pratyush Nayak) school record, student of Class-9 at (Kendriya Vidyalaya, No-IV) my name has been wrongly written as Manas Ranjan Nayak. My correct name is Manas Kumar Nayak as per my Aadhar Card. That, both the name Manas Rajan Nayak and Manas Kumar Nayak is same and one person. Henceforth, I shall be known as **Manas Kumar Nayak** for all official, non-official, and legal purposes.

AFFIDAVIT

I, **Sri Haresh Kumar Patel,** S/o- Late Lalji Bhai Patel, residing at House No. 282, Purana Power House Road, Near Kali Mandir Road, Jharsuguda, Odisha-768202, do hereby solemnly declare that my name is mistakenly recorded as **HARESH PATEL** instead of **HARESH KUMAR PATEL** in certain educational records of my son, Janak Patel. Vide Affidavit CF No 11024 dated 17.08.2026, sworn before the Executive Magistrate, Jharsuguda, I state that both names **HARESH PATEL** and **HARESH KUMAR PATEL** belong to one and the same person, that is, myself. My true, legal, and correct name is **HARESH KUMAR PATEL** for all official records and future purposes.

AFFIDAVIT

By virtue of an affidavit (CF No. 09, dtd- 28/09/2026) sworn before The Executive Magistrate, Bhawanipatna, Kalahandi. I, **Abhibadan Pattnaik,** S/o Bishnu Charan Pattnaik, permanent resident of At- Ramsagar Pada, Bhawanipatna, PO/PS- Bhawanipatna Town, Dist- Kalahandi, Odisha declare that I have changed my name from **Abhibadan Patnaik** to **Abhibadan Pattnaik** in my Pass Certificate & Statement of Marks issued by council for the ICSE, New Delhi vide Index No. T/2244/001 though Principal, Vimala Convent School, Bhawanipatna.

Abhibadan Pattnaik

AFFIDAVIT

I, **Kabita Tripathy Panda,** aged about 41 years, D/o- Kishore Chandra Tripathy resident of Sriram Vihar, Golgunda, PO/PS- Burla, Dist- Sambalpur, Odisha, PIN-768020 do hereby declare for my minor daughter **Sarika Panda** (former name) by this affidavit No. 6999, dtd-21.09.2026, that now onwards she shall be known as **Sarika Tripathy** (new name) for all future purposes.

ଶିକ୍ଷୟିତ୍ରୀଙ୍କୁ ସ୍କୁଲକୁ ଛାଡ଼ିଲାନି ପରିଚାଳନା କମିଟି

ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି

ବରଗଡ଼,୨୯।୯ (ସମିସ)

ସୋହେଲା ବ୍ଲକ ପେଟୁପାଲି ଗ୍ରାମର ଟିଓୟୁପି ସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀଙ୍କ ମନମାନି କାରବାରକୁ ବିରୋଧ କରି ତାଙ୍କୁ ସ୍କୁଲକୁ ନ ଆସିବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି କହିଛି। ଉକ୍ତ ସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ବିଜୟ ଲକ୍ଷ୍ମୀ ଦାସ ଗତକାଲି କାର୍ଯ୍ୟରେ ଯୋଗ ଦେବା ପାଇଁ ଯାଇଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ତାଙ୍କୁ ସ୍କୁଲକୁ ପ୍ରବେଶ କରିବାରୁ ବାରଣ କରି ସୋହେଲା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଉକ୍ତ ଶିକ୍ଷୟିତ୍ରୀଙ୍କ ମନମାନୀ କାର୍ଯ୍ୟ ବିରୋଧରେ ଏକ ଲିଖିତ ଅଭିଯୋଗ କରି ତାଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ଦାବି କରିଥିଲେ। ସୋହେଲା ଏବିଇଓ ମୋତିଲାଲ ନନ୍ଦ ଓ ଘେଁସ ସିଆରସିସି ଆଦିତ୍ୟ ଗଡ଼ତିଆ ଓ ବେହେରାପାଲି ସିଆରସିସି ଗୁଣନିଧି ଭୋଇ ସ୍କୁଲକୁ ଯାଇ ସ୍କୁଲ କମିଟି, ଅବିଭାବକ ଓ ଶିକ୍ଷକଙ୍କ ଉପସ୍ଥିତିରେ ଘଟଣାର ତଦନ୍ତ କରିଥିଲେ। ତଦନ୍ତ ସମୟରେ ଗତ ୨୨ ତାରିଖ ଦିନ ଉକ୍ତ ଶିକ୍ଷୟିତ୍ରୀ ଷଷ୍ଠ ଶ୍ରେଣୀର ତିନିଜଣ ଛାତ୍ରୀଙ୍କୁ ସେମାନଙ୍କ ଅବିଭାବକ ତଥା ସ୍କୁଲର ପ୍ରଧାନ ଶିକ୍ଷକଙ୍କ ଅଜାଣତରେ ସେମାନଙ୍କୁ ପଦ୍ମପୁର ନେଇ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଛାତ୍ରୀମାନେ ଘରକୁ ନ ଫେରିବାରୁ ଅଭିଭାବକମାନେ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ଛାତ୍ରୀମାନେ ସ୍କୁଲକୁ ଆସି ନ ଥିବା ପ୍ରଧାନ ଶିକ୍ଷକ ପ୍ରକାଶ କରିଥିଲେ। ପରେ ପ୍ରକୃତ ଘଟଣା ଜଣାପଡ଼ିବା ପରେ ଅଭିଭାବକ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ସେମାନେ ସ୍କୁଲ କମିଟିକୁ ଜଣାଇବାରୁ ଗତ ୨୪ ତାରିଖ ଅପରାହ୍ନ ୨ଟାରେ ସ୍କୁଲ କମିଟିର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକ ଆରମ୍ଭ ହେବା ପୂର୍ବରୁ ଉକ୍ତ ଶିକ୍ଷୟିତ୍ରୀ ସେଠାକୁ ଆସି କମିଟିର ସଭାପତିଙ୍କୁ ଅବାନ୍ତର କଥା କହିବା ସହ ଅଶାଳୀନ ଭାଷା ପ୍ରୟୋଗ କରିଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଶିକ୍ଷୟିତ୍ରୀଙ୍କୁ ଏତାଦୃଶ ବ୍ୟବହାର ଯୋଗୁଁ ଉକ୍ତ ବୈଠକରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା।

ଏହା ଆଗରୁ ମଧ୍ୟ ଉକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ୪/୫ ଥର ଅଭିଯୋଗ ହୋଇଥିଲା। ଉକ୍ତ ଶିକ୍ଷୟିତ୍ରୀ ପୂର୍ବ ସ୍କୁଲରେ ତାଙ୍କର ଆପତ୍ତିଜନକ କାର୍ଯ୍ୟ ଯୋଗୁଁ ବିଦା ହୋଇଥିଲେ। ଏ ସମ୍ପର୍କରେ ସୋହେଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ସନୋଜ ସେଠିଙ୍କୁ ପଚରା ଯିବାରୁ ଏହି ଘଟଣା ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ବରଗଡ଼ଙ୍କୁ ଜଣାଇ ଦିଆ ଯାଇଥିବା ଏବଂ ସମ୍ପୃକ୍ତ ବିଜ୍ଞାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି ପ୍ରକାଶ କରିଥିଲେ। ଅଭିଭାବକ ଏବଂ ଶିକ୍ଷକଙ୍କ ଅଜାଣତରେ ୩ଜଣ ଛାତ୍ରୀଙ୍କୁ ଅନ୍ୟତ୍ର ନେବା ପରି ଏକ ସ୍ପର୍ଶକାତର ଘଟଣା ସମ୍ପର୍କରେ ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ଉପରିସ୍ଥ ଅଧିକାରୀଙ୍କୁ କାହିଁକି ଜଣାଇ ନ ଥିଲେ ଏବଂ ଉକ୍ତ ଶିକ୍ଷୟିତ୍ରୀ କାହାକୁ କିଛି ନ ଜଣାଇ ୩ଜଣ ଛାତ୍ରୀଙ୍କୁ କୁଆଡେ ଏବଂ କାହିଁକି ନେଇଥିଲେ ତାହା ତଦନ୍ତ ସାପେକ୍ଷ।

ବରତୁଣ୍ଡା ହାଇସ୍କୁଲରେ ନିଶାମୁକ୍ତ ଓଡ଼ିଶା ଅଭିଯାନ

ପାଇକମାଲ,୨୯।୯ (ସମିସ): ପାଇକମାଲ ବ୍ଲକ୍ ବରତୁଣ୍ଡାସ୍ଥିତ ଇନ୍ଦିରା ପ୍ରିୟଦର୍ଶିନୀ ହାଇସ୍କୁଲରେ ପାଇକମାଲ ପୁଲିସ ପକ୍ଷରୁ "ନିଶାମୁକ୍ତ ଓଡ଼ିଶା ଅଭିଯାନ' ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଶିଲ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ନିଶାଦ୍ରବ୍ୟର କୁପ୍ରଭାବ ଓ ଏହାଠାରୁ ଦୂରେଇ ରହିବା ନେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପାଇକମାଲ ଥାନା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ ଯୋଗଦେଇ ନିଶାସେବନର ବ୍ୟକ୍ତିଗତ ଜୀବନ ସହ ପରିବାର ଓ ସମାଜ ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଏଏସ୍‌ଆଇ ଦେବାର୍ଚ୍ଚନ କୁମୁରା, ସିଆରସିସି ଉଗ୍ରସେନ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ଓ ସନ୍ତୋଷ କୁମାର ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଶିକ୍ଷା କର୍ମଚାରୀ ଉପସ୍ଥିତ ଥିଲେ। ଶିକ୍ଷକ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଛିନ୍ଦେଇକେଲାରେ ଭାଗବତ ଜନ୍ମୋତ୍ସବ

ପାଇକମାଲ,୨୯।୯ (ସମିସ): ପାଇକମାଲ ବ୍ଲକ୍ ଛିନ୍ଦେଇକେଲା ଲକ୍ଷ୍ମୀନାରାୟଣ ଭାଗବତ ଟୁଙ୍ଗୀ ଓ ସଂକୀର୍ତ୍ତନ ମଣ୍ଡଳୀ ଆନୁକୂଲ୍ୟରେ ଅଷ୍ଟମ ଭାଗବତ ଜନ୍ମୋତ୍ସବ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିବାବେଳେ ଭାଗବତ ପାଠ ଓ ଧାର୍ମିକ କାର୍ଯ୍ୟକ୍ରମରେ ସମଗ୍ର ପରିବେଶ ଭକ୍ତିମୟ ହୋଇଉଠିଥିଲା। ଉତ୍ସବରେ ବ୍ରଜକିଶୋର ସାହୁ ଓ ଫୁଲ ସାହୁ ପୂଜାରେ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ନନ୍ଦକିଶୋର ନନ୍ଦ ଭାଗବତ ପାଠ କରିଥିଲେ। ଅନୁଷ୍ଠାନର ସଭାପତି ବିଦ୍ୟାଧର ସାହୁ, ସମ୍ପାଦକ ସୁରେଶ କୁମାର ସାହୁ, କୋଷାଧ୍ୟକ୍ଷ ସନ୍ତୋଷ ଧରୁଆ, ସଦସ୍ୟ ସୁଧାଂଶୁ ଶେଖର ସେଠ୍, ଲଳିତ ଭୋଇ, ଗୌର ଭୋଇ, ଜୟଦେବ ବାଗ, ନବ ଭୋଇ, ସାଧୁ ସାହୁ, ଦଳ ଧରୁଆଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଏହି ଅବସରରେ ପ୍ରେମ ସାହୁ, ସୁବାସିନୀ ନନ୍ଦ, ତିଳୋତ୍ତମା ସାହୁ, ଜେମା ସାହୁ, ଅମ୍ବିକା ସାହୁ, ଗୌରୀ ସାହୁ, ସନ୍ତୋଷିନୀ ସାହୁ, ଗୀତା ସାହୁ, ରାଧା ସାହୁ, ଧନମତି ସାହୁଙ୍କ ସମେତ ବହୁ ମହିଳା ଭକ୍ତ ଉପସ୍ଥିତ ରହି ଉତ୍ସବରେ ସାମିଲ ହୋଇଥିଲେ।

ବିଦ୍ୟାଳୟସ୍ତରୀୟ ବାଲ୍ ବୈଜ୍ଞାନିକ ଓ ହସ୍ତକର୍ମ ପ୍ରଦର୍ଶନୀ

ପାଇକମାଲ,୨୯।୯ (ସମିସ): ପାଇକମାଲ ବ୍ଲକ୍ ମାଣ୍ଡୋସିଲସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ବିଦ୍ୟାଳୟସ୍ତରୀୟ ବାଲ୍ ବୈଜ୍ଞାନିକ ଓ ହସ୍ତକର୍ମ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ର ସଭାପତି ଗୋକୁଳାନନ୍ଦ ଡନସନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ମହେନ୍ଦ୍ର ଖୁଣ୍ଟିଆ, ଅଧ୍ୟକ୍ଷ ଗଙ୍ଗାଧର ରଣା, ଶ୍ରୀଅରବିନ୍ଦ ପାଠଚକ୍ର ସଦସ୍ୟ ତପନ ବହିଦାର, ଶିକ୍ଷକ ମନୋଜ ନାୟକ ଓ ଶିକ୍ଷକ ପଦ୍ମଲୋଚନ ସାହୁ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଦର୍ଶନୀରେ ଛାତ୍ରଛାତ୍ରୀ ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ସହ ହସ୍ତକର୍ମ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ବିଭିନ୍ନ ବିଭାଗରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅନିରୁଦ୍ଧ ପଣ୍ଡା ସଭାକାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ହରିପ୍ରିୟା ସାହୁ, ଭିଏସନନ୍ଦ ବରିହା, ମଳୟ ହଂସ, ଟିକେଶ୍ୱରୀ ବିଶ୍ୱାଳ, ଜଗନ୍ନାଥ ରଣା, କରୁଣାକର ପ୍ରଧାନ, ବବିତା ପ୍ରଧାନ, ଉତ୍ତମ ରଣାଙ୍କ ସମେତ ସମସ୍ତ ଅପା ଭାଇ ସହଯୋଗ କରିଥିଲେ। ଅନିରୁଦ୍ଧ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ବିଭିନ୍ନ ସମସ୍ୟା ନେଇ ବାରପାହାଡ଼ ଚାଷୀ ସଂଗଠନର ଆଲୋଚନା

ଅମ୍ବାଭୋନା,୨୯।୯ (ସମିସ): ବରଗଡ଼ ଜିଲ୍ଲା ଅଧୀନ ଅମ୍ବାଭୋନା ବ୍ଲକ୍‌ର ଲଖନପୁର ପଞ୍ଚାୟତଠାରେ ବାରପାହାଡ଼ ଚାଷୀ ସଙ୍ଗଠନ ପକ୍ଷରୁ ଚାଷୀମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ସଭାରେ ଚାଷୀନେତା ରମେଶ ମହାପାତ୍ରଙ୍କ ସମେତ ଅଞ୍ଚଳର ବିଶିଷ୍ଟ ଚାଷୀ ନିରଞ୍ଜନ ପ୍ରଧାନ, ହରିନାରାୟଣ ସାହୁ, ମକରଧ୍ୱଜ ପ୍ରଧାନ, ରହିତ ଖୋମାରୀ ଓ ଭୀଷ୍ମଦୀପ ଖୋମାରୀଙ୍କ ସମେତ ବହୁ ଚାଷୀ ଯୋଗଦେଇଥିଲେ। ସଭାରେ ଅଞ୍ଚଳର ବୋରୱେଲ୍ ଚାଷୀମାନଙ୍କ ସମସ୍ୟା ଉପରେ ବିଶେଷ ଆଲୋଚନା ହୋଇଥିଲା। ବୋରୱେଲ୍‌ରେ ସ୍ମାର୍ଟ ମିଟର ଲାଗିବା ପରେ ବିଦ୍ୟୁତ୍ ବିଲ୍ ଅଧିକ ଆସୁଥିବା ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ବିଦ୍ୟୁତ୍ ବିଲ୍ କିପରି କମ୍ ହେବ ଏବଂ ଚାଷୀମାନଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ କିପରି ହ୍ରାସ କରାଯାଇପାରିବ, ସେନେଇ ଆଲୋଚନା କରାଯାଇଥିଲା।

ସୁରେଶ ଚନ୍ଦ୍ର ଦାଶଙ୍କ ପରଲୋକ

ପଦ୍ମପୁର,୨୯।୯ (ସମିସ): ପଦ୍ମପୁର ନିକଟସ୍ଥ ବରିକେଲ ଗ୍ରାମର ବିଶିଷ୍ଟ ବ୍ୟକ୍ତି ତଥା ସତସଙ୍ଗ ପ୍ରେମୀ ସୁରେଶ ଚନ୍ଦ୍ର ଦାଶଙ୍କ ୭୧ ବର୍ଷ ବୟସରେ ସୋମବାର ରାତିରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ତାଙ୍କ ପଛରେ ଧର୍ମପତ୍ନୀ, ପୁତ୍ର ଦେବେନ୍ଦ୍ର (ବୁଲୁ), ଝିଅ ନିଳେନ୍ଦ୍ରୀ (ଝୁମକି), ପୁତ୍ରବଧୂ, ଜ୍ୱାଇଁ ଓ ନାତି-ନାତୁଣୀଙ୍କ ସମେତ ପରିବାର ସଦସ୍ୟଙ୍କୁ ଛାଡ଼ିଚାଲି ଯାଇଛନ୍ତି। ସ୍ଥାନୀୟ ଗାଁ ଶ୍ମଶାନ ରେ ତାଙ୍କ ଶେଷକୃତ୍ୟ ସମାପନ ହୋଇଥିଲା। ଏକମାତ୍ର ପୁତ୍ର ବୁଲୁ ମୁଖାଗ୍ନି ଦେଇଥିଲେ।

ଆମ୍ବେଦକରବାଦୀ କର୍ମୀ ପଙ୍କଜ ବାଗ୍‌ଙ୍କ ପରଲୋକ

ବିଜେପୁର,୨୯।୯ (ସମିସ): ବିଜେପୁ ବ୍ଲକ ସର୍ଗିପାଲି ଗାଁର ବହୁଜନ ସମାଜର ଜାଗରଣ, ସମ୍ବିଧାନ ସଚେତନତା ଅଭିଯାନରେ ସକ୍ରିୟ ଥିବା ଆମ୍ବେଦକରବାଦୀ କର୍ମୀ ଧିମାନ ପଙ୍କଜ ବାଗଙ୍କ ପରଲୋକ ଘଟିଛି। ସ୍କ୍ରବ ଟାଇଫସ୍‌ରେ ପୀଡ଼ିତ ହୋଇ ସେ ବୁର୍ଲାସ୍ଥିତ ଏକ ନର୍ସିଂହୋମ୍‌ରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ତାଙ୍କ ବିୟୋଗକୁ ବହୁଜନ ଆନ୍ଦୋଳନ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସହଯୋଗୀମାନେ ପ୍ରକାଶ କରିଛନ୍ତି। ପଙ୍କଜ ବାଗଙ୍କ ବିୟୋଗରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ବିଭିନ୍ନ ମହଲରୁ ଗଭୀର ସମବେଦନା ଜଣାଯାଇଛି।

ସୋହେଲା ମହାବିଦ୍ୟାଳୟରେ ଏଡ୍‌ସ ସଚେତନତା

ସୋହେଲା,୨୯।୯ (ସମିସ): ସୋହେଲା ମହାବିଦ୍ୟାଳୟର ରେଡ୍‌କ୍ରସ ସଂସ୍ଥା ପକ୍ଷରୁ ଇତିହାସ ବିଭାଗର ବିଭାଗୀୟ ମୁଖ୍ୟ ଡ଼ଃ ହରିହର ସାହୁଙ୍କ ଅଧ୍ୟକ୍ଷତାରେ ପ୍ରଥମ ବର୍ଷର ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଏଡ୍‌ସ୍ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ତଥା ରେଡ୍‌କ୍ରସର ପରାମର୍ଶଦାତା ପ୍ରତାପ ଚନ୍ଦ୍ର ମିଶ୍ର ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଏହି ସଚେତନତା ସଭାରେ ସୋହେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଦୁଇଜଣ ଅଭିଜ୍ଞ ଡାକ୍ତର ଡା ଚିନ୍ମୟୀ ପାତ୍ର ଓ ଡା ସମିତା ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ସହିତ ଏଡ୍‌ସ୍ ରୋଗ, ଏହାର କାରଣ ଓ ନିରାକରଣ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପିକା ମୌସୁମୀ ବାରିକ ସଭା ପରିଚାଳନା କରିଥିବା ବେଳେ ଶିକ୍ଷା ବିଭାଗର ଅଧ୍ୟାପକ ସୁରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଉତ୍କର୍ଷ-୨୦୨୬। ୪ ଅକ୍ଟୋବରରୁ ଅଗ୍ରସେନ ଜୟନ୍ତୀ ସମାରୋହ

ବରଗଡ଼,୨୯।୯ (ସମିସ): ମହାରାଜା ଅଗ୍ରସେନଙ୍କ ଆଦର୍ଶ, ଚିନ୍ତାଧାରା ଓ ସାମାଜିକ ସେବାର ବାର୍ତ୍ତାକୁ ଜନମାନସରେ ପହଞ୍ଚାଇବା ଲକ୍ଷ୍ୟରେ ବରଗଡ଼ରେ ଆୟୋଜିତ ହେବ "ଉତ୍କର୍ଷ ୨୦୨୬' ଶ୍ରୀ ଶ୍ରୀ ୧୦୦୮ ଅଗ୍ରସେନ ଜୟନ୍ତୀ ସମାରୋହ। ଏହି ୮ଦିନିଆ ସମାରୋହ ଆସନ୍ତା ୪ରୁ ୧୧ ଅକ୍ଟୋବର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ମଙ୍ଗଳବାର ଶ୍ରୀ ଅଗ୍ରସେନ ଜୟନ୍ତୀ ସମାରୋହ ସମିତି, ବରଗଡ଼ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା।

ଏହି ଉତ୍କର୍ଷ ସମାରୋହର ପ୍ରମୁଖ ଆକର୍ଷଣ ମଧ୍ୟରେ ମ୍ୟୁଜିକାଲ ହାଉଜି, "ଏକ ଶାମ୍ ଦେଶ କେ ନାମ', କବି ସମ୍ମିଳନୀ, ଭଜନ ଜାମିଂ, ଅନ୍ତାକ୍ଷରୀ ଓ ଡାଣ୍ଡିଆ ନାଇଟ୍ ରହିଛି। ୧୧ ଅକ୍ଟୋବର, ମହାରାଜା ଅଗ୍ରସେନଙ୍କ ଜନ୍ମଜୟନ୍ତୀ ଅବସରରେ ସମାରୋହର ଭବ୍ୟ ସମାପନ ହେବ।

ଏହି ଦିନ ରକ୍ତଦାନ ଶିବିର, ଅଗ୍ର ମାରାଥନ ଏବଂ ଭବ୍ୟ ଶୋଭାଯାତ୍ରା ଆୟୋଜିତ ହେବ। ଏହାପରେ ସମାପନୀ ସମାରୋହରେ ଅତିଥିମାନଙ୍କୁ ସମ୍ମାନିତ କରାଯିବା ସହ ଏକ ମନୋରଞ୍ଜନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଅଧ୍ୟକ୍ଷ ଜୟ ପ୍ରକାଶ ଲାଠ, ସୁମିତ୍ ସାୱାଡିଆ, ସାମ୍ବାଦିକ କିଶନ ଲାଲ ଅଗ୍ରୱାଲ, ସନ୍ତୋଷ ସାୱାଡିଆ, ଅମିତ ଅଗ୍ରୱାଲ, କିଶୋର ଅଗ୍ରୱାଲ, ରତନ ଅଗ୍ରୱାଲଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସତୀଭଟା ଅଙ୍ଗନବାଡ଼ିରେ 'ଆଙ୍ଗନ କା ଉତ୍ସବ'

ପଦ୍ମପୁର,୨୯।୯ (ସମିସ): ସତିଭଟା ଗ୍ରାମ ଅଙ୍ଗନବାଡ଼ି କେନ୍ଦ୍ରରେ ସରକାରଙ୍କ ଖାଦ୍ୟପୋଷଣ ଅଭିଯାନ ଅବସରରେ "ଆଙ୍ଗନ କା ଉତ୍ସବ' ରବିବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ତିନିଦିନ ବ୍ୟାପି ଅନୁଷ୍ଠିତ ହୋଇ ଯାଇଛି। ମଞ୍ଚାସିନ ଦିବ୍ୟସିଂ ପଟେଲ୍, କେଦାର ନାଥ ବରିହା, ଚନ୍ଦ୍ରକିଶୋର ଭୋଇଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ମାନିତ ଅତିଥି ମହେଶ୍ୱର ସାହୁ ଶିଶୁ ମାନଙ୍କର ସୁଷମ ଖାଦ୍ୟ ଉପରେ ଆଲୋକପାତ କରି ଦୋକାନରେ ମିଳୁଥିବା ପ୍ୟାକେଟ୍ ଖାଦ୍ୟଠାରୁ ଦୂରରେ ରହିବାକୁ କହିଥିଲେ। ରିଙ୍କୁ ପଟେଲ୍, ମମତା ପଟେଲ, ଗନ୍ଧର୍ବି ପାଣ୍ଡେ, ସୁଚିତ୍ରା ପଟେଲ, ସୁବର୍ଣ୍ଣ ବରିହା, ବନିତା ପଟେଲ ସହଯୋଗ କରିଥିଲେ। ଅଙ୍ଗନବାଡି କର୍ମୀ ଭୂଲତା କଲେତ୍ ମଞ୍ଚ ପରିଚାଳନା କରିଥିଲେ।

ଜଗବନ୍ଧୁ ଦାସ ସ୍ନାତକ ମହିଳା ମହାବିଦ୍ୟାଳୟରେ ହିନ୍ଦୀ ଦିବସ

ବରପାଲି,୨୯।୯ (ସମିସ): ବରପାଲିଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଶ୍ରୀମତୀ ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ହିନ୍ଦୀ ବିଭାଗ ଅଧ୍ୟାପକ ନେପାଳ ବିଶ୍ୱାଳଙ୍କ ପରିଚାଳନା ସଭାରେ ମୁଖ୍ୟଅତିଥି ଭାବେ ଡ. ସୁଷମା ଭୋଇ ପ୍ରଫେସର ଘନଶ୍ୟାମ ଦାଶ ଗ୍ରାମାଞ୍ଚଳ ମହାବିଦ୍ୟାଳୟ କଟାପାଲି ଡିଜିଟାଲ ଯୁଗରେ ହିନ୍ଦୀ ଭାଷା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ହିନ୍ଦୀ ଭାଷାର ବିକାଶ ଓ ତାର ବ୍ୟବହାର ଉପରେ ନିଜ ମତ ରଖିଥିଲେ। ମହାବିଦ୍ୟାଳୟ ଛାତ୍ରୀମାନେ ସାଂପ୍ରତିକ ସମୟରେ ଓଡିଶାରେ ହିନ୍ଦୀ ଭାଷାର ବ୍ୟବହାର ଉପରେ ନିଜର ମତାମତ ଉପସ୍ଥାପନ କରିଥିଲେ। ପରିଶେଷରେ ହିନ୍ଦୀ ବିଭାଗର ନବାଗତା ଅଧ୍ୟାପିକା ସୁମନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ବିକାଶ କ୍ୟାମ୍ପସ୍‌ରେ ଆଭ୍ୟନ୍ତରୀଣ ହାକାଥନ୍

ବରଗଡ଼,୨୯।୯ (ସମିସ): ବିକାଶ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜୀ ଏବଂ ବିକାଶ ଡିଗ୍ରୀ କଲେଜ୍, ବରଗଡର ସହଯୋଗରେ ଆଭ୍ୟନ୍ତରୀଣ ହାକାଥନ୍-୨୦୨୬ ଅନୁଷ୍ଠିତ ହୋଇଯାଇଛି।

୧୨ ଘଂଟିଆ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଭିନବ ପ୍ରଯୁକ୍ତି ଭିତ୍ତିକ ଧାରଣା ସହ ୧୪ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ବିକାଶ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜ୍‌ମେଣ୍ଟର ଅଧ୍ୟକ୍ଷ ଡ. କ୍ଷୀରୋଦ କୁମାର ପ୍ରଧାନ ହାକାଥନ୍ -୨୦୨୬ ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସିଏଓ ଇଂ ଅଜୟ କୁମାର ମହାପାତ୍ର, ବିକାଶ ଡିଗ୍ରୀ କଲେଜ୍, ଅଧ୍ୟକ୍ଷ ପ୍ର. ସତ୍ୟବ୍ରତ ମିଶ୍ର, ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଅଧ୍ୟକ୍ଷ ଡ. ପୁର୍ଣ୍ଣେନ୍ଦୁ ମିଶ୍ର, ଡ. ଆର୍.ଏସ୍.ଭି କ୍ରିଷ୍ଣା ଡିନ୍ (ଷ୍ଟୁଡେଣ୍ଟ ଏଫେୟାର୍) ଏବଂ ଉପାଧ୍ୟକ୍ଷ ଦୀପକ କୁମାର ନାୟକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାର୍‌ମ୍ୟାନ୍ ଡି. ନାଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଅଭିନବ ପ୍ରୟାସକୁ ପ୍ରଶଂସା କରିଥିଲେ। ହାକାଥନ୍‌ରେ ପ୍ରସ୍ତୁତ ପ୍ରକଳ୍ପ ଗୁଡିକର ମୁଲ୍ୟାୟନ ପଂଚାୟତ କଲେଜ, ବରଗଡର ଅଧ୍ୟାପକ ମୁକେଶ ପଟେଲ ଏବଂ ଆକାଂକ୍ଷା ପାଟଯୋଶୀ କରିଥିଲେ। ଚୟନିତ ଟିମ୍ ଗୁଡିକୁ ସ୍ମାର୍ଟ ଇଣ୍ଡିଆ ହାକାଥନ୍-୨୦୨୬ ପାଇଁ ମନୋନୀତ କରାଯାଇଥିଲା। ଶେଷରେ ବିଜୟୀ ଟିମ୍‌କୁ ଉପସ୍ଥିତ ଅତିଥି ଓ ବିଶିଷ୍ଟ ବ୍ୟକ୍ତି ବିଶେଷ ପୁରସ୍କାର ପ୍ରଦାନ କରିଥିଲେ।

ଜିଲ୍ଲାସ୍ତରୀୟ ଆଥଲେଟିକ୍ ମିଟ୍ \ ଅଞ୍ଚଳ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ କୃତିତ୍ୱ

ପଦ୍ମପୁର,୨୯।୯ (ସମିସ): ବରଗଡ଼ ଜିଲ୍ଲା ଜମୁଡର୍‌ଠାରେ ଅନୁଷ୍ଠିତ ହୋଇଥିବା ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ଜିଲ୍ଲାସ୍ତରୀୟ ଆଥଲେଟିକ୍ ପ୍ରତିଯୋଗିତାରେ ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଭୂତପୂର୍ବ ସଫଳତା ହାସଲ ମହାବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଛନ୍ତି। ମହାବିଦ୍ୟାଳୟର ଯୁକ୍ତ ଦୁଇ ପ୍ରଥମ ବର୍ଷର ଧାବକ ହିମାଂଶୁ ବାଗ ୪୦୦ ମିଟର ଦୌଡ଼ରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ସହ ୧୦୦ ମିଟର ଏବଂ ୨୦୦ ମିଟର ଦୌଡ଼ରେ ଦ୍ୱିତୀୟ ସ୍ଥାନ ହାସଲ କରି ରୌପ୍ୟ ପଦକ ଅର୍ଜନ କରିଛନ୍ତି। ସେହିପରି ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରୀ ନନ୍ଦିନୀ ତାଣ୍ଡି ଜାଭେଲିନ୍ ଥ୍ରୋରେ ପ୍ରଥମ ସ୍ଥାନ ଅଧିକାର କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସଟ୍‌ପୁଟ୍ ଥ୍ରୋ ଓ ଟ୍ରିପଲ୍ ଜମ୍ପ୍‌ରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଅନ୍ୟତମ ଛାତ୍ରୀ କୁସୁମ ଧରୁଆ ଲଙ୍ଗ୍ ଜମ୍ପ୍‌ରେ ପ୍ରଥମ ସ୍ଥାନ ହାସଲ କରି କୃତିତ୍ୱ ଅର୍ଜନ କରିବା ସହିତ ୧୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ମହାବିଦ୍ୟାଳୟର ଗୌରବକୁ ଦ୍ୱିଗୁଣିତ କରିଛନ୍ତି। ଛାତ୍ରଛାତ୍ରୀମାନଙ୍କର ଏହି ପ୍ରେରଣାଦାୟୀ ସଫଳତା ପଛରେ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସଦାନନ୍ଦ ସାହୁଙ୍କ ସୁଦକ୍ଷ ତତ୍ତ୍ୱାବଧାନ, ପ୍ରତ୍ୟକ୍ଷ ମାର୍ଗଦର୍ଶନ ଓ ଅକ୍ଳାନ୍ତ ପ୍ରଶିକ୍ଷଣ ଅତ୍ୟନ୍ତ ପ୍ରଶଂସନୀୟ ରହିଥିଲା। ଏହି ଗୌରବୋଜ୍ୱଳ ସଫଳତା ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦିଗମ୍ବର ଚାନ୍ଦ, ପ୍ରାଧ୍ୟାପକ ପ୍ରଭାତ କୁମାର ମହାପାତ୍ର ଓ ସମସ୍ତ ପ୍ରାଧ୍ୟାପକ, ପ୍ରାଧ୍ୟାପିକା, ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀବୃନ୍ଦ ଏହି ପ୍ରତିଭାବାନ ଖେଳାଳିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଆଶୀର୍ବାଦ ପ୍ରଦାନ କରିବା ସହ ସେମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ କୁଇଜ୍ ପ୍ରତିଯୋଗିତା

ବରଗଡ଼,୨୯।୯ (ସମିସ): ବିଶ୍ୱ ପର୍ଯ୍ୟଟନ ଦିବସ-୨୦୨୬ ଅବସରରେ ବରଗଡ଼ ଜିଲ୍ଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗର ମିଳିତ ସହଯୋଗରେ ଏକ ଜିଲ୍ଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା ବରଗଡ଼ସ୍ଥିତ ଉଦ୍ୟାନ କୃଷି ଭବନ ସମ୍ମିଳନୀ କକ୍ଷଠାରେ ଆୟୋଜିତ ହୋଇଯାଇଛି। ଚଳିତ ବର୍ଷର ମୁଖ୍ୟ ବିଷୟବସ୍ତୁ 'ଡିଜିଟାଲ୍ ଏଜେଣ୍ଡା ଆଣ୍ଡ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଟୁ ରିଡିଜାଇନ୍ ଟୁରିଜିମ୍'କୁ ଆଧାର କରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କାଳାପାଣି ସ୍ଥିତ ଗାନ୍ଧୀ ମେମୋରିଆଲ୍ କଲେଜର ଇଂରାଜୀ ଅଧ୍ୟାପିକା ସୁଷମା ଦାଶ କୁଇଜ୍ ମାଷ୍ଟର ଭାବେ ଯୋଗଦେଇ ପ୍ରତିଯୋଗିତା ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ କଲ୍ୟାଣୀ ଦାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନତ ପାଢ଼ୀ, ବରଗଡ଼ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅମ୍ବୁଜାକ୍ଷର ପ୍ରଧାନ ଏବଂ ଭେଡେନର ସହକାରୀ ଉଦ୍ୟାନ କୃଷି ଅଧିକାରୀ ସ୍ୱାମିନୀ ଭୋଇ ଅତିଥି ଭାବେ ଯୋଗ ଦେଇଥିଲେ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶିକାଙ୍କ ବରଗଡ଼ ଗସ୍ତ

ବରଗଡ଼,୨୯।୯ (ସମିସ): ସୂଚନା ଓ ଲୋକସମ୍ପର୍କ ବିଭାଗ, ଉତ୍ତରାଞ୍ଚଳ, ସମ୍ବଲପୁରର ଅତିରିକ୍ତ ଉପନିର୍ଦ୍ଦେଶିକା ତଥା ଯୁଗ୍ମ ନିର୍ଦ୍ଦେଶିକା କଲ୍ୟାଣୀ ଦାସ ଦିନିକିଆ ବରଗଡ଼ ଗସ୍ତରେ ଆସି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନତ ପାଢ଼ୀ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଶ୍ରୀମତୀ ଦାଶଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଜିଲ୍ଲା ପ୍ରଶାସନ ଓ ସାମ୍ବାଦିକମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ଓ ଯୋଗାସୂତ୍ର ବଜାୟ ରଖି ବିଭାଗୀୟ କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ।

କମ୍ୟୁନିଟି ସେଣ୍ଟର କାମ ସମ୍ପୂର୍ଣ୍ଣ ପରେ ବି ହେଉନି ବିଲ୍

- ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଜୟଭୀମ ଉନ୍ନୟନ ପରିଷଦ କର୍ମକର୍ତ୍ତା

ବରଗଡ଼,୨୯।୯ (ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ୍ ଅଧୀନ ରେମଣ୍ଡା ପଞ୍ଚାୟତ ନାଗପଡ଼ା ଗେଣ୍ଡାପଡ଼ାର ଗୋପବନ୍ଧୁ କମ୍ୟୁନିଟି ସେଣ୍ଟର ପାଇଁ ବିଧାୟକ ପାଣ୍ଠି ରୁ ୨୦୨୩-୨୪ ବର୍ଷରେ ୪ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ଆସିଥିଲା। ସେହି କାମ ୨୦୨୫ ମାର୍ଚ୍ଚ ୧ରେ ସମ୍ପୂର୍ଣ୍ଣ ହୋଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ଉକ୍ତ କାମର ବିଲ୍ ପାସ୍ ହୋଇପାରୁନାହିଁ। ଏ ବିଷୟରେ ଅନେକ ଥର ଜିଲ୍ଲାପାଳ ଅଭିଯୋଗ ପ୍ରକୋଷ୍ଠ ଓ ମୁଖ୍ୟମନ୍ତ୍ରୀ ଜନଶୁଣାଣି ରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସମାଧାନ ହୋଇପାରି ନାହିଁ। ବାରମ୍ବାର ବ୍ଲକ ଅଫିସ ଦୌଡ଼ିଲେ ମଧ୍ୟ କୌଣସି ସନ୍ତୋଷ ଜନକ ଉତ୍ତର ଦେଉ ନାହାନ୍ତି, ତେଣୁ ଆଜି ନାଗପଡ଼ାର "ଜୟଭୀମ ଉନ୍ନୟନ ପରିଷଦ ନାଗପଡ଼ା"ର ସଦସ୍ୟମାନେ ଜିଲ୍ଲାପାଳ ଅଫିସ ଆସି ଜିଲ୍ଲାପାଳ ନ ଥିବାରୁ ଅତିରିକ୍ତ ଜିଲ୍ଲାପାଳ ମଧୁ ଛନ୍ଦା ସାହୁଙ୍କୁ ଉକ୍ତ କ୍ଲବ ଘରର ବିଲ୍ ପାସ୍ କରିବାକୁ ଦାବିପତ୍ର ଦେଇଛନ୍ତି। ଆଗାମୀ ଦିନରେ ବିଲ୍ ପାସ ନ ହେଲେ ବିରାଟ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

ଚକ୍ରାମାଲ ଅଙ୍ଗନବାଡ଼ି କେନ୍ଦ୍ରରେ 'ଅଙ୍ଗନବାଡ଼ି ଉତ୍ସବ'

ଅମ୍ବାଭୋନା,୨୯।୯ (ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଖୁଲା ପଞ୍ଚାୟତର ଚକ୍ରାମାଲ ଅଙ୍ଗନବାଡ଼ି କେନ୍ଦ୍ରରେ "ଅଙ୍ଗନବାଡ଼ି ଉତ୍ସବ' ଉତ୍ସାହ ଓ ଆନନ୍ଦର ସହ ଅନୁଷ୍ଠିତ ହୋଇଥିଲା। ଅଙ୍ଗନବାଡ଼ି କର୍ମୀଙ୍କ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମର ବହୁ ବ୍ୟକ୍ତି ଯୋଗଦେଇଥିଲେ। ପ୍ରତ୍ୟେକ ବାପାମାଆଙ୍କୁ

ଘରେ ପ୍ରସ୍ତୁତ ବିଭିନ୍ନ ପୁଷ୍ଟିକର ଖାଦ୍ୟ ଆଣିବାକୁ କୁହାଯାଇଥିବା ବେଳେ ପ୍ରାୟ ୮-୧୦ ପ୍ରକାରର ପୁଷ୍ଟିକର ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। ଶିଶୁଙ୍କ ପୁଷ୍ଟି ଓ ସୁସ୍ଥ ଭବିଷ୍ୟତ ପାଇଁ ଏଭଳି ଆୟୋଜନ ସମାଜ ପାଇଁ ଏକ ଉତ୍ସାହଜନକ ଓ ସକାରାତ୍ମକ ସଙ୍କେତ ବୋଲି ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ।

ଯୋଗେଶ୍ୱର କୁମୁରା ଥିଲେ ସାହସୀ ଜନନେତା

ବଲାଙ୍ଗିର,୨୯ ।୯ (ସମିସ):

ବଲାଙ୍ଗିର ମାଟିର ବରପୁତ୍ର, ମହାନ ସ୍ୱାଧୀନତା ସଂଗ୍ରାମୀ, ଜନନେତା ତଥା ବିଶିଷ୍ଟ ଆଦିବାସୀ ନେତା ଯୁଗେଶ୍ୱର କୁମୁରାଙ୍କ ସ୍ମୃତିରେ ଚୁଡାପାଲିରେ ବିଶାଳ ଭବ୍ୟ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି । ଜୟକୃଷ୍ଣ ମିଶ୍ରଙ୍କ ଆବାହକତ୍ୱରେ ଯୋଗେଶ୍ୱର କୁମୁରା ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି ସ୍ମୃତି ସଭାକୁ ଶରତ ନନ୍ଦ ଅଧ୍ୟକ୍ଷତା କରିଥିଲେ । ପୂର୍ବତନ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବଲାଙ୍ଗିରର ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ଯୋଗେଶ୍ୱର କୁମୁରାଙ୍କ ନାମ ଗୌରବମୟ ଅକ୍ଷରରେ ଲିପିବଦ୍ଧ । ସେ କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ନୁହେଁ; ବରଂ ସାମନ୍ତବାଦୀ, ଶୋଷଣ, ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସାଧାରଣ ପ୍ରଜାଙ୍କ ସ୍ୱରକୁ ସଂଗଠିତ କରିଥିବା ଜଣେ ସାହସୀ ଜନନେତା ଥିଲେ । ୨୦୧୯ ସେପ୍ଟେମ୍ବର ୨୯ରେ ଚୁଡାପାଲିରୁ ବଲାଙ୍ଗିର ଅଭିମୁଖେ ତାଙ୍କ ନେତୃତ୍ୱରେ ପ୍ରାୟ ୧୦ହଜାରରୁ ଅଧିକ ପ୍ରଜାଙ୍କୁ ନେଇ ଐତିହାସିକ ପ୍ରଜାମେଳି ଆୟୋଜିତ ହୋଇଥିଲା । ସେହି ଐତିହାସିକ ଜନସମାବେଶ ଅଞ୍ଚଳର ପ୍ରଜା ଆନ୍ଦୋଳନ ଓ ଜନଜାଗରଣର ଏକ ଅମର ଅଧ୍ୟାୟ ଭାବେ ସ୍ମରଣୀୟ ହୋଇ ରହିଛି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ସେ ସଂସଦୀୟ ନିର୍ବାଚନରେ ମଧ୍ୟ ପ୍ରାର୍ଥୀ ହୋଇ ଗଣତାନ୍ତ୍ରିକ ରାଜନୀତିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ପଶ୍ଚିମ ଓଡିଶା ଓ ବଲାଙ୍ଗିର ଅଞ୍ଚଳର ଅନେକ ଆଦିବାସୀ, ଦଳିତ, କୃଷକ ଓ ସାଧାରଣ ପ୍ରଜା ନେତାଙ୍କ ସ୍ୱାଧୀନତା ସଂଗ୍ରାମର ଅବଦାନ ଏ ଯାବତ ଐତିହାସିକ ଦଲିଲ, ପାଠ୍ୟକ୍ରମ ଓ ଜନସ୍ମୃତିରେ ସ୍ଥାନ ପାଇ ନାହିଁ । ସେମାନଙ୍କ ଜୀବନ, ସଂଗ୍ରାମ ଓ ବଳିଦାନକୁ ଗବେଷଣା, ସଂରକ୍ଷଣ ଓ ନୂତନ ପିଢି ସମ୍ମୁଖରେ ପହଞ୍ଚାଇବା ପାଇଁ ଓଡିଶା ସରକାର ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ କହିଥିଲେ । ଅନ୍ୟତମ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅଶ୍ୱିନୀ ନାୟକ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ନୀଳମଣି ଦଣ୍ଡସେନା, ରାଜୁ ଦୀପ, ଚମରା ଧରୁଆ, ସୁଶୀଲ ବେହେରା, ପଙ୍କଜ ମାଲ, ସନ୍ତୋଷ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ଅଳକା ଜେନାଙ୍କ ସ୍ମୃତିରେ ମେଧାବୀ ଛାତ୍ରୀଙ୍କୁ ସମ୍ମାନ

ବଲାଙ୍ଗିର,୨୯ ।୯ (ସମିସ): ଜଣେ ଆଦର୍ଶ ଶିକ୍ଷୟିତ୍ରୀଙ୍କ ଅବଦାନ କେବଳ ଶ୍ରେଣୀଗୃହର ଚାରିକାନ୍ଥ ମଧ୍ୟରେ ସୀମିତ ରହେ ନାହିଁ । ତାଙ୍କ ଜ୍ଞାନ, ଆଦର୍ଶ ଓ ମାନବିକ ମୂଲ୍ୟବୋଧ ପିଢ଼ି ପରେ ପିଢ଼ି ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇ ଚାଲେ । ଏହି ମହତ୍ ଚିନ୍ତାଧାରାକୁ ଆଧାର କରି ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଥମ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଗତ ଅଳକା ଜେନାଙ୍କ ପବିତ୍ର ସ୍ମୃତିକୁ ଚିରସ୍ମରଣୀୟ କରିବା ଉଦ୍ଦେଶ୍ୟରେ "ଅଳକା ଜେନା ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଛି । ବିଦ୍ୟାଳୟରେ ଆୟୋଜିତ ଏହି ସମ୍ମାନ ସମାରୋହରେ ୨୦୨୪-୨୫ ଓ ୨୦୨୫-୨୬ ଶିକ୍ଷାବର୍ଷର ମ୍ୟାଟ୍ରିକ୍ ପରୀକ୍ଷାରେ ବିଦ୍ୟାଳୟର ସମସ୍ତ ଛାତ୍ରୀଙ୍କ ମଧ୍ୟରୁ ସର୍ବାଧିକ ମାର୍କ ରଖିଥିବା ମେଧାବୀ ଛାତ୍ରୀମାନଙ୍କୁ ଅର୍ଥରାଶି ସହ ମୋମେଣ୍ଟୋ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଜ୍ୟୋତିର୍ମୟୀ ପଣ୍ଡାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ରିୟାଂଶୀ ସାଏ ଓ ଶ୍ରଦ୍ଧାଞ୍ଜଳି ସାହୁଙ୍କୁ "ଅଳକା ଜେନା ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ସମାରୋହରେ ମୁଖ୍ୟ ଅତିଥି ଭାବେ ଚନ୍ଦନଭାଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଇତିଶ୍ରଦ୍ଧା ତ୍ରିପାଠୀ ଯୋଗଦେଇ ସ୍ୱର୍ଗତ ଅଳକା ଜେନାଙ୍କ ଶିକ୍ଷାଦାନ, ଶୃଙ୍ଖଳା ଓ ଛାତ୍ରୀମାନଙ୍କ ପ୍ରତି ତାଙ୍କର ସ୍ନେହପୂର୍ଣ୍ଣ ମନୋଭାବକୁ ସ୍ମରଣ କରିଥିଲେ । ଜଣେ ଶିକ୍ଷୟିତ୍ରୀ ଭାବେ ସେ ଛାତ୍ରୀମାନଙ୍କ ଜୀବନରେ ଯେଉଁ ମୂଲ୍ୟବୋଧର ମଞ୍ଜି ବୁଣିଥିଲେ । ତାହା ଆଜି ମଧ୍ୟ ଏହି ବିଦ୍ୟାଳୟର ପରିବେଶରେ ଜୀବନ୍ତ ବୋଲି ଉଲ୍ଲେଖ କରିଥିଲେ । ଜୀବନରେ ଲକ୍ଷ୍ୟ ନିର୍ଦ୍ଧାରଣ କରି କଠିନ ପରିଶ୍ରମ, ଶୃଙ୍ଖଳା ଓ ନୈତିକତାକୁ ସାଥୀ କରି ଆଗକୁ ବଢ଼ିବାକୁ ସେ ପରାମର୍ଶ ଦେଇଥିଲେ । ଶିକ୍ଷା କେବଳ ଭଲ ନମ୍ବର ହାସଲ କରିବାର ମାଧ୍ୟମ ନୁହେଁ; ବରଂ ଜଣେ ଭଲ ମଣିଷ ହେବାର ମାର୍ଗ ବୋଲି ଶ୍ରୀମତୀ ତ୍ରିପାଠୀ ଛାତ୍ରୀମାନଙ୍କୁ ବୁଝାଇଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇ ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରାଙ୍କ ସମେତ ବରିଷ୍ଠ ଶିକ୍ଷୟିତ୍ରୀ ନୂତନ ନାୟକ, ଯାଜ୍ଞସିନୀ ମହାପାତ୍ର ଓ ପ୍ରିୟମ୍ବଦା ଦେବ ଏବଂ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମକୁ ସୁରେଶ ବାରିକ ସଂଯୋଜନା କରିଥିବା ବେଳେ ସବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷା କର୍ମଚାରୀ ସତ୍ୟବାନ ସାଏ, ରୁବିତା ବିଶ୍ୱାଳ, କୁନୀ ନନ୍ଦ, ମନରଞ୍ଜନ ତାଣ୍ଡି ସହଯୋଗ କରିଥିଲେ ।

ସରପଞ୍ଚଙ୍କୁ ଲାଞ୍ଚ ନ ଦେବାରୁ ୩ ବର୍ଷ ହେଲା ଶ୍ରମିକଙ୍କ ପାରିଶ୍ରମିକ ବନ୍ଦ

କଣ୍ଟାବାଞ୍ଜି,୨୯ ।୯ (ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବଡ଼ ଘୋଟାଲା ଓ ଲାଞ୍ଚ କାରବାରର ଅଭିଯୋଗ ଆସି । ଜଣେ ଗରିବ ଦଳିତ ଚାଷୀ ୫ ହଜାର ଟଙ୍କା ଲାଞ୍ଚ ଦେଇ ନ ପାରିବାରୁ ତାଙ୍କ ଜମିରେ କାମ କରିଥିବା ୫ଜଣରୁ ଅଧିକ ଶ୍ରମିକ ୩ ବର୍ଷ ହେଲା ମଜୁରୀ ପାଇ ନାହାନ୍ତି । ଏବେ ଶ୍ରମିକମାନେ ପ୍ରତିଦିନ ହିତାଧିକାରୀଙ୍କ ଘର ଆଗରେ ଆସି ବସୁଥିବା ଅଭିଯୋଗ ହେଉଛି ।

ବଙ୍ଗୋମୁଣ୍ଡା ବ୍ଲକ ଚାନ୍ଦୋତରା ଗାଁର ହିରା ବାଗ ଜଣେ ଅତି ଗରିବ ପରିବାରର ଚାଷୀ । ନିଜ ଖଣ୍ଡେ ଜମିକୁ ମରାମତି କରିବା ପାଇଁ ସେ ପଞ୍ଚାୟତରେ ଆବେଦନ କରିଥିଲେ । ତାଙ୍କ ଆବେଦନକୁ ବିଚାରକୁ ନେଇ ୨୦୨୩-୨୪ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ତାଙ୍କ ଜମି ମରାମତି କାମ ମଞ୍ଜୁର ହୋଇଥିଲା । ସରକାରୀ ଅନୁମତି ମିଳିବା ପରେ ହିରା ବାଗ ଗାଁର କିଛି ଗରିବ ଶ୍ରମିକଙ୍କୁ ନେଇ ନିଜ ଜମିରେ ମରାମତି କାମ ଆରମ୍ଭ କରିଥିଲେ । ଦିନ ରାତି ପରିଶ୍ରମ କରି ଜମିକୁ ଚାଷ ଯୋଗ୍ୟ କରାଗଲା । ମାଟି ଖୋଳା ହେଲା, ବନ୍ଧ ବନ୍ଧା ହେଲା । କିନ୍ତୁ କାମ ଶେଷ ହେବାର ୩ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେହି ଶ୍ରମିକଙ୍କୁ ଗୋଟିଏ ଟଙ୍କା ମଧ୍ୟ ମିଳିନାହିଁ । ଏହି ଘଟଣାରେ ହିରା ବାଗ ଯେଉଁ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ତାହା ସମସ୍ତଙ୍କୁ ଚକିତ କରିଦେବ । ତାଙ୍କ କହିବା ଅନୁଯାୟୀ, କାମ ଚାଲିଥିବା ସମୟରେ ଚାନ୍ଦୋତରା ପଞ୍ଚାୟତର ସରପଞ୍ଚ ଜିତେନ୍ଦ୍ର ବଛା ତାଙ୍କୁ ଡାକି ୫ ହଜାର ଟଙ୍କା ଦାବି କରିଥିଲେ । ହିରାଙ୍କ କହିବା କଥା ଯେ ସେ ଗରିବ ଲୋକ । ଜମି ମରାମତି ପାଇଁ ସରକାର ପାଖରେ ହାତ ପତାଇଛନ୍ତି । ୫ ହଜାର କେଉଁଠୁ ଆଣିବେ ବୋଲି ପ୍ରଶ୍ନ କରିଛନ୍ତି । ସେ ଟଙ୍କା ଦେଇ ନ ପାରିବାରୁ ସରପଞ୍ଚ ତାଙ୍କ ଉପରେ ରାଗି ଗଲେ । ଯଦି ସେ ୫ ହଜାର ଟଙ୍କା ଦେଇ ଦେଇଥାନ୍ତେ ତେବେ ଆଜି ତାଙ୍କ ଜମିରେ କାମ କରିଥିବା ଗରିବ ଶ୍ରମିକମାନେ ତାଙ୍କ ପାରିଶ୍ରମିକ ପାଇ ସାରିଥାନ୍ତେ । ଏହା ପରେ ହିରା ବାଗ ବାରମ୍ବାର ବଙ୍ଗୋମୁଣ୍ଡା ବ୍ଲକକୁ ଦୌଡିଛନ୍ତି; କିନ୍ତୁ ବ୍ଲକ କର୍ମଚାରୀ ତାଙ୍କୁ କହୁଛନ୍ତି ତାଙ୍କର କୌଣସି ଫାଇଲ ନାହିଁ । ସେ କାମ କରିନାହାନ୍ତି । ଏହି କଥାରେ ହିରା ଆହୁରି ପ୍ରଶ୍ନ କରିଛନ୍ତି ଯେ ଯଦି ତାଙ୍କ ଜମି ମରାମତି ହୋଇନାହିଁ ତେବେ ତାଙ୍କ ଜମିରେ କାମ କରିଥିବା ଏହି ଶ୍ରମିକମାନେ କିଏ? ଯଦି ସେ ମିଛ କହୁଛନ୍ତି ତେବେ ଏହି ଶ୍ରମିକମାନେ କାହିଁକି ପ୍ରତିଦିନ ତାଙ୍କ ଘରକୁ ଟଙ୍କା ମାଗିବାକୁ ଆସୁଛନ୍ତି? ଗାଁର ଯେଉଁ ଶ୍ରମିକମାନେ ହିରାଙ୍କ ଜମିରେ କାମ କରିଥିଲେ ସେମାନେ ଆଜି ଅସହାୟ । ଜବ କାର୍ଡ ଥାଇ ମଧ୍ୟ ସେମାନଙ୍କ ମଷ୍ଟର ରୋଲ ହୋଇନାହିଁ, ବିଲ୍ ପାସ୍ ହୋଇନାହିଁ । ପ୍ରତିଦିନ ସେମାନେ ହିରାଙ୍କ ଘରକୁ ଯାଇ ଟଙ୍କା ମାଗୁଛନ୍ତି । ହିରା ବ୍ଲକକୁ ଯାଇ ଫାଇଲ ଖୋଜୁଛନ୍ତି । ଏହି ଭିତରେ ୩ ବର୍ଷ ବିତିଗଲା । ତେବେ ଏହା କେବଳ ହିରା ବାଗଙ୍କ କାହାଣୀ ନୁହେଁ । ଏହା ବଙ୍ଗୋମୁଣ୍ଡା ବ୍ଲକର ଶହ ଶହ ଗରିବ ହିତାଧିକାରୀଙ୍କ କାହାଣୀ; ଯେଉଁମାନେ ଲାଞ୍ଚ ନ ଦେବାରୁ ତାଙ୍କ ଫାଇଲ ଗାଏବ ହୋଇଯାଉଛି । ଅନ୍ୟପକ୍ଷରେ ଏ ନେଇ ଆମେ ସରପଞ୍ଚ ଜିତେନ୍ଦ୍ର ବଛାଙ୍କୁ ପଚାରିବାରୁ ଜମି ମରାମତି ନ କରି ହିରା ଟଙ୍କା ମାଗୁଛନ୍ତି । ଯେଉଁ ଶ୍ରମିକମାନଙ୍କୁ ସେ ଦେଖାଉଛନ୍ତି ସେମାନେ ନକଲି । ଯିଏ ପ୍ରକୃତ ନିୟମ ପାଳନ କରି ଜମି ମରାମତି କାର୍ଯ୍ୟ କରିବ ସେ ଟଙ୍କା ପାଇବ । ହିରା ବଦନାମ୍ କରିବାକୁ ଅପ ପ୍ରଚାର କରୁଛି ବୋଲି ସରପଞ୍ଚ କହିଛନ୍ତି ।

● ଦାଦନ ଶ୍ରମିକଙ୍କ ମୃତ୍ୟୁ ପରେ ଅସହାୟ ପରିବାର

୪ ମାସର ଶିଶୁକୁ ଧରି ଭିକ୍ଷା ମାଗୁଛନ୍ତି ପତ୍ନୀ

ଖପ୍ରାଖୋଲ,୨୯ ।୯ (ସମିସ): ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବା ଜଣେ ଶ୍ରମିକଙ୍କ ଅସମୟରେ ମୃତ୍ୟୁ ଘଟିଛି । ତାଙ୍କ ପରିବାରର ଦୁର୍ଦ୍ଦଶା ଚରମ ସୀମାରେ ପହଞ୍ଚିଛି । ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତିଙ୍କୁ ହରାଇ ଏବେ ପତ୍ନୀ ୪ ମାସର କୋଳହୀରା ଶିଶୁକୁ ଧରି ବଜାର ବଜାର ବୁଲି ଭିକ୍ଷା ମାଗି ନିଜ ଓ ସନ୍ତାନର ପେଟ ପୋଷିବାକୁ ବାଧ୍ୟ ହେଉଛନ୍ତି । ଅନ୍ୟପକ୍ଷରେ ଦାଦନ ସର୍ଦ୍ଦାର ଜଣକ ମୃତକଙ୍କ କ୍ଷତିପୂରଣ ଅର୍ଥ ହଡ଼ପ କରି ଚୁପ୍ । ପ୍ରଶାସନ ମଧ୍ୟ ଏହି ଘଟଣାକୁ ଅଣଦେଖା କରୁଛି ।

ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ରେଙ୍ଗାଲି ଗ୍ରାମର ମିଠାଲାଲ ତାଣ୍ଡି ସପତ୍ନୀକ ପରିବାରର ଦୁଃଖ ଦୁର୍ଦ୍ଦଶା ଦୂର କରିବା ଆଶାରେ ତେଲେଙ୍ଗାନା ରାଜ୍ୟକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ; କିନ୍ତୁ ଗତ ୪ ମାସ ତଳେ କର୍ମକ୍ଷେତ୍ରରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଘଟଣା ପରେ ଗର୍ଭବତୀ ପତ୍ନୀ କୁନ୍ତୀ ତାଣ୍ଡିଙ୍କ ଦୁର୍ଦ୍ଦଶା ଆରମ୍ଭ ହୋଇ ଥିଲା । ସ୍ୱାମୀଙ୍କ ମୃତ୍ୟୁ ପରେ ଘରେ ଦୁଇଟି ପେଟକୁ ଦାନା ଦେବା ପାଇଁ କୌଣସି ସାଧାରଣ ବାଟ ନ ଥିବାରୁ ମୃତକଙ୍କ ପତ୍ନୀ ବାଧ୍ୟ ହୋଇ କୋଳରେ ୪ ମାସର ଶିଶୁକୁ ଧରି ଗଳି ଗଳି ଓ ବଜାର ବଜାର ବୁଲି ଭିକ୍ଷାବୃତ୍ତି କରିବାକୁ ବାଧ୍ୟ ହେଉଛନ୍ତି । ଅଭିଯୋଗ ହେଉଛି ଯେ, ଯେଉଁ ଦାଦନ ସର୍ଦ୍ଦାର ଜଣକ ତାଙ୍କୁ କାମକୁ ନେଇଥିଲେ ସେ ଏହି ଦୁର୍ଘଟଣା ଓ ମୃତ୍ୟୁ ପରେ ମିଳିବାକୁ ଥିବା କ୍ଷତିପୂରଣ ଅର୍ଥକୁ ଚାପି ଦେଇଛନ୍ତି । ପରିବାରକୁ ଗୋଟିଏ ବି ପଇସା ନ ଦେଇ ସର୍ଦ୍ଦାର ଜଣକ ସବୁକିଛି ଜାଣିଶୁଣି ଚୁପ୍ ରହିଛନ୍ତି । ଏ ନେଇ ଏକ ଅଭିଯୋଗ ଲାଠୋର ଥାନାରେ ହୋଇଛି । ଏହାର ଏବେ ବି କୌଣସି ନିଷ୍କର୍ଷ ମିଳିନାହିଁ । ଏତେ ବଡ଼ ଦୁଃଖଦ ଘଟଣା ଘଟିବା ସତ୍ତ୍ୱେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ପ୍ରକାର ତତ୍ପରତା ପ୍ରକାଶ ପାଇନି । ଦୁଃଖୀ ପରିବାରଟି ବାରମ୍ବାର ଗୁହାରି କଲେ ମଧ୍ୟ ପ୍ରଶାସନିକ ଅଧିକାରୀମାନେ ନୀରବଦ୍ରଷ୍ଟା ସାଜିଛନ୍ତି ।

ବ୍ଲକ୍‌ସ୍ତରୀୟ ଯୁବ ସମ୍ମିଳନୀ

ମୁରିବାହାଲ,୨୯ ।୯ (ସମିସ): ବଲାଙ୍ଗୀର ଜିଲ୍ଲା ମୁରିବାହାଲସ୍ଥିତ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ପରିସରରେ ବେଟି ବଚାଓ ବେଟି ପଢ଼ାଓ ଯୋଜନା ଅଧୀନ ବ୍ଲକସ୍ତରୀୟ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ମୁରିବାହାଲ ଶିଶୁ ବିକାଶ ବିଭାଗ ଅଧିକାରିଣୀ ସୁଶ୍ରୀ ପୂର୍ଣ୍ଣିମା ବୈଠାରୁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟାପକ ଗୁଣସାଗର ମେହେର, ସୋମେଶ ଦତ୍ତ ହୋତା, ଘନଶ୍ୟାମ ଖମାରୀ, ଭିଙ୍ଗରାଜ ରଣା ଓ ବିକ୍ରମ ତାଣ୍ଡି ଉପସ୍ଥିତ ଥିଲେ । ସଭା ପରିଚାଳନା କରିଥିଲେ ଅଧ୍ୟପକ ପ୍ରେମଚାନ୍ଦ ତାଣ୍ଡି । ସମ୍ମିଳନୀରେ ବାଳିକା ଶିକ୍ଷା, ମହିଳା ସଶକ୍ତିକରଣ, ମହିଳାଙ୍କ ଅଧିକାର ଓ ସୁରକ୍ଷା ଆଦି ବିଷୟରେ ଆଲୋଚନା ହୋଇଥିଲା । ଝିଅମାନଙ୍କ ଶିକ୍ଷା, ସୁରକ୍ଷା ଓ ସମାନ ଅଧିକାର ପ୍ରତି ସମାଜରେ ସଚେତନତା ବୃଦ୍ଧି କରିବାର ଆବଶ୍ୟକତା ଉପରେ ଅତିଥିମାନେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ତଥା ରାଜନୀତି ବିଜ୍ଞାନ ଅଧ୍ୟାପକ ଛନ୍ଦା ଚରଣ ଖୁଣ୍ଟିଆଙ୍କ ନେତୃତ୍ୱରେ ଉପସ୍ଥିତ ଛାତ୍ରଛାତ୍ରୀ ବେଟି ବଚାଓ ବେଟି ପଢ଼ାଓ ସମ୍ପର୍କିତ ଶପଥ ଗ୍ରହଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ରସିନା ବାଗ, ଝରଣା ମହତ, ଯାଜ୍ଞସେନୀ ରଣା, ବର୍ଷା କର୍ମୀ, ଶିବାନୀ ଭୋଇ, କିରଣ ହାତୀ, ତ୍ରିବେଣୀ ମହାର, ରିୟା ଛୁରା, ବିଜୟ ମହାନନ୍ଦ, ଶ୍ରିୟା ରଣା ଓ ଚୂଡ଼ାମଣି ରଣା ବିଭିନ୍ନ ସ୍ଥାନ ଅଧିକାର କରି କୃତିତ୍ୱ ଅର୍ଜନ କରିଥିଲେ ।

ଛନଛଡ଼ାରେ ମହାସମାରୋହରେ ନୂଆଁଖାଇ ଭେଟ୍‌ଘାଟ୍

ସଇଁତଳା,୨୯ ।୯ (ସମିସ): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଅବସରରେ ସଇଁତଳା ବ୍ଲକ ଛନଛଡ଼ାଠାରେ ମହାସମାରୋହରେ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଧର୍ମଗଡ଼ ବିଧାୟକ ସୁଧୀର ପଟ୍ଟଯୋଶୀ, ନୂଆପଡା ବିଧାୟକ ଜୟ ଢୋଲକିଆ, ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଳା, ଟିଟିଲାଗଡ଼ ଏନଏସି ଚେୟାରମ୍ୟାନ ମମତା ଦେବୀ ଜୈନ, ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା, ତୁଷୁରା ଏନଏସି ଚେୟାରମ୍ୟାନ ଅଜୟ ଜୈଶ୍ୱାଳ, ଟିଟିଲାଗଡ଼ ବ୍ଲକ ଚେୟାରମ୍ୟାନ ସଞ୍ଜୁଲତା ନାଏକ, ଜିଲ୍ଲା ପରିଷଦ ହିମାଞ୍ଚଳ ବୁଡେକ, ରାଜ୍ୟ ଉପ ସଭାପତି ଶିବାଜୀ ମହାନ୍ତି, ବରିଷ୍ଠ ବିଜେପି ନେତା ମହେନ୍ଦ୍ର ଠାକୁର ପ୍ରମୁଖ ମଞ୍ଚାସୀନ ଥିଲେ । ଉମାକାନ୍ତ ବାରିକଙ୍କ ସମ୍ବଲପୁରୀ ମେଲୋଡିରେ ଦର୍ଶକ ବିଭୋର ହୋଇଥିଲେ ।

ଜଳ ନିରାପତ୍ତା ଓ ସରକାରୀ ଯୋଜନା ନେଇ ସମନ୍ୱୟ ମେଳା

ମୁରିବାହାଲ, ୨୯ ।୯ (ସମିସ): ଟୁପାଉଡାର ପଞ୍ଚାୟତ ଖେଳପଡ଼ିଆରେ ଜଳ ନିରାପତ୍ତା ଓ ସରକାରୀ ଯୋଜନାର ସଫଳ ରୂପାୟନ ନେଇ ପଞ୍ଚାୟତସ୍ତରୀୟ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି । ଜନମୁକ୍ତି ଅନୁଷ୍ଠାନ ଓ ଗ୍ରାମ ବିକାଶ ସଂସ୍ଥାର ସହଯୋଗରେ ଆୟୋଜିତ ଏହି ମେଳାରେ ସରକାରୀ ଯୋଜନା, ଜଳ ସୁରକ୍ଷା ଓ ଜୀବିକା ବିକାଶ ଉପରେ ଆଲୋଚନା ହୋଇଥିଲା । ଟୁପାଉଡାର ସରପଞ୍ଚ ଅର୍ଣ୍ଣ ବାଗଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜନମୁକ୍ତି ଅନୁଷ୍ଠାନର ସମ୍ପାଦକ ଭଜରାମ ସାହୁ, ଓଡ଼ିଶା ଜୀବିକା ମିଶନର ବିପିଏମ୍ ଡ. ଗୋପାଳ କୃଷ୍ଣ ଦୀପ, ଅତିରିକ୍ତ କୃଷି ଅଧିକାରୀ ଅଭିନାଶ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ପ୍ରତିନିଧି ଯୋଗ ଦେଇଥିଲେ । ମେଳାରେ ବିଭିନ୍ନ ଗ୍ରାମର ଗ୍ରାମ ଉନ୍ନୟନ କମିଟି ସଦସ୍ୟ, ୱାର୍ଡମେମ୍ବର, ସ୍ୱୟଂ ସହାୟିକା ଗୋଷ୍ଠୀ, ସିଆର୍‌ପି, ଏମ୍‌ବିକେ, ଉତ୍ପାଦକ ଗୋଷ୍ଠୀ ଓ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ । ଗ୍ରାମଗୁଡ଼ିକର ବିଭିନ୍ନ ଦାବି ଓ ଆବଶ୍ୟକତା ବିଭାଗୀୟ ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା । ଏହି ଅବସରରେ କୃଷି, ସ୍ୱାସ୍ଥ୍ୟ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ବିଭିନ୍ନ ଷ୍ଟଲ ଖୋଲାଯାଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେବା ଯୋଗାଇ ଦିଆଯାଇଥିଲା । ସଞ୍ଜୀବ ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ଦେବକାନ୍ତି ଲୁହା ଓ ଉଆଁସୁ ପୁଟେଲ ସହଯୋଗ କରିଥିଲେ ।

ଫଳକରେ ମେଟାଲ, ମୋରମ୍; କାମରେ ଲାଲ ମାଟି

କଣ୍ଟାବାଞ୍ଜି,୨୯ ।୯ (ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକରେ ରାଜ୍ୟ ସରକାରଙ୍କ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି । ଗାଁ ଗାଁକୁ ପକ୍କା ରାସ୍ତା ଯୋଡିବା ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ତଳ ସ୍ତରରେ ଠିକାଦାର ଓ କେତେକ ପ୍ରଭାବଶାଳୀ ବ୍ୟକ୍ତି ମିଶି ସେ ଟଙ୍କା ହଡ଼ପ କରୁଥିବା ଅଭିଯୋଗ ହେଉଛି । ବଙ୍ଗୋମୁଣ୍ଡା ବ୍ଲକର ଗନ୍ଧଲା ପଞ୍ଚାୟତରେ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ।

୨୦୨୬-୨୭ ଆର୍ଥିକ ବର୍ଷରେ ବଠଲାରୁ ଟିଟିସିଲେଟ ରାସ୍ତା କାମ ପାଇଁ ୪ ଲକ୍ଷ ୨୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା । ଏଥିପାଇଁ ରାସ୍ତା କଡ଼ରେ ଲାଗିଥିବା ସୂଚନା ଫଳକରେ ମଧ୍ୟ ସ୍ପଷ୍ଟ ଭାବେ ରାସ୍ତା ମେଟାଲ ଓ ମୋରମ କାର୍ଯ୍ୟ ବୋଲି ଲେଖାଯାଇଛି; କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଯେ ସମ୍ପୃକ୍ତ ରାସ୍ତାରେ ଗୋଟିଏ ବି ଟ୍ରିପ୍ ମେଟାଲ କିମ୍ବା ମୋରମ ପକା ଯାଇନାହିଁ । କେବଳ ନିକଟସ୍ଥ ଜଙ୍ଗଲରୁ ଲାଲ ମାଟି ଆଣି ରାସ୍ତା ଉପରେ ପକାଇ ଦିଆଯାଇଛି । ବର୍ଷା ହେଲେ ମାଟି ଧୋଇ ଯାଇ ରାସ୍ତା ପୂର୍ବ ଅବସ୍ଥାକୁ ଫେରି ଯିବ । ଫଟୋରେ ମଧ୍ୟ ଏହା ସ୍ପଷ୍ଟ ବାରି ହେଉଛି ଯେ ରାସ୍ତାରେ କେବଳ ଲାଲ ମାଟି ପଡ଼ିଛି । ଏହା ସରକାରୀ ଅର୍ଥର ଖୁଲମଖୁଲା ଲୁଟ୍ । ଏହି ଦୁର୍ନୀତି ପଛରେ ବଙ୍ଗୋମୁଣ୍ଡା ବ୍ଲକ୍‌ର ଜଣେ ନିର୍ବାଚିତ ପ୍ରତିନିଧିଙ୍କ ହାତ ଥିବା ନେଇ ସ୍ଥାନୀୟ ଲୋକେ ଗୁରୁତର ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ସରକାରୀ ନିୟମ ଅନୁଯାୟୀ ଜନ ପ୍ରତିନିଧି ବା ତାଙ୍କ ପରିବାର ସଦସ୍ୟ ସରକାରୀ କାର୍ଯ୍ୟର ଠିକା ନେଇ ପାରିବେ ନାହିଁ; କିନ୍ତୁ ଏଠାରେ ନିୟମକୁ ବେଖାତିର କରି ପରୋକ୍ଷରେ ଏହି କାମ କରାଯାଉଛି । ଏହା କ୍ଷମତାର ଅପବ୍ୟବହାରର ଏକ ଜ୍ୱଳନ୍ତ ଉଦାହରଣ ବୋଲି ଅଭିଯୋଗ ହେଉଛି । ବିଡ଼ିଓଙ୍କ ନୀରବତା ଅନେକ ପ୍ରଶ୍ନ ସୃଷ୍ଟି କରୁଛି । କାର୍ଯ୍ୟ ନିର୍ବାହୀ ସଂସ୍ଥା ନାଁରେ ଫଳକରେ କିଛି ଲେଖା ନ ଥିବାରୁ ସନ୍ଦେହ ଆହୁରି ଘନୀଭୂତ ହେଉଛି ।

ଗରିବଙ୍କ ଜମି ଠକିନେଲା ଏଚ୍‌ପିସିଏଲ୍

ରାଜସ୍ୱ ବିଭାଗ କର୍ମଚାରୀଙ୍କ ସଂପୃକ୍ତି ଅଭିଯୋଗ

କଣ୍ଟାବାଞ୍ଜି,୨୯ ।୯ (ସମିସ): ବଲାଙ୍ଗୀର ଜିଲ୍ଲାର ଧାମନଡଙ୍ଗାରେ ନିର୍ମାଣ ହେଉଥିବା ଏଚପିସିଏଲକୁ ନେଇ ଗୋଟିଏ ପରେ ଗୋଟିଏ ଅଭିଯୋଗ ସାମ୍ନାକୁ ଆସୁଛି । ଏବେ ଏକ ବଡ ଜମି କେଲେଙ୍କାରୀ ଘଟଣା ସାମ୍ନାକୁ ଆସିଛି । ଗରିବ ଆଦିବାସୀଙ୍କ ପେଟ ପାଟଣା ପାଇଁ ସରକାର ଦେଇଥିବା ସଂରକ୍ଷିତ ଜଳାଶୟ ଓ ଚାଷ ଜମିକୁ ଏଚପିସିଏଲ ହଡପ କରିନେଇଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ବହୁ ବର୍ଷ ତଳେ ଧାମନଡଙ୍ଗା ଗାଁର ୫ ଘର ଅତି ଗରିବ ପରିବାରକୁ ସରକାରଙ୍କ ପକ୍ଷରୁ ପରିବାର ପ୍ରତିପୋଷଣ ପାଇଁ ପ୍ରାୟ ୫ ଏକର ସରକାରୀ ଜମି ଚାଷ କରିବାକୁ ଦିଆଯାଇଥିଲା । ଏହି ଜମି ଥିଲା ସଂରକ୍ଷିତ ଜଳାଶୟ ଓ ସରକାରୀ ଖାସ ଜମି । ନିୟମ ଅନୁସାରେ ଏହି ଜମିକୁ ବିକ୍ରି କରିହେବ ନାହିଁ କି ଅନ୍ୟ ସଂସ୍ଥାକୁ ହସ୍ତାନ୍ତର କରିହେବ ନାହିଁ; ହେଲେ ଅଭିଯୋଗ ହେଉଛି ଯେ, ଏଚପିସିଏଲ ସଂସ୍ଥାର ଜମି ଦଲାଲମାନେ ସେହି ୫ ପରିବାରର ଗରିବୀର ଫାଇଦା ଉଠାଇ ସେମାନଙ୍କୁ ସାମାନ୍ୟ କିଛି ହାତ ଗୁଞ୍ଜା ଦେଇ ଠକି ଦେଇଛନ୍ତି । ସେହି ସଂରକ୍ଷିତ ଜମିକୁ ବେଆଇନ ଭାବେ ନିଜ ନାମରେ କରି ନେଇଛନ୍ତି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ରାଜସ୍ୱ ବିଭାଗର ଅସାଧୁ କର୍ମଚାରୀଙ୍କ ସହଯୋଗ ବିନା ଏହା ସମ୍ଭବ ନୁହେଁ । ରେକର୍ଡ ହେରଫେର କରି, ନକଲି କାଗଜପତ୍ର ପ୍ରସ୍ତୁତ କରି ଏହି ଜମି ହଡପ କରାଯାଇଛି ବୋଲି ଅଭିଯୋଗ ହେଉଛି । ଗରିବ ଲୋକଙ୍କୁ ଠକି କମ୍ପାନୀ ମାଲାମାଲ ହେଉଛି । ଏହି ଜମି ଦୁର୍ନୀତି ସାମ୍ନାକୁ ଆସିବା ପରେ ଗାଁ ଲୋକେ ତହସିଲ କାର୍ଯ୍ୟାଳୟଠାରୁ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସମସ୍ତ କର୍ମଚାରୀଙ୍କ ସଂପୃକ୍ତ ରହିଛି ବୋଲି ଅଭିଯୋଗ ଆଣିଛନ୍ତି । ଏହା ପଛରେ ବଡ ଡିଲ୍ ଥିବା ସନ୍ଦେହ କରାଯାଉଛି । ତୁରନ୍ତ ଏହି ଜମି କେଲେଙ୍କାରୀର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ସଂପୃକ୍ତ ରାଜସ୍ୱ କର୍ମଚାରୀ ଓ ଏଚପିସିଏଲ ଦଲାଲଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ଗରିବ ପରିବାରଙ୍କୁ ତାଙ୍କ ଜମି ଫେରାଇ ଦିଆଯାଉ ବୋଲି ଏବେ ଦାବି ଉଠୁଛି । ଅନ୍ୟପକ୍ଷରେ ଏହି ଏଚପିସିଏଲ ଡିପୋ ନିର୍ମାଣକୁ ବନ୍ଦ କରିବାକୁ ଗାଁ ଲୋକେ ବଲାଙ୍ଗୀର ଜିଲ୍ଲାପାଳଙ୍କ ମଧ୍ୟ ଦ୍ୱାରସ୍ଥ ହୋଇଛନ୍ତି । ଯଦି ପ୍ରଶାସନ ଏଥି ପ୍ରତି ଧ୍ୟାନ ନ ଦିଏ ଧାମନଡଙ୍ଗା ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସରପଞ୍ଚ ପ୍ରତିନିଧି ପପି ସୁନା ଖୋଲି ଚେତାବନୀ ଦେଇଛନ୍ତି ।

କୋଶଲୀ ବାଲ୍ମୀକି ଇନ୍ଦ୍ରମଣି ସାହୁଙ୍କ ଜୟନ୍ତୀ

ବଲାଙ୍ଗୀର,୨୯ ।୯ (ସମିସ): ସ୍ଥାନୀୟ ଶ୍ରମିକ ଭବନ ପରିସରରେ ତହଁକ୍ ସାହିତ୍ୟ କୁଟୁମ୍ ଆନୁକୂଲ୍ୟରେ ବିଶିଷ୍ଟ ସାରସ୍ୱତ ସାଧକ, କୋଶଲୀ ବାଲ୍ମୀକି ଇନ୍ଦ୍ରମଣି ସାହୁଙ୍କ ଜୟନ୍ତୀ ସମାରୋହ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ତହଁକ ସଂପାଦକ ରାଜେଶ ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ କୋଶଲୀ ସାହିତ୍ୟ ଆର୍ ଜୁଆନ୍ ପିଢ଼ି ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଆଲୋଚକ ଭାବେ ଲେଖକ ପରିଷଦ ସମ୍ପାଦକ ସୁଶାନ୍ତ ବାଗ, ଆଇନଜୀବୀ ନିର୍ମାଲ୍ୟ ସ୍ୱାଇଁ, ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ବଲାଙ୍ଗୀର ଜିଲ୍ଲା ଆବାହକ ମୃତ୍ୟୁଞ୍ଜୟ ସାହୁ, କବୟିତ୍ରୀ ତପସ୍ୱିନୀ ପଶାୟତ ଏବଂ କବି ମିଳନ ପଣ୍ଡା ଯୋଗ ଦେଇଥିଲେ । ତହଁକ୍ ମୁଖ୍ୟ ସମ୍ପାଦକ ଅର୍ଜୁନ ସାହୁ ଉପସ୍ଥିତ ଥିବାବେଳେ ପ୍ରସନ୍ନ ଗଡ଼ତିଆ ସ୍ୱାଗତ ଭାଷଣ ଦେଇଥିଲେ । କବି ନିତ୍ୟାନନ୍ଦ ଜୁଏଡ୍ ଧନ୍ୟବାଦ ଅର୍ପଣ କରିଥିଲେ ।

ବାପ-ପୁଅଙ୍କଠାରୁ ୨୮୫ ବୋତଲ କଫସିରପ ଜବତ

ପାଟଣାଗଡ଼,୨୯ ।୯ (ସମିସ): ପାଟଣାଗଡ଼ ଅବକାରୀ ବିଭାଗ ମଙ୍ଗଳବାର କଫସିରପ କାରବାରରେ ବାପ ପୁଅକୁ ଧରିଛି । ଗିରଫ ବାପ ପୁଅ ଦ୍ୱୟ ହେଲେ ଲରମ୍ଭା ଥାନା ଅଇଁଲାତୁଙ୍ଗା ଗାଁର ଯାଦବ ବେହେରା (୪୭) ଓ ପରେଶ ବେହେରା (୨୦) । ସେମାନଙ୍କଠାରୁ ୨୮୫ ବୋତଲ କଫସିରପ ଜବତ ହୋଇଛି । ମଙ୍ଗଳବାର ପାହାନ୍ତିଆ ସମୟରେ ଉଭୟ ତମିଆଁର ଜଣେ ବ୍ୟକ୍ତିଙ୍କଠାରୁ ବାଇକ (ଓଡି ୦୩ - ୮୩୧୦)ରେ କଫସିରପ ନେଇ ଗାଁକୁ ଫେରୁଥିଲେ । ଏହି ସମୟରେ ଅବକାରୀ ବିଭାଗ ଚଢ଼ଉ କରି ଗିରଫ କରିଥିଲା । ସେମାନଙ୍କୁ ପାଟଣାଗଡ଼ ଅଫିସକୁ ନେଇ ଅଧିକ ତଦନ୍ତ କରିଥିଲା । ଉଭୟ ବାପ ପୁଅ ଅଞ୍ଚଳରେ ଦୀର୍ଘ ଦିନରୁ କଫ ସିରପ କାରବାର ଚଳାଇଥିଲେ ହେଁ ଅବକାରୀ ବିଭାଗ ଧରିବାରେ ଫେଲ ମାରୁଥିଲା ।

ବେଟି ବଚାଓ ବେଟି ପଢ଼ାଓ ସଚେତନତା ଶିବିର

ସଇଁତଳା, ୨୯ ।୯ (ସମିସ): ସଇଁତଳା ପଞ୍ଚାୟତ ସମିତି ମହାବିଦ୍ୟାଳୟଠାରେ "ବେଟି ବଚାଓ ବେଟି ପଢାଓ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ପ୍ରସନ୍ନ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ପ୍ରଶାସନ ତରଫରୁ ସଇଁନ୍ତଲା ସିଡିପିଓ ଗୋଲାପୀ ନାୟକ ଏବଂ ସଇଁନ୍ତଲା ଥାନା ଅଧିକାରୀ ବିଶ୍ୱଜିତ ବିଶ୍ୱାଳ ଅତିଥି ଭାବରେ ଯୋଗ ଦେଇଥିଲେ । ଅଧ୍ୟାପକ ଜୟଦେବ କରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯକ୍ରମରେ କଲେଜ ଅଧ୍ୟକ୍ଷ ପ୍ରସନ୍ନ ସାହୁ ନାରୀ ସୁରକ୍ଷା ଓ ନାରୀ ଶିକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସିଡିପିଓ ଶ୍ରୀମତୀ ନାୟକ କନ୍ୟା ସନ୍ତାନଙ୍କ ସୁବିଧା ପାଇଁ ଥିବା ସରକାରୀ ଯୋଜନା ଉପରେ କହିଥିବା ବେଳେ ଥାନ ଅଧିକାରୀ ଶ୍ରୀ ବିଶ୍ୱଜିତ ବିଶ୍ୱାଳ ଭାରତୀୟ ନ୍ୟାୟ ସଂହିତାରେ ମହିଳା ସୁରକ୍ଷା ପାଇଁ ଥିବା ଧାରା ଉପରେ କହିଥିଲେ । ପ୍ରାଧ୍ୟାପକ ଡିଲେଶ୍ୱର ଭୋଇ ବେଟି ବଚାଓ ବେଟି ପଢ଼ାଓ ଯୋଜନାର ଐତହାସିକ ପଟ୍ଟଭୂମି ଉପରେ କହିଥିବା ବେଳେ ଅଧ୍ୟାପକ ଶଶିଭୂଷଣ ପଧାନ ନାରୀ ସୁରକ୍ଷା ଉପରେ ମତ ରଖିଥିଲେ । ଶେଷରେ ଅଧ୍ୟାପକ ରାଜ କୁମାର ବଗର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ ।

ବଲାଙ୍ଗିରର ସ୍ୱାସ୍ଥ୍ୟ ଓ ଉଚ୍ଚଶିକ୍ଷା ନେଇ ବିଧାନସଭାରେ କଳିକେଶଙ୍କ ପ୍ରଶ୍ନ

ବଲାଙ୍ଗିର,୨୯ ।୯ (ସମିସ):

ବଲାଙ୍ଗିର ଜିଲ୍ଲାର ସ୍ୱାସ୍ଥ୍ୟସେବା ଓ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ସମ୍ପର୍କିତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଧାନସଭାରେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଉଠାଇଛନ୍ତି । ତାଙ୍କ ପ୍ରଶ୍ନର ଉତ୍ତରରେ ସରକାର ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନୁମୋଦିତ ଅର୍ଥ ଏବଂ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଜମି ସମ୍ପର୍କରେ ତଥ୍ୟ ରଖିଛନ୍ତି । ଅଣତାରକା ପ୍ରଶ୍ନ ନଂ୧୬୩୨ରେ କଳିକେଶ ନାରାୟଣ ସିଂହଦେଓ ୨୦୨୬-୨୭ ବର୍ଷରେ ବଲାଙ୍ଗିର ଜିଲ୍ଲାରେ ଔଷଧ, ଉପଯୋଗୀ ସାମଗ୍ରୀ ଓ ଚିକିତ୍ସା ଉପକରଣ କ୍ରୟ ପାଇଁ ନିରାମୟ, ଏନଏଚଏମ ଓ ରାଜ୍ୟ ବଜେଟ୍‌ରୁ ଅର୍ଥ ବ୍ୟବସ୍ଥା ସମ୍ପର୍କରେ ପ୍ରଶ୍ନ କରିଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଉତ୍ତର ଅନୁଯାୟୀ, ବଲାଙ୍ଗିର ଜିଲ୍ଲା ପାଇଁ ଏନଏଚଏମ, ଆୟୁଷ୍ମାନ ଯୋଜନା ଓ ପଞ୍ଚଦଶ ଅର୍ଥ କମିଶନ ଅଧୀନରେ ମୋଟ ୪,୩୭,୪୧,୨୫୭ ଅନୁମୋଦନ କରାଯାଇଛି । ତେବେ ନିରାମୟ ଯୋଜନାର ଅର୍ଥ ଜିଲ୍ଲାୱାରୀ ନୁହେଁ, ସମଗ୍ର ରାଜ୍ୟ ପାଇଁ ଅନୁମୋଦିତ ହୋଇଥିବା ମନ୍ତ୍ରୀ କହିଛନ୍ତି । ସରକାରଙ୍କ ଉତ୍ତରରେ ଆହୁରି କୁହାଯାଇଛି ଯେ, ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ ଏବଂ ସିଏଚସି ଓ ପିଏଚସି ଗୁଡ଼ିକରେ ଆବଶ୍ୟକୀୟ ଔଷଧ, ଚିକିତ୍ସା ଉପକରଣ କିମ୍ବା ଅନ୍ୟାନ୍ୟ ଜରୁରୀ ସାମଗ୍ରୀର ଅଭାବ ସମ୍ପର୍କରେ କୌଣସି ରିପୋର୍ଟ ମିଳିନାହିଁ । ଓଡିଶା ରାଜ୍ୟ ଔଷଧ ନିଗମ ପକ୍ଷରୁ ଔଷଧ ଯୋଗାଣରେ ବ୍ୟତିକ୍ରମ ହେଲେ ଅନୁମୋଦିତ ଟେଣ୍ଡର ଦରରେ ସ୍ଥାନୀୟ ଭାବେ ଔଷଧ କ୍ରୟ କରାଯାଉଥିବା ଏବଂ ଷ୍ଟକ୍‌ର ସମୟୋଚିତ ପୁନଃପୂରଣ ପାଇଁ ପଦକ୍ଷେପ ନିଆଯାଉଥିବା ଉତ୍ତରରେ ଦର୍ଶାଯାଇଛି । ସେହିପରି କଳିକେଶ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ସମ୍ପୂର୍ଣ୍ଣ କ୍ୟାମ୍ପସ ପାଇଁ ଆବଶ୍ୟକ ଜମି, ଏପର୍ଯ୍ୟନ୍ତ ଉପଲବ୍ଧ ଜମି ଏବଂ ଭବିଷ୍ୟତ ଜମି ବ୍ୟବସ୍ଥା ସମ୍ପର୍କରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଠାରୁ ତଥ୍ୟ ମାଗିଥିଲେ । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉତ୍ତର ଅନୁଯାୟୀ, ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ୨୦୨୦ ମସିହାରେ ବିଶ୍ୱବିଦ୍ୟାଳୟ ଭାବେ ଉନ୍ନୀତ କରାଯାଇଥିଲା । ଉନ୍ନୀତ ସମୟରେ କୌଣସି ମାଷ୍ଟର ପ୍ଲାନ୍ କିମ୍ବା ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ହୋଇ ନ ଥିବା ମନ୍ତ୍ରୀ ଉତ୍ତରରେ କହିଛନ୍ତି । ବର୍ତ୍ତମାନ ୫୦.୪୩୭ ଏକର ଜମି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ନାମରେ ରେକର୍ଡଭୁକ୍ତ ଅଛି । ବିଶ୍ୱବିଦ୍ୟାଳୟର ଆବଶ୍ୟକତା ଆଧାରରେ ଭିତ୍ତିଭୂମି ବିକାଶ ପାଇଁ ଆଗାମୀ ଆବଶ୍ୟକ ପଦକ୍ଷେପ ଉଚ୍ଚଶିକ୍ଷା ବିଭାଗ ନେବ ବୋଲି ମନ୍ତ୍ରୀ ଉତ୍ତର ଦେଇଛନ୍ତି ।

ସକାଳ THE SAKALA
ପଶ୍ଚିମ ଓଡ଼ିଶା
www.sakalaepaper.com

ରୋଗପୋକ ଚିନ୍ତାରେ ତରଭା ଅଞ୍ଚଳର ଚାଷୀ

କ୍ଷେତ୍ର ପରିଦର୍ଶନରେ ଯାଉ ନାହାନ୍ତି କୃଷି କର୍ମଚାରୀ

ତରଭା,୨୯ ।୯ (ସମିସ): ଚଳିତ ଖରିଫ ଋତୁରେ ତରଭା ବ୍ଲକରେ ରୋଗପୋକର ବ୍ୟାପକ ପ୍ରାଦୁର୍ଭାବ ଦେଖାଦେଇଛି । ବିଶେଷ କରି ଧାନ ଫସଲରେ ପତ୍ର ହଳଦିଆ ପଡ଼ି ଫସଲ ନଷ୍ଟ ହେଉଛି । ଏହା ମହାମାରୀ ଭଳି ଦିନକୁ ଦିନ ବୃଦ୍ଧି ପାଉଛି । ଚାଷୀ ଘୋର ଚିନ୍ତାରେ ପଡିଛନ୍ତି । ଏହି ପରିସ୍ଥିତିର ସୁଯୋଗ ନେଇ କୀଟନାଶକ ଔଷଧ ବିକ୍ରେତା ମାଲାମାଲ ହେଉଛନ୍ତି । ଏନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ତରଭା ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ମିଶାଇ ମୋଟ ୭ ଜଣ ଗ୍ରାମ କୃଷି କର୍ମଚାରୀ ଅଛନ୍ତି । ନିୟମ ଅନୁସାରେ ସେମାନେ ନିୟମିତ କ୍ଷେତ୍ର ପରିଦର୍ଶନ କରି ରୋଗପୋକ ଚିହ୍ନଟ ପୂର୍ବକ ଔଷଧ ଚିଠା ଦେବା କଥା; କିନ୍ତୁ ଆସୁନାହାନ୍ତି ବୋଲି ଚାଷୀ ଅଭିଯୋଗ କରିଛନ୍ତି । ଏଣୁ ବାଧ୍ୟ ହୋଇ ଚାଷୀ କୀଟନାଶକ ଦୋକାନକୁ ଯାଉଛନ୍ତି । ଦୋକାନୀ ଯାହା ଦେଉଛନ୍ତି ତାହା ଆଣି ପକାଉଛନ୍ତି । ଏଥିରେ ଅଯଥା ଖର୍ଚ୍ଚ ବଢୁଛି; ହେଲେ ରୋଗ ଠିକ ହେଉନାହିଁ । ଅନ୍ୟପକ୍ଷରେ ଅଞ୍ଚଳରେ ଥିବା ଅନେକ କୀଟନାଶକ ଦୋକାନରେ ଲାଇସେନ୍ସ ଅଛି କି ନାହିଁ ଓ ଦୋକାନ ପରିଚାଳନା ପାଇଁ ଆବଶ୍ୟକ ଡିଗ୍ରୀ ରହିଛି କି ନାହିଁ ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ଏ ସମ୍ପର୍କରେ ସୁବର୍ଣ୍ଣପୁର ଜିଲ୍ଲା ସହକାରୀ କୃଷି ନିର୍ଦ୍ଦେଶକ (ଏଡିଓ) ଘନଶ୍ୟାମ ଦେହୁରୀଙ୍କୁ ପଚରାଯିବାରୁ କୀଟନାଶକ ବିକ୍ରେତାଙ୍କ ପାଖରେ ବୋଟାନୀ(ଉଦ୍ଭିଦ ବିଜ୍ଞାନ), ଜୁଲୋଜି (ପ୍ରାଣୀ ବିଜ୍ଞାନ), କେମେଷ୍ଟ୍ରି (ରସାୟନ ବିଜ୍ଞାନ), ବାୟୋଟେକ୍ନୋଲୋଜି (ଜୈବିକ ବିଜ୍ଞାନ) ମଧ୍ୟରୁ ଯେ କୌଣସି ଗୋଟିଏ ବିଷୟରେ ଡିଗ୍ରୀ ଥିବା ବାଧ୍ୟତାମୂଳକ । ସେହି ଡିଗ୍ରୀଧାରୀ ବ୍ୟକ୍ତିଙ୍କ ଦ୍ୱାରା

ଔଷଧ ଦୋକାନୀଙ୍କ ମନମାନୀ

ଦୋକାନ ପରିଚାଳିତ ହେବା ଜରୁରୀ । ଯେଉଁ କୃଷି କର୍ମଚାରୀ କ୍ଷେତ୍ର ପରିଦର୍ଶନ କରିବେ ନାହିଁ ଅଭିଯୋଗ ପ୍ରମାଣିତ ହେଲେ ତାଙ୍କ ଦରମା କଟାଯିବ । ସମସ୍ତଙ୍କୁ ହେଡକ୍ୱାର୍ଟରରେ ରହି ଡ୍ୟୁଟି କରିବାକୁ ରୋକଠୋକ୍ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ।

ସମୃଦ୍ଧ ଶୈଶବ ଓ ସୁସ୍ଥ ଭବିଷ୍ୟତ ପାଇଁ ଆଙ୍ଗନ୍ କା ଉତ୍ସବ ପାଳନ

ତରଭା,୨୯ ।୯ (ସମିସ): ଶିଶୁମାନଙ୍କ ଶାରୀରିକ ଓ ମାନସିକ ଉନ୍ନତି ପାଇଁ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକରେ ନବମ ରାଷ୍ଟ୍ରୀୟ ପୋଷଣ ମାସ ଅବସରରେ ବିଭିନ୍ନ ସଚେତନତାମୂଳକ [illegible] କାର୍ଯ୍ୟକ୍ରମ ସାରା ଓଡିଶାରେ ଆଙ୍ଗନ୍ କା ଉତ୍ସବ ନାମରେ ଆୟୋଜିତ କରାଯାଉଛି । ବିଶେଷ କରି ଏହି କାର୍ଯ୍ୟକ୍ରମରେ ସୁକ୍ଷମ ରନ୍ଧା ଖାଦ୍ୟ ପ୍ରସ୍ତୁତ, ପ୍ରି ସ୍କୁଲ ଶିଶୁଙ୍କୁ ଗରମ ରନ୍ଧାଖାଦ୍ୟର ଗୁଣବତ୍ତା ଯାଞ୍ଚ, ହାତ ଧୁଆ, ଅଡ଼ିକା ପରି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକର ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରକଳ୍ପ ଅଧିକାରିଣୀ ସୁଦେଷ୍ଣା ମେହେରଙ୍କ ତତ୍ତ୍ୱାବଧାନରେ ସଂଘପ୍ତ ନାଗ, ପୁଷ୍ପା ସୁନା, ରାନୀ ପଣ୍ଡା, ସ୍ୱାଗତିକା ମିଶ୍ର, ସ୍ରୋତସ୍ୱିନୀ ନାଗ, ପ୍ରମିଳା ମିଶ୍ର, ଶ୍ୟାମଳୀ ତାଣ୍ଡିଙ୍କ ସମେତ ସମସ୍ତ ପରିଦର୍ଶିକା ସମଗ୍ର ୨୭୮ଟି ଅଙ୍ଗନବାଡି କେନ୍ଦ୍ରରେ ଏହି ଆଙ୍ଗନ କା ଉତ୍ସବ ପାଳନ କରିଛନ୍ତି ।

କନ୍ଧମାଳ ହାଇସ୍କୁଲରେ ବିଶ୍ୱଜଳାତଙ୍କ ଦିବସ ପାଳିତ

କଣ୍ଟାମାଳ,୨୯ ।୯ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ସଦର ସରକାରୀ ଉଚ୍ଚ ବିଦ୍ୟାଳୟରେ କଣ୍ଟାମାଳ ପ୍ରାଣୀ ଚିକିତ୍ସା ବିଭାଗ ଆନୁକୂଲ୍ୟରେ ବିଶ୍ୱ ଜଳାତଙ୍କ ଦିବସ ପାଳିତ ହୋଇଯାଇଛି । ଏହି ସଚେତନତା ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଂଜନ ପ୍ରଧାନ ସଭାପତିତ୍ୱ କରିଥିଲେ । ଶିକ୍ଷକ ବନମାଳୀ ମେହେର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଜଳାତଙ୍କ ରୋଗର ଭୟାବହତା, ପ୍ରାଥମିକ ଚିକିତ୍ସା ଏବଂସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ କଣ୍ଟାମାଳ ଅଞ୍ଚଳର ପ୍ରାଣୀଧନ ନିରୀକ୍ଷକ ଡ. ସିର୍ଦ୍ଧାତ ପାଣିଗ୍ରାହୀ ଓ ନାରାୟଣ ପ୍ରସାଦ ଅଞ୍ଚଳର ଏଲ୍ଆଇ ସୌମ୍ୟରଞ୍ଜନ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ । କୁକୁର ବା ଅନ୍ୟ ପୋଷା ଜୀବଜନ୍ତୁଙ୍କୁ ନିୟମିତ ଟିକାକରଣ କରିବା, କୁକୁର କାମୁଡ଼ିଲେ ୧୫ ମିନିଟ୍ ପର୍ଯ୍ୟନ୍ତ ସାବୁନ୍ ଓ ପାଣିରେ ଧୋଇବା ଏବଂ ତୁରନ୍ତ ଡାକ୍ତରୀ ପରାମର୍ଶ ନେବାକୁ ଅତିଥବଗଣ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ । ଶିକ୍ଷକ ସୁଜିତ୍ ତରିଆ, ଶ୍ରୀକାନ୍ତ ବୁଦ୍ଧିଆ, ସତ୍ୟଜିତ ପଣ୍ଡା, ସରୋଜ ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ସମସ୍ତେ ଜଳାତଙ୍କ ମୁକ୍ତ ସମାଜ ଗଠନ ପାଇଁ ଶପଥ ନେଇଥିଲେ । ଶେଷରେ ଶିକ୍ଷକ ଆଲୋକ ପରଡ଼ିଆ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ୱାକାଥନ ଓ ନିଃଶୁଳ୍କ ଚିକିତ୍ସା ଶିବିର

ଇବଥର୍ମାଲ,୨୯ ।୯ (ସମିସ): ବିଶ୍ୱ ହୃଦୟ ଦିବସ ଅବସରରେ ଟିଆରଏଲ କ୍ରୋସାକି ଏବଂ କ୍ରିଷ୍ଣା ବିକାଶ ପକ୍ଷରୁ ଝାରସୁଗୁଡା ଜିଲ୍ଲା ବେଲପାହାଡରେ ଏକ ୱାକାଥନ ଏବଂ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ସ୍ୱାସ୍ଥ୍ୟ ହିଁ ସମ୍ପଦର ବାର୍ତ୍ତା ଦେଇ ବେଲପାହାଡ ଅଟଳ ଛକରୁ ଜୁବୁଲି ହଲ୍ ପର୍ଯ୍ୟନ୍ତ ଏହି ୱାକାଥନ୍ ଅନୁଷ୍ଠିତ ହୋଇଥିଲା । ଏହାସହ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବରରେ ମଧୁମେହ, ରକ୍ତଚାପ, ଇସିଜି ଓ ଅନ୍ୟାନ୍ୟ ପରୀକ୍ଷା କରାଯାଇ ଡାକ୍ତରୀ ପରାମର୍ଶ ଦିଆଯାଇଥିଲା । ୨୮୦ ରୋଗୀ ଏହି ଶିବିରରେ ଯୋଗଦେଇ ଚିକିତ୍ସା ସେବାର ଲାଭ ନେଇଥିଲେ । ସୁସ୍ଥ ଜୀବନଶୈଳୀ ଓ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଜନ ସାଧାରଣଙ୍କୁ ସଚେତନ କରାଯାଇଥିଲା । ଆଜିର କାର୍ଯ୍ୟକ୍ରମରେ ଟିଆରଏଲ କ୍ରୋସାକିର ଭାଇସ ପ୍ରେସିଡେଣ୍ଟ ଏସକେ ଦାସ, ଟିଆରଏଲ କ୍ରୋସାକିର ହସ୍ପିଟାଲର ଏମଡି ଡକ୍ଟର ତୁଷାରକାନ୍ତି ଦାଶ, ବିକଶ ହସ୍ପିଟାଲର ବିଜେସନ ମୁଖ୍ୟ ସବ୍ୟସାଚୀଙ୍କ ସହ ଟିଆରଏଲ କ୍ରୋସାକିର ବରିଷ୍ଠ ଅଧିକାରୀ ଅନିରୁଦ୍ଧ ମିଶ୍ର, ସନ୍ତୋଷ ମିଶ୍ର, ଶସାଙ୍କ ଦୀକ୍ଷିତ, ଦୀପକ ସାହୁ ପ୍ରମୁଖଙ୍କ ସହ ଶତାଧିକ ଲୋକେ ଉପସ୍ଥିତ ଥିଲେ ।

ଡୁଙ୍ଗୁରିପାଲିରେ ବୃନ୍ଦାବନ ପଣ୍ଡାଙ୍କ ସ୍ମୃତିସଭା

ଡୁଙ୍ଗୁରିପାଲି,୨୯ ।୯ (ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବଙ୍ଗଳାରେ ମଙ୍ଗଳବାର ବୃନ୍ଦାବନ ପଣ୍ଡାଙ୍କ ୧୭ତମ ଶ୍ରାଦ୍ଧବାର୍ଷିକ ଅବସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ବଳଦେବ ପଧାନ, ଅବସରପ୍ରାପ୍ତ ଶିକ୍ଷକ ଶିସୁବାସ ଚନ୍ଦ୍ର ପାତ୍ର, ପବିତ୍ର ମୋହନ ପାଣ୍ଡିଆ, ସୁବାସ ପଣ୍ଡା, ଗୋପାଳ ବାରିକ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅମୂଲ୍ୟ ବେହେରା, ବନମାଳୀ ପୋଡ଼, ଓକିଲ ଶ୍ରବଣ ପଧାନ, ରାଜେନ୍ଦ୍ର ଭୋଇ, ନେହେରୁ ପଧାନ, ସୁବାସ ଭୋଇ, ମନୋଜ ପଣ୍ଡା, ସନ୍ତୋଷ କୁଦେଇ ପ୍ରମୁଖ ଉପସ୍ଥିତ ଥିଲେ । ତପନ ଯୁଆଡିଙ୍କ ଆବାହକତ୍ୱ ଏବଂ ସୁବାସ ପଣ୍ଡାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ଜୟପ୍ରକାଶ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

ତରଭା ଦିବ୍ୟାଙ୍ଗ ବିଦ୍ୟାଳୟରେ ଚାରାରୋପଣ

ତରଭା,୨୯ ।୯ (ସମିସ): ସ୍ଥାନୀୟ ଦିବ୍ୟାଙ୍ଗ ବିଦ୍ୟାଳୟରେ ଚାରାରୋପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଂଘ ତରଭାର ସଭାପତି ଦେବେନ୍ଦ୍ର ବିଜୟ ସାହୁ, ଦୃଷ୍ଟି ଓ ମୂକ ବଧିର ବିଦ୍ୟାଳୟର ସମ୍ପାଦକ ରାଜେନ୍ଦ୍ର ରଣା, ପୂର୍ବତନ ସରପଞ୍ଚ ଉପେନ୍ଦ୍ର ନିଆଲି, ତରଭା ବିଏସଏସଓ ପ୍ରଭାସ କର୍ଣ୍ଣ ପ୍ରମୁକ ଯୋଗଦେଇ ଚାରା ରୋପଣ କରିଥିଲେ ।

ଅବସରପ୍ରାପ୍ତ ସୈନିକଙ୍କ ପରଲୋକ

ବୌଦ୍ଧ,୨୯ ।୯ (ସମିସ): ବୌଦ୍ଧ ବ୍ଲକ୍ ଗିରାସିଙ୍ଗାର ଅବସରପ୍ରାପ୍ତ ସୈନିକ ରଂଜିତ ଅମାତଙ୍କ ପରଲୋକ ହୋଇଯାଇଛି । ଶ୍ରୀ ଅମାତ ଅସୁସ୍ଥତା କାରଣରୁ ଭୁବନେଶ୍ୱରରେ ଚିକିତ୍ସିତ ଅବସ୍ଥାରେ ପରଲୋକ ଗମନ କରିଥିଲେ । ସେ ଭାରତୀୟ ସ୍ଥଳ ସେନାର ସିଗ୍ନାଲ କୋରରେ ହାବିଲଦାର ର୍ୟାଙ୍କ୍‌ରେ ୨୨ ବର୍ଷ କାମ କରି ଅବସର ନେଇଥିଲେ । ତେବେ ତାଙ୍କ ମର ଶରୀରକୁ ରାଷ୍ଟ୍ରୀୟ ସମ୍ମାନ ପ୍ରଦର୍ଶନ ସହ ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ ହୋଇଯାଇଛି । ବୌଦ୍ଧ ଜିଲ୍ଲା ଭେଟେରାନ୍ସ ସୈନିକ ସଂଘର କର୍ମକର୍ତ୍ତା ପହଞ୍ଚି ତାଙ୍କ ମର ଶରୀର ଉପରେ ଜାତୀୟ ପତାକା ଘୋଡାଇ ପୁଷ୍ପଗୁଚ୍ଛ ଦେଇ ଶେଷ ସମ୍ମାନ ଜଣାଇଥିଲେ ।

ଅବକାରୀ ଚଢ଼ଉ: ୨ ଦିନରେ ୧୪ ଗିରଫ

ଝାରସୁଗୁଡା,୨୯ ।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ଅବକାରୀ ବିଭାଗ ୨ ଦିନରେ ୧୪ ଜଣଙ୍କୁ ନିଶାଦ୍ରବ୍ୟ କାରବାର ଅଭିଯୋଗରେ ଗିରଫ କରିଛି । ଝାରସୁଗୁଡା ରେଳ ଷ୍ଟେସନ, ଠେବେରା, ସାଗରପାଲି, ପୁରୁଣାବସ୍ତି, ସରବେର୍ଣ୍ଣା, ଚିଠୁଆପଡା, ରଘୁନାଥପାଳି, ନିକ୍ତିମାଲ, ତେଲିଡିହି, ଜୁନାନିମୁଣ୍ଡା, ଆମଦରହ, ଚୂଆକାନୀ, ଅମାପାଲି, କଣ୍ଢେଇକେଲା ଓ ଗୁମାଡେରା ଅଞ୍ଚଳରେ ଚଢ଼ଉ କରାଯାଇଥିଲା । ୧୭ ଗୋଟି ମାମଲା ରୁଜୁ ପୂର୍ବକ ୧୨ ଜଣ ପୁରୁଷ ଓ ଦୁଇ ଜଣ ମହିଳା) ଙ୍କୁ ଗିରଫ କରାଯାଇଛି ।

କଫସିରପ କାରବାରରେ ଦୁଇ ଗିରଫ

ଡୁଙ୍ଗୁରିପାଲି,୨୯ ।୯ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ପୁଲିସ କଫସିରପ କାରବାରରେ ଦୁଇ ଜଣଙ୍କୁ ଗିରଫ କରିଛି । ଏହି ଦୁଇ ଜଣ ହେଲେ ମନୋଜ ଲୁହା (୨୨) ଏବଂ ମାଝୀମୁଣ୍ଡା ଗ୍ରାମର ରାଜେଶ ବାରିକ(୨୬) । ଡୁଙ୍ଗୁରିପାଲି ବାଳିକା ଉଚ୍ଚ ବିଦ୍ୟାଳୟ ରାସ୍ତାରେ ପୁଲିସ ପାଟ୍ରୋଲିଂ କରୁଥିଲା । ଏତିକିବେଳେ ଉଭୟ ବାଇକରୁ ଏକ ପେଟି କଫସିରପ ନେଇ ଯାଉଥିଲା ବେଳେ ଧରା ପଡ଼ିଥିଲେ । ପୁଲିସ ପେଟିରୁ ୩୨ ବୋତଲ କଫସିରପ ଜବତ କରିବା ସହ ସେମାନଙ୍କଠାରୁ ୧୦ ହଜାର ୫ ଶହ ଟଙ୍କା, ବାଇକ୍ ଆଦି ଜବତ କରିଛି ।

କୋଇଲା ଖଣିରେ ଟ୍ରକ୍ ଚାଳକଙ୍କୁ ଶୋଷଣ ଅଭିଯୋଗ

ଝାରସୁଗୁଡ଼ା,୨୯ ।୯ (ସମିସ): ଖିଣ୍ଡା ଓ ପତ୍ରାପାଲି ଏନ୍ଏଲସି କୋଇଲା ଖଣିରେ କୋଇଲା ପରିବହନରେ ନିୟୋଜିତ ଟ୍ରକ୍ ଚାଳକମାନେ ଘୋର ଶୋଷଣର ଶିକାର ହେଉଥିବା ଅଭିଯୋଗ ହୋଇଛି । ଚାଳକମାନଙ୍କ ଅଭିଯୋଗ ଅନୁଯାୟୀ, ପ୍ରତେକ ଲୋଡିଂ ସମୟରେ ବେଆଇନ ଭାବେ ୩୦୦ଶହରୁ ୫୦୦ଶହ ଟଙ୍କା ଜୋର୍ ଜବରଦସ୍ତ ଆଦାୟ କରାଯାଉଛି । କୌଣସି ଚାଳକ ନ ଦେଲେ ସେମାନଙ୍କୁ ଲୋଡିଂରେ ହଇରାଣ କରାଯାଉଛି । କିଛି ଦିନ ତଳେ ଜଣେ ଚାଳକ ଆକ୍ରମଣର ଶିକାର ହୋଇଛନ୍ତି । ଝାରସୁଗୁଡ଼ା ଡ୍ରାଇଭର ସଂଘ ସ୍ଥାନୀୟ ଏକ ହୋଟେଲରେ ସାମ୍ବାଦିକ ସମ୍ମିଳନୀ ଡାକି ଏହି ଅଭିଯୋଗ ଆଣିଛି । ଏ ନେଇ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି । ଯଦି ତୁରନ୍ତ ସମାଧାନ ନ ହୁଏ ତେବେ କୋଇଲା ପରିବହନ ବନ୍ଦ କରି ଆନ୍ଦୋଳନ କରାଯିବ ବୋଲି ଏଥିରେ ଚେତାବନୀ ଦିଆଯାଇଛି ।

ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

ବୌଦ୍ଧ,୨୯ ।୯ (ସମିସ): ବୌଦ୍ଧ ଥାନା ବଘିଆପଡା ଫାଣ୍ଡି ଅଧୀନ ବଡ ଗୋଛାପଡା ଗ୍ରାମରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ନନ୍ଦନ ପ୍ରଧାନ । ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ସେ ଗୁରୁତର ହୋଇଥିଲେ । ପରିବାର ଲୋକେ ଉଦ୍ଧାର କରି ବୌଦ୍ଧ ମେଡିକାଲକୁ ନେଇଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇ ବୌଦ୍ଧ ପୁଲିସ ମେଡିକାଲରେ ପହଞ୍ଚି ଶବ ଜବତ କରି କରିଥିଲା । ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏହି ଘଟଣାକୁ ନେଇ ବଡ଼ଗୋଛାପଡ଼ା ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

ମଦ କାରବାରରେ ଜଣେ ଗିରଫ

ବୌଦ୍ଧ,୨୯ ।୯ (ସମିସ): ୫୭ ନମ୍ବର ଜାତୀୟ ରାଜପଥର ମର୍ଯାଦପୁର ସାଲୁଙ୍କି ବ୍ରିଜ୍ ନିକଟରୁ ଏକ ବୋଲେରୋରୁ ୩୫୦ ଲିଟର ଦେଶୀ ମଦ ଜବତ ହୋଇଛି । ଏହି ଘଟଣାରେ ପୁଲିସ ବୌଦ୍ଧ ଥାନା ବୀରନରସିଂହପୁର ଗ୍ରାମର ପ୍ରଭାତ ଡାଙ୍ଗଙ୍କୁ ଗିରଫ କରିଛି ।

ନାରୀ ଜାଗରଣ ଓ ଯୁବା ଉତ୍କର୍ଷ ସମ୍ମିଳନୀ

ବଲାଙ୍ଗିର,୨୯ ।୯ (ସମିସ): ସ୍ଥାନୀୟ ଗାୟତ୍ରୀ ଶକ୍ତି ପୀଠ ଗୋପାଳଜୀ ମନ୍ଦିର ପରିସରରେ ବଲାଙ୍ଗିର ଜିଲ୍ଲା ଗାୟତ୍ରୀ ପରିବାରର ଜିଲ୍ଲାସ୍ତରୀୟ ନାରୀ ଜାଗରଣ ଓ ଯୁବା ଉତ୍କର୍ଷ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନାରୀ ଜାଗରଣ ସଂଯୋଜିକା ଉର୍ମିଳା ମିଶ୍ର, ଦୁର୍ଗା ପ୍ରସାଦ ରାୟ, ଶକ୍ତିପୀଠର ମୁଖ୍ୟ ଟ୍ରଷ୍ଟୀ ଅଧାପକ ଛବିଲ ବରର୍ତ୍ତୀ, ଅମୃତା ବେହରା, ବିଚିତ୍ର ସାହୁ, ଜିଲ୍ଲା ମହିଳା ସଂଯୋଜିକା ବୀଣାପାଣି ଆଚାର୍ଯ୍ୟ ଓ ନିମାଇଁ ତାଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲ୍ଲା ସଂଯୋଜକ ସତ୍ୟନାରାୟଣ ଗୁପ୍ତା ଅଧକ୍ଷତା କରିଥିଲେ । ଭାଗ୍ୟବାନ ସାହୁ, ସୁନୀଲ ଚକ୍ର, ଆସମାନ ସାହୁ, ଟିକେ ଲାଲ ନାୟକ, ସୁଶୀଳା ବିଶ୍ୱାଳ, ମଧୁଛନ୍ଦା ପାଲ, ମୋକ୍ଷଦା ଶର୍ମା, ନଳିନୀ ତ୍ରିପାଠୀ, ଭୁବନେଶ୍ୱର ନାଗ, ରାଧା ମୋହନ କେଡ଼ିଆ ପ୍ରମୁଖ ସହଯୋଗ କରିଥିଲେ ।

ଖପ୍ରାଖୋଲରେ ଭୀମଭୋଇ ସାମର୍ଥ୍ୟ ଶିବିର

ଖପ୍ରାଖୋଲ,୨୯ ।୯ (ସମିସ): ସ୍ଥାନୀୟ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଅଭିଯାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ତେବେ ଶିବିରକୁ ଆସିଥିବା ଲୋକଙ୍କ ପାଇଁ ଖାଦ୍ୟ ବନ୍ଦୋବସ୍ତ କରାଯାଇଥିଲା; ହେଲେ ଲୋକେ ଲୁଣ ଭାତ ସହିତ ପିଆଜ ଖାଇଥିଲେ । ଏ ନେଇ ଦାୟିତ୍ୱରେ ଥିବା ବିଏସଏସଓ କନିସ୍କ ବିଭାରଙ୍କୁ ପଚାରିବାରୁ ସେଭଳି ହୋଇ ନ ଥିବା କହି ଅଭିଯୋଗକୁ ଏଡାଇ ଦେଇଥିଲେ ।

କଣ୍ଟାମାଳ ବସଷ୍ଟାଣ୍ଡ ଦୁର୍ଗାପୂଜା କମିଟିର ପ୍ରସ୍ତୁତି

କଣ୍ଟାମାଳ,୨୯ ।୯ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବସ୍ଷ୍ଟାଣ୍ଡ ଆମେ ସାଂସ୍କୃତିକ ପରିଷଦ ପକ୍ଷରୁ ଦୁର୍ଗାପୂଜା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ରାଜକିଶୋର ବାଘ ଏଥିରେ ଅଧକ୍ଷତା କରିଥିଲେ । ବରିଷ୍ଠ ଉପଦେଷ୍ଟା ଦିବ୍ୟଶଙ୍କର ରାଉତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ଚଳିତ ବର୍ଷ କିଭଳି ଧୁମ୍ ଧାମରେ ଦୁର୍ଗା ପୂଜା ପାଳନ କରାଯିବ ସେନେଇ ଏହି ପ୍ରସ୍ତୁତି ବୈଠରେ ଅଲୋଚନା ହୋଇଥିଲା ।

ବୌଦ୍ଧ ଜିଲ୍ଲାସ୍ତରୀୟ ହିନ୍ଦୀ ଦିବସ

ବୌଦ୍ଧ,୨୯ ।୯ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଲୁଣିବାହାଲ ସ୍ଥିତ ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ଗଙ୍ଗାଧର ମେହେର ଉଚ୍ଚ ବିଦ୍ୟାଳୟ ଗବାଯୋରର ହିନ୍ଦୀ ଶିକ୍ଷକ ବସନ୍ତ ଦାସ, ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାଳୟ (ଲୁଣିବାହାଲ) ର ପ୍ରଧାନଶିକ୍ଷକ ତୃପ୍ତିରଞ୍ଜନ ଦାନୀ, ଜିଲ୍ଲା ହିନ୍ଦୀ ଶିକ୍ଷକ ସଂଘର ସଭାପତି ସଦାନନ୍ଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ନାରାୟଣ ମେହେର ସଭା ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ହିନ୍ଦୀ ଶିକ୍ଷକ ବିଭୂତି ଭୂଷଣ ମହାକୁଡ଼, ବିପ୍ଳବ ଗାଇଗୌରିଆ, ଅଧମ ଭୁଏ, ମଞ୍ଜିତ୍ ମୋହନ ଚାନ୍ଦ୍ ସହଯୋଗ କରିଥିଲେ । ଶିକ୍ଷକ ମନମୋହନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଠକେଇ ଅଭିଯୋଗରେ ସ୍ୱାମୀ-ସ୍ତ୍ରୀ ଗିରଫ

ଡୁଙ୍ଗୁରିପାଲି, ୨୯ ।୯ (ସମିସ): ସୋନପୁର ଜିଲ୍ଲା ବିନିକା ଥାନା ଅଧୀନ ସିଂଘିଯୁବା ପଞ୍ଚାୟତ କମିରା ଗାଁର ବାସିନ୍ଦା ମନୋରଞ୍ଜନ ମିଶ୍ର (୪୬) ଓ ମାନସୀ ଦାଶ (୩୩)ଙ୍କ ନାଁରେ ଠକେଇ ଅଭିଯୋଗରେ ଏକ ମାମଲା ରୁଜୁ ହୋଇଛି । ଅଭିଯୋଗକାରିଣୀ ବିନିକା ଥାନା ସିନ୍ଦୂରପୁର ପଞ୍ଚାୟତ ଅଖିଦାର ଗାଁର ଲୀଳାବତୀ ବିଶିଙ୍କ ଅଭିଯୋଗ ଅନୁସାରେ ବରଗଡ଼ସ୍ଥିତ ନିଜ ଘର ବିକ୍ରି କରିବା ବାବଦକୁ ଉଭୟ ତାଙ୍କଠାରୁ ଅନଲାଇନ୍‌ରେ ବିଭିନ୍ନ ସମୟରେ ମୋଟ ୨୦ ଲକ୍ଷ ଟଙ୍କା ନେଇଥିଲେ; ହେଲେ ପ୍ରକୃତରେ ଏହା ଅନ୍ୟ ଲୋକଙ୍କ ଘର ଥିଲା । ଏହା ଜାଣିବା ପରେ ଅଭିଯୋଗକାରିଣୀ ଶ୍ରୀମତୀ ବିଶି ଦମ୍ପତିଙ୍କୁ ଟଙ୍କା ଫେରସ୍ତ ମାଗିଥିଲେ; ହେଲେ ସେମାନେ ଟଙ୍କା ନ ଫେରାଇ ଦିନ ଗଡ଼ାଇ ଚାଲିଥିଲେ । ଶେଷରେ ଶ୍ରୀମତୀ ବିଶି ରାମପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଦୀର୍ଘ ଦିନ ବିତିଯିବା ପରେ ବି ପୁଲିସକୁ ଉଭୟ ଚକମା ଦେଉଥିଲେ । ପୁଲିସ ଶେଷରେ ଅଭିଯୁକ୍ତ ସ୍ୱାମୀସ୍ତ୍ରୀଙ୍କୁ ଗିରଫ କରିଥିଲା ।

ଗୁରୁଜୀମୁଣ୍ଡା ପ୍ରକଳ୍ପ ପ୍ରତିଷ୍ଠା ଦାବିରେ ପ୍ରସ୍ତୁତି

ବୌଦ୍ଧ,୨୯ ।୯ (ସମିସ): ଗୁରୁଜୀମୁଣ୍ଡା ଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା ଦାବିରେ ଆନ୍ଦୋଳନକୁ ତୀବ୍ର କରିବା ପାଇଁ ଭାରତୀୟ କିଶାନ ସଂଘ ବୌଦ୍ଧ ଶାଖା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବୌଦ୍ଧ ମାଉସୀମା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଭାରତୀୟ କିଶାନ ସଂଘର ଜିଲ୍ଲା ସଭାପତି ଭୋଳାଗିରି ସାହୁ ଅଧକ୍ଷତା କରିଥିଲେ । ବୈଠକରେ ଗୁରୁଜୀମୁଣ୍ଡା ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଦୀର୍ଘଦିନ ଧରି ଦାବି କରିଆସୁଥିବା ବରିଷ୍ଠ କୃଷକ ନେତା ସୂର୍ଯ୍ୟନାରାୟଣ ମହାପାତ୍ରଙ୍କ ସମେତ ଭାରତୀୟ କିଶାନ ସଂଘର ବିଭିନ୍ନ କର୍ମକର୍ତ୍ତା ଓ ଚାଷୀ ପ୍ରତିନିଧି ଯୋଗ ଦେଇଥିଲେ । ସାଲୁଙ୍କି ନଦୀର ଉପରମୁଣ୍ଡରେ ଗୁରୁଜୀମୁଣ୍ଡାଠାରେ ଡ୍ୟାମ୍ ନିର୍ମାଣ କରାଗଲେ ଅଞ୍ଚଳର ଚାଷୀ ଜଳସେଚନର ସୁବିଧା ପାଇବା ସହ କୃଷିକ୍ଷେତ୍ରର ବିକାଶ ହୋଇପାରିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ଏହି ପ୍ରକଳ୍ପ ପାଇଁ ଚାଷୀମାନେ ଦୀର୍ଘଦିନ ଧରି ଦାବି କରଛନ୍ତି । ଚାଷୀଙ୍କ ଦାବିକୁ ଅଣଦେଖା କରାଯାଉଛି । ଏଣିକି ଭାରତୀୟ କିଶାନ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ନଭେମ୍ବର ୨ ତାରିଖରେ ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ନିଷ୍ପତ୍ତି ହୋଇଛି ।

ମନ୍ଦିର ପ୍ରତିଷ୍ଠା ପାଇଁ ବୈଠକ

ଇବଥର୍ମାଲ,୨୯ ।୯ (ସମିସ): ଝାରସୁଗୁଡା ଜିଲ୍ଲା ବେଲପାହାଡ କଦେଲପିଟା ମା' ରାମଚଣ୍ଡୀ ପୀଠରେ ଦଶହରା ପୂର୍ଣ୍ଣିମା ଚଣ୍ଡୀ ପାଠ ପୂଜା ଏବଂ ରଣେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ପାଇଁ ବୈଠକ ଅନୁଷ୍ଠିତ ହାଇଛି । କଦେଲପିଠା ପୀଠ ସଭାପତି ଖିରୋଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବୈଠକ ବସିଥିଲା । ଜିଲ୍ଲା ସଭାପତି ହେମକୁମାର ପ୍ରଧାନ, ଜିଲ୍ଲା ସମ୍ପାଦକ ନରୋତ୍ତମ ପଧାନ, ପୀଠ ସମ୍ପାଦକ ରମେଶ ସା, ସହ ସମ୍ପାଦକ ଜଗଦୀଶ ପଧାନ, କୋଷାଧ୍ୟକ୍ଷ ନିରାକାର ବଡାଇ, ଛୁଆଲିବେର୍ଣ୍ଣ ସଭାପତି ସୁଶୀଳ ପଧାନ, ବରତାପ ସଭାପତି ଟିକନାଥ ବଡାଇ, ବାଘମୁଣ୍ଡା ସଭାପତି ନାରାୟଣ ଖମାରି, ଭାନୁରଖୋଲ ସଭାପତି ଦୁର୍ଲଭ ବିଶ୍ୱାଲ, ସମରବଗା ସଭାପତି ଅକ୍ଷୟ ପଧାନ, କନକତୁରା ସଭାପତି ବିରାଟ ବିଶ୍ୱାଳ, ଧୁଲୁଣ୍ଡା ସଭାପତି କୃପାସିନ୍ଧୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

ବ୍ରଜରାଜନଗରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବ୍ରଜରାଜନଗର,୨୯ ।୯ (ସମିସ): ବ୍ରଜରାଜନଗର ପୌର ପରିଷଦ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ବ୍ରଜରାଜନଗର ପୌର ପରିଷଦର ଅଧକ୍ଷ କ୍ରିଷ୍ଣା ଗୋପାଳ ସିତାନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ଖଲିଆକାନି ମେଡିକାଲର ମେଡିକାଲ ଅଧିକାରୀ ଡାକ୍ତର ପ୍ରଧାନ, ସାଂସଦଙ୍କ ପ୍ରତିନିଧି ସୁନୀଲ ଦାସ ଏବଂ ମନ୍ତ୍ରୀଙ୍କ ପ୍ରତିନିଧି ତପନ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏଥିସହିତ ପୌର ପରିଷଦର ସମସ୍ତ ୱାର୍ଡର କାଉନସିଲର ଏବଂ କର୍ମଚାରୀ ଉପସ୍ଥିତ ରହି ଶିବିରର ସୁପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ଏହି ଶିବିରରେ ସମୁଦାୟ ୧୦୧ ଜଣ ଦିବ୍ୟାଙ୍ଗ ହିତାଧିକାରୀ ନିଜର ନାମ ପଞ୍ଜୀକରଣ କରିଥିଲେ । ବିଶେଷକରି ହାତ କିମ୍ବା ଗୋଡ଼ ହରାଇଥିବା ଏବଂ ବିଭିନ୍ନ ପ୍ରକାରର ଶାରୀରିକ ଅକ୍ଷମତା ଥିବା ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରାଯାଇଥିଲା । ସେମାନଙ୍କ ଶାରୀରିକ ଆବଶ୍ୟକତା ଅନୁଯାୟୀ କୃତ୍ରିମ ଅଙ୍ଗ (କୃତ୍ରିମ ହାତ, ଗୋଡ଼) ଓ ଅନ୍ୟାନ୍ୟ ସହାୟକ ଉପକରଣ ପ୍ରଦାନ ପାଇଁ ବିଶେଷଜ୍ଞଙ୍କ ଦ୍ୱାରା ମାପ ନିଆଯାଇଛି । ଶିବିର ମାଧ୍ୟମରେ ଆକଳନ ଓ ଚିହ୍ନଟ ଆଧାରରେ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସୁବିଧା ଓ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା । ୨୩ ଜଣଙ୍କୁ ଟ୍ରେନ୍ ପାସ୍, ୧୮ ଜଣଙ୍କୁ ବସ୍ ପାସ୍, ୫ ଜଣଙ୍କୁ ହ୍ୱିଲଚେୟାର, ୯ ଜଣଙ୍କୁ ଶ୍ରବଣ ଯନ୍ତ୍ରଙ୍କୁ ପ୍ରଦାନ କରାଯାଇଛି ।

ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ, ଲୋକନୃତ୍ୟ ପ୍ରତିଯୋଗିତା

ନାଟକରେ ସରଗଜ ଉଚ୍ଚ ବିଦ୍ୟାଳୟ, ଲୋକନୃତ୍ୟରେ ସିଂଡୋଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଥମ

ଡୁଙ୍ଗୁରିପାଲି, ୨୯ ।୯ (ସମିସ): ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସୋନପୁର ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ, ଲୋକନୃତ୍ୟ ପ୍ରତିଯୋଗିତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଆଞ୍ଜେଲିନା ପ୍ରଧାନ, ବେଣୁଧର ଦାସ, ସନ୍ତୋଷ ପ୍ରଧାନ, ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନିକା ଲକ୍ଷ୍ମଣ ମିଶ୍ର, ଗୋଷ୍ଠୀ ଶିକ୍ଷାଧିକାରୀ (ଉଲୁଣ୍ଡା) ଅଜୟ ଲୁହା, ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିରମହାରାଜପୁର) ଅଭିଶେକ ଭୁଏ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ଳାନ ପାଣ୍ଡିଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ହିମାଂଶୁ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଜ୍ଞାନ ନାଟକ ପ୍ରତିଯୋଗିତାରେ ସରଗଜ ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରି ଜୋନାଲ ସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଛି । ଲୋକନୃତ୍ୟ ପ୍ରତିଯୋଗିତାରେ ସିଂଡୋଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଥମ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଛି । ବିଜ୍ଞାନ ନାଟକରେ ବିଚାରକ ଭାବେ ମନୀଶ ଆଚାର୍ଯ୍ୟ ଓ ସ୍ନିଗ୍ଧା ଦାସ ଏବଂ ଲୋକନୃତ୍ୟର ବିଚାରକ ଭାବେ ଶ୍ରଦ୍ଧାଞ୍ଜଳି ମିଶ୍ର, ଶାଶ୍ୱତ ତ୍ରିପାଠୀ ଓ ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ ଦାୟିତ୍ୱ ତୁଲାଇଥିଲେ । ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୧୫ଟି ଦଳର ୨ଶହରୁ ଅଧିକ ଛାତ୍ରୀଛାତ୍ର ଓ ଗାଇଡ୍ ଶିକ୍ଷକ, ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରଜ୍ଞା ପରମିତା ଦାସ ଧନବାଦ ଅର୍ପଣ କରିଥିଲେ ।

ସାମାନ୍ୟ ବଚସାରୁ ଗୁଳିମାଡ଼

ତରଭା,୨୯ ।୯ (ସମିସ): ବୌଦ୍ଧ ଥାନା ଲମ୍ବସରି ଗାଁର ରଞ୍ଜନ କହଁର (୩୫)ଙ୍କୁ ମଙ୍ଗଳବାର ସାମାନ୍ୟ ବଚସାକୁ ନେଇ ଗୁଳିମାଡ ହୋଇଛି । ଅଭିଯୁକ୍ତ ବାବୁଲି ଦେହେରିହା ଫେରାର ଅଛି ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଗୋକୁଳାନନ୍ଦ ବରାଳ
ଅବସରପ୍ରାପ୍ତ ଅଧିକ୍ଷଣ ଯନ୍ତ୍ରୀ
କୁମାରୀ, ଜାରକା, ଯାଜପୁର
ଆବିର୍ଭାବ - ୨୫.୦୩.୧୯୩୬
ତିରୋଧାନ - ୨୦.୦୯.୨୦୨୬
କିଛି ସ୍ମୃତି ଗଙ୍ଗଶିଉଳି ପରି ତଳେ ପଡିମଧ ଦେବଭୋଗ୍ୟ । ତୁମ ସ୍ମୃତି ସେମିତି କିଛି ନିଆରା, ନିବିଡ଼ତା, ନାନ୍ଦନିକତା ଠାରୁ ଆହୁରି ମହାର୍ଘ । ହେ ପୁଣ୍ୟାତ୍ମା । ଆପଣଙ୍କ ପାଇଁ ମହାକାଳ ଏକ ବ୍ୟର୍ଥ ଆପ୍ତବାକ୍ୟ । ଆପଣଙ୍କ ଆତ୍ମାର ସଦଗତି ହେଉ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକ ସନ୍ତପ୍ତ: ପୁଅ - ବିଜୟ, ସଞ୍ଜୟ, ବୋହୂ - ସୁକାନ୍ତି, ମିନାକ୍ଷୀ, ଝିଅ - କଲ୍ୟାଣୀ, କବିତା, ଜ୍ୱାଇଁ - ସଂଗ୍ରାମ, ଶରତ, ନାତି- ସୋନୁ, ଭିମି, ନାତୁଣୀ ବୋହୂ - ପିଙ୍କି, ନାତୁଣୀ- ମାମୁନି, ଟିନୁ, ଆନି, ତୁତୁଲ, ରାଧା, ଧନ, ନାତୁଣୀ ଜ୍ୱାଇଁ -ଜିତୁ, ସୋମ୍ୟ, ସମଲେସ, ବନ୍ଧୁ ଆତ୍ମୀୟସ୍ୱଜନ ଓ ବରାଳ ପରିବାର ।

ଆଜିର ରାଶିଫଳ

ମେଷ: ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

ବୃଷ: ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

ମିଥୁନ: ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

କର୍କଟ: ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

ସିଂହ: ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

କନ୍ୟା: ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

ତୁଳା: ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

ବିଛା: ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

ଧନୁ: ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

ମକର: ଦିନଟିରେ କର୍ମଚଞ୍ଚଳ ରହିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ପର୍କ ସୁଖମୟ ହେବ।

କୁମ୍ଭ: ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

ମୀନ: ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

ଆଜିର ଇତିହାସ

- ୧୮୪୭ - ବ୍ରିଟେନ୍‌ରେ ଶାକାହାରୀ ସୋସାଇଟି ଗଠନ କରାଗଲା।
- ୧୯୩୯ - ଜର୍ମାନୀ ଓ ରୁଷ୍ ପୋଲାଣ୍ଡ ବିଭାଜନ ପାଇଁ ରାଜି ହେଲେ।
- ୧୯୬୭ - ଅନ୍ତରାଷ୍ଟ୍ରୀୟ ମୁଦ୍ରାକୋଷ ତା'ର ମୌଦ୍ରିକ ପ୍ରଣାଳୀରେ ସୁଧାର ଆଣିଲା।
- ୧୯୯୩-ମହାରାଷ୍ଟ୍ରର ଲାଟୁର ଭୂମିକମ୍ପରେ ୧୦ ହଜାର ଲୋକ ମୃତ, ୩୦ ହଜାରରୁ ଅଧିକ ଆହତ।

ଶାହିଦ୍-ଜୁନିୟର ଏନ୍‌ଟିଆର୍ ମୁହାଁମୁହିଁ



ଭାରତୀୟ ଚଳଚ୍ଚିତ୍ର ଜଗତରେ ଏବେ ଏକ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳୁଛି, ଯେଉଁଠି ବଲିଉଡ୍ ଏବଂ ସାଉଥ୍ ସିନେମାର ଆଗଧାଡ଼ିର କଳାକାରମାନେ ଏକାଠି ହୋଇ ସିନେପ୍ରେମୀଙ୍କୁ ଚମକାଇ ଦେଉଛନ୍ତି। ଏହି କ୍ରମରେ ଚକୋଲେଟ୍ ବୟରୁ ଆକ୍ସନ୍ ଷ୍ଟାର ସାଜିଥିବା ଅଭିନେତା ଶାହିଦ୍ କପୁର, ସାଉଥ୍ ଇଣ୍ଡଷ୍ଟ୍ରିର ଆଗଧାଡ଼ିର ଅଭିନେତା ଜୁନିଅର ଏନ୍‌ଟିଆର୍‌ଙ୍କ ଆଗାମୀ ଚଳଚ୍ଚିତ୍ର 'ଡ୍ରାଗନ୍'ରେ ସାମିଲ ହୋଇଛନ୍ତି। 'କେଜିଏଫ୍' ଏବଂ 'ସାଲାର' ଭଳି ବ୍ଲକ୍‌ବଷ୍ଟର୍ ସିନେମା ଭେଟି ଦେଇଥିବା ନିର୍ଦ୍ଦେଶକ ପ୍ରଶାନ୍ତ ନୀଲ୍ ଏହି ଚଳଚ୍ଚିତ୍ରର ଗଙ୍ଗ ଧରିଛନ୍ତି। ୧୯୬୦ ଦଶକର ପୃଷ୍ଠଭୂମିରେ ନିର୍ମିତ ଏହି ଆକ୍ସନ ଥ୍ରିଲର୍‌ର କାହାଣୀ ବିଶ୍ୱସ୍ତରର ଅଫିମ ବ୍ୟବସାୟ ଉପରେ ଆଧାରିତ। ଏଥିରେ ଏକ ଅନ୍ଧକାରମୟ ଏବଂ ବିପଦପୂର୍ଣ୍ଣ ଦୁନିଆରେ ଜୁନିଅର ଏନ୍‌ଟିଆର 'ଲୁଗର' ନାମକ ଏକ ଶକ୍ତିଶାଳୀ ଚରିତ୍ରରେ ନଜର ଆସିବେ। 'କବୀର ସିଂ' ଏବଂ 'ହାଇଦର' ଭଳି ଚରିତ୍ରରେ ଜବରଦସ୍ତ ଅଭିନୟ କରି ପ୍ରଶଂସା ସାଉଁଟିଥିବା ଶାହିଦ୍, ଏହି ଚଳଚ୍ଚିତ୍ର ଜରିଆରେ ସାଉଥ୍ ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଏଥିରେ ସେ ନକାରାତ୍ମକ ଚରିତ୍ରରେ ନଜର ଆସିବେ ବୋଲି ଚର୍ଚ୍ଚା ହେଉଛି। ନିକଟରେ ହାଇଦ୍ରାବାଦରେ ତାଙ୍କର ଲୁକ୍ ଟେଷ୍ଟ ଶେଷ ହୋଇଛି ଏବଂ ସେ ଶୀଘ୍ର ସୁଟିଂରେ ଯୋଗ ଦେବେ। ପରଦା ଉପରେ ଏହି ଦୁଇ ସୁପରଷ୍ଟାରଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ଦର୍ଶକେ ଏବେ ବେଶ୍ ଉତ୍ସାହିତ ଅଛନ୍ତି।

ଅନ୍ତର୍ଜାତୀୟ ଅନୁବାଦ ଦିବସ

ପ୍ରତିବର୍ଷ ସେପ୍ଟେମ୍ବର ୩୦ ତାରିଖକୁ ଆନ୍ତର୍ଜାତିକ ଅନୁବାଦ ଦିବସ ଭାବେ ପାଳନ କରାଯାଏ। ଭାଷାଗତ ଓ ସାଂସ୍କୃତିକ ବିଭେଦକୁ ଦୂର କରିବାରେ ଅନୁବାଦକ ଓ ସେମାନଙ୍କ ଅବଦାନକୁ ସ୍ୱୀକୃତି ଦେବା ଉଦ୍ଦେଶ୍ୟରେ ଏହି ଦିବସ ପାଳିତ ହୁଏ। ୨୦୧୭ ମସିହାରେ ଜାତିସଂଘର ସାଧାରଣ ପରିଷଦ ଏହି ଦିବସ ପାଳନ କରିବାକୁ ଅନୁମୋଦନ ଦେଇଥିଲା। ସେପ୍ଟେମ୍ବର ୩୦ ତାରିଖ ହେଉଛି ସନ୍ଥ ଜେରୋମ୍‌ଙ୍କ ମହାପ୍ରୟାଣ ଦିବସ। ସେ ପ୍ରଥମେ ବାଇବେଲକୁ ଲାଟିନ୍ ଭାଷାରେ ଅନୁବାଦ କରିଥିଲେ। ଭାଷାଗତ ବ୍ୟବଧାନ ଦୂର ହେବା ନିତାନ୍ତ ଆବଶ୍ୟକ ବୋଲି ତାଙ୍କର ଦୃଢ଼ ମତ ଥିଲା। ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପୂର୍ବକ ଜାତିସଂଘ ପକ୍ଷରୁ ଅନୁବାଦ ଦିବସ ପାଳନ କରାଯାଉଛି। ଜଣଙ୍କର ଭାଷା ଅନ୍ୟ ଜଣେ ନ ବୁଝିପାରିଲେ ଭାବର ଆଦାନ ପ୍ରଦାନ ହୋଇ ପାରେ ନାହିଁ। ସେହିଭଳି ଗୋଟିଏ ଦେଶର ଭାଷା ଅନ୍ୟ ପଡ଼ୋଶୀ ଦେଶ ନ ବୁଝିପାରିଲେ ସମ୍ପର୍କରେ ଦୂରତା ବଢ଼େ। ଫଳରେ ସମ୍ପର୍କ ସ୍ଥାପନ କଷ୍ଟକର ହୋଇଯାଏ। ଏ କ୍ଷେତ୍ରରେ ଦୁଇ ଦେଶର ଭାଷା ବୁଝୁଥିବା ଜଣେ ଲୋକଙ୍କ ଦ୍ୱାରା ଭାବର ଆଦାନ ପ୍ରଦାନ କରାଯାଇଥାଏ। ଭାଷା ପ୍ରତିବନ୍ଧକକୁ ଦୂର କରିବା ପ୍ରକୃତରେ ଏକ ବଡ଼ ଆହ୍ୱାନ। ଅନୁବାଦକମାନେ ଏହି କାମକୁ ସହଜ କରନ୍ତି। ସାରା ବିଶ୍ୱରେ ସବୁଠାରୁ ଅଧିକ ଅନୂଦିତ ଭାଷା ହେଉଛି ଇଂରାଜୀ। ଏହାପରେ ଫ୍ରେଞ୍ଚ, ଜର୍ମାନ ଓ ଇଟାଲିଆନ୍ ରହିଛି। ବର୍ତ୍ତମାନ ସମୟରେ ଅନୁବାଦ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଯାଇଛି। ଅନୁବାଦ ଯୋଗୁଁ ଆମେ କୌଣସି ଭାଷା ସମ୍ପର୍କରେ ଜାଣିପାରୁଛୁ ଓ ଶିଖିପାରୁଛୁ। ବିଭିନ୍ନ ରାଷ୍ଟ୍ରକୁ ଏକାଠି କରି ପାରସ୍ପରିକ କଥାବାର୍ତ୍ତା ମାଧ୍ୟମରେ ପ୍ରଗତିବାରେ ଶାନ୍ତି, ସୁରକ୍ଷା ଓ ପ୍ରଗତିକୁ ସଶକ୍ତ କରିବା ପଛରେ ରହିଥିବା ଅନୁବାଦକମାନଙ୍କ ଭୂମିକାକୁ ମନେ ପକାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଏ। ଅନୁବାଦ ହେଉଛି ଏକ ମାଧ୍ୟମ, ଯାହା ଭାଷାର ପ୍ରାଚୀର ଭାଙ୍ଗେ, ବିଭିନ୍ନ ସଂସ୍କୃତିକୁ ଯୋଡ଼େ ଏବଂ ହୃଦୟକୁ ନିକଟତର କରେ। କହିବାକୁ ଗଲେ, ଯଦି ଅନୁବାଦ ନଥାନ୍ତା ତ ଦୁନିଆର ଜ୍ଞାନ ଓ ସଂସ୍କୃତି ଗୋଟିଏ ସୀମା ଭିତରେ ବାନ୍ଧି ହୋଇ ରହିଯାଇଥାନ୍ତା। ସେଥିପାଇଁ ଏହି ଦିନଟି ପ୍ରତ୍ୟେକ ଭାଷା ସେବକଙ୍କ ପାଇଁ ଏକ ଗର୍ବର ଦିନ। ଏହି ଦିବସ ପାଳନ ଅବସରରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅନୁବାଦ ସମ୍ପର୍କୀୟ କର୍ମଶାଳା ଅନୁଷ୍ଠିତ ହୋଇଥାଏ।

ରିଲ୍ସରୁ ଧରାପଡ଼ିଲା ଚୋରି ଗହଣା

ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳର ଏହି ଆଧୁନିକ ଯୁଗରେ ସୋସିଆଲ ମିଡିଆ ଯେତିକି ଲୋକପ୍ରିୟ ହେବାରେ ଲାଗିଛି, ଏହା ସାହାଯ୍ୟରେ ଅପରାଧୀମାନଙ୍କୁ ଧରିବା ପୋଲିସ ପାଇଁ ସେତିକି ସହଜ ହୋଇଛି। ନିକଟରେ ମଧ୍ୟପ୍ରଦେଶର ଇନ୍ଦୋର ସହରରୁ ଏଭଳି ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି, ଯାହା ଶୁଣିଲେ ଯେକେହି ଆଶ୍ଚର୍ଯ୍ୟ ହେବେ। ଯେଉଁ ଚୋରକୁ ପୋଲିସ ଓ ଘରର ମାଲିକ ଖୋଜି ପାଉ ନ ଥିଲେ, ସେ ଇନଷ୍ଟାଗ୍ରାମ୍‌ରେ ରିଲ୍ସ ବନାଇବାର ଅଭ୍ୟାସ ଯୋଗୁଁ ଏବେ ଜେଲ୍ ହାଜତରେ। ଇନ୍ଦୋରର ଲସୁଡ଼ିଆ ଥାନା ଅଞ୍ଚଳରେ ଥିବା ଏକ ପ୍ରତିଷ୍ଠିତ ଟାଉନସିପ୍‌ର ଏକ ଘରେ ବିଗତ ଦୁଇ ବର୍ଷ ହେଲାଣି ଅଜବ ଘଟଣା ଘଟୁଥିଲା। ଘରୁ ସୁନା ମୁଦି, ହୀରାର ଅଳଙ୍କାର, ଦାମୀ ଚଷମା ଭଳି ଜିନିଷ ଗୋଟିଏ ପରେ ଗୋଟିଏ ଗାଏବ ହେବାରେ ଲାଗିଥିଲା। ପରିବାର ଲୋକ ଚିନ୍ତାରେ

ଥିଲେ ଯେ, ଘରକୁ କୌଣସି ବାହାର ଲୋକ ନ ଆସି ମଧ୍ୟ ଗହଣା ଚୋରି ହେଉଛି କେମିତି? ପରିବାର ଲୋକେ ଏନେଇ ପୋଲିସରେ ଅଭିଯୋଗ ମଧ୍ୟ କରିଥିଲେ, କିନ୍ତୁ କୌଣସି ସୁରାକ୍ ମିଳୁ ନ ଥିଲା। ଏହି ସମୟରେ ଘରେ କାମ କରୁଥିବା ଘରୋଇ ସହାୟିକା ପୁନମ୍ ଦୁଇ ମାସ ତଳେ ହଠାତ୍ କାମ ଛାଡ଼ି ଦେଇଥିଲା। ଦିନେ ଘରର ବୋହୂ ଶାଶୁଙ୍କ ଗହଣା ଚୋରି ସମ୍ପର୍କରେ ଚିନ୍ତା କରି ଇନଷ୍ଟାଗ୍ରାମ୍ ସ୍କ୍ରଲ୍ କରୁଥିଲେ। ହଠାତ୍ ତାଙ୍କ ନଜର ପୂର୍ବତନ କାମବାଲୀ ପୁନମ୍‌ର ଏକ ପ୍ରୋଫାଇଲ୍ ଉପରେ ପଡ଼ିଲା। ପୁନମ୍ ସେଠାରେ ଷ୍ଟାଇଲିଶ୍ ଅନ୍ଦାଜ୍‌ରେ ଏକ ଫଟୋ ଓ ଭିଡିଓ ପୋଷ୍ଟ କରିଥିଲା। ବୋହୂ ଜଣକ ଯେତେବେଳେ ଭିଡିଓଟିକୁ ଧ୍ୟାନର ସହ ଦେଖିଲେ, ପୁନମ୍ ବେକରେ ଯେଉଁ ଡାଇମଣ୍ଡ ପେଣ୍ଡେଣ୍ଟ ଥିବା ସୁନା ଚେନ୍ ପିନ୍ଧି ରିଲ୍ସ ବନାଇଥିଲା, ସେଇଟି ତାଙ୍କ ଘରୁ ଚୋରି ହୋଇଥିବା ଗହଣା ବୋଲି ଜାଣିପାରିଥିଲେ। ଏହାପରେ ପୋଲିସ୍ ଇନଷ୍ଟାଗ୍ରାମ ଫଟୋକୁ ତଦନ୍ତର ବଡ଼ ପ୍ରମାଣ ମାନି ପୁନମ୍‌କୁ ପଚରାଉଚରା ପାଇଁ ଡାକିଲେ। ପୋଲିସ୍ ଅନୁସାରେ, ପଚରାଉଚରା ସମୟରେ ପୁନମ୍ ଘରୁ ସୁନା ଚେନ୍ ସହିତ ଅନ୍ୟ ଅଳଙ୍କାର ଓ ଜିନିଷ ଚୋରି କରିବା ସ୍ୱୀକାର କଲା। ଏବେ ସୁଦ୍ଧା ୩ ଲକ୍ଷ ଟଙ୍କାରୁ ଅଧିକ ସୁନା ଓ ହୀରା ଗହଣା ସମେତ ଅନ୍ୟ ଜିନିଷକୁ ଜବତ କରାଯାଇଛି। ଜବତ ହୋଇଥିବା ଜିନିଷରେ ସୁନା ଚେନ୍, ମୁଦି ଏବଂ ଅନ୍ୟ ଜିନିଷ ସାମିଲ ଅଛି। ଏହି ମାମଲାରେ ବଡ଼ ବିଶେଷତ୍ୱ ହେଉଛି ଅଭିଯୁକ୍ତ ମହିଳା ଚୋରି କରାଯାଇଥିବା ସୁନା ଚେନ୍ ପିନ୍ଧି ଇନଷ୍ଟାଗ୍ରାମରେ ରିଲ୍ ତିଆରି କରିଥିଲେ। ଏହି ରିଲ୍ ପରିବାର ନଜରରେ ଆସିଲା ଏବଂ ଏହା ପରେ ପୋଲିସ୍‌କୁ ଅଭିଯୁକ୍ତ ପାଖରେ ପହଞ୍ଚିବାରେ ସାହାଯ୍ୟ ମିଳିଲା। ତେବେ ସାମାଜିକ ଗଣମାଧ୍ୟମ ଏହି ଚୋରିର ପର୍ଦ୍ଦାଫାଶ କରିବାରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା।

ସମ୍ଭାବନା

ଗୁରୁତ୍ୱପୂର୍ଣ୍ଣ ପଢ଼ା ପରିବେଶ

ସାଧାରଣତଃ ପିଲାଙ୍କୁ ବୁଝାଯାଏ, ପାଠ ପଢୁଥିବା ପିଲା ଯେଉଁ ସ୍ଥାନକୁ ଗଲେ ବି ପଢ଼ିପାରନ୍ତି। ହେଲେ ସ୍ଥାନ ପରିବର୍ତ୍ତନ କଲେ କ'ଣ ପଢ଼ାରେ ମନ ଲାଗେ। ଏଭଳି ପ୍ରଶ୍ନ ବେଳେ ବେଳେ ମନକୁ ଆସେ। ତେବେ ଏକ ନୂଆ ସ୍ଥାନରେ ବସିଲେ, ମସ୍ତିଷ୍କ ସେହି ପରିବେଶକୁ ନେଇ ତାଜା ଅନୁଭବ କରେ।

- ଗୋଟିଏ ସ୍ଥାନରେ ସବୁଦିନ ପଢ଼ିବା ଦ୍ୱାରା ମସ୍ତିଷ୍କ ସେହି ସ୍ଥାନ ସହିତ ସହଜରେ ଜଡ଼ିତ ହୋଇଯାଏ। ଯାହାକି ନୂଆ ସ୍ଥାନକୁ ଗଲେ ଏହି ଯୋଡ଼ି ହେବା ଅଭ୍ୟାସଟା ଭାଙ୍ଗିଥାଏ।
- ପୁରୁଣା ସ୍ଥାନରେ ଥିବା ଟିଭି, ମୋବାଇଲ ଭଳି କିଛି ଅନ୍ୟ ଜିନିଷ ଧ୍ୟାନକୁ ବିଚ୍ୟୁତ କରେ। ହେଲେ ନୂଆ ସ୍ଥାନରେ ଏହା ଦୂର ହେବାର ଆଶଙ୍କା ଅଛି।
- ଗୋଟିଏ ସ୍ଥାନରେ ବେଶି ସମୟ ବସି ରହିଲେ, ମସ୍ତିଷ୍କ ସକ୍ରିୟ ରହେ ନାହିଁ। ତେଣୁ ସ୍ଥାନ ପରିବର୍ତ୍ତନ ଦ୍ୱାରା ମସ୍ତିଷ୍କର ସକ୍ରିୟତା ବୃଦ୍ଧି ପାଏ।
- ଅନେକ ଗବେଷଣାରେ ଦେଖା ଯାଇଛି, ଅଲଗା ଅଲଗା ସ୍ଥାନରେ ପଢ଼ିଲେ ମସ୍ତିଷ୍କ ଅଲଗା ଅଲଗା ସ୍ମୃତି ସହିତ ଜଡ଼ିତ ହୁଏ। ଏହା ଦ୍ୱାରା କୌଣସି ତଥ୍ୟକୁ ମନେ ରଖିବା ସହଜ ହୋଇଯାଏ।
- ତେବେ ନୂଆ ସ୍ଥାନକୁ ଗଲେ ମସ୍ତିଷ୍କ ନୂଆ ନୂଆ କଥା ଚିନ୍ତା କରିବାକୁ ବେଶି ସକ୍ଷମ ହୁଏ।
- ଗୋଟିଏ ସ୍ଥାନରେ ବସିଲେ ଆଳସ୍ୟ ଦେଖା ଦେଉଥିବା ବେଳେ ସ୍ଥାନ ପରିବର୍ତ୍ତନରେ ଏହା ହୁଏ ନାହିଁ।
- ନୂଆ ସ୍ଥାନରେ ବସି ପଢ଼ିଲେ ନୂଆ ଉତ୍ସାହରେ ପଢ଼ିବାରେ ମନ ଲାଗେ।

ବଦଳିବ ହ୍ୱାଟ୍ସଆପ୍ ଲୁକ୍

ହ୍ୱାଟ୍ସଆପ୍ ତା' ବ୍ୟବହାରକାରୀଙ୍କ ଲାଗି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ନୂଆ ଫିଚର୍‌ମାନ ପରିଚିତ କରାଉଛି। ଏହି କ୍ରମରେ ଆଣ୍ଡ୍ରଏଡ୍ ଫୋନ୍‌ରେ ହ୍ୱାଟ୍ସଆପ୍ ବ୍ୟବହାରକାରୀ ଆଗାମୀ ଦିନରେ ଏକ ନୂଆ ଫିଚର୍ ସହିତ ପରିଚିତ ହେବେ। ଆଗାମୀ ଦିନରେ ଆପ୍‌ର ଇଣ୍ଟରଫେସ୍‌ରେ ପରିବର୍ତ୍ତନ ଆସିବ। ହ୍ୱାଟ୍ସଆପ୍ ଆଣ୍ଡ୍ରଏଡ୍ ଆପ୍ ପାଇଁ ନୂଆ ବଟମ୍ ନେଭିଗେସନ ବାର୍‌ର ପରୀକ୍ଷଣ କରୁଛି। ଅବଶ୍ୟ ଏହା ଏବେ ପରୀକ୍ଷଣ ପର୍ଯ୍ୟାୟରେ ଅଛି। ତେଣୁ ଏହି ଫିଚର୍ ସମସ୍ତ ବ୍ୟବହାରକାରୀଙ୍କ ପାଇଁ କେବେ ଉପଲବ୍ଧ ହେବ, ସେକଥା ସାମ୍ନାକୁ ଆସି ନାହିଁ। କୁହାଯାଉଛି ଯେ, ଏହାର ଲୁକ୍ ଆଇଫୋନ୍‌ରେ ମିଳୁଥିବା ହ୍ୱାଟ୍ସଆପ୍ ଇଣ୍ଟରଫେସ୍ ସହିତ ମେଳ ଖାଇବ। ତେବେ ଆଣ୍ଡ୍ରଏଡ ଭର୍ସନରେ କମ୍ପାନି ଗୁଗଲର ଡିଜାଇନ ଗାଇଡଲାଇନ୍‌କୁ ଦୃଷ୍ଟିରେ ରଖି ପରିବର୍ତ୍ତନ କରିବ। ସେହିପରି ହ୍ୱାଟ୍ସଆପ୍ ବିଟା ଫର୍ ଆଣ୍ଡ୍ରଏଡ୍ ଭର୍ସନ ୨.୨୬.୩୮.୧୦ରେ ନୂଆ ଡିଜାଇନ ଦେଖିବାକୁ ମିଳିଛି। ଏଥିରେ ସ୍କ୍ରିନ ତଳେ ଥିବା ନେଭିଗେସନ ବାର୍‌ର ଲୁକ୍‌ରେ ପରିବର୍ତ୍ତନ ଆସିଛି। ଏହି ପରିବର୍ତ୍ତନ କେବଳ ସେକ୍ସନ ସ୍ଥାନ ପର୍ଯ୍ୟନ୍ତ ସୀମିତ ନାହିଁ। ନୂଆ ଡିଜାଇନ୍‌ରେ ନେଭିଗେସନ ବାର୍‌ର ଆକାର, ଟ୍ୟାବ୍ ଏବଂ କଣ୍ଟ୍ରୋଲ ଲୁକ୍‌ରେ ବି ପରିବର୍ତ୍ତନ ଦେଖିବାକୁ ମିଳିପାରେ। ଅନ୍ୟପଟେ ନୂଆ ବାର୍ ସ୍କ୍ରିନ୍‌ର ଫ୍ଲୋଟିଂ ଲୁକ୍ ଏହି ଫିଚର୍‌କୁ ନିଆରା କରିବ।

ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ...

ଆଜିକାଲି ଅଧିକାଂଶ ଯୁବପିଢ଼ି କାହା ଅଧୀନରେ କାମ କରିବାକୁ ପସନ୍ଦ କରୁନାହାନ୍ତି। ତେଣୁ ନିଜସ୍ୱ ବ୍ୟବସାୟ କରିବାକୁ ଯୁବକଯୁବତୀ ଅଧିକ ଆଗ୍ରହ ଦେଖାଉଛନ୍ତି। ଛୋଟ ହେଉ କିମ୍ବା ବଡ଼, ଯେକୌଣସି ବ୍ୟବସାୟ ଆରମ୍ଭ ପୂର୍ବରୁ ଯୋଜନାବଦ୍ଧ ଭାବେ କାମ କଲେ ସଫଳତା ମିଳିଥାଏ।

- ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପ୍ରଥମେ ଯୋଜନା ପ୍ରସ୍ତୁତ କରି ସେହି ଅନୁସାରେ ନିଜକୁ ପ୍ରସ୍ତୁତ କରନ୍ତୁ। ଅଭିଜ୍ଞ ବ୍ୟବସାୟୀଙ୍କ ଠାରୁ ପରାମର୍ଶ ନେଇପାରିବେ। କେଉଁ ଜିନିଷକୁ ନେଇ ବ୍ୟବସାୟ ଆରମ୍ଭ କରିବେ, ଅନ୍ୟମାନଙ୍କଠାରୁ ଗ୍ରାହକଙ୍କୁ ଭଲ ସେବା କେମିତି ଯୋଗାଇ ଦେବେ ସେନେଇ ପ୍ରଥମରୁ ରଣନୀତି ପ୍ରସ୍ତୁତ କରନ୍ତୁ।
- ଯେଉଁ ବ୍ୟବସାୟ ଆରମ୍ଭ କରିବାକୁ ଯାଉଛନ୍ତି, ତାହାର ସ୍ଥିତି ଏବେ ମାର୍କେଟ୍‌ରେ କେମିତି ଅଛି, ତାହାର ପୁଙ୍ଖାନୁପୁଙ୍ଖ ତର୍ଜମା କରନ୍ତୁ। ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ଗ୍ରାହକଙ୍କର ସେହି ଜିନିଷ ପ୍ରତି ଦୃଷ୍ଟିକୋଣ କିପରି ରହିଛି ତାହା ଜାଣିବା ନିହାତି ଆବଶ୍ୟକ।
- ବ୍ୟବସାୟରେ ଆୟ ବୃଦ୍ଧି ନିଜର ଦକ୍ଷତା ଓ କାର୍ଯ୍ୟଶୈଳୀ ଅନୁସାରେ ନିର୍ଭର କରିଥାଏ। ଏଥିପାଇଁ ସଠିକ୍ ନିର୍ଣ୍ଣୟ ନେବାର ଆବଶ୍ୟକତା ରହିଛି।
- ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ କେତେ ଟଙ୍କା ଏଥିରେ ନିବେଶ କରିବେ ଓ କେତେ ଟଙ୍କା ଋଣ କରିବେ ପ୍ରଥମରୁ ସ୍ଥିର କରନ୍ତୁ। ଏହାକୁ ମାସିକ କି ବାର୍ଷିକ ଶୁଝିବେ ପ୍ରଥମରୁ ହିଁ ଯୋଜନା କରନ୍ତୁ।

ଜେନ୍ ଜେଡ୍‌ଙ୍କ 'ଏରା'

ଜେନ୍ ଜିଙ୍କ ଡିଜିଟାଲ ଭାଷାରେ 'ଏରା' କେବଳ ଏକ ଶବ୍ଦ ନୁହେଁ, ବରଂ ଜୀବନର ଅଲଗା ଅଲଗା ପର୍ଯ୍ୟାୟକୁ ପ୍ରକାଶ କରିବାର ଏକ ମାଧ୍ୟମ ପାଲଟିଛି। 'ସଫ୍ଟ ଗର୍ଲ ଏରା'ଠୁ ଆରମ୍ଭ କରି 'ହିଲିଂ', 'ଫିଟ୍‌ନେସ୍', 'ସେଲଫ ଲଭ୍ ଏରା' ଭଳି ଜୀବନର ପ୍ରତ୍ୟେକ ପର୍ଯ୍ୟାୟକୁ ସେମାନେ 'ଏରା' ନାଁରେ ଆପଣାଉଛନ୍ତି।

ସାମାଜିକ ଗଣମାଧ୍ୟମ କଥାବାର୍ତ୍ତା ଏବଂ ଟ୍ରେଣ୍ଡ ସହିତ ନିଜ ଜୀବନକୁ ପରିପ୍ରକାଶ କରିବାର ଶୈଳୀକୁ ବଦଳାଇବାରେ ଲାଗିଛି। ଲୋକମାନେ ନିଜ ପସନ୍ଦ, ମୁଡ୍, ଲାଇଫଷ୍ଟାଇଲ ଏବଂ ଜୀବନର ଅଲଗା ଅଲଗା ପର୍ଯ୍ୟାୟର ଏକ ବିଶେଷ ନାଁ ଦେଉଛନ୍ତି। ବିଶେଷକରି ଜେନ୍ ଜିଙ୍କ ଡିଜିଟାଲ ଭାଷାରେ 'ଏରା' ଏହି ଟ୍ରେଣ୍ଡର ଅଂଶ। କିଏ 'ସଫ୍ଟ ଗର୍ଲ ଏରା', 'କିଏ ହିଲିଂ ଏରା', 'ଫିଟନେସ୍ ଏରା', 'ସେଲଫ ଲଭ୍ ଏରା'ରେ ଥିବା କହୁଛନ୍ତି। ଏହାର ଅର୍ଥ ଜୀବନର ପ୍ରତ୍ୟେକ ନୂଆ ପର୍ଯ୍ୟାୟ ଏବେ ଏକ ନୂଆ 'ଏରା' ହୋଇପାରେ। ତେବେ ସେମାନେ କାହିଁକି 'ଏରା' ନାଁ ଦେଉଛନ୍ତି ଏହାକୁ ନେଇ ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ।

ସରଳ ଭାଷାରେ କହିଲେ 'ଏରା' ଜୀବନରେ ଏକ ବିଶେଷ ପର୍ଯ୍ୟାୟକୁ କହିବା ଲାଗି ବ୍ୟବହାର କରାଯାଏ। ଏହାର ଅର୍ଥ ହେଉଛି ଜୀବନରେ ଯେଉଁ ଜିନିଷ ସବୁଠୁ ଅଧିକ ଗୁରୁତ୍ୱ ବହନ କରେ, ତାହାକୁ ଜଣେ ନିଜେ ନିଜର 'ଏରା' ବୋଲି କହିପାରିବ। ଯେଉଁମାନେ ନିଜର ହେଲଥ ଏବଂ ଫିଟ୍‌ନେସ ଉପରେ ଧ୍ୟାନ ଦେଉଛନ୍ତି, ସେମାନେ ନିଜକୁ 'ଫିଟ୍‌ନେସ ଏରା'ରେ ଥିବା କହିପାରିବେ। ସେହିପରି ବ୍ରେକ୍‌ଅପ୍ ପରେ ନିଜ ଉପରେ ଧ୍ୟାନ ଦେଉଥିବା ବ୍ୟକ୍ତି ନିଜ ଜୀବନକୁ 'ହିଲିଂ ଏରା' କହୁଛନ୍ତି।

ଅନ୍ୟପଟେ 'ସଫ୍ଟ ଗର୍ଲ ଏରା' ଏହାର ସବୁଠୁ ବଡ଼ ଉଦାହରଣ। ଏହା କେବଳ କପଡ଼ା ତଥା ମେକ୍‌ଅପ୍ ସହ ଜଡ଼ିତ ଟ୍ରେଣ୍ଡ ନୁହେଁ। ଏଥିରେ ସଫ୍ଟନେସ୍, ସେଲଫ୍ କେୟାର, ଆରାମ ଏବଂ ନିଜ ଖୁସିକୁ ପ୍ରାଥମିକତା ଦେବା ସାମିଲ ଅଛି। ତେବେ ସଫ୍ଟ ଗର୍ଲ ଟ୍ରେଣ୍ଡର ଆରମ୍ଭ ଏହିଭଳି ଭାବେ ଆରମ୍ଭ ହୋଇ ନ ଥିଲା। ସମୟ ସହିତ ଏହାର ଅର୍ଥ ଫେଶନଠୁ ଆଗକୁ ବଢ଼ି ଜୀବନଶୈଳୀ ଏବଂ ବ୍ୟକ୍ତିଗତ ଇଚ୍ଛାରେ ପହଞ୍ଚିଛି। ଏକ ରିପୋର୍ଟ ଅନୁସାରେ, ୪୩ ପ୍ରତିଶତ ଭାରତୀୟ ଜେନ୍ ଜେଡ୍ 'ସେଲଫ୍ ଇମପ୍ରୁଭମେଣ୍ଟ ଏରା'ରେ ଆଶା ରଖିଥିଲେ। ଏ ଦୃଷ୍ଟିରୁ ବର୍ତ୍ତମାନ 'ଏରା' କେବଳ ଇଣ୍ଟରନେଟ୍ ଟ୍ରେଣ୍ଡ ହୋଇ ରହି ନାହିଁ।

ଆଇଚି-ନାଗୋୟା ଏସିଆନ୍ ଗେମ୍ସ

ନୀରୁ, ମହିଳା ରିଲେ ଟିମ୍‌କୁ ସ୍ୱର୍ଣ୍ଣ

ଟୋକିଓ,୨୯।୯ (ଏଜେନ୍ସି)

- ଭାରତର ସ୍ୱର୍ଣ୍ଣ ପଦକ ସଂଖ୍ୟା ୬ ଛୁଇଁଲା
- ତୃତୀୟ ପଦକ ସହ ଗୁଲବୀରଙ୍କ ଇତିହାସ
- ଫାଇନାଲରେ ଦୁଇ ବକ୍ସର, ୨ ପଦକ ପକ୍କା
- ଦେବ ମିନାଙ୍କ ଜାତୀୟ ରେକର୍ଡ ବ୍ୟର୍ଥ
- ଭାରତ-ଶ୍ରୀଲଙ୍କା ପୁରୁଷ କ୍ରିକେଟ ସେମିଫାଇନାଲ

ସୁଟର ନୀରୁ ଧଣ୍ଡା ଓ ମହିଳା ୪ ଗୁଣା ୪୦୦ ମିଟର ରିଲେ ଟିମ୍ ଜାପାନରେ ଚାଲିଥିବା ଏସିଆନ ଗେମ୍ସର ୧୧ଶ ଦିନରେ ଭାରତ ଲାଗି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଏହା ସହ ଆଜି ଭାରତକୁ ୮ଟି ପଦକ ମିଳିଛି। ଏହା ମଧ୍ୟରେ ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୫ଟି କାଂସ୍ୟ ପଦକ ରହିଛି। ଏହାକୁ ମିଶାଇ ଭାରତକୁ ମୋଟ ୬ସ୍ୱର୍ଣ୍ଣ, ୨୧ ରୌପ୍ୟ ଓ ୨୬ କାଂସ୍ୟ ସହ ମୋଟ ୫୩ଟି ପଦକ ଜିତି ତାଲିକାର ୧୦ମ ସ୍ଥାନକୁ ଉନ୍ନୀତ ହୋଇଛି। ଆଥଲେଟିକ୍ସ, ସୁଟିଂରେ ଭାରତକୁ ଏହି ପଦକ ମିଳିଛି। ନୀରୁ ଧଣ୍ଡା ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ମହିଳା ଟ୍ରାପ୍ ଇଭେଣ୍ଟରେ ନୀରୁ ସ୍ୱର୍ଣ୍ଣ ଜିତିବା ପୂର୍ବରୁ ଅସିମା ଆହଲୱତ ଓ ମନୀଷା ଖୀରଙ୍କ ସହ ମିଶି ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି। ଆଥଲେଟମାନେ ସର୍ବାଧିକ ୫ଟି, ସୁଟର ୨ଟି ଓ ବକ୍ସର ଗୋଟିଏ ପଦକ ବିଜୟୀ ହୋଇଛନ୍ତି। ପୁରୁଷ ୫୦୦୦ ମିଟର ଦୌଡ଼ରେ ଗୁଲବୀର ସିଂ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଏହା ଫଳରେ ଚଳିତ ଏସିଆନ ଗେମ୍ସରେ ସେ ବ୍ୟକ୍ତିଗତ ଭାବେ ତୃତୀୟ ପଦକ ଜିତି ମହିଳା ରିଲେ ଟିମ୍ ଭଳି ଇତିହାସ ସୃଷ୍ଟି କରିଛନ୍ତି। ଆଥଲେଟିକ୍ସରେ ମିକ୍ସଡ ୪ ଗୁଣା ୧୦୦ ମିଟର ରିଲେ ଟିମ୍, ୪ ଗୁଣା ୪୦୦ ପୁରୁଷ ରିଲେ ଟିମ୍, ମହିଳା ହାଇ ଜମ୍ପ ଓ ବକ୍ସର ନରେନ୍ଦର ସିଂ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଦୁଇ ଜଣ ବକ୍ସର ପରବିନ ଓ ଅଙ୍କୁଶ ପାଙ୍ଘଲ ଫାଇନାଲରେ ପ୍ରବେଶ କରିବା ଫଳରେ ଆଉ ଦୁଇଟି କାଂସ୍ୟ ପଦକ ନିଶ୍ଚିତ ହୋଇଛି। ବର୍ଷା ଯୋଗୁ କ୍ରିକେଟ ଖେଳ ବାଧାପ୍ରାପ୍ତ ହେବାପରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସେମିଫାଇନାଲ ମୁକାବିଲା ହେବାକୁ ସ୍ଥିର ହୋଇଛି।

ଗେମ୍ସ ରେକର୍ଡ ସହ ସୁଟିଂରେ ଧଣ୍ଡାଙ୍କୁ ଡବଲ ମେଡାଲ

ଏସିଆନ ଗେମ୍ସ ସୁଟିଂରେ ଭାରତୀୟ ଟିମ୍ ସୁପର ଫ୍ଲପ୍ ହେବା ପରେ ଟ୍ରାପ୍ ଇଭେଣ୍ଟରେ ଆଜି ଡବଲ ସଫଳତା ମିଳିଛି। ଷ୍ଟାର ସୁଟର ନୀରୁ ଧଣ୍ଡା ଆଜି ଅନୁଷ୍ଠିତ ମହିଳା ଟ୍ରାପ୍ ସୁଟିଂର ଇଣ୍ଡିଭିଜୁଆଲ କାଟାଗୋରୀରେ ଏସିଆନ ଗେମ୍ସ ସହ ସ୍ୱର୍ଣ୍ଣ ପଦକ ଓ ଟିମ୍ ଟ୍ରାପ୍ ଇଭେଣ୍ଟରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ମହିଳା ଟ୍ରାପ୍ ଇଣ୍ଡିଭିଜୁଆଲ ଇଭେଣ୍ଟରେ ନୀରୁ ୨୮ ପଏଣ୍ଟ ସ୍କୋର କରି ଏସୀୟ ରେକର୍ଡ ପ୍ରତିଷ୍ଠା କରିବା ସହ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଏହା ସହ ସେ ଭାରତ ଲାଗି ୫ମ ତଥା ସୁଟିଂରୁ ଦ୍ୱିତୀୟ ସ୍ୱର୍ଣ୍ଣପଦକ କବ୍‌ଜା କରିଥିଲେ।

ପୂର୍ବରୁ ଟ୍ରାପ୍ ଟିମ୍ ଇଭେଣ୍ଟରେ ନୀରୁ, ଅସିମା ଅହଲୱତ୍ ଓ ମନୀଷା ଖୀର ମିଳିତଭାବେ ୩୨୮ ପଏଣ୍ଟ ସ୍କୋର କରି ଚୀନ୍ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଫଳରେ ଏମାନଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ନୀରୁଙ୍କ ଲାଗି ଆଜି ଡବଲ ମେଡାଲ ଜିତିବାର ଦିନ ଥିଲା। କତାରକୁ କାଂସ୍ୟ ପଦକ ମିଳିଥିଲା।

ଆଥ୍‌ଲେଟିକ୍ସରେ ମହିଳା ରିଲେ ଟିମ୍ ଜିତିଲେ ପ୍ରଥମ ସ୍ୱର୍ଣ୍ଣ

ମହିଳା ୪ ଗୁଣା ୪୦୦ ମହିଳା ରିଲେ ଟିମ୍ ଏସିଆନ ଗେମ୍ସ ଆଥଲେଟିକ୍ସରେ ଭାରତ ଲାଗି ପ୍ରଥମ ତଥା ପ୍ରତିଯୋଗିତାରେ ୬ଷ୍ଠ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛି। ଆଜି ଅନୁଷ୍ଠିତ ଫାଇନାଲରେ କିରା ପାହାଲ, ଏମ୍‌ଆର୍ ପୂଭାମ୍ମା, ପ୍ରାଚୀ ଓ ବିଥ୍ୟା ରାମରାଜ ୩ ମିନିଟ୍ ୨୯.୬୯ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏହି ଇଭେଣ୍ଟରେ ବାହାରିନ୍‌କୁ ରୌପ୍ୟ ଓ ଚୀନ୍‌କୁ କାଂସ୍ୟ ପଦକ ମିଳିଥିଲା। ଏହା ଫଳରେ ଦୀର୍ଘ ୪୪ ବର୍ଷ ଧରି ଭାରତର ୪ ଗୁଣା ୪୦୦ ମହିଳା ରିଲେ ଟିମ୍ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ରିଲେ ଟିମ୍ ଏହାକୁ ମିଶାଇ ଏସିଆନ ଗେମ୍ସରେ ୭ମ ସ୍ୱର୍ଣ୍ଣପଦକ ବିଜୟୀ ହେବାରେ ସଫଳ ହୋଇଛନ୍ତି। ୨୦୧୮ରେ ଦଳ ଶେଷ ସ୍ୱର୍ଣ୍ଣ ଜିତିଥିଲା। ସେହିପରି ବିଥ୍ୟା ରାମରାଜ ମଧ୍ୟ ଏଠାରେ ତୃତୀୟ ପଦକ ଜିତିଛନ୍ତି। ଗତକାଲି ସେ ମହିଳା ୪୦୦ ମିଟର ହର୍ଡଲ୍ସରେ ପିଟି ଉଷାଙ୍କ ଜାତୀୟ ରେକର୍ଡ ଭାଙ୍ଗିବା ସହ କାଂସ୍ୟ ଓ ୪ ଗୁଣା ୪୦୦ ମିଟର ମିକ୍ସଡ ରିଲେରେ ରୌପ୍ୟ ପଦକ କବ୍‌ଜା କରିଥିଲେ।

ରିଲେ ରେସ୍‌ରେ ଭାରତକୁ ଆଉ ଦୁଇଟି ପଦକ ମିଳିଛି। ୪ ଗୁଣା ୪୦୦ ମିଟର ପୁରୁଷ ରିଲେ ଟିମ୍‌କୁ କାଂସ୍ୟ ମିଳିଛି। ଏଥିରେ ବିଶାଳ ଟିକେ, ଧରମବୀର, ମନୁ ଓ ଜୟକୁମାର ଅଂଶଗ୍ରହଣ କରିଥିଲେ। ସେହିପରି ପୁରୁଷ ୪ ଗୁଣା ୧୦୦ ମିଟର ମିକ୍ସଡ ରିଲେ ରେସ୍‌ରେ ମଧ୍ୟ କାଂସ୍ୟ ପଦକ ମିଳିଛି। ହରିତା ଭଦ୍ର, ସ୍ନେହା ଏସ୍‌ଏସ୍, ଅନିମେଶ କୁଜୁର ଓ ଗୁରିନ୍ଦରବୀର ସିଂହଙ୍କୁ ନେଇ ଗଠିତ ଟିମ୍ ୪୧.୦୬ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡ ସୃଷ୍ଟି କରିଥିଲେ ମଧ୍ୟ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ସବୁଠାରୁ ଅଧିକ ପଦକ ଜିତୁଥିବା ଆଥଲେଟିକ୍ସ ଇଭେଣ୍ଟ ଆଜି ଶେଷ ହୋଇଛି। ଭାରତ ଗୋଟିଏ ସ୍ୱର୍ଣ୍ଣ, ୯ଟି ରୌପ୍ୟ ଓ ୧୪ଟି କାଂସ୍ୟ ସହ ମୋଟ ୨୪ଟି ପଦକ ହାସଲ କରିଛି।

ଗୁଲବୀର ସିଂହଙ୍କୁ ହ୍ୟାଟ୍ରିକ୍ ମେଡାଲ



ଲଙ୍ଗ ଡିଷ୍ଟାନ୍ସ ରନର ଗୁଲବୀର ସିଂହ ଆଜି ଅନୁଷ୍ଠିତ ପୁରୁଷ ୫୦୦୦ ମିଟର ରେସ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସେ ଏହି ଦୂରତାକୁ ୧୩ ମିନିଟ୍ ୩୨.୭୫ ସେକେଣ୍ଡରେ ଜିତି ଚଳିତ ପ୍ରତିଯୋଗିତାରେ ହ୍ୟାଟ୍ରିକ୍ ପଦକ ହାସଲ କରି ରେକର୍ଡ କରିଛନ୍ତି। ଏହା ପୂର୍ବରୁ ସେ ପୁରୁଷ ୧୦,୦୦୦ ମିଟର ଓ ୧୫୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଗତ ୩ ଦିନରେ ଗୁଲବୀର ୩ଟି ପଦକ ଜିତି ଭାରତୀୟ ଆଥଲେଟଙ୍କ ଲାଗି ଉଦାହରଣ ସୃଷ୍ଟି କରିପାରିଛନ୍ତି। ଚଳିତ ଏସିଆନ ଗେମ୍ସରେ ୩ଟି ପଦକ ଜିତିବାରେ ମହିଳା ରନର ବିଥ୍ୟା ରାମରାଜ ସଫଳ ହୋଇଛନ୍ତି। ସେ ଗୋଟିଏ ଇଣ୍ଡିଭିଜୁଆଲ ଓ ୨ଟି ରିଲେ ଟିମ୍‌ରେ ଭାଗ ନେଇ ୩ଟି ପଦକ ଜିତିଛନ୍ତି। ଗୁଲବୀରଙ୍କ ୩ଟି ଯାକ ପଦକ ଇଣ୍ଡିଭିଜୁଆଲ ରେସ୍‌ରୁ ମିଳିଛି।

ଭାରତ-ଶ୍ରୀଲଙ୍କା ସେମିଫାଇନାଲ

ପୁରୁଷ କ୍ରିକେଟ

ନିଶିନ,୨୯।୯ (ଏଜେନ୍ସି): ଏଠାରେ ଚାଲିଥିବା ଏସିଆନ ଗେମ୍ସ ପୁରୁଷ କ୍ରିକେଟର ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଅକ୍ଟୋବର ୧ରେ ଖେଳାଯିବାକୁ ଥିବା ସେମିଫାଇନାଲରେ ଭାରତ ସହ ଶ୍ରୀଲଙ୍କାର ଓ ପାକିସ୍ତାନ ସହ ବାଂଲାଦେଶର ମୁକାବିଲା ହେବ। ଏହି ମୁକାବିଲାର ବିଜେତା ଟିମ୍ ସହ ଫାଇନାଲ ମୁକାବିଲା ଅକ୍ଟୋବର ୩ରେ ଖେଳାଯିବ। ପୂର୍ବରୁ ମହିଳା ବିଭାଗରେ ପାକିସ୍ତାନକୁ ହରାଇ ଭାରତ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲା। କ୍ରମାଗତ ବର୍ଷା ଓ ଖରାପ ପଡ଼ିଆ ଯୋଗୁଁ ଆଜିର ଦୁଇଟି କ୍ୱାର୍ଟର ଫାଇନାଲକୁ ମିଶାଇ କ୍ରମାଗତ ୬ଟି ମ୍ୟାଚ୍ ବାତିଲ ହୋଇଛି। ଆଜି ଖେଳାଯିବାକୁ ଥିବା ମ୍ୟାଚ୍ ବାତିଲ ହେବା ଫଳରେ ମାଲେସିଆ ବିପକ୍ଷରେ ବାଂଲାଦେଶ ଓ ନେପାଳ ବିପକ୍ଷରେ ଶ୍ରୀଲଙ୍କାର ମାନ୍ୟତା ଅଧିକ ଥିବାରୁ ସେମିଫାଇନାଲକୁ ଯାଇଛନ୍ତି। ସେମିଫାଇନାଲ ମୁକାବିଲା ଯଦି ବର୍ଷା ଯୋଗୁ ବାତିଲ ହୁଏ, ତେବେ ଆଇସିସିରେ ଅଧିକ ମାନ୍ୟତା ଭିତ୍ତିରେ ଭାରତ ଓ ପାକିସ୍ତାନ ଫାଇନାଲକୁ ଯିବେ। ଫାଇନାଲ ବାତିଲ ହେଲେ ଉଭୟ ଦଳକୁ ଯୁଗ୍ମ ଚାମ୍ପିଅନ ଘୋଷଣା କରାଯିବ। ଏହାର ଅର୍ଥ ଉଭୟ ସ୍ୱର୍ଣ୍ଣପଦକ ମିଳିତଭାବେ ବିଜୟୀ ହେବେ।

ପୂଜାଙ୍କୁ କାଂସ୍ୟ, ଦେବ ମୀନାଙ୍କ ଜାତୀୟ ରେକର୍ଡ

ଆଉ ଜଣେ ମହିଳା ଆଥଲେଟ ତଥା ଜାତୀୟ ରେକର୍ଡଧାରୀ ପୂଜା ହାଇଜମ୍ପରେ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏହି ଇଭେଣ୍ଟରେ ସେ ୧.୮୪ ମିଟର ଉଚ୍ଚତାକୁ ଡେଇଁ ତୃତୀୟସ୍ଥାନରେ ରହିଥିଲେ। ଚଳିତବର୍ଷ ଆରମ୍ଭରେ ସେ ୧.୯୩ ମିଟର ଉଚ୍ଚତାକୁ ଡେଇଁ ସାହାନା କୁମାରୀଙ୍କ ନାମରେ ଥିବା ୧୪ ବର୍ଷର ଜାତୀୟ ରେକର୍ଡକୁ ଭାଙ୍ଗିଦେଇଥିଲେ। କିନ୍ତୁ ଏଠାରେ ତାହା ଦୋହରାଇ ପାରି ନ ଥିଲେ। ଉଜ୍‌ବେକିସ୍ତାନର ସେଫୁଲାଏଭା ୧.୯୦ ମିଟରକୁ ଡେଇଁ ସ୍ୱର୍ଣ୍ଣ ଓ କାଜାଖସ୍ତାନର କ୍ରିଷ୍ଟିନା ଓଭଚିନ୍ନିକୋଭା ୧.୮୭ ମିଟର ଉଚ୍ଚତାକୁ ଡେଇଁ ରୌପ୍ୟ ପଦକ ଜିତିଥିଲେ। ପୁରୁଷ ପୋଲ ଭଲ୍ଟରେ ଦେବ ମୀନା ୫.୫୦ ମିଟର ଉଚ୍ଚତାକୁ ଡେଇଁ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ ମଧ୍ୟ ଚତୁର୍ଥ ସ୍ଥାନରେ ରହିଥିଲେ। ଏଥିରେ ଭାଗନେଇଥିବା କୁଳଦୀପ ୧୦ମ ସ୍ଥାନରେ ରହିଥିଲେ। ଅନ୍ୟ ପ୍ରତିଯୋଗୀଙ୍କ ମଧ୍ୟରେ ମହିଳା ହାମର ଥ୍ରୋ'ରେ ତାନ୍ୟା ଚୌଧୁରୀ ଚତୁର୍ଥ ଓ ଅନୁସ୍କା ଯାଦବ ୫ମ, ପୁରୁଷ ୮୦୦ ମିଟର ଦୌଡ଼ରେ ମହମ୍ମଦ୍ ଅଫସଲ ୮ମ ଓ ମହିଳାରେ ପୂଜା ୭ମ ସ୍ଥାନ ଅଧିକାର କରିଥିଲେ।

ନରେନ୍ଦରଙ୍କୁ କାଂସ୍ୟ, ୨ ବକ୍ସର ଫାଇନାଲରେ

ବକ୍ସିଂରେ ଭାରତ କାଂସ୍ୟ ପଦକରୁ ଖାତା ଖୋଲିଛି। ପୁରୁଷ ୯୦ କେଜିରୁ ଊର୍ଦ୍ଧ୍ୱ କାଟାଗୋରୀରେ ନରେନ୍ଦର ବେରୱାଲ ସେମିଫାଇନାଲରେ କାଜାଖସ୍ତାନର ଆଇବେକ୍ ଓରାଲବେ'ଙ୍କଠାରୁ ୫-୦ରେ ପରାଜିତ ହୋଇଥିଲେ। ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ତାଙ୍କୁ କାଂସ୍ୟ ପଦକ ମିଳିଥିଲା। ତାଙ୍କ ବ୍ୟତୀତ ଆଉ ଦୁଇ ଜଣ ବକ୍ସର ଆଜିର ସେମିଫାଇନାଲ ଲଢ଼େଇରେ ବିଜୟୀ ହୋଇଛନ୍ତି। ସେମାନେ ହେଲେ ପୁରୁଷ ୮୦ କେଜିରେ ଅଙ୍କୁଶ ପାଙ୍ଘଲ ଓ ମହିଳା ୬୫ କେଜିରେ ପରବିନ୍। ଏମାନେ ଫାଇନାଲରେ ପ୍ରବେଶ କରିବା ଫଳରେ ଅତିକମ୍‌ରେ ଆଉ ୨ଟି ପଦକ ଜିତିବା ସ୍ପଷ୍ଟ ହୋଇଛି। ସେହିପରି ଆସନ୍ତାକାଲି ଭାରତର ଆଉ ୩ଜଣ ବକ୍ସର ସେମିଫାଇନାଲ ଖେଳିବେ।

ଆଜି ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଦିନିକିଆ

ସିରିଜ୍ କବ୍‌ଜା ଲକ୍ଷ୍ୟରେ ଭାରତ

ଗୌହାଟୀ, ୨୯।୯ (ଏଜେନ୍ସି): ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଓ ଭାରତ ମଧ୍ୟରେ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ୍ ବୁଧବାର ସ୍ଥାନୀୟ ବର୍ଷାପରା କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବ। ପୂର୍ବରୁ ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଘରୋଇ ଭାରତ ୮ ୱିକେଟରେ ବିଜୟୀ ଲାଭ କରିଥିଲା। ୨୯୬ ରନର ଟାର୍ଗେଟକୁ ପିଛା କରିଥିବା ଭାରତ ଅଧିନାୟକ ଶୁବମନ ଗିଲ୍ (୧୦୮ ବଲରେ ୧୧୦ ରନ) ଓ ବିରାଟ କୋହଲି (୮୮ ବଲରେ ୧୩୯* ରନ)ଙ୍କ ଦମ୍‌ଦାର ଶତକ ବଳରେ ମାତ୍ର ୨ଟି ୱିକେଟ ହରାଇ ୫୦ଟି ବଲ୍ ପୂର୍ବରୁ ଲକ୍ଷ୍ୟ ହାସଲ କରିନେଇଥିଲା। ତେଣୁ ଘରୋଇ ଦଳ ଏହି ବିଜୟଧାରା ବଜାୟ ରଖି ଆଗୁଆ ସିରିଜ କବ୍‌ଜା କରିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ସାଇ ହୋପଙ୍କ ୱେଷ୍ଟଇଣ୍ଡିଜ ଦଳ ପାଇଁ ଏହି ମ୍ୟାଚ୍ 'କର ବା ମର' ସଦୃଶ ହୋଇଛି। ସିରିଜ ବଞ୍ଚାଇବାକୁ ହେଲେ ଇଣ୍ଡିଜ ଦଳକୁ ଏହି ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଆବଶ୍ୟକ କରୁଛି। ତେଣୁ ବୁଧବାର କ୍ରିକେଟ୍‌ପ୍ରେମୀ ଏକ ରୋମାଞ୍ଚକ ମ୍ୟାଚ୍ ଦେଖିବା ଆଶାରେ ରହିଛନ୍ତି।

ବର୍ଷାପରାରେ ହ୍ୟାଟ୍ରିକ୍ ଶତକ ଲକ୍ଷ୍ୟରେ କୋହଲି

ବର୍ଷାପଡ଼ା ଷ୍ଟାଡିୟମର ରେକର୍ଡ ଉପରେ ନଜର ପକାଇଲେ ଭାରତ ଏଠାରେ ଖେଳିଥିବା ଶେଷ ଦୁଇଟି ଦିନିକିଆରେ ବିଜୟ ଲାଭ କରିଥିଲା। କିଙ୍ଗ୍ କୋହଲି ଉଭୟ ମ୍ୟାଚରେ ଶତକୀୟ ପାଳି ଖେଳି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେଣୁ କୋହଲିଙ୍କ ପାଇଁ ଏହି ଭେନ୍ୟୁରେ ହ୍ୟାଟ୍ରିକ ଦିନିକିଆ ଶତକ ହାସଲ କରିବାର ମଧ୍ୟ ସୁବର୍ଣ୍ଣ ସୁଯୋଗ ରହିଛି। ପୂର୍ବରୁ ଏହି ଭେନ୍ୟୁରେ ଖେଳାଯାଇଥିବା ୨ଟି ଯାକ ଦିନିକିଆର ଚାରୋଟି ଇନିଂସରେ ୩୦୦ରୁ ଊର୍ଦ୍ଧ୍ୱ ସ୍କୋର ଦେଖିବାକୁ ମିଳିଛି। ତେଣୁ ୩୦୦ ରନ ସ୍କୋର ଏହି ଗ୍ରାଉଣ୍ଡରେ ସୁରକ୍ଷିତ ସ୍କୋର ନୁହେଁ ବୋଲି ରେକର୍ଡରୁ ଜଣାପଡ଼ିଛି।

ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୨ଟା
ସ୍ଥାନ: ଗୌହାଟୀ
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ/ଜିଓହଷ୍ଟାର

ସିଏସ୍‌କେ'ର ବୋଲିଂ କୋଚ୍ ହେବେ ମୋହିତ୍

ଚେନ୍ନାଇ, ୨୯।୯ (ଏଜେନ୍ସି): ପୂର୍ବତନ ଦ୍ରୁତ ବୋଲର ମୋହିତ ଶର୍ମା ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସକେ)ର ନୂଆ ବୋଲିଂ କୋଚ୍ ହେବେ। ଦକ୍ଷିଣ ଆଫ୍ରିକାର ଏରିକ ସିମନ୍ସଙ୍କ ସ୍ଥାନରେ ୩୮ ବର୍ଷୀୟ ମୋହିତ୍ ଏହି ଦାୟିତ୍ୱ ଗ୍ରହଣ କରିବେ। 'ନୂତନ ମୁଖ୍ୟ କୋଚ୍ ଜାହିର ଖାନ ବର୍ତ୍ତମାନ ସପୋର୍ଟ ଷ୍ଟାଫ୍ ଚୟନ ପ୍ରକ୍ରିୟାକୁ ଚୂଡ଼ାନ୍ତ କରୁଛନ୍ତି। ବୋଲିଂ କୋଚ୍ ଭୂମିକା ପାଇଁ ସେ ମୋହିତଙ୍କୁ ଚୟନ କରିବାର ଯଥେଷ୍ଟ ସମ୍ଭାବନା ରହିଛି' ବୋଲି ସିଏସକେ ସିଇଓ କାଶୀ ବିଶ୍ୱନାଥନ କହିଛନ୍ତି। ଉଲ୍ଲେଖଯୋଗ୍ୟ, ମୋହିତ ୪ଟି ସିଜନ ଧରି ଆଇପିଏଲ୍‌ରେ ସିଏସକେ ପାଇଁ ମୋଟ୍ ୪୮ଟି ମ୍ୟାଚ୍ ଖେଳିଛନ୍ତି। ଓଭରଅଲ୍ ସେ ଆଇପିଏଲ୍‌ରେ ୧୨୦ଟି ମ୍ୟାଚ୍ ଖେଳି ୧୩୪ଟି ୱିକେଟ ନେଇଛନ୍ତି।

■ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଅନ୍‌ଅଫିସିଆଲ୍ ଯୁବ ଟେଷ୍ଟ

ଭାରତର ଇଂନିସ ବିଜୟ

ରାଜକୋଟ, ୨୯।୯ (ଏଜେନ୍ସି): ସ୍ଥାନୀୟ ନିରଞ୍ଜନ ଶାହ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ଅନ୍‌ଅଫିସିଆଲ୍ ଯୁବ (୧୯ ବର୍ଷରୁ କମ୍) ଟେଷ୍ଟରେ ଭାରତ ଏକ ପାଳି ଓ ୪୮ ରନରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଅଷ୍ଟ୍ରେଲିଆ ୨୧୭ ରନ ଜବାବରେ ଭାରତ ମଙ୍ଗଳବାର ତୃତୀୟ ଦିବସରେ ୪୯୪ ରନ କରି ପ୍ରଥମ ପାଳିରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଘରୋଇ ଦଳ ପକ୍ଷରୁ ଓପନର୍ ଲକ୍ଷ୍ୟ ରାଜେଶ ରାଇଚନ୍ଦନି ୨୧୦ ରନର ମାରାଥନ ଦ୍ୱିଶତକୀୟ ପାଳି ଖେଳିଥିଲେ। ସେହିଭଳି ୧୦ମ ସ୍ଥାନରେ ଆସିଥିବା ମୋହିତ ଉଲଭା ୯୨ ରନର ଉଲ୍ଲେଖନୀୟ ପାଳି ଖେଳିଥିଲେ। ଜବାବରେ ୨୭୭ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଭ୍ରମଣକାରୀ ଅଷ୍ଟ୍ରେଲିଆ ଯୁବ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୨୯ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପ୍ରଥମ ପାଳିରେ ଶତକୀୟ (୧୦୨ ରନ) ପାଳି ଖେଳିଥିବା ବ୍ଲେକ କାଟଲେ ଆଜି ମଧ୍ୟ ୧୨୩ ରନ କରିଥିଲେ ମଧ୍ୟ ଅଷ୍ଟ୍ରେଲିଆକୁ ପାଳି ପରାଜୟରୁ ରକ୍ଷା କରିପାରି ନ ଥିଲେ। ଘରୋଇ ଭାରତୀୟ ଦଳ ପକ୍ଷରୁ ଅଧିନାୟକ ତଥା ଅଫ୍-ସ୍ପିନର ଯଶବର୍ଦ୍ଧନ ଚୌହାନ ୬ଟି ଓ ବାମହାତୀ ସ୍ପିନର ଇଶାନ ଓମ୍ ୪ଟି ୱିକେଟ ନେଇ ଭାରତକୁ ଗୋଟିଏ ଦିନ ପୂର୍ବରୁ ବଡ଼ ବିଜୟ ଭେଟି ଦେଇଥିଲେ।

ଆଜି ଓଡ଼ିଶା ଟି-୨୦ ଲିଗ୍ ଫାଇନାଲ

ଭୁବନେଶ୍ୱର, ୨୯।୯ (ସମିସ): ଆଇକନିକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା 'ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍' ଦ୍ୱିତୀୟ ସଂସ୍କରଣ ଫାଇନାଲ ମ୍ୟାଚ୍ ବୁଧବାର ଖେଳାଯିବ। ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ କେନ୍ଦୁଝର ମାଇନର୍ସ ପ୍ରଥମ ଦଳ ଭାବରେ ଫାଇନାଲରେ ପ୍ରବେଶ କରିଛି। ଗତକାଲି ଲିଗ୍ ପର୍ଯ୍ୟାୟ ସମାପ୍ତପରେ କେନ୍ଦୁଝର ଉନ୍ନତ ରନରେଟ୍ ସହ ୬ ପଏଣ୍ଟ ପାଇ ଶୀର୍ଷରେ ରହି ସିଧାସଳଖ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲା। ଅପରପକ୍ଷରେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିବା ସମ୍ବଲପୁର ୱାରିୟର୍ସ ଓ ଭୁବନେଶ୍ୱର ଟାଇଗର୍ସ ମଧ୍ୟରେ ମଙ୍ଗଳବାର ଏକମାତ୍ର କ୍ୱାଲିଫାୟର ଖେଳାଯାଉଛି। ଏହି ମ୍ୟାଚର ଶେଷ ଖବର ସୁଦ୍ଧା ସମ୍ବଲପୁର ୧୩ ଓଭରରେ ୩ ୱିକେଟ ହରାଇ ୧୦୨ ରନ କରିଛି। କ୍ୱାଲିଫାୟର ମ୍ୟାଚର ବିଜୟୀ ଦଳ ବୁଧବାର କେନ୍ଦୁଝର ସହ ରାତି ୭ଟା ୩୦ରେ ଫାଇନାଲ ଖେଳିବ।

ଅପରପକ୍ଷରେ ମଙ୍ଗଳବାର ଓସିଏ ଗ୍ରୀନ ଓ ଓସିଏ ବ୍ଲୁ' ଦଳ ମଧ୍ୟରେ ଏକ ମହିଳା ଟି-୨୦ ପ୍ରଦର୍ଶନୀ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚରେ ଓସିଏ ବ୍ଲୁ ଦଳ ୭ ୱିକେଟରେ ବିଜୟୀ ହୋଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଗ୍ରୀନ ୨୦ ଓଭରରେ ୭ ୱିକେଟ ହରାଇ ୧୧୨ ରନ କରିଥିଲା। ଦଳ ପକ୍ଷରୁ ସଙ୍ଗୀତା ଖାଡ଼ିଆ ୩୩ ବଲରେ ୩୦ ରନ, ତନ୍ମୟୀ ବେହେରା ୧୫ ବଲରେ ୨୧ ଓ ମୋନାଲିସା ରାଉତ ୨୮ ବଲରେ ୨୫ ରନ କରିଥିଲେ। ବ୍ଲୁ' ପକ୍ଷରୁ ଜିଏମ୍ ଅଲକାନନ୍ଦା ୪ ଓଭରରେ ୧୨ ରନ ବ୍ୟୟରେ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଓସିଏ ବ୍ଲୁ ଦଳ ୩ ୱିକେଟ ହରାଇ ଶେଷ ଓଭରରେ ବିଜୟୀ ହୋଇଥିଲା। ଶିଳ୍ପା ସ୍ୱାଇଁ ୩୧ ବଲରେ ୨୬ ଓ ପ୍ରଜ୍ଞା ମହାନ୍ତି ୩୨ ବଲରେ ୨୭ ରନ କରିଥିଲେ। ଅଲକାନନ୍ଦାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ଜାତୀୟ ଜୁନିଅର ଥ୍ରୋ ବଲ୍ : କ୍ୱାର୍ଟରରେ ଓଡ଼ିଶା

ଭୁବନେଶ୍ୱର,୨୯।୯ (ସମିସ): ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ ମହାରାଷ୍ଟ୍ରର ନାସିକ୍‌ଠାରେ ଚାଲିଥିବା ଜାତୀୟ ଜୁନିଅର ଥ୍ରୋବଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବାଳକ ବିଭାଗେ ଆନ୍ଧ୍ରପ୍ରଦେଶ, ପୁଡୁଚେରୀ ଓ ଗୋଆକୁ ୨-୦ ଲେଖାଏଁ ସେଟ୍‌ରେ ପରାସ୍ତ କରି ଓଡ଼ିଶା ଦଳ ପୁଲର ଚାମ୍ପିଅନ ହେବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସେହିପରି ପଶ୍ଚିମବଙ୍ଗ, ଗୋଆ ଓ କେରଳକୁ ହରାଇ ବାଳିକା ଦଳ ମଧ୍ୟ ପୁଲ ଚାମ୍ପିଅନ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବାଳିକା ବିଭାଗରେ ଶୁଭଲକ୍ଷ୍ମୀ ସ୍ୱାଇଁ ଓ ଦୀପକ ବେହେରା ଉନ୍ନତ ଖେଳ ପ୍ରଦର୍ଶନ କରିଛନ୍ତି। କ୍ୱାର୍ଟର ଫାଇନାଲରେ ବିଜୟ ଲାଗି ଓଡ଼ିଶା ଥ୍ରୋ ବଲ ସଂଘ ସଭାପତି ଭୂପିନ୍ଦର ସିଂହ, ସମ୍ପାଦକ ଜିତେନ୍ଦ୍ରନାଥ ଦାସ ଓ ପ୍ରତିଷ୍ଠାତା ସଦସ୍ୟ କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY